

ବାଇଡେନଙ୍କ ଆରୋଗ୍ୟ କାମନା କଲେ ମୋଦୀ | ୬

# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ପ୍ରୋଫାଇଲ୍ ଫଟୋ ବଦଳାଇ ଅମୀର ଟ୍ରୋଲ୍ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୪୯ Vol. 22 No-49 20 MAY 2025 TUESDAY, BHUBANESWAR ମଙ୍ଗଳବାର, ୨୦ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଶରଣାର୍ଥୀଙ୍କୁ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ମନ୍ତବ୍ୟ

# ଭାରତ ଧର୍ମଶାଳା ନୁହେଁ

- ଶ୍ରୀଲଙ୍କା ନାଗରିକଙ୍କ ଆବେଦନ ଖାରଜ
- ପ୍ରଶ୍ନ କଲେ, କାହିଁକି ଅନ୍ୟମାନଙ୍କୁ ଶରଣ ଦେବୁ
- ଅନ୍ୟ ରାଷ୍ଟ୍ରରେ ଆଶ୍ରୟ ନେବାକୁ ପରାମର୍ଶ
- କେବଳ ଭାରତୀୟ ନାଗରିକ ଭାରତରେ ରହିବେ

ନୂଆଦିଲ୍ଲୀ, ୧୯।୫: ଭାରତରେ ଆଶ୍ରୟ ପାଇଁ ଆଶାୟୀ ଥିବା ଶରଣାର୍ଥୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ସୁପ୍ରିମକୋର୍ଟ। କହିଛନ୍ତି, ଭାରତ କୌଣସି ଧର୍ମଶାଳା ନୁହେଁ, ଯେଉଁଠି ସାରା ଦୁନିଆର ଶରଣାର୍ଥୀ ଆସି ରହିପାରିବେ। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ଦିପାଙ୍କର ଦତ୍ତ ଏବଂ ଜଷ୍ଟିସ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଆମ ଦେଶର ଜନସଂଖ୍ୟା ୧୪୦କୋଟିରୁ ଅଧିକ। ସେମାନେ ବଞ୍ଚିବା ପାଇଁ ପ୍ରତିଦିନ ସଂଘର୍ଷ କରୁଛନ୍ତି। ଏପରି କ୍ଷେତ୍ରରେ କଣ ଭାରତ ସାରା ଦୁନିଆର ଶରଣାର୍ଥୀଙ୍କୁ ସ୍ୱାଗତ କରିବ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଏହା କୌଣସି ଧର୍ମଶାଳା ନୁହେଁ, ଯେଉଁଠି ସାରା ଦୁନିଆର ଲୋକ ଆସି ଏଠି ରହିବେ। ଏଥିସହ ଖଣ୍ଡପୀଠ ଶ୍ରୀଲଙ୍କାର ନାଗରିକଙ୍କୁ ଅଟକ ରଖିବା ମାମଲାରେ ହସ୍ତକ୍ଷେପ କରିବାକୁ ମଧ୍ୟ ମନା କରି ଦେଇଛନ୍ତି। ଶ୍ରୀଲଙ୍କାର ଏହି ବ୍ୟକ୍ତି ନିଜକୁ ପୋଲିସ ହେପାଜତରେ ନିଆ ଯିବାକୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଏଥିରେ ଦଖଲ ଦେବାକୁ ସୁପ୍ରିମକୋର୍ଟ ସ୍ପଷ୍ଟଭାବେ ମନା କରି ଦେଇଛନ୍ତି। ଶ୍ରୀଲଙ୍କାର ଏହି ବ୍ୟକ୍ତିଜଣକ ମାଡ୍ରାସ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟ ଯାଇଥିଲେ। ହାଇକୋର୍ଟ ତାଙ୍କ ରାୟରେ କହିଥିଲେ ଯେ ଏହି ବ୍ୟକ୍ତିଜଣକ ନିଜର ୭ ବର୍ଷର ସଜା



ପୂରା ହେବାମାତ୍ରେ ଦେଶ ଛାଡ଼ିଦେବେ। ଏହି ବ୍ୟକ୍ତିଙ୍କୁ ୟୁଏପିଏ ସଂପର୍କିତ ଏକ ମାମଲାରେ ଅଦାଲତ ୭ବର୍ଷ ଜେଲଦଣ୍ଡ ଶୁଣାଇଥିଲେ। ମାତ୍ର ଶ୍ରୀଲଙ୍କା ତାମିଲ ସମ୍ପ୍ରଦାୟର ଏହି ବ୍ୟକ୍ତିଜଣକ ତାଙ୍କ ଜେଲଦଣ୍ଡ ପୂରଣ ହେବାପରେ ଭାରତରେ ରହିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କ ଓକିଲ ଅଦାଲତକୁ ଅବଗତ କରାଇଥିଲେ ଯେ ତାଙ୍କ ମହକିଲ ଭିସା ନେଇ ଭାରତ ଆସିଥିଲେ। ଯଦି ସେ ନିଜ ଦେଶକୁ ଫେରିବେ ତେବେ ସେଠାରେ ତାଙ୍କ ଜୀବନ ପ୍ରତି ବିପଦ ରହିଛି। ତାଙ୍କ ଓକିଲ ଆହୁରି କହିଥିଲେ ଯେ ତାଙ୍କ ମହକିଲଙ୍କୁ ବିନା କିଛି ଆଇନଗତ ପ୍ରକ୍ରିୟାରେ ପ୍ରାୟ ୩ ବର୍ଷ ଧରି ଅଟକ ରଖାଯାଇଥିଲା। ଏହା ଉପରେ ଜଷ୍ଟିସ ଦତ୍ତ କହିଥିଲେ ଯେ ଭାରତରେ ରହିବାର ଆପଣଙ୍କର କ'ଣ ଅଧିକାର ରହିଛି। ଏହା ଉପରେ ଆବେଦନକାରୀଙ୍କ ଆଇନଜୀବୀ କହିଥିଲେ ଯେ ଉକ୍ତ ବ୍ୟକ୍ତିଙ୍କ ପତ୍ନୀ ଓ ପିଲା ପୂର୍ବରୁ ଭାରତରେ ରହୁଛନ୍ତି। ତେବେ ଜଷ୍ଟିସ ଦତ୍ତ କହିଥିଲେ ଯେ ଆବେଦନକାରୀଙ୍କୁ ଭାରତ ଛାଡ଼ିବାକୁ ଆଦେଶ ଦେବା ଅନୁଚ୍ଛେଦ ୨୧ର କୌଣସି ପ୍ରକାର ଉଲ୍ଲଂଘନ ନୁହେଁ। ଅନୁଚ୍ଛେଦ ୧୯ ଅନୁସାରେ ଭାରତରେ ରହିବାର ଅଧିକାର କେବଳ ଏଠାକାର ନାଗରିକଙ୍କର ରହିଛି। କୌଣସି ବ୍ୟକ୍ତିଙ୍କର ଅଧିକାର ନାହିଁ ଯେ ସେମାନେ ଭାରତ ଆସିବେ ଓ ଏଠାରେ ରହିବେ। ଆବେଦନକାରୀଙ୍କ ଓକିଲ ପୁଣି କହିଥିଲେ, ନିଜ ଦେଶକୁ ଗଲେ ତାଙ୍କୁ ବିପଦ ମାଡ଼ି ଆସିବ। ତେବେ ଖଣ୍ଡପୀଠ କହିଥିଲେ ଯେ ସେ ଭାରତ ଛଡ଼ା ଅନ୍ୟ ରାଷ୍ଟ୍ରରେ ରହିବାର ପ୍ରୟାସ କରନ୍ତୁ।

## ଖୋଲୁଛି ପାକ୍ ଗୁପ୍ତଚର ଜ୍ୟୋତିଙ୍କ ଗୁମର

# ଆତଙ୍କୀ ଆଡ୍ଡାରେ ଥିଲେ ୧୪ ଦିନ!

ହିସାର, ୧୯।୫: ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇ ସହ ଲିଙ୍କ୍ ଅଭିଯୋଗରେ ହରିଆଣା ହିସାର ପୋଲିସ ଦ୍ୱାରା ଗିରଫ ହୋଇ ୫ ଦିନିଆ ରିମାଣ୍ଡରେ ଥିବା ଜ୍ୟୋତି ମାଲହୋତ୍ରାଙ୍କ ଗୁମର ଧିରେ ଧିରେ ଖୋଲିବାରେ ଲାଗିଛି। ୫ ଦିନିଆ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ତାଙ୍କୁ ଘାଣ୍ଟୁଛି। ପଚରାଉଚୁରା ସମୟରେ ତାଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରାଯାଇଛି। ଦିନେ କି ଦୁଇଦିନ ନୁହେଁ, ଦୀର୍ଘ ୧୪ ଦିନ ଧରି ଜ୍ୟୋତି ପାକିସ୍ତାନର ଆତଙ୍କୀ ଆଡ୍ଡାରେ ତାଲିମ ନେଉଥିବା ସ୍ୱୀକାର କରିଛନ୍ତି। ପାକିସ୍ତାନର ମୁରିଦକେ ସହର, ଯେଉଁଠାରେ ଲସ୍କରର ମୁଖ୍ୟାଳୟ ରହିଛି ଓ କୁଖ୍ୟାତ ଆତଙ୍କୀ ହାପିଜ ସୟିଦର ଘର ବୋଲି କୁହାଯାଏ, ସେଠାରେ ଜ୍ୟୋତି ତାଲିମ ନେଉଥିଲେ। ତାଲିମ ପରେ ତାଙ୍କୁ ଆଗାମୀ ମିଶନ ପାଇଁ ଭାରତ ପଠାଯାଇଥିଲା। କିନ୍ତୁ ମିଶନ ଆରମ୍ଭ ହେବା ଆଗରୁ ସେ ହିସାର ପୋଲିସ ଜାଲରେ ଫସିଯାଇଥିଲେ। ଏପରିକି ପହଲଗାମ ଆକ୍ରମଣର କିଛିଦିନ ପୂର୍ବରୁ ଜ୍ୟୋତି ପାକିସ୍ତାନ ଯାଇଥିବା ସୂଚନା ମିଳିଛି। ଏକଥା • ପୃଷ୍ଠା ୫ ଦେଖନ୍ତୁ

## ବଢୁଛି ପ୍ରିୟଙ୍କାଙ୍କ ଅଡୁଆ



ପୁରୀ, ୧୯।୫ (ଭାସ୍କର ନ୍ୟୁଜ) : ବଢୁଛି ପୁରୀ ୟୁଟ୍ୟୁବର ପ୍ରିୟଙ୍କା ସେନାପତିଙ୍କ ଅଡୁଆ । ପୁରୀ ନୌସେନା ଦିବସରେ ଯୋଗ ଦେଇଥିଲେ ପ୍ରିୟଙ୍କା । ୨୦୨୪ ମସିହା ଡିସେମ୍ବର ୪ରେ ପୁରୀରେ ନୌସେନା ଦିବସ ପାଳନ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ପାକ ଗୁପ୍ତଚର ଜ୍ୟୋତି ମାଲହୋତ୍ରାଙ୍କ ସହ ପ୍ରିୟଙ୍କା ଲିଙ୍କ ପରେ ତନାଘନା ଚାଲିଛି। ବଢୁଛି ପ୍ରିୟଙ୍କା ସେନାପତିଙ୍କ ଗିରଫ ସମ୍ଭାବନା । ପୁରୀର ୟୁଟ୍ୟୁବର ପ୍ରିୟଙ୍କାଙ୍କ ସହ ଜ୍ୟୋତିଙ୍କ ଲିଙ୍କ୍ ନେଇ ତନାଘନା କରୁଛି ପୁରୀ ପୋଲିସ । ଦୁଇଦିନ ହେଲା ପ୍ରିୟଙ୍କା ଓ ତାଙ୍କ ପରିବାରକୁ ପଚରାଉଚରା ଚାଲିଛି । ପ୍ରିୟଙ୍କାଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରୁଛି ତଦନ୍ତକାରୀ ସଂସ୍ଥା । ପାକିସ୍ତାନ ଗୁପ୍ତଚର ଜ୍ୟୋତିଙ୍କ ଗିରଫ ପରେ ତଦନ୍ତ ପାଇଁ ପୁରୀ ଆସିପାରେ ଏନଆଇଏ ।ଜାତୀୟ ସୁରକ୍ଷା ସଂପର୍କିତ ମାମଲା ହୋଇଥିବାରୁ ପୁରୀ ଆସି ଏନଆଇଏ ଖୋଳତାଡ କରିପାରେ । କାରଣ ଜ୍ୟୋତି ଗତ ସେପ୍ଟେମ୍ବରରେ ପୁରୀ ଆସିଥିଲେ । ପୁରୀର ବେଳାଭୂମି, ଶ୍ରୀମନ୍ଦିର ସହ ଅନ୍ୟାନ୍ୟ ସ୍ଥାନ ବୁଲିଥିଲେ । ପୁରୀ ଆସିଥିବା ସମୟରେ ଜ୍ୟୋତି କେଉଁଠିକୁ ଯାଇଥିଲେ, କାହା • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଉପରେ ଡ୍ରୋନ୍

ଭୁବନେଶ୍ୱର, ୧୯।୫ (ଭାସ୍କର ନ୍ୟୁଜ): କୌଣସି ମନ୍ଦିର ଉପରେ ଡ୍ରୋନ୍ ଉଡିବା ନେଇ ପୋଲିସ ମହାନିର୍ଦ୍ଦେଶକଙ୍କ କଟକଣା ସତ୍ତ୍ୱେ ସୋମବାର ଅପରାହ୍ନରେ ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର ଉପରେ ଏକ ଡ୍ରୋନ ଉଡିବା ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ୫.୧୫ରୁ ୫.୩୦ ପର୍ଯ୍ୟନ୍ତ ଏହି ଡ୍ରୋନ୍ ଉଡିଥିଲା। ଏ ନେଇ ମନ୍ଦିର ସେବାୟତ ପୋଲିସକୁ ଅବଗତ କରାଇଛନ୍ତି। ଅନ୍ୟପକ୍ଷରେ ମନ୍ଦିରର ସୁରକ୍ଷା ବ୍ୟବସ୍ଥା ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ବାଲୁଚିସ୍ତାନରେ ବିସ୍ଫୋରଣ, ୪ ମୃତ

ଇସଲାମାବାଦ, ୧୯।୫: ପାକିସ୍ତାନର ପ୍ରାନ୍ତୀୟ ପ୍ରଦେଶ ବାଲୁଚିସ୍ତାନରେ ଏକ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏଥିରେ ୪ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି। ଏହି ବିସ୍ଫୋରଣରେ ଏକାଧିକ ଦୋକାନଘର ସଂପୂର୍ଣ୍ଣଭାବେ ଉଡି ଯାଇଥିବା ସୂଚନା ମିଳିଛି। ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ।


### ଆଉ ଜଣେ ଇଞ୍ଜିନିୟରଙ୍କ ମୃତଦେହ ଉଦ୍ଧାର

କଟକ, ୧୯।୫ (ଭାସ୍କର ନ୍ୟୁଜ): ରବିବାର କଟକ ସିଡିଏ ବୀରେନ ମିତ୍ର ପାର୍କ ନିକଟ କାଠଯୋଡ଼ିରେ ଗାଧୋଇବାକୁ ଯାଇ ଜଣେ ଇଞ୍ଜିନିୟର ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବାବେଳେ ସୋମବାର ସକାଳେ ଆଉଜଣେ ଇଞ୍ଜିନିୟରଙ୍କ ମୃତଦେହ ଅଗ୍ନିଶମବାହିନୀ ଉଦ୍ଧାର କରିଛି। ଉଭୟ ଇଞ୍ଜିନିୟରଙ୍କ ଘର ମହାରାଷ୍ଟ୍ରରେ ବୋଲି ସୂଚନା ମିଳିଛି।

ସେନ୍ସେକ୍ସ: ୮୨,୦୫୯.୪୨
ସର୍ବାଧିକ: ୩୬.୪ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

### ୧୯।୫।୨୦୨୫ ର ମତାମତ

ଭାରତ-ପାକିସ୍ତାନ ମଧ୍ୟରେ ପୁନଃ ଶାନ୍ତି ସ୍ଥାପନ ସମ୍ଭବ କି?




### ଆଜିର ପ୍ରସଙ୍ଗ

ପୋଲାଭରମ ବିବାଦର ସମାଧାନ ପାଇଁ ଓଡ଼ିଶା ତା'ର ଦାବି ରଖିବା ଉଚିତ ନୁହେଁ କି?

ମତାମତ ଦେବା ପାଇଁ ଲଗ୍ଅନ୍ କରନ୍ତୁ www.odishabhaskar.com

## ପୋଲାଭରମ ବିବାଦ

# ୨୮ରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ





ନୂଆଦିଲ୍ଲୀ/ଭୁବନେଶ୍ୱର, ୧୯।୫ (ବ୍ୟୁରୋ): ଖୁବ୍‌ଶୀଘ୍ର ତୁଟିବ ପୋଲାଭରମ ବିବାଦ। ଆସନ୍ତା ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ। ସାମିଲ ହେବେ ଓଡ଼ିଶା, ଛତିଶଗଡ଼, ଆନ୍ଧ୍ର ଓ ତେଲଙ୍ଗାନାର ମୁଖ୍ୟମନ୍ତ୍ରୀ। ଆଭାସୀ ଜରିଆରେ ଏହି ୪ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ସହ ପୋଲାଭରମ ନେଇ ଆଲୋଚନା କରିବେ। କେନ୍ଦ୍ର, ଛତିଶଗଡ଼ ଓ ଓଡ଼ିଶାରେ ବିଜେପି ସରକାର ରହିଥିବାବେଳେ ଆନ୍ଧ୍ରରେ ଏନଡିଏ ସରକାର କାମ କରୁଛି। ଆପୋସ ସମାଧାନ ପାଇଁ ସ୍ଥିତି ମଧ୍ୟ ଅନୁକୂଳ ରହିଛି। ଏ ଦିଗରେ କେନ୍ଦ୍ର ଏବଂ ୪ ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ପୋଲାଭରମ ବିବାଦ ସମାଧାନ ବାଟ ଖୋଲିବ

**ଯୋଗଦେବେ ୪ ରାଜ୍ୟର ମୁଖ୍ୟମନ୍ତ୍ରୀ**

ବୋଲି ଆଶା କରାଯାଉଛି। ପୋଲାଭରମ ଉପରେ ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ବୈଠକ। ଏହା ଆନ୍ଧ୍ରପ୍ରଦେଶର ଜୀବନରେଖା ଭାବେ ବିବେଚିତ ଏକ ଜାତୀୟ ପ୍ରକଳ୍ପ। ତଥାପି ତେଲଙ୍ଗାନା, ଓଡ଼ିଶା ଏବଂ ଛତିଶଗଡ଼ର ପଡ଼ୋଶୀ ରାଜ୍ୟଗୁଡ଼ିକର ଜମି ଓ ବସତି ବୁଡ଼ିଯିବା ଉପରେ ଆପତ୍ତି ଦର୍ଶାଇଛନ୍ତି। ଶୀର୍ଷ ଅଧିକାରୀ ସ୍ତରରେ ବହୁ ଆଲୋଚନା ପରେ ବି ସମାଧାନର କୌଣସି ବାଟ ଖୋଲିପାରି ନାହିଁ। ଓଡ଼ିଶା, ଛତିଶଗଡ଼ ଓ ତେଲଙ୍ଗାନା ସରକାରଙ୍କ ପକ୍ଷରୁ ଦାଖଲ କରାଯାଇଥିବା ଆବେଦନଗୁଡ଼ିକ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଛି। ଯଦିଓ ଆନ୍ଧ୍ରପ୍ରଦେଶ ବୁଡ଼ିଯିବାର ସମ୍ଭାବନା ଥିବା ଗ୍ରାମଗୁଡ଼ିକ ପାଖରେ ଏକ ପ୍ରତିବନ୍ଧକ ପ୍ରାଚୀର ନିର୍ମାଣ କରିବାକୁ ପ୍ରସ୍ତାବ • ପୃଷ୍ଠା ୫ ଦେଖନ୍ତୁ

## ମୁଖ୍ୟମନ୍ତ୍ରୀଙ୍କ ୧୧ତମ ଅଭିଯୋଗ ଶୁଣାଣି

# ସରକାର ଲୋକଙ୍କ ସହ ଅଛନ୍ତି

ଭୁବନେଶ୍ୱର, ୧୯।୫ (ଭାସ୍କର ନ୍ୟୁଜ): 'ଲୋକଙ୍କ ମୁଖ୍ୟମନ୍ତ୍ରୀ'ଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ୧୧ତମ ପାଳି। ଲୋକଙ୍କ ସରକାର ଲୋକଙ୍କ ସହିତ ଅଛନ୍ତି। ତାଙ୍କ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେଉଛନ୍ତି। ଆଜି ଭୁବନେଶ୍ୱର ୟୁନିଟ-୨ ଠାରେ ନୂଆ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ତତ୍‌କାଳ ପଦକ୍ଷେପ ନେଇଛନ୍ତି। ଆଜି ୧ ହଜାର ଅଭିଯୋଗକାରୀ ଅନ୍‌ଲାଇନ ମାଧ୍ୟମରେ ନାମ ପଞ୍ଜିକୃତ କରିଥିଲେ। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳର ୬ ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ମନ୍ତ୍ରୀ ଓ ସଚିବମାନଙ୍କୁ ନିର୍ଦ୍ଦେଶ



**୧୦ଟି ଶୁଣାଣିର ୮୫% ଅଭିଯୋଗ ସମାଧାନ**

**ଅଭିଯୋଗ ଶୁଣିଲେ ୬ ମନ୍ତ୍ରୀ, ବିଭାଗୀୟ ସଚିବ**

**ଗରିବ, ଅସହାୟଙ୍କୁ ସହାୟତା ଦେବା ପ୍ରାଥମିକତା**

ଦେଉଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭେଟି, ଆପତ୍ତି ଅଭିଯୋଗ ଶୁଣାଇ ଆତ୍ମସନ୍ତୋଷର ସହ ଲୋକମାନେ ଫେରୁଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥା ଉପସ୍ଥିତ ଥିବା ଲୋକମାନଙ୍କୁ ଗଭୀର ଭାବେ ପ୍ରଭାବିତ କରୁଥିଲା ଏବଂ ସୁଶାସନର ଅନୁଭୂତି ସେମାନଙ୍କ ଆଖିରେ ଝଲସି ଉଠୁଥିଲା। ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ସକାଳେ ଆସି ବାହାରେ ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୂରାରୋଗ୍ୟରେ ପୀଡିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି। ଆଜି ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ପାଇଁ ନୟାଗଡର ସନ୍ତୋଷ ବିଶ୍ୱାଳଙ୍କୁ ୫୦ ହଜାର ଟଙ୍କା, ଯାଜପୁରର ବିଷ୍ଣୁଚରଣ ସାହୁଙ୍କୁ ୧ ଲକ୍ଷ ଟଙ୍କା, ଭଦ୍ରକର ଲକ୍ଷ୍ମୀଧର ସେଠୀଙ୍କୁ ୧ ଲକ୍ଷ ଟଙ୍କା, କଟକର ସାତ୍ତ୍ୱିକ କରଙ୍କୁ ୧ ଲକ୍ଷ ଟଙ୍କା, କେନ୍ଦୁଝରର ନବୀନ କୁମାର ସେଠୀଙ୍କୁ ୨ ଲକ୍ଷ ଟଙ୍କା, ମୟୂରଭଞ୍ଜର ସୁନିତା ଚୌଧୁରୀଙ୍କୁ ୧ ଲକ୍ଷ ଟଙ୍କା, କଟକର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ୫୦ ହଜାର ଟଙ୍କା, ବୌଦ୍ଧର ନୀଳକଣ୍ଠ ପ୍ରଧାନ ଓ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ପାକିସ୍ତାନ ପାଇଁ ଗୁପ୍ତଚର ସାଜି
ଧରାପଡ଼ିଲେଣି ଦଶ
ଦେଶ ଗୁପ୍ତତଥ୍ୟ ପଦାରାଷ୍ଟ୍ରେ ଦେଇ
ପାଇଲେଣି ଅପଯଶ
ଖ୍ୟାତି ହୋଇଗଲା ଶେଷ
ଯେମିତି କର୍ମକୁ ସେଇମିତି ଫଳ
ଭୋଗିବ ରୁଅ ଅବଶ୍ୟ...।

## ପ୍ରବଳ ବର୍ଷାରେ ବେଙ୍ଗାଲୁରୁ ବେହାଲ

# ରାସ୍ତା ପାଲଟିଲା ପୋଖରୀ



ବେଙ୍ଗାଲୁରୁ, ୧୯।୫: ଗତ ୪୮ ଘଣ୍ଟା ଧରି ସିଲିକନ ନଗରୀ ବେଙ୍ଗାଲୁରୁରେ ପ୍ରବଳ ବର୍ଷା ଲାଗି ରହିଛି। ଏହି ଅଣମୌସୁମୀ ବର୍ଷାରେ ବେଙ୍ଗାଲୁରୁ ସ୍ଥିତି ବେହାଲ ହୋଇପଡ଼ିଛି। ରାସ୍ତାଘାଟରେ ପାଣି ଭର୍ତ୍ତି ହୋଇ ସତେ ଯେପରି ପୋଖରୀ ପାଲଟି ଯାଇଛି। ଜଳାର୍ଣ୍ଣବ କାରଣରୁ ବନ୍ୟାସ୍ଥିତି ଉପୁଜିଛି। ପ୍ରବଳ ବର୍ଷାରେ ବେଙ୍ଗାଲୁରୁର ତଳି ଅଞ୍ଚଳରେ ପାଣିର ସୁଅ ଛୁଟୁଛି। ବର୍ଷାସହ ଝଡ଼ତୋଫାନ ହେବାରୁ ଅନେକ ଗଛ ଭାଙ୍ଗି ରାସ୍ତାରେ ପଡ଼ିଛି। ଫଳରେ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଲୋକେ ଘଣ୍ଟାଘଣ୍ଟା ଧରି ରାସ୍ତାରେ ଠିଆ ହେବାକୁ ବାଧ୍ୟ • ପୃଷ୍ଠା ୫ ଦେଖନ୍ତୁ

## ପାକିସ୍ତାନୀ ଗୁପ୍ତଚର, ଆତଙ୍କବାଦୀଙ୍କୁ ଟାର୍ଗେଟ

# ଆଇଏସ୍ଆଇ, ଆଇଏସ୍ଆଇଏସ୍ ସହ ଲିଙ୍କ୍ ସନ୍ଦେହ

**ହାଇଦ୍ରାବାଦରେ ବୋମା ବିସ୍ଫୋରଣ ଯୋଜନା ପଣ୍ଡ**

**ମୁରାଦାବାଦରୁ ପାକିସ୍ତାନୀ ଗୁପ୍ତଚର ଗିରଫ**


**ପୋଲିସ ହେପାଜତରେ ୨ ଆତଙ୍କୀ ସହଯୋଗୀ**

ନୂଆଦିଲ୍ଲୀ, ୧୯।୫: ଗତମାସ ୨୨ ତାରିଖରେ ଜାମ୍ମୁକାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ଜଣ ନିରୀହ ପର୍ଯ୍ୟଟକ ପ୍ରାଣ ହରାଇବା ପରେ ଏବେ ଆତଙ୍କବାଦୀ ଏବଂ ପାକିସ୍ତାନ ଗୁଇନ୍ଦା ସଂସ୍ଥା ସହ ସଂପର୍କ ରଖିଥିବା ତଥା ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତି କରୁଥିବା ବ୍ୟକ୍ତିବିଶେଷଙ୍କୁ ଧରିବା ପାଇଁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇ ସହ ସଂପର୍କ ରଖିଥିବା ଅଭିଯୋଗରେ ହରିଆଣା ହିସାରର ମହିଳା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ପୋଲିସ ଗିରଫ କରିବା ପରେ ଗୋଟିଏ ପରେ ଗୋଟିଏ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଏହି କ୍ରମରେ ଉତ୍ତରପ୍ରଦେଶର ମୁରାଦାବାଦରୁ ସାହାଜାଦା ନାମକ ଜଣେ ପାକିସ୍ତାନୀ ଗୁପ୍ତଚରକୁ ୟୁପି ଏଟିଏସ୍ ଗିରଫ କରିଛି। ସାହାଜାଦା ହେଉଛି ଉତ୍ତରପ୍ରଦେଶର ରାମପୁର ବାସିନ୍ଦା। ଆଇଏସଆଇକୁ ସୁରକ୍ଷା ସଂପର୍କିତ ଗୁପ୍ତ ତଥ୍ୟ ଯୋଗାଇଥିବା ସନ୍ଦେହ କରାଯାଉଛି। ବୃତ୍ତିରେ ଜଣେ ବ୍ୟବସାୟୀ ହୋଇଥିଲେ ମଧ୍ୟ ସେ ନିୟମିତ ଗତ କିଛିବର୍ଷ ହେବ ପାକିସ୍ତାନ ଯାଉଥିଲେ ଏବଂ ଆଇଏସଆଇକୁ ଗୁପ୍ତତଥ୍ୟ ଯୋଗାଉଥିଲେ। ତେବେ ଗୁଇନ୍ଦା ବିଭାଗ ତାଙ୍କ ଉପରେ ଗତ କିଛିଦିନ ହେବ କଡ଼ା ନଜର ରଖିଥିଲା। ଅନ୍ୟପକ୍ଷରେ ଭାରତୀୟ ସେନା, ସିଆରପିଏଫ ଓ ଜାମ୍ମୁକାଶ୍ମୀର ପୋଲିସ ମିଳିତ ଭାବେ ଚଢାଉ କରି ଦୁଇଜଣ ଆତଙ୍କବାଦୀଙ୍କ ସହଯୋଗୀଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ସେମାନଙ୍କଠାରୁ ଦୁଇଟି ପିସ୍ତଲ, ୪ଟି ଗ୍ରେନେଡ ଓ ୪୩ଟି ଗୁଳି ଜବତ କରାଯାଇଛି। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ପୋଲିସର ମିଳିତ ଅଭିଯାନରେ ତେଲେଙ୍ଗାନା ପୋଲିସ୍ ହାଇଦ୍ରାବାଦରେ • ପୃଷ୍ଠା ୫ ଦେଖନ୍ତୁ

## ପାଣିପାଗ ବିଭାଗର ସୂଚନା

# ଏକସଙ୍ଗେ ଆସୁଛି ଦୁଇଟି ଲଘୁଚାପ

ଭୁବନେଶ୍ୱର, ୧୯।୫ (ଭାସ୍କର ନ୍ୟୁଜ): ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ ଚଳିତମାସ ଶେଷ ସପ୍ତାହରେ ବଙ୍ଗୋପସାଗର ଓ ଆରବ ସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ୨୧ ତାରିଖ ବେଳକୁ ଆରବ ସାଗରର କର୍ଣ୍ଣାଟକ ଉପକୂଳରେ ଘୂର୍ଣ୍ଣିବଳୟ ସମ୍ଭାବନା ଥିବାବେଳେ ୨୨ରେ ଏହା ଲଘୁଚାପ ରୂପ ନେବ। ଏହି ଲଘୁଚାପ ଅଧିକ ଘନୀଭୂତ ହୋଇ ଉତ୍ତର ଦିଗକୁ ଗତି କରିବ ବୋଲି ପୂର୍ବାନୁମାନ କରାଯାଇଛି। ସେହିପରି ୨୭ ତାରିଖ ବେଳକୁ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ତଥା ଏହାର ସଂଲଗ୍ନ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ ଏହା



ଅଧିକ ଘନୀଭୂତ ହୋଇ ଲଘୁଚାପର ରୂପ ନେବ। ତେଣୁ ଉପକୂଳବର୍ତ୍ତୀ ବାସିନ୍ଦାଙ୍କୁ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଇଛି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାପାଇଁ ମଧ୍ୟ କୁହାଯାଇଛି। ଏଥିସହିତ ଆଗାମୀ ୪ ଦିନ ପାଇଁ କାଳବୈଶାଖୀ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ୨୪ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ଲାଗି ରହିବ • ପୃଷ୍ଠା ୫ ଦେଖନ୍ତୁ



ଜଳେଶ୍ୱର (ଭାସ୍କର ନ୍ୟୁଜ୍) : କାଳର କରାଳ ଗତିରେ ୮ବର୍ଷ ପୂର୍ବରୁ ବାପା ସୃଷ୍ଟିଧର ସିଂ ଏବଂ ୧୦ ଦିନ ପୂର୍ବରୁ ମା' ସ୍ୱର୍ଗତଃ ସୀମା ସିଂଙ୍କୁ ହରାଇଥିବା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଆରୁହା ପଞ୍ଚାୟତ ସ୍ଥିତ ଆରୁହା ଗ୍ରାମର ମଙ୍ଗା ପୋଖରୀ ଆଦିବାସୀସାହି ନିବାସୀ ଦୁଇ ଅନାଥ ନାବାଳକ ଅନୁପ ସିଂ ଓ ସନୁପ୍ ସିଂଙ୍କ ବିଷୟରେ ବିଭିନ୍ନ ଗଣମାଧ୍ୟମରେ ଖବର ପାଇ ରବିବାର ସକାଳ ୮ ଘଟିକା ସମୟରେ ଅଲ୍ ଇଣ୍ଡିଆ କଂଗ୍ରେସ କମିଟିର ସଦସ୍ୟ ନବଜ୍ୟୋତି ପଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ସଂଜୀବ ଗିରିଙ୍କ ସହିତ ଜଳେଶ୍ୱର କଂଗ୍ରେସର ବ୍ଲକ କମିଟିର ପୂର୍ବତନ ସଭାପତି ରାଜୀବ ପରିଡ଼ା, ନଗର କଂଗ୍ରେସ ପୂର୍ବତନ ସଭାପତି ତଥା ଆଇନଜୀବୀ ଗିରିଜା ଶଙ୍କର ଦାସ, ଯୁବନେତା ହରିଶଙ୍କର ଜେନା, ଯୁବ ଆଇନଜୀବୀ ସବ୍ୟସାଚୀ ଦାସ, ଯୁବନେତା ସତ୍ୟଜିତ ପାତ୍ର ପ୍ରମୁଖ କଂଗ୍ରେସର ଏକ ପ୍ରତିନିଧି ଦଳ ସେମାନଙ୍କ ଘରେ ପହଞ୍ଚି ଗଭୀର ସମବେଦନା ବ୍ୟକ୍ତ କରିବା ସହ ତାଙ୍କ ମାଆଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ଆର୍ଥିକ ସହାୟତା ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ତତ୍‌ସହିତ ପିଲା ଦୁଇଜଣଙ୍କ ଉଜ୍ଜଳ ଭବିଷ୍ୟତ ନିମନ୍ତେ ସମସ୍ତ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ଏମିତି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପିଲା ଦୁହିଁଙ୍କୁ ଅସୀମ ସାହସ ଓ ଧୈର୍ଯ୍ୟ ପ୍ରଦାନ ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ମଧ୍ୟ କରିଥିଲେ। ଆରୁହା ପଞ୍ଚାୟତର ସରପଞ୍ଚ ତପନୀ ଭୂୟାଁଙ୍କ ପ୍ରତିନିଧି ସାମ୍ବାଦିକ ମନୋଜ କୁମାର ଭୂୟାଁ ପ୍ରଥମେ ଏହି ଖବର ପ୍ରଚାରିତ କରିଥିବାରୁ କଂଗ୍ରେସର ପ୍ରତିନିଧିମାନେ ତାଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମଜନ ଅଭିଯୋଗ ଶୁଣାଣି



ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୭୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୬ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୬ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୦୨ ଟି, ଆବାସ ଯୋଜନା ସମ୍ପର୍କୀୟ ୦୫ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୩ଟି, ଭତ୍ତା ପାଇବା ପାଇଁ ୦୫ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ସହାୟତା ନିମନ୍ତେ ୦୧ଟି, ପୋଲିସ ସହାୟତା ପାଇବା ପାଇଁ ୦୩ ଟି ଏବଂ ଅନ୍ୟାନ୍ୟ ୨୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୩ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ, ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜଗତସିଂହପୁର ଆଶୁତୋଷ ମିଶ୍ର, ତହସିଲଦାର, ଜଗତସିଂହପୁର, ଶ୍ରୀ ତାରିଣୀ ରଞ୍ଜନ ରାୟ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

# ଦାଦନଗଡ଼ରେ କାମ ଯୋଗାଉଛି ମନରେଗା ଯୋଜନା



ମୁରିବାହାଲ (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜିଲ୍ଲାର ଦାଦନଗଡ଼ କୁହାଯାଉଥିବା ବଙ୍ଗୋମୁଣ୍ଡା ବ୍ଲକରେ ଲୋକଙ୍କୁ କାମ ଯୋଗାଉଛି ମନରେଗା ଯୋଜନା। ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ଶେଷ ସୀମାରେ ଥିବା ଠେମରା ପଞ୍ଚାୟତର ବିଭିନ୍ନ ଗାଁରେ ଯେଉଁଭଳି ମନରେଗା କାର୍ଯ୍ୟ କରି ଶ୍ରମିକମାନେ ଲାଭବାନ ହେଉଥିବା ଜଣାପଡ଼ିଛି। ଦିନ ଥିଲା ଏହି ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ପେଟପାଟଣା ପାଇଁ ବାହାର ରାଜ୍ୟକୁ ପ୍ରତ୍ୟେକ ବର୍ଷ ଦାଦନ ଖଟିବାକୁ ଯାଉଥିଲେ। ପ୍ରଶାସନ ଓ ନିର୍ବାଚିତ ଜନପ୍ରତିନିଧିମାନେ ଏକଜୁଟ ହୋଇ ଶ୍ରମିକ ସହ ଅନ୍ୟଲୋକଙ୍କୁ ସଚେତନ କରିବା ଫଳରେ ଏହି ଅଞ୍ଚଳରୁ ବାହାର ରାଜ୍ୟକୁ ଆଉ ଦାଦନ ଖଟିବାକୁ ଯାଉନଥିବା ଦେଖିବାକୁ ମିଳିଛି। ଘରର ମୁଖ୍ୟ ସହ ଅନ୍ୟ ସଦସ୍ୟମାନେ ମନରେଗା ଯୋଜନାରେ ହେଉଥିବା ବିଭିନ୍ନ କାମ କରି ଠିକ ସମୟରେ ପାଉଣା ପାଇ ପରିବାରକୁ ସୁରୁଖୁରୁରେ ଚଳାଉଛନ୍ତି। ପରିବାରରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ମଧ୍ୟ ସମାଧାନ ହେଉଥିବା ଦେଖିବାକୁ ମିଳିଛି। ପୂର୍ବରୁ ଅନେକ ପୋଖରୀରେ ଗ୍ରୀଷ୍ମ ଋତୁରେ ପାଣି ରହୁନଥିଲା। ତେବେ ମନରେଗା ଯୋଜନାରେ କାର୍ଯ୍ୟ ହେବା ପରେ ପୋଖରୀରେ ପ୍ରଚୁର ପରିମାଣରେ ପାଣି ଭର୍ତ୍ତି ରହୁଥିବା ଦେଖିବାକୁ ମିଳିଛି। ବର୍ଷାଦିନରେ ମଧ୍ୟ ମନରେଗା ଯୋଜନାରୁ ଉପଯୁକ୍ତ ସ୍ଥାନରେ ଶତାଧିକ ଶ୍ରମିକମାନେ କାମ କରି ନିଜର ଜୀବିକା ନିର୍ବାହ କରୁଛନ୍ତି। ଅଞ୍ଚଳର ଅନେକ ମହିଳା ଓ ପୁରୁଷମାନେ ମାଛଚାଷ କରି ସ୍ୱାବଲମ୍ବୀ ହେଉଥିବା ଜଣାପଡ଼ିଛି। କାମ କରି ନିଜ ବ୍ୟାଙ୍କ ଖାତାରେ ଟଙ୍କା ପଡି ଯାଉଥିବା ଯୋଗୁଁ ସେମାନେ ବିଭାଗୀୟ ଅଧିକାରୀଙ୍କ ପାଖକୁ ଆଉ ଦୌଡ଼ିବାକୁ ପଡୁନଥିବା ଜଣାପଡ଼ିଛି। ବିଭିନ୍ନ କାମ ଯୋଗାଇ ଦେଉଥିବାରୁ ପ୍ରଶାସନଙ୍କୁ ମଧ୍ୟ ଶ୍ରମିକମାନେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଠେମରା ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀକାନ୍ତ ବାଗ ଏଠାରେ ସରପଞ୍ଚ ହେବା ପରେ ପରେ ଲୋକମାନେ ମନରେଗା ଯୋଜନାରେ କାମ କରି ପରିବାର ପ୍ରତିପୋଷଣ କରୁଥିବା ଜଣାପଡ଼ିଛି। ମଜୁରୀ ଟଙ୍କା ବୃଦ୍ଧି କରିବା ପାଇଁ ଶ୍ରମିକମାନେ ଦାବି କରିଛନ୍ତି।

# ଜନ୍ମଦିନରେ ଚାରାରୋପଣ ସହ ରୋଗୀଙ୍କୁ ଫଳ ବାଣ୍ଟିଲେ ଡାକ୍ତର

ଗୋପ, (ଭାସ୍କର ନ୍ୟୁଜ୍ ) : ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦର ବରିଷ୍ଠ ଡାକ୍ତର ଶିବ ପ୍ରସାଦ ମଙ୍ଗରାଜ ନିଜ ଜନ୍ମଦିନରେ ରୋଗୀମାନଙ୍କୁ ଫଳବଣ୍ଟନ କରିବା ସହିତ ଚାରାରୋପଣ କରି ଏକ ନିଆରା ଭାବେ ନିଜର ଜନ୍ମଦିନ ପାଳନ କରିଛନ୍ତି।



ପ୍ରତ୍ୟେକ ଜନ୍ମଦିନରେ ନିଶ୍ଚିତ ଭାବେ ବୃକ୍ଷରୋପଣ କରି ନିଜର ଆତ୍ମସନ୍ତୋଷ ପାଆନ୍ତି ବୋଲି ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି। ସ୍ତ୍ରୀ ଓ ପ୍ରସୂତି ବିଭାଗର ଚିକିତ୍ସକ ଭାବେ ସେ ସର୍ବତ୍ର ପରିଚିତ, ଡ୍ୟୁଟିରେ ଥିବା ସମୟରେ ସେ କେବେ ବି ନିଜର ସମୟ ଦେଖନ୍ତି ନାହିଁ ଏବଂ କ୍ୱାର୍ଟରରେ ଥିବା ସମୟରେ ଯଦି ମେଡିକାଲରେ କୌଣସି ରୋଗୀର ପ୍ରସୂତି ଜନିତ ସମସ୍ୟା ଆସେ ତେବେ ତାଙ୍କର ଡ୍ୟୁଟି ନଥିଲେ ମଧ୍ୟ ଚିକିତ୍ସା କରିବାକୁ କେବେ ପଛାନ୍ତି ନାହିଁ। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଥିବା ସମୟରେ ଗୋପ ଅଧୀନରେ ଥିବା ସମସ୍ତ ପ୍ରାଥମିକ ଚିକିତ୍ସା କେନ୍ଦ୍ର ରବିବାର ଖୋଲିବା ସହିତ ଅପରାହ୍ନରେ ମଧ୍ୟ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ସମୟରେ ସମସ୍ତ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଥିଲେ ସେ। ଗୋପ ମେଡିକାଲର ସମସ୍ତ ଷ୍ଟାଫ, ସ୍ଥାନୀୟ ଶୁଭେଚ୍ଛୁମାନେ ତାଙ୍କ କ୍ୱାର୍ଟରରେ ପହଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଜିଲ୍ଲା ସମ୍ପର୍କ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

ବ୍ୟାସନଗର (ଭାସ୍କର ନ୍ୟୁଜ୍) : ଜିଲ୍ଲା ସମ୍ପର୍କ ବରିଷ୍ଠ ନାଗରିକ ସଂଘ, ଶଙ୍ଖଚିଲା, ଯାଜପୁରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ମା' ହିଙ୍ଗୁଳା ପୀଠ ଶଙ୍ଖଚିଲା ଠାରେ ଅନୁଷ୍ଠିତ ହୋଇଯାଇଛି। କୋରେଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦ୍‌ଘାଟନ କରିଥିଲେ। ସଭାପତି ଚକ୍ରଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଉପେନ୍ଦ୍ର ସ୍ୱାଇଁ ଅତିଥି ପରିଚୟ କରିବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ମହୋଦୟ ସଂଘର କାର୍ଯ୍ୟାଧାରାକୁ ଭୂୟସୀ ପ୍ରଶଂସା କରିବା ସହ ସଭ୍ୟମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ କାମନା କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ବରିଷ୍ଠ ନାଗରିକ ମହାସଂଘର ରାଜ୍ୟ ଉପ ସଭାପତି ପ୍ରବୋଧ କୁମାର ନାୟକ, ବ୍ୟାସନଗର ବରିଷ୍ଠ ନାଗରିକ ସମ୍ପାଦକ ଚନ୍ଦ୍ରମଣି ସାମଲ, ଦାନଗଦି ବରିଷ୍ଠ ନାଗରିକ ସଭାପତି କଳାକାର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକଙ୍କର ସମାଜ ପ୍ରତି ଆବଶ୍ୟକତା ଓ ସେମାନଙ୍କର ସମସ୍ୟା ସମାଧାନ




ଉପରେ ଆଲୋକପାତ କରିଥିଲେ। ସହ ସମ୍ପାଦକ ମଣି ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର କୋଷାଧକ୍ଷ ଗୋପାଳ ଚନ୍ଦ୍ର ଦାସ, ଉପ ସଭାପତି ବେଣୁଧର ଗୁରୁ, ବରିଷ୍ଠସଭ୍ୟ ଓ ବିଶିଷ୍ଟ ସମାଜ ସେବୀ କାଶୀନାଥ ସାହୁ, ବିଦ୍ୟାଧର ସାହୁ, ଗଜେନ୍ଦ୍ର ମହାକୁଡ଼, ଲକ୍ଷ୍ମୀଧର ଦାଶ, କାର୍ତ୍ତିକ ଗୁରୁ, ଧନେଶ୍ୱର ନାଥ, ଭୀମ ଚରଣ ସାହୁ, ପ୍ରଭାକର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପିଏମ୍ ଆବାସ ଯୋଜନାର କାର୍ଯ୍ୟକାରିତା ନେଇ ସଚେତନତା ବୈଠକ

 କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ଏନଏସି ସଭାଗୃହ ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ)ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟକାରିତା ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । କରଞ୍ଜିଆ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନଏସି ଅଧକ୍ଷା ପପି ପୃଷ୍ଟି ଉପସ୍ଥିତ ଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)ଦ୍ୱିତୀୟ ପର୍ଯ୍ୟାୟର ନିର୍ଦ୍ଦେଶାବଳି ଓ ଯୋଗ୍ୟତାର ମାନଦଣ୍ଡ ଉପରେ ଉପସ୍ଥିତ ଜନସାଧାରଣ ଓ ସ୍ୱୟଂ ସହାୟିକା ଗୋଷ୍ଠି ସଦସ୍ୟାଙ୍କୁ ଅବଗତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ)ଦ୍ୱିତୀୟ ପର୍ଯ୍ୟାୟରେ ନିଜସ୍ୱ ଜମି ପଟ୍ଟା ଥିବା ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ପୂର୍ବ ପର୍ଯ୍ୟାୟ ତୁଳନାରେ ଅଧିକ ୫୦ ହଜାର ଟଙ୍କା ଅର୍ଥାତ ଗୃହ ନିର୍ମାଣ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ। ଯେଉଁମାନେ ଏହି ଯୋଜନାରେ ଗୃହ ନିର୍ମାଣ କରିବାକୁ ଚାହାଁନ୍ତି ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର ମାଧ୍ୟମରେ ଅନ୍‌ଲାଇନ୍ ଆବେଦନ କରିପାରିବେ ଆବେଦନ ନିମନ୍ତେ ଆବେଦନକାରୀଙ୍କ ବାର୍ଷିକ ଆୟ ୩ ଲକ୍ଷ ମଧ୍ୟରେ ହୋଇଥିବ, ଭାରତ ରେ କୌଣସି ସ୍ଥାନରେ ଆବେଦନକାରୀ ବା ତାଙ୍କ ପରିବାର ସଦସ୍ୟଙ୍କ ପକ୍କା ଘର ନଥିବ, ବିଗତ ୨୦ ବର୍ଷ ମଧ୍ୟରେ କେନ୍ଦ୍ର ବା ରାଜ୍ୟ ସରକାରଙ୍କ କୌଣସି ଆବାସ



ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବେ ଆବାସ ଯୋଜନା ନିମନ୍ତେ ଆବେଦନ କରିବାକୁ ଆବେଦନକାରୀ ଏବଂ ପରିବାର ସଦସ୍ୟଙ୍କ ଆଧାର ପରିଚୟ ପତ୍ର, ଆବେଦନକାରୀଙ୍କ ଆଧାର ଲିଙ୍କ ଥିବା ମୋବାଇଲ ନମ୍ବର ଓ ଫୋନ ନମ୍ବର ଯୁକ୍ତ ବ୍ୟାଙ୍କ ଖାତା, ଜମି ପ୍ରମାଣପତ୍ର (ହିତାଧିକାରୀଙ୍କ ଦ୍ୱାରା ଗୃହ ନିର୍ମାଣ ନିମନ୍ତେ) ଚଳିତ ପର୍ଯ୍ୟାୟରେ ଭୂମିହୀନ ବ୍ୟକ୍ତି ମଧ୍ୟ ଭାଗିଦାରୀରେ ସୁଲଭ ବାସଗୃହରେ ଆବେଦନ କରିପାରିବେ ଏଥିନିମନ୍ତେ ଆବେଦନ କରିବାକୁ ଆବେଦନକାରୀ ଏବଂ ପରିବାର ସଦସ୍ୟଙ୍କ ଆଧାର ପରିଚୟ ପତ୍ର, ଆବେଦନକାରୀଙ୍କ ଆଧାର ଲିଙ୍କ ଥିବା ମୋବାଇଲ ନମ୍ବର ଓ ଫୋନ ନମ୍ବର ଯୁକ୍ତ ବ୍ୟାଙ୍କ ଖାତା, ଇନକମ ସାର୍ଟିଫିକେଟର ଆବଶ୍ୟକତା ପଡିବ ଓ ଆବେଦନକାରୀ ମହିଳା ଓ ସ୍ୱତନ୍ତ୍ର ବର୍ଗ ହିତାଧିକାରୀଙ୍କୁ ପ୍ରାଥମିକତା ଦିଆଯିବ ବୋଲି ବୈଠକ ସିଏଲଟିସି ଶେଷଦେବ ପଲେଇ ଉପସ୍ଥିତ ଜନସାଧାରଣ ଓ ସ୍ୱୟଂ ସହାୟିକା ଗୋଷ୍ଠି ସଦସ୍ୟା ଙ୍କୁ ସୂଚନା ପ୍ରଦାନ କରିଥିଲେ।

# ସ୍ୱାସ୍ଥ୍ୟ ଶିବିର ଉଦ୍‌ଯାପିତ

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ମାରଓ୍ୱାଡ଼ି ଯୁବା ମଞ୍ଚ ପକ୍ଷରୁ ପୌର କଲ୍ୟାଣ ମଣ୍ଡପରେ ତିନି ଦିନିଆ ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ, ସ୍ୱାସ୍ଥ୍ୟ ଏବଂ ନେତ୍ର ପରୀକ୍ଷା ଶିବିର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି, ବ୍ରଜରାଜନଗର ଭାରପ୍ରାପ୍ତ ନଗରପାଳ କୃଷ୍ଣ ଗୋପାଳ ସୀତାନୀ, ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରଓ୍ୱାଲ, ଅରୁଣ ଶର୍ମା ସମ୍ମାନୀତ ଅତିଥି, ନରେଶ ଅଗ୍ରଓ୍ୱାଲ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ମାରଓ୍ୱାଡ଼ି ଯୁବା ମଞ୍ଚ ବ୍ରଜରାଜନଗର ଶାଖା ସଭାପତି ପଙ୍କଜ ବଂଶଲ କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ। ଏହି ତିନି ଦିନିଆ ଶିବିରରେ ମୋଟ ୨୫୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ୭୭ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ, ୩୫ ଜଣକୁ ବୈଶାଖୀ ଓ ଆଶାବାଡ଼ି ଓ ୬ ଜଣକୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା।

# 'ଆର୍ଟ ଅଫ ଗିଭିଂ' ପକ୍ଷରୁ ବାର୍ଷିକ ଉତ୍ସବ ଓ ଗଣଦୌଡ




ଜଳେଶ୍ୱର (ଭାସ୍କର ନ୍ୟୁଜ୍): ୧୨ବର୍ଷ ତଳେ ଡ. ଅଚ୍ୟୁତ ସାମନ୍ତ ଆରମ୍ଭ କରିଥିବା ଆର୍ଟ ଅଫ ଗିଭିଙ୍ଗର ଆଜି ୧୨ତମ ବାର୍ଷିକ ଉତ୍ସବ ସମଗ୍ର ରାଜ୍ୟରେ ପାଳିତ ହେଉଥିବା ବେଳେ ଜଳେଶ୍ୱର ୟୁନିଟ୍ ପକ୍ଷରୁ ମଧ୍ୟ ଅନୁଷ୍ଠିତ ହୋଇ ଯାଇଛି । କ୍ଷେତ୍ରସନବଜାର କାଳିମନ୍ଦିର ନିକଟରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ସହରର ବିଭିନ୍ନ ସ୍ଥାନର ଯୁବକ ଯୁବତୀ ଏବଂ ବୁଦ୍ଧିଜୀବୀମାନେ ଏକ ଗଣ ଦୌଡରେ ସାମିଲ ହୋଇ ପୋର୍ଟ ବଜାରର ପୁରୁଣା କୋର୍ଟ ଯାଏ ଯାଇଥିଲେ । ର୍‍ୟାଲିକୁ ଜଳେଶ୍ୱର ୟୁନିଟ୍‌ର ସଭାପତି ସିଦ୍ଧାର୍ଥ ଶଂକର ପାଳ, ବାର୍ ସଭାପତି କୁଞ୍ଜବିହାରୀ ଦାସ ଓ ଡ. ଅଜିତ୍ କୁମାର ମହାନ୍ତି ମିଳିତ ଭାବେ ପତାକା ହଲାଇ ଉଦ୍‌ଘାଟନ କରିଥିଲେ। କୋର୍ଟ ବଜାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଅନୁଷ୍ଠିତ ସଭାରେ ସିଦ୍ଧାର୍ଥ ଶଙ୍କର ପାଳ ସଭାପତିତ୍ୱ କରିଥିଲେ । ଅତିଥି ଭାବେ ବରିଷ୍ଠ ଆଇନ୍‌ଜୀବୀ ଚିନ୍ମୟ କୁମାର ଦାସ, ବାର୍ ସଭାପତି କୁଞ୍ଜବିହାରୀ ଦାସ, ଅଧ୍ୟାପକ ସଂଗ୍ରାମ କେଶରୀ ପଟ୍ଟନାୟକ, ସଂପାଦକ ଗିରିଜା ଶଙ୍କର ଦାସ, ବାର୍ ସଂପାଦକ ବିଜନ ଦେ, ଡ. ଅଜିତ୍ କୁମାର ମହାନ୍ତି, ସୁଶାନ୍ତ ଦାସ ପ୍ରମୁଖ ବକ୍ତବ୍ୟ ରଖି ଦେବାରେ ଆନନ୍ଦ ସଂପର୍କରେ କହିଥିଲେ । ଡ. ଅଚ୍ୟୁତ ସାମନ୍ତ ଦେଶର ୩୦ହଜାରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଯୋଗାଇବା ଏକ ଉଦାହରଣ ସୃଷ୍ଟି କରିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚ ନ୍ୟାୟାଳୟର ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ଶରତ ପରିଡା, କଲେଜ ଅଧ୍ୟକ୍ଷ ସରୋଜ ମହାନ୍ତି, ମିର ଆବାସ ଅଲ୍ଲି, ଆନନ୍ଦ କର, ବବତା ଦାସ, ସୁକାନ୍ତ ଦେ, ସୁଶାନ୍ତ ଦାସ, ଅର୍ଚ୍ଚନା ଗିରି, ବାପି ମହାପାତ୍ର, ଅବନୀ ଚାନ୍ଦ, କ୍ଷିତିଶ ଦାସ ପ୍ରମୁଖ ସାମିଲ ହୋଇଥିଲେ ।

# ଆବାସ ଯୋଜନା ନାରେ ଲାଞ୍ଚ ଅଭିଯୋଗ

## ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍ ): ଜଳେଶ୍ୱର ପୌରାଞ୍ଚଳର ଆବାସ ଯୋଜନା ଲାଗି ହାତାଧିକାରୀ ଚୟନରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହେଉଥିବାବେଳେ ଏହାର ସତ୍ୟାସତ୍ୟ ପ୍ରମାଣ ପାଇଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ । ଘଟଣାରୁ ପ୍ରକାଶ, ୫ନଂ ୱାର୍ଡ ଦେଉଳି ପଞ୍ଚଘଣ୍ଟାର ପୂର୍ବତନ କାଉନ୍‌ସିଲର ରବିନ୍ଦ୍ର ପାତ୍ରଙ୍କ ପୁଅ ବିକାଶ ପାତ୍ର ଆବାସ ଘର ପାଇବା ଲାଗି କାର୍ଯ୍ୟାଳୟର ୨ କର୍ମଚାରୀ ବ୍ରଜମୋହନ ଘୋଷ ମହାପାତ୍ର ଓ ବିଶ୍ୱଜିତ୍ ପରିଡା ତାଙ୍କ ଠାରୁ ୯ହଜାର ଟଙ୍କା ଲାଞ୍ଚ ନେଇଥିଲେ ବୋଲି ଗତ ୫-୫-୨୫ରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ । କିନ୍ତୁ ପରେ କର୍ମଚାରୀ ଦ୍ୱୟ ୬୭୦୦ଟଙ୍କା ଫେରାଇଥିବାର ବିକାଶ ପାତ୍ର ଲିଖିତ ଭାବେ



ଦର୍ଶାଇଛନ୍ତି । ଆଜି ଏ ସଂପର୍କରେ ତଦନ୍ତ ପରେ ଘଟଣା ସତ୍ୟ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି। ଏ ସଂପର୍କରେ ସେ ଜିଲ୍ଲାପାଳଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିବେ ବୋଲି କହିଛନ୍ତି । ଆଜି ତଦନ୍ତବେଳେ ଅଭିଯୋଗକାରୀ ଶ୍ରୀ ପାତ୍ର, ଫାଲଗୁନୀ ପାଣିଗ୍ରାହୀ, କାଉନ୍‌ସିଲର ଚନ୍ଦନ ଦାସ, ବାପି ମହାପାତ୍ର, ତାପସ ପାଣିଗ୍ରାହୀ, ବିଶ୍ୱଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜରେ ମିଳିବ ସୁପର ସ୍ପେସିଆଲିଷ୍ଟ ସେବା

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟସ୍ଥିତ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜରେ କାର୍ଡିଓଲୋଜି, ନ୍ୟୁରୋଲୋଜି ଏବଂ ନେଫ୍ରୋଲୋଜି ବିଭାଗରେ ସୁପର ସ୍ପେସିଆଲିଷ୍ଟ ସେବା ମିଳିବ । କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ସୁପର ସ୍ପେସିଆଲିଷ୍ଟ କ୍ଲିନିକ୍ ଉଦ୍‌ଘାଟିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ ଭି କୀର୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କଲେଜ ଡିନ୍ ତଥା ହସ୍ପିଟାଲ ଅଧୀକ୍ଷକ ଡ. ପ୍ରଫେସର ସୁଶାନ୍ତ କୁମାର ସାହୁ, ହସ୍ପିଟାଲ ପ୍ରଶାସନିକ ରେଜିଷ୍ଟ୍ରାର ରିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଡିଓଲୋଜି, ନ୍ୟୁରୋଲୋଜି ଏବଂ ନେଫ୍ରୋଲୋଜି ବିଭାଗର ବିଶେଷଜ୍ଞ ଡାକ୍ତରମାନେ କ୍ଲିନିକ୍‌କୁ ଆସି ରୋଗୀ ସେବା କରିବେ ବୋଲି ଜଣାପଡଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଭେଷଜ



ବିଭାଗର ଆସୋସିଏଟ ପ୍ରଫେସର ଡ. ସ୍ୱପ୍ନଶରିତ ସାହୁ, ହସ୍ପିଟାଲ ମ୍ୟାନେଜର ଶୁଭେନ୍ଦୁ ଶେଖର ପଣ୍ଡା, ପ୍ରଭାତ ନଳିନୀ ସ୍ୱାଇଁ ଓ ସଙ୍ଗୀତା ସାମଲ, ଫାର୍ମାସିଷ୍ଟ ଶେଖର ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ, ଜୁନ ମାସ ଠାରୁ ପ୍ରତି ମାସର ପ୍ରଥମ ଗୁରୁବାର ଦିନ କାର୍ଡିଓଲୋଜି ବିଶେଷଜ୍ଞ ଡ.ଅଶ୍ୱିନୀ କୁମାର ପଣ୍ଡା ସ୍ପେସିଆଲିଷ୍ଟ କ୍ଲିନିକୁ ଆସି ରୋଗୀଙ୍କ ଚିକିତ୍ସା କରିବେ ସେହିପରି ମେ ମାସ ଠାରୁ ପ୍ରତି ମାସର ତୃତୀୟ ଶନିବାର ଦିନ ନ୍ୟୁରୋଲୋଜି ବିଭାଗ ବିଶେଷଜ୍ଞ ଡ. ଅଭିନାଶ ଜାଡା ଆସି ଚିକିତ୍ସା ସେବା ଯୋଗାଇବେ । ଏଥିସହ ପ୍ରତି ମାସର ତୃତୀୟ ରବିବାର ଦିନ ନେଫ୍ରୋଲୋଜିଷ୍ଟ ବିଭାଗ ବିଶେଷଜ୍ଞ ଡ. ଚିନ୍ମୟ ନନ୍ଦ ଦାସ ରୋଗୀ ସେବା ଯୋଗାଇବେ । ଏହି କ୍ଲିନିକ ଉଦ୍‌ଘାଟନ ହେବା ପରେ ନ୍ୟୁରୋଲୋଜି ବିଭାଗ ବିଶେଷଜ୍ଞ ଡାକ୍ତର ଅଭିନାଶ ଜାଡା କ୍ଲିନିକ୍ ରୋଗୀମାନଙ୍କ ଚିକିତ୍ସା କରିଥିଲେ।

# ସାର ଓ ବିହନ ବିକ୍ରେତାଙ୍କ ବୈଠକ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର କୃଷକ ତାଲିମ୍ କେନ୍ଦ୍ର ଠାରେ ସାର ଓ ବିହନର ଅଧିକୃତ ବିକ୍ରେତା ମାନଙ୍କର ଶନିବାର ଦୁଇଟି ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ପାପଡ଼ାହାଣ୍ଡି, କୋଷଗୁମୁଡ଼ା, ଡାବୁଗାଁ ବ୍ଲକ୍‌ର ୭୦ ଜଣ ଅଧିକୃତ ବିକ୍ରେତା ଯୋଗଦାନ କରିଥିବା ବେଳେ ଉକ୍ତ ସଭାରେ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ନବରଙ୍ଗପୁର ସଭାପତିତ୍ୱ କରିଥିଲେ। ବିଶ୍ୱଜିତ୍ ସହୁ, କୃଷି ଜିଲ୍ଲା ଅଧିକାରୀ, ପାପଡ଼ାହାଣ୍ଡି, ପ୍ରଣୟ କୁମାର ମନ୍ତ୍ରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ପ୍ରତିନିଧି, ନବରଙ୍ଗପୁର, ରାମ ଚନ୍ଦ୍ର ମୁଦୁଲି, ଯୋଜନା ଅଧିକାରୀ, ନବରଙ୍ଗପୁର ଏବଂ ବ୍ଲକ୍ କୃଷି ଅଧିକାରୀ ମାନେ ଉପସ୍ଥିତ ଥିଲେ। ଚଳିତ ଖରଫ ଋତୁରେ ସାର ଏବଂ ବିହନ ବିକ୍ରୟରେ ଅନୀୟ ମିତତା ପରିଲକ୍ଷିତ ହେଲେ ଆଇନତହ ବୃତ କର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ହାଇବ୍ରିଡ ଧାନ ଏବଂ ମକା ବିହନର ସୁଲଭ ବିକ୍ରିବଟା ନିମନ୍ତେ କେବଳ ପଞ୍ଜିକୃତ ବିହନ କମ୍ପାନୀ ମାନଙ୍କୁ ଅନୁମୋଦନ ଦିଆଯିବ ବୋଲି ଶ୍ରୀଯୁକ୍ତ ମନ୍ତ୍ରୀ କହିଥିଲେ। ନାନୋ ୟୁରିଆ ଏବଂ ଡି. ଏ.ପିର ବ୍ୟବହାର କରି ଚାଷୀ ମାନେ ଅତ୍ୟଧିକ ସାର ପ୍ରୟୋଗର କୁପରିମାଣରୁ ଚାଷ ଜମିକୁ ସୁରକ୍ଷିତ ରଖିବା ପାଇଁ ଶ୍ରୀ ବିଶ୍ୱଜିତ୍ ସାହୁ ପରାମର୍ଶ ଦେଇଥିଲେ। ପିଓଏସ ମେସିନ୍ ଷ୍ଟକ୍ ଏବଂ ଗୋଦାମ୍‌ରେ ରଖି ଥିବା ଷ୍ଟକ୍ ନିହାତି ଭାବରେ ସମାନ ରଖିବା ପାଇଁ ସାର ଡିଲର୍ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରତ୍ୟେକ ମାସର ସାର ଏବଂ ବିହନର ବିକ୍ରିବଟା ସଂକ୍ରାନ୍ତୀୟ ତଥ୍ୟ ୧-ଲାଇସେନ୍ସ ପୋର୍ଟାଲ୍‌ରେ ଅପଲୋଡ କରିବା ପ୍ରତ୍ୟେକ ବିକ୍ରେତା ପାଇଁ ବାଧ୍ୟତାମୂଳକ ବୋଲି ଆଲୋଚନା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅପରାହ୍ନ ୨ ଟା ଠାରୁ ୫ ଟା ପର୍ଯ୍ୟନ୍ତ ନବରଙ୍ଗପୁର, ନନ୍ଦାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ୫୦ ଜଣ ଅଧିକୃତ ବିହନ ଏବଂ ସାର ବିକ୍ରେତା ମାନେ ଯୋଗଦାନ କରିଥିଲେ। ଉକ୍ତ ବୈଠକରେ ଶ୍ରୀଯୁକ୍ତ ଅନିଲ କୁମାର ପ୍ରହରାଜ, କୃଷି ଜିଲ୍ଲା ଅଧିକାରୀ, ନବରଙ୍ଗପୁର, ଡିଲର ମାନଙ୍କୁ ଷ୍ଟକ୍ ରେଜିଷ୍ଟର, ସେଲ୍ ରେଜିଷ୍ଟର, ସାରର ମୂଲ୍ୟ ସୂଚୀ ଏବଂ ବଳକା ସାରର ପରିମାଣ ସଂକ୍ରାନ୍ତରେ ଲିଖିତ ଆକାରରେ ସ୍ପଷ୍ଟୀକରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସଭା ରେ ସମସ୍ତ ବ୍ଲକ୍ କୃଷି ଅଧିକାରୀ ଉପସ୍ଥିତ ଥିଲେ। ଚଳିତ ଖରିଫ୍ ଋତୁରେ ଅଦ୍ୟାବଧି ୨୧୯୨୨.୦୭୫ ମାଟ୍ରିକ ଟନ ସାର ନବରଙ୍ଗପୁର ଜିଲ୍ଲାରେ ଉପଲବ୍ଧ କରାଯାଇଛି। ଯଦିଓ ଚଳିତ ଖରିଫ୍ ଋତୁ ପାଇଁ ୬୮୯୬୦ ହେକ୍ଟର ମକା ଚାଷ ହେବାର ସରକାରୀ ଖସଡ଼ା ପ୍ରସ୍ତୁତ କରାଯାଇଛି । ଏଫ୍‌ଆର୍‌ଏ ଏବଂ ଅନ୍ୟାନ୍ୟ ଅଧିକୃତ ଜମି ମାନଙ୍କରେ ମକା ଚାଷର ପରିମାଣ ଯଥେଷ୍ଟ ଅଧିକା ହେଉଥିବାରୁ ଉପସ୍ଥିତ ଅଧିକୃତ ବିକ୍ରେତା ମାନେ ଜିଲ୍ଲା ପାଇଁ ସ୍ଥିର କରାଯାଇଥିବା ଆବଶ୍ୟକୀୟ ସାର ପରିମାଣ ଠାରୁ ଅଧିକା ସାର ଯୋଗାଣ ନିମନ୍ତେ ନିଜର ମତ ପ୍ରକାଶ କରିଥିଲେ।

# କମୁଛି ଚାଷଜମି, ବଢୁଛି ଘରଡିହ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଗତ କିଛି ବର୍ଷ ହେଲା ଚାଷ ଜମିରେ ବାସଗୃହ ନିର୍ମାଣ ଆଶାତିତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତ ରେ ହେକ୍ଟର ହେକ୍ଟର ଚାଷ ଉପଯୋଗୀ ଜମି ମଧ୍ୟରୁ ୮ହଜାର ହେକ୍ଟର ରୁ ଉର୍ଦ୍ଧ୍ୱ ଧାନ ଚାଷ ଜମିରେ କରାଯାଉଛି। କିନ୍ତୁ ପ୍ରତିବର୍ଷ ଏହି ଚାଷ ଜମି ହ୍ରାସ ପାଉଥିବା ବେଳେ ଧାନଚାଷ ମଧ୍ୟ ହେଉଥିବା ଜମି କମିଚାଲିଛି। ବାସ୍ତବ ଚିତ୍ରକୁ ଆକଳନ କଲେ ବିଭିନ୍ନ କାରଣରୁ ଚାଷୀ ଚାଷ କାର୍ଯ୍ୟରୁ ମୁହଁ ଫେରାଇ ନେଉଥିବା ଜଣାପଡିଛି। ସାଧାରଣତଃ ତଳିଆ, ମଧ୍ୟମ ଓ ଉଚ୍ଚା ଜମି ମଧ୍ୟରୁ ଅସ୍ତରଙ୍ଗ ଅଞ୍ଚଳରେ ଅଧିକାଂଶ ତଳିଆ ଜମିରେ ଧାନଚାଷ କରାଯାଇଥାଏ। ତିନିଟି ପ୍ରମୁଖ କାରଣ ଯୋଗୁଁ ଏ ଅଂଚଳରେ ଧାନ ଫସଲ ପ୍ରତିବର୍ଷ କମି କମି ଯାଉଛି। ଧାନ ଫସଲ ପାଇଁ ଅଧିକ ସମୟ ଲାଗୁଥିବା ବେଳେ କମ୍ ଲାଭ ମିଳୁଛି। ଅସ୍ତରଙ୍ଗ



ବ୍ଲକର ଛୁରିଆନା, ସରିପୁର, ଶିଶୁଅ ଅଂଚଳରେ ଜଙ୍ଗଲୀ ଜନ୍ତୁ ଙ୍କ ଉପଦ୍ରବ ଚାଷୀ ମଧ୍ୟ ଧାନ ଚାଷରୁ ମୁହଁ ଫେରାଇ ନେଉଥିବା ଦେଖିବାକୁ ମିଳୁଛି। ଉନ୍ନତ ଜ୍ଞାନ କୌଶଳ ଯୋଗୁଁ ଚାଷୀ କମ ସମୟରେ ଲାଭବାନ ଚାଷକୁ ଆପଣାଇ ଲାଭବାନ ହେଉଥିଲେ ମଧ୍ୟ ତାହା ଆଶାନୁରୂପ ନୁହେଁ। ଚାଷୀ ନିଜ ପିଲା ମାନଙ୍କ ଉଜ୍ଜଳ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାରୀ ହେଉ କି ବେସରକାରୀ ଚାକିରୀ ପ୍ରତି ଲୋଭ ଯୋଗୁଁ ମଧ୍ୟ ଧାନ ଚାଷରୁ ନିଜକୁ ଦୂରେଇ ନେଉଥିବା ଆଉ ଏକ କାରଣ। ଚାଷୀ ମାନଙ୍କ ଉପରୋକ୍ତ ଅବସ୍ଥାର ଫାଇଦା ଉଠାଇ ଜମି ମାଫିଆ ମାନେ ସେମାନଙ୍କ ଜମିକୁ ଶସ୍ତାରେ କିଣି ନେଇ ପ୍ଲଟିଙ୍ଗ କରି ବିକି ଦେଉଛନ୍ତି। ବିନା କିସମ ପରିବର୍ତ୍ତନରେ ଗୃହ ନିର୍ମାଣ କରି ବେଶ ଲାଭବାନ ହେଉଥିବା ବେଳେ ସରକାରୀ ବାବୁ ମାନେ ଭଲ ଫାଇଦା ଉଠାଉଥିବା କାହାକୁ ଅଛପା ନାହିଁ। ସରକାରଙ୍କ ରାଜସ୍ୱ, ତହସିଲ ତଥା ଜଙ୍ଗଲ ବିଭାଗ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ ଲାଭଖୋର ମନୋବୃତ୍ତି ଓ ଦୁର୍ନୀତି ଯୋଗୁଁ ଗୋଚର ଓ ଜଙ୍ଗଲ ଜମିରେ ବାସଗୃହ, ବିଭିନ୍ନ କୁଟୀର ଶିଳ୍ପ ମୁଣ୍ଡ ଟେକିଛି। ଗ୍ରାମ୍ୟ ରାସ୍ତା ପାର୍ଶ୍ୱ ଜମିରେ ମୂଲ୍ୟ ଆକାଶ ଛୁଆଁ ହୋଇଛି। ବଡ଼ ବଡ଼ ଜମି ମାଫିଆ ବହୁମୂଲ୍ୟ ଦେଇ ଏହି ସବୁ ଜମିକୁ କିଣି ନେବା ପରେ ସରକାରୀ କଟକଣାକୁ ନମାନି ସବ୍‌ରେଜିଷ୍ଟ୍ରର କାର୍ଯ୍ୟାଳୟର କର୍ମଚାରୀଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ଚାଷ ଜମିକୁ ପ୍ଲଟିଂ କରି ବିକ୍ରି କରି ଦେଉଥିବା ଯଥେଷ୍ଟ ପ୍ରମାଣ ରହିଛି। ଯଦି ଏହିଭଳି ଚାଷ ଜମିରେ ବାସଗୃହ ନିର୍ମାଣ ବଳବତ୍ତର ରୁହେ, ଆଗାମୀ ଦିନରେ ଚାଷ ଜମିର ଘୋର ଅଭାବ ହେବ। ଏହା ଖାଦ୍ୟାଭାବର କାରଣ ମଧ୍ୟ ହେବ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରାଜ୍ୟର ବିଦ୍ୟାଳୟ ଶିକ୍ଷା ପରିପ୍ରେକ୍ଷ, ସ୍କୁଲ ଭିତିଭୂମିର ଉନ୍ନତିକରଣ, ଜାତୀୟ ପାଠ୍ୟକ୍ରମ ରୂପରେଖ ସହିତ ସମନ୍ୱୟ ରଖି ପାଠ୍ୟପୁସ୍ତକ ଏବଂ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା, ଶିକ୍ଷକଙ୍କ ଦକ୍ଷତା ବିକାଶ, ଜାତୀୟ ଶିକ୍ଷା ନୀତି ୨୦୨୦ ର କାର୍ଯ୍ୟାନ୍ୱୟନ, ପ୍ରଧାନମନ୍ତ୍ରୀ ପୋଷଣ ଏବଂ ସମଗ୍ର ଶିକ୍ଷା ସମେତ ଅନ୍ୟାନ୍ୟ କ୍ଷେତ୍ରୀୟ ଯୋଜନାଗୁଡ଼ିକର ସମୀକ୍ଷା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଥିବା ସହ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ସଚିବ ସଞ୍ଜୟ କୁମାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସଙ୍କ ସମେତ କେନ୍ଦ୍ର ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପିଏମ-ପୋଷଣ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ, ଏସସିଇଆରଟି ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର ପ୍ରମୁଖ ଯୋଗ ଦେଇଥିଲେ ।



### ରାଜଧାନୀରୁ ବିଦା ହେବେ ବାଂଲାଦେଶୀ

## କମିଶନରେଟ ପୋଲିସ ପକ୍ଷରୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରୁ ତଡା ହେବେ ବାଂଲାଦେଶୀ । ଏଥିପାଇଁ ଖୁବ୍‌ଶୀଘ୍ର ଚିହ୍ନଟ କରିବାକୁ ପକ୍ରିୟା ଆରମ୍ଭ କରିଛି କମିଶନରେଟ ପୋଲିସ । ଏନେଇ ସମସ୍ତ ଥାନାକୁ ଅବଗତ କରିଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମିନା । ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ କ୍ରାଇମ ମିଟିଂରେ ସବୁ ଥାନା ଅଧିକାରୀଙ୍କ ସହ ଏନେଇ ଆଲୋଚନା କରିଛନ୍ତି ଭୁବନେଶ୍ୱର ଡିସିପି । ପ୍ରତ୍ୟେକ ଥାନାରେ କେତେ ଅନୁପ୍ରବେଶକାରୀ ରହୁଛନ୍ତି ତାର ତଥ୍ୟ ବାହାର କରିବାକୁ କୁହାଯାଇଛି । ବିଶେଷ କରି ବାଂଲାଦେଶୀ ମାନେ ରାଜଧାନୀକୁ କେମିତି ଆସୁଛନ୍ତି, ଏଠାରେ ରହି କଣ କରୁଛନ୍ତି ତାହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯିବ । ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯିବ । କାଗଜପତ୍ର ଦେଖାଇ ନପାରିଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଖୁବ୍‌ଶୀଘ୍ର ସେମାନଙ୍କୁ ଯାଞ୍ଚ କରାଯାଇ ବାଂଲାଦେଶକୁ ପଠାଇ ଦିଆଯିବ । ଯଦି ଏଥିରେ କୌଣସି ବ୍ୟତିକ୍ରମ ଘଟେ ତେବେ କମିଶନରେଟ୍ ପୋଲିସ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହାକୁ ନେଇ ଏବେ ଅଣନାଗରିକମାନେ ଛାନିଆ ହୋଇପଡ଼ିଛନ୍ତି ।

## ପ୍ରସ୍ତୁତ ହେବ ସମାଜ କଲ୍ୟାଣ ବୋର୍ଡର ପୁନରୁଦ୍ଧାର ରୋଡ୍‌ମ୍ୟାପ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ସୋମବାର ସମାଜ କଲ୍ୟାଣ ବୋର୍ଡର ଗଠନ ଓ କାର୍ଯ୍ୟପ୍ରଣାଳୀ ସମ୍ବନ୍ଧରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମାଜ କଲ୍ୟାଣ ବୋର୍ଡ ତୃଣମୂଳ ସ୍ତରରେ ରାଜ୍ୟସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡିକୁ ସଠିକ ଭାବରେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବ ବୋଲି ଶ୍ରୀମତୀ ପରିଡା ମତ ପ୍ରକାଶ କରିଛନ୍ତି । ରାଜ୍ୟର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ସୁପ୍ରତିଷ୍ଠିତ ଅଣସରକାରୀ ସଂଗଠନକୁ ସମାଜ କଲ୍ୟାଣ ବୋର୍ଡ ଦ୍ୱାରା ତାଲିକାଭୁକ୍ତ କରାଯାଇ ସେମାନଙ୍କ ମାଧ୍ୟମରେ ଗାଁ ଗାଁ ରେ ଜନସଚେତନତା ସୃଷ୍ଟି କରାଯିବ ବୋଲି ସେ ଦୃଢ ମତ ରଖିଛନ୍ତି । ବୋର୍ଡକୁ କାର୍ଯ୍ୟ ପରିସରକୁ ଆହୁରି ବୃଦ୍ଧି କରିବା ନିମନ୍ତେ ବାର୍ଷିକ କାର୍ଯ୍ୟାବଳୀ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି । ବୋର୍ଡର ଭିତିଭୂମି ବିକାଶ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମାଜ କଲ୍ୟାଣ ବୋର୍ଡ ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ ଓ ବିଭାଗୀୟ ଅନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।



ରବିନ୍ଦ୍ରମଣ୍ଡପଠାରେ ଜାଗୃତି ଯାତ୍ରା ନୃତ୍ୟ ମହୋତ୍ସବରେ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ

## ସୁଗମ ନିର୍ବାଚନ ନେଇ ସଂଚାଳନା କମିଟିର ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଉପରେ ନିର୍ବାଚନ ଆୟୋଗ ସବୁବେଳେ ଗୁରୁତ୍ୱ ଦେଇ ଆସିଛି। ଭାରତ ନିର୍ବାଚନ କମିସନ୍‌ର ସମସ୍ତ ନିର୍ଦ୍ଦେଶାବଳୀକୁ ଅନୁପାଳନ କରି ରାଜ୍ୟରେ ଶାନ୍ତିଶୃଙ୍ଖଳା ସହ ସମସ୍ତ ଭୋଟରଙ୍କୁ ସହଜ ଢଙ୍ଗରେ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରିବା ମୁଖ୍ୟ ନିର୍ବାଚନ ଆୟୋଗଙ୍କ ପ୍ରାଥମିକ ଲକ୍ଷ୍ୟ। ତେଣୁ ନିର୍ବାଚନ ସମୟରେ ଦିବ୍ୟାଙ୍ଗମାନେ ଯେପରି ସହଜରେ ବୁଥ୍ କୁ ଆସି ସେମାନଙ୍କର ବହୁମୂଲ୍ୟ ମତଦାନ ସାବ୍ୟସ୍ତ କରିପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ମୁଖ୍ୟ ନିର୍ବାଚନ ଆୟୋଗ, ଓଡ଼ିଶା ଆର.ଏସ୍. ଗୋପାଳନ କମିଟିର ସଦସ୍ୟଙ୍କୁ ପରାମର୍ଶ ଦେଇଛନ୍ତି । ଇସିଆଇର ମାର୍ଗଦର୍ଶିକା ଅନୁଯାୟୀ ସୋମବାର ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସମ୍ମିଳନୀ କକ୍ଷରେ ସୁଗମ ନିର୍ବାଚନ ନେଇ ସଂଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ, ନିର୍ବାଚନ ବୁଥ୍‌ର ଦିବ୍ୟାଙ୍ଗଙ୍କ ଲାଗି ରାମ୍ପ, ସୂଚନା ଫଳକ, ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା, ଆଇଇସି ଜରିଆରେ ସଚେତନତା ସୃଷ୍ଟି, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଉପଯୋଗ ଏବଂ ନିର୍ବାଚନ ଦିବ୍ୟାଙ୍ଗଙ୍କ ସୁବିଧା ଲାଗି କି କି ପଦକ୍ଷେପ ଗ୍ରହଣ କରାଯାଇପାରିବ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଉପ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ନିଲୁ ମହାପାତ୍ର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅତିରିକ୍ତ ଶାସନ ସଚିବ ରଜନୀ ଜାନୀ, ଓସେପାର ଯୁଗ୍ମ ନିର୍ଦ୍ଦେଶକ ଶୁଚିସ୍ମିତା ସାହୁ, ନେହରୁ ଯୁବକେନ୍ଦ୍ରର ଶିବାଜୀ ଖରାତ, ଉଚ୍ଚଶିକ୍ଷା ବିଭାଗର ଉପଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## 'ପୋଲାଭରମ୍‌କୁ ନେଇ ପଦକ୍ଷେପ ସ୍ୱାଗତଯୋଗ୍ୟ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୋଲାଭରମ୍ କୁ ନେଇ ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପ ସ୍ୱାଗତ ଯୋଗ୍ୟ ବୋଲି କହିଛନ୍ତି ବିଜେଡ଼ି ନେତା ପ୍ରଦୀପ ମାଝୀ। ସେ କହିଛନ୍ତି ଯେ ବହୁବାର ବିଜୁ ଜନତା ଦଳ ଏନେଇ ଆନ୍ଦୋଳନ କରିଛି। ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶାର ପ୍ରଭୁତ୍ୱ କ୍ଷତି ହେବାକୁ ଯାଉଛି। ଆଡିବନ୍ଧ ନିର୍ମାଣ ସହ ଉଚ୍ଚତା କମାଇବାକୁ ସୁପ୍ରିମକୋର୍ଟ କହିଛନ୍ତି। କେନ୍ଦ୍ର ତାକୁ ପାଳନ କରୁ। କିନ୍ତୁ ପ୍ରଧାନମନ୍ତ୍ରୀ ଡାକିଥିବା ବୈଠକକୁ ଯିବା ପୂର୍ବରୁ ସରକାର ସମସ୍ତ କ୍ଷତିଗ୍ରସ୍ତଙ୍କ ସହିତ ଆଲୋଚନା କରି ବୈଠକରେ ପ୍ରସ୍ତାବ ରଖନ୍ତୁ ବୋଲି କହିଛନ୍ତି ପ୍ରଦୀପ।

## '୪ ଡେସିମିଲ୍‌ରୁ କମ୍ ଜମି ଥିଲେ ଭୂମିହୀନ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୪ ଡେସିମିଲ୍‌ରୁ କମ୍ ଜମି ଥିଲେ ଭୂମିହୀନ ଭାବେ ଗଣାଯିବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ସମସ୍ତଙ୍କ ପାଖରେ ଅତିକମ୍ ରେ ୪ ଡେସିମିଲ ଜମି ରହିବ। ୪ ଡେସିମିଲରୁ କମ୍ ଜମି ଥିବା ଲୋକଙ୍କୁ ଚିହ୍ନଟ କରାଯିବ। ଘରକୁ ଘର ବୁଲି ସର୍ଭେ ସହ ତାଲିକା ପ୍ରସ୍ତୁତ କରାଯିବ। ଚିହ୍ନଟ ଭୂମିହୀନମାନଙ୍କୁ ବସୁନ୍ଧରା ଯୋଜନାରେ ଜମି ପଟ୍ଟା ଦିଆଯିବ। ସେ କହିଛନ୍ତି ସମସ୍ତଙ୍କ ପାଖରେ ଘର ନିର୍ମାଣ ପାଇଁ ଅତିକମରେ ୪ ଡିସିମିଲ ଜମି ରହିବ। ଓଡ଼ିଶାରେ ଅପର୍ଯ୍ୟାପ୍ତ ଜମି ଅଛି ମାତ୍ର ତାହା ପର୍ଯ୍ୟାପ୍ତ ନୁହେଁ। ଉତରାଧିକାରୀ ସୂତ୍ରରେ କିଏ ୫ ଡିସିମିଲ ପାଇଛି ତ ପୁଣି କିଏ ଅଧା ଡିସିମିଲ ଜମି ପାଇଛି। ଏବେ ବି ଏଭଳି ଅନେକ ଜମି ରହିଛି ଯାହାକି ମୂଳ ଉତରାଧିକାରୀଙ୍କ ନାମରେ ନାହିଁ । କେଉଁଠି ଅଜା ତ ପୁଣି ଆଉ କେଉଁଠି ଜେଜେ ବାପାଙ୍କ ନାମରେ ଜମି ରହିଛି। ତେଣୁ ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଆମ ସରକାର ଓଡ଼ିଶା ଲାଣ୍ଡ ସେଟଲମେଣ୍ଟ ରୁଲ୍ ୧୯୮୩କୁ ସଂଶୋଧନ କରିଛନ୍ତି । ଏ ସଂକ୍ରାନ୍ତୀୟ ନୋଟିଫିକେସନ ମଧ୍ୟ ପବ୍ଲିଶ ହୋଇଛି । ସେଥିପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆହୋଇଛି । ନିଜ ନିଜ ଜିଲ୍ଲାରେ ୪ ଡିସିମିଲରୁ କମ୍ ଜମି ଥିବା ଲୋକଙ୍କୁ ଚିହ୍ନଟ କରି ତାଲିକା ସଂଗ୍ରହ କରାଯିବ। ଘରକୁ ଘର ବୁଲି ସର୍ଭେ କରାଯିବ। ଓଡ଼ିଶାରେ ଯେଉଁମାନେ ଭୂମିହୀନ ଅଛନ୍ତି ସେମାନଙ୍କୁ ବସୁନ୍ଧରା ଯୋଜନାରେ ସରକାର ଜମି ପଟ୍ଟା ଯୋଗାଇ ଦେବେ। ସରକାର କାର୍ଯ୍ୟକାଳ ଭିତରେ କେହି ଭୂମିହୀନ ରହିବେ ନାହିଁ। ସଭିଙ୍କ ପାଖରେ ଅତିକମରେ ୪ ଡିସିମିଲ ଜମିଥିବ।

## ଏକବର୍ଷ ପୂର୍ତ୍ତିରେ ରିପୋର୍ଟ କାର୍ଡ ଦେବ ସ୍କୁଲ ଓ ଗଣଶିକ୍ଷା ବିଭାଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତିରେ ରିପୋର୍ଟ କାର୍ଡ ଦେବ ସ୍କୁଲ ଓ ଗଣଶିକ୍ଷା ବିଭାଗ । ଏକବର୍ଷ ଭିତରେ ଶିକ୍ଷାରେ ସଂସ୍କାର ଆଣିବା ପାଇଁ ଅନେକ ଯୋଜନା ହାତକୁ ନେଇଛି ଗଣ ଶିକ୍ଷା ବିଭାଗ । ଜାତୀୟ ଶିକ୍ଷା ନୀତି ଲାଗୁ କରିବା, ଶିଶୁବାଟିକା ଆରମ୍ଭ, ପିଏମଶ୍ରୀ ସ୍କୁଲ ଆରମ୍ଭ, ୧୬ ହଜାର ଶିକ୍ଷକ ନିଯୁକ୍ତି, ମାଧୋସିଂ ହାତ ଖର୍ଚ୍ଚ ଯୋଜନା ଭଳି ଅନେକ ଯୋଜନା ଲାଗୁ କରାଯାଇଛି । ଯାହାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଶଂସା କରିଛନ୍ତି । ଆଗକୁ ରାଜ୍ୟରେ ଆହୁରି ୩୦୦ ପିଏମ୍‌ଶ୍ରୀ ସ୍କୁଲ ଖୋଲିବା ନେଇ ସୂଚନା ଦେଇଛନ୍ତି ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।



ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ପରାକ୍ରମ ଶୋଭାଯାତ୍ରା

## ଓଡ଼ିଶାର ସ୍ୱାର୍ଥ ସହ କେବେ ବି ସାଲିସ୍ କରାଯିବ ନାହିଁ: ଆଇନ୍‌ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୋଲାଭରମ ବିବାଦକୁ ନେଇ ଚାରି ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା ପ୍ରସଙ୍ଗରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶା ତାର ଯୁକ୍ତି ଉପସ୍ଥାପନ କରିବ । ଓଡ଼ିଶାର ସ୍ୱାର୍ଥ ସହିତ କେବେ ବି ସାଲିସ କରାଯିବ ନାହିଁ । ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ସମସ୍ତ ତଥ୍ୟ ଉପସ୍ଥାପନ କରାଯିବ । ଜଳସମ୍ପଦ ବିଭାଗ ଯୁକ୍ତି ଉପସ୍ଥାପନ କରିବ । ତେଣୁ ବୁଝାମଣା ମାଧ୍ୟମରେ ଯାହା ସମାଧାନ ହୋଇପାରିବ । ଆଲୋଚନା ମାଧ୍ୟମରେ ହେଲେ ବିବାଦର ସମାଧାନ ହେବ । ଜମି, ଜଳ, ଅଞ୍ଚଳର ସବୁ ବିବାଦ ସମାଧାନ ହେବ । ଏ ବାବଦରେ ଗତ ସରକାର ଯେଉଁ ନ୍ୟାୟିକ ଲଢେଇ କରିବା କଥା ସେଥିରେ ପଛଘୁଞ୍ଚା ଦେଲେ । କେବଳ ନିଜର ରାଜନୈତିକ ସ୍ୱାର୍ଥ ଦେଖିଲେ ପୂର୍ବ ସରକାର । ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଗତ ସରକାର ଶୁଣୁନଥିଲେ । ବଧିର ପାଲଟି ଯାଇଥିଲେ ବୋଲି କହି ପୂର୍ବ ସରକାରକୁ ସମାଲୋଚନା କରିଛନ୍ତି ପୃଥ୍ୱୀରାଜ ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଉପଆୟୁକ୍ତ, କମିଶନରେଟ ପୋଲିସ୍ କଟକ, ଖିଲାରି ଋଷିକେଷ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୬୫ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୫୬ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୯ଗୋଟି ସାମୁହିକ ଅଭିଯୋଗ ରହିଛି । ଶୁଣାଣି ଶିବିରରେ ୮ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ତହସିଲଦାର, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ପ୍ରାଣୀଧନ ଅଧିକାରୀ, ଅବକାରୀ ଅଧୀକ୍ଷକ, ଅଧୀକ୍ଷଣ ଯନ୍ତ୍ରୀ, ଜିଲ୍ଲା ନିୟୋଜନ ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ । ଜିଲ୍ଲାପାଳଙ୍କ ପରବର୍ତ୍ତୀ ଜନଶୁଣାଣି ଆସନ୍ତା ୨୬ରେ ନିଆଳି ବ୍ଲକରେ ସକାଳ ୭ ଘଟିକାରେ ଅନୁଷ୍ଠିତ ହେବ ।

## ଗୁପ୍ତଚରଙ୍କୁ ଛଡାଯିବନି: ଆଇନ୍‌ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପାକିସ୍ତାନୀ ଗୁପ୍ତଚର ଲିଙ୍କରେ ୟୁଟ୍ୟୁବର ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ଯେ, ଏ ବାବଦରେ ଏନଆଇଏ ଦାୟିତ୍ୱ ନେଇ ତଦନ୍ତ କରୁଛି । ଯେତେ ଯାହାର ଲିଙ୍କ ବାହାରିବ ସେ ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ । ଯେଉଁମାନେ ଦୋଷୀ ସେମାନେ କଠିନ ଦଣ୍ଡରେ ଦଣ୍ଡିତ ହେବେ । ଯେଉଁମାନେ ପଡୋଶୀ ଦେଶ ପାଇଁ ଗୁପ୍ତଚରଗିରି କରୁଛନ୍ତି ବା ସେଥିରେ ସହାୟତା କରୁଛନ୍ତି । ସେମାନଙ୍କୁ କେବେ ବି ଛଡା ଯିବନାହିଁ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

### ଦୁଷ୍କର୍ମ ପୀଡ଼ିତାଙ୍କୁ ଠକେଇ

## ମହିଳା ପିଇଟିଙ୍କ ସହ ଡାଟାଏଣ୍ଟ୍ରି ଅପରେଟର ଗିରଫ

କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାପାଳ ଅଫିସ୍‌ର ମାଡାମ ବୋଲି ପରିଚୟ ଦେଇ ଜଣେ ନାବାଳିକା ପୀଡ଼ିତାଙ୍କୁ ଠକେଇ ଘଟଣାରେ ଲାଲବାଗ ପୋଲିସ୍ ବେଗୁନିଆ ବ୍ଲକ ପୋଡ଼ାଡିହସ୍ଥିତ ଜନତା ନୋଡାଲ ବିଦ୍ୟାପୀଠର ମହିଳା ପିଇଟି ସଙ୍ଗୀତା ସିଂହ(୩୮) ଓ ଜିଲ୍ଲା ୱେଲଫେୟାର ଅଫିସ୍‌ର ଡାଟାଏଣ୍ଟ୍ରି ଅପରେଟର ଅମୀୟ କୁମାର ସାହୁ(୪୫)ଙ୍କୁ ଗିରଫ କରିଛି । ଗିରଫ ପରେ ପୋଲିସ୍ କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ୪ଟି ମୋବାଇଲ ଫୋନ୍ ଓ ମୋବାଇଲରେ ଥିବା ବିଭିନ୍ନ ବ୍ୟାଙ୍କିଂ କାରବାରର ସ୍କ୍ରିନ ସର୍ଟ ଜବତ କରାଯାଇଛି। ଦୁଇ ଅଭିଯୁକ୍ତ ନରସିଂହପୁରର ନାବାଳିକା ଦୁଷ୍କର୍ମ ପିଡ଼ିତାଙ୍କୁ ଭୟଭୀତ କରାଇ ତାଙ୍କୁ ମିଳିଥିବା ଅନୁକମ୍ପାମୂଳକ ସହାୟତା ରାଶିରୁ ୧.୧ ଲକ୍ଷ ଟଙ୍କା ଠକେଇ କରିଥିବା ଶନିବାର ଲାଲବାଗ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ କେସ୍ ନଂ ୨୦୧/୨୦୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୀଡ଼ିତାଙ୍କୁ ଜିଲା ୱେଲଫେୟାର କାର୍ଯ୍ୟାଳୟରୁ ଗତ ମାର୍ଚ୍ଚ ୨୩ରେ ଅନୁକମ୍ପାମୂଳକ ରାଶି ୩ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅଭିଯୁକ୍ତ ଅମୀୟ କୁମାର ସାହୁ କାର୍ଯ୍ୟାଳୟରେ ଡାଟାଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରନ୍ତି। ସେ ଅନ୍ୟତମ ଅଭିଯୁକ୍ତ ସଙ୍ଗୀତା ସିଂହଙ୍କ ସହ ମିଶି ପିଡ଼ିତାଙ୍କ ସହାୟତା ରାଶି ହାତେଇବାକୁ ଯୋଜନା କରିଥିଲେ। ସଙ୍ଗୀତା ନିଜକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଭାବେ ପରିଚୟ ଦେଇ ପିଡ଼ିତାଙ୍କୁ ଫୋନ୍ କରି ତାଙ୍କୁ ଅଧିକ ୧.୧ ଲକ୍ଷ ଟଙ୍କା ଦିଆଯାଇଥିବା କହିଥିଲେ। ତୁରନ୍ତ ଅଧିକ ଦିଆଯାଇଥିବା ଲକ୍ଷେ ଟଙ୍କା ଫେରସ୍ତ ନକଲେ ସମ୍ପୂର୍ଣ୍ଣ ଟଙ୍କା ତାଙ୍କ ଆକାଉଣ୍ଟକୁ ନେଇଯିବେ ବୋଲି ଧମକ ଦେଇଥିଲେ। ଏଥିରେ ପୀଡ଼ିତା ଡରି ଯାଇଥିଲେ। ଫଳରେ ଫୋନ୍ କଲ୍‌ରେ ଥିବା ମହିଳାଙ୍କୁ କିପରି ଟଙ୍କା ଫେରାଇବି ବୋଲି ପଚାରିଥିଲେ। ମହିଳାଙ୍କ କହିବା ଅନୁଯାୟୀ ୨ଟି ୟୁପିଆଇ ଅକୋଉଣ୍ଟକୁ ୪୯ ହଜାର ଟଙ୍କା ଲେଖାଏ ପଠାଇଥିଲେ। ପୁନର୍ବାର ଆଉ ଏକ ଆକାଉଣ୍ଟକୁ ୨୦୦୦ ଟଙ୍କା ପଠାଇଥିଲେ। ପୀଡ଼ିତା ଟଙ୍କା ପଠାଇବା ପରେ ଯେଉଁ ଫୋନ ନମ୍ବରରୁ କଲ ଆସୁଥିଲା ସେହି ନମ୍ବରରେ ଫୋନ୍ କଲେ। ମାତ୍ର ବାରମ୍ବାର ଫୋନ କରିବା ପାଇଁ ଚେଷ୍ଟା କରିବା ପରେ ବି ସେଗୁଡିକ ସୁଇଚ ଅଫ ବୋଲି ଉତ୍ତର ଆସିଥିଲା। ଫଳରେ ସେ ଠକାମୀର ଶୀକାର ହୋଇଥିବା ନିଶ୍ଚିତ ହୋଇଥିଲେ। ତତ୍‌ପରେ ସେ ଶନିବାର ଏ ନେଇ ଲାଲବାଗ ଥାନାରେ ଏତଲା ଦେଇଥିଲେ।

## ରାଜ୍ୟରେ ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ ପ୍ରକଳ୍ପ ନେଇ ସମୀକ୍ଷା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହି ଜିଓ-ରେଫରେନ୍ସିଂ କାର୍ଯ୍ୟ ଦ୍ୱାରା ଜଙ୍ଗଲ ଜମିର ସଂରକ୍ଷଣ, ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ, ଜଙ୍ଗଲ ଜମି ଉପରେ ଆଦିବାସୀଙ୍କ ଅଧିକାରର ସୁରକ୍ଷା, ଜଙ୍ଗଲ ଉପକଣ୍ଠରେ ରହୁଥିବା ଲୋକଙ୍କର ଅଣଜଙ୍ଗଲଜାତ ଉତ୍ପାଦ ସଂଗ୍ରହ ଏବଂ ଜଙ୍ଗଲ ଜମିକୁ ନେଇ ବିଭିନ୍ନ ସମୟରେ ସୃଷ୍ଟି ହେଉଥିବା ବିବାଦର ଅବସାନ କରିବା ଲକ୍ଷ୍ୟରେ ଏହି ଜିଓ-ରେଫରେନ୍ସିଂ ସହାୟତା କରିବ । ବିଭିନ୍ନ ମାମଲାକୁ ବିଚାରକୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଗଠିତ କେନ୍ଦ୍ରୀୟ କ୍ଷମତାସଂପନ୍ନ କମିଟି ନିର୍ଦ୍ଦେଶରେ କାର୍ଯ୍ୟ ଜାରି ରହିଛି । କମିଟିର ଅଧ୍ୟକ୍ଷ ସିଦ୍ଧାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷକ ପ୍ରେମ କୁମାର ଝା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଉମା ନନ୍ଦୁରୀ, ବନ ସଂରକ୍ଷଣ ଆଇନ ନୋଡାଲ ଅଧିକାରୀ ଡଃ କେ. ମୁର୍ଗେସନ, ଓଏସଡ଼ି ଲିଙ୍ଗରାଜ ଓତା ଏବଂ ବିଭାଗୀୟ ନିର୍ଦ୍ଦେଶକ ଜି. ରାଜେଶଙ୍କ ସମେତ ବିଭିନ୍ନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଥିବା ବୈଷୟିକ ସଂସ୍ଥା ସ୍ପାଟିଆଲ ପ୍ଲାନିଂ ଆଣ୍ଡ ଆନାଲିସିସ୍ ରିସର୍ଚ୍ଚ ସେଣ୍ଟର ପରିଚାଳନା ନିର୍ଦ୍ଦେଶକ ଶୁଭଦର୍ଶୀ ମିଶ୍ର ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ପକ୍ଷରୁ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରାଯାଇଥିଲା ।

## ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ନିମନ୍ତେ ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବାଙ୍ଗୀନ ବିକାଶ, ଓଡ଼ିଆ ଚଳଚ୍ଚିତ୍ରର ବହୁଳ ପ୍ରଚାର ଓ ପ୍ରସାର, ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଏବଂ ଚଳଚ୍ଚିତ୍ର ଜଗତ ସହିତ ସଂଶ୍ଳିଷ୍ଟ ବିଭିନ୍ନ ପ୍ରସଙ୍ଗକୁ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ସୋମବାର ଏକ ବୈଠକର ଆୟୋଜନ କରାଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତର ନିର୍ମାତା, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ, ଲେଖକ, ସଂଗୀତଜ୍ଞ ପ୍ରମୁଖ ବୈଠକରେ ଯୋଗଦେଇ ଚଳଚ୍ଚିତ୍ର ଜଗତର ବିକାଶ ଦିଗରେ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବୈଠକରେ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ପ୍ରତିବର୍ଷ ନିୟମିତ ଭାବରେ ପ୍ରଦାନ କରାଯିବାକୁ ନେଇ ଆଲୋଚନା କରାଯାଇଥିଲା। ଏଥିସହିତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିମନ୍ତେ ବିଚାରମଣ୍ଡଳୀର ସଦସ୍ୟ ଏବଂ ଅଧ୍ୟକ୍ଷଙ୍କ ଚୟନ, କଳା ଏବଂ ଚଳଚ୍ଚିତ୍ର ଜଗତ ସହିତ ସମ୍ପୃକ୍ତ ଥିବା ବ୍ୟକ୍ତି ଓ ବିଶେଷ ଭାବରେ ଯୁବବର୍ଗରୁ ଆସୁଥିବା କଳାପ୍ରେମୀମାନଙ୍କୁ ବିଚାରମଣ୍ଡଳୀରେ ସାମିଲ କରିବା, ପୁରସ୍କାର ରାଶିକୁ ବୃଦ୍ଧି କରିବା, ବର୍ତ୍ତମାନ ୩୩ ଟି ବର୍ଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ଆଗକୁ ଆହୁରି ଅଧିକ ବର୍ଗ ପାଇଁ ପୁରସ୍କାର ପ୍ରଦାନ କରିବାର ବ୍ୟବସ୍ଥା କରିବା, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ୍ ନିର୍ମାଣ କରି ପୁରସ୍କାର ସମ୍ବନ୍ଧୀୟ ସମସ୍ତ ତଥ୍ୟ, ମନୋନୀତ ହୋଇଥିବା ଏବଂ ପୁରସ୍କାର ପାଇଥିବା ସମସ୍ତ ଚଳଚ୍ଚିତ୍ର ଏବଂ କଳାକାରମାନଙ୍କର ବିବରଣୀକୁ ୱେବସାଇଟରେ ସ୍ଥାନିତ କରିବା ଆଦିକୁ ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା ଅରିନ୍ଦମ ରାୟ, ଶ୍ରୀତମ ଦାସ, ସବ୍ୟସାଚୀ ମିଶ୍ର, ହରିହର ମହାପାତ୍ର, ବିଶିଷ୍ଟ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ପିଙ୍କି ପ୍ରଧାନ, ଅନୁ ଚୌଧୁରୀ, ସଂଗୀତଜ୍ଞ ଦେବାଶିଷ ମହାପାତ୍ର, ପଞ୍ଚାନନ ନାୟକ, ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଦୀପ୍ତି ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପନିର୍ଦ୍ଦେଶକ ସୁଶ୍ରୀ ଦେବଯାନୀ ଭୂୟାଁ, ଓଡ଼ିଶା ସାହିତ୍ୟ ଏକଡେମୀ ସଚିବ ଡ଼. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



## 'ଢ଼ୋଲ ଭିତରେ ମୂଷା'

# ପାକ୍ ଗୁଇନ୍ଦାଗିରିର ଲମ୍ବା ଚେର

ଆମ ଓଡ଼ିଆରେ କଥା ଅଛି 'ଢ଼ୋଲ ଭିତରେ ମୂଷା' ବା 'ଘର ଢ଼ିଙ୍କି କୁମ୍ଭୀର'। ଏହାର ଆକ୍ଷରିକ ଅର୍ଥ ହେଉଛି ଘର ଭିତରେ ରହି ଘରର ଶତ୍ରୁକୁ ଭିତିରିଆ ସାହାଯ୍ୟ ସହଯୋଗ କରିବା। ଏବେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବା ବେଳେ ଏବଂ ତିନିଦିନର ଅଘୋଷିତ ଯୁଦ୍ଧ ପରେ ଅସ୍ତ୍ର ବିରତି ଲାଗୁ ହୋଇଥିବା ସମୟରେ ଆମ ଦେଶର କିଛି ସୁନ୍ଦରୀ ତରୁଣୀ ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତି କରୁଥିବାର ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଏହି ଗୁପ୍ତଚର ବୃତ୍ତିର ଚେର ସୁଦୂର ହରିଆନାରୁ ଓଡ଼ିଶାର ପୁରୀ ପର୍ଯ୍ୟନ୍ତ ଲମ୍ବିଥିବାର ତଦନ୍ତରୁ ଜଣାପଡିଛି। ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ହରିଆନାର ଟ୍ରାଭେଲ୍ ୟୁ-ଟ୍ୟୁବର୍ ଜ୍ୟୋତି ମାଲହୋତ୍ରାଙ୍କୁ ପୋଲିସ ଗିରଫ କରିବା ପରେ ଗୋଟିଏ ପରେ ଗୋଟିଏ ସାଂଘାତିକ ତଥ୍ୟ ପଦାକୁ ଆସିବାରେ ଲାଗିଛି। ହରିଆନା ପୋଲିସର ସୂଚନା ଅନୁଯାୟୀ ଏପ୍ରିଲ ୨୨ ତାରିଖର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପୂର୍ବରୁ ଜ୍ୟୋତି ମାଲହୋତ୍ରା ପାକିସ୍ତାନ ଯାଇଥିଲେ। ପ୍ରାୟୋଜିତ ଟ୍ରିପ୍‌ରେ ତାଙ୍କୁ ବାରମ୍ବାର ଶତ୍ରୁଦେଶ ପାକିସ୍ତାନ ଯିବା ପାଇଁ ସୁଯୋଗ ମିଳୁଥିଲା ଏବଂ ତାହାକୁ ସେ ହାତଛଡ଼ା କରୁନଥିଲେ। ପହଲଗାମ୍‌ରେ ଆତଙ୍କବାଦୀଙ୍କ ନୃଶଂସ ଆକ୍ରମଣରେ ୨୬ଜଣ ପର୍ଯ୍ୟଟକ ପ୍ରାଣ ହରାଇବା ପରେ ଭାରତ ବଡ଼ଧରଣର କୂଟନୈତିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ତଦନୁଯାୟୀ ପାକ୍ ଦୂତାବାସର ଯେଉଁ ଅଧିକାରୀଙ୍କୁ ଆମ ଦେଶରୁ ବିତାଡ଼ନ କରାଗଲା, ତାଙ୍କ ସହ ଜ୍ୟୋତି ବରାବର ଯୋଗାଯୋଗରେ ରହିଥିଲେ। ଏହା ବ୍ୟତୀତ ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅନ୍ୟ କେତେକ ସାମାଜିକ ଗଣମାଧ୍ୟମ ସଂସ୍ଥା ସହ ଜ୍ୟୋତିଙ୍କ ସମ୍ପର୍କ ଥିବାର ଅନୁମାନ କରାଯାଉଛି। ହରିଆନାର ହିସାର୍ ଜିଲ୍ଲା ଏସ୍.ପି.ଙ୍କ ବୟାନ ଅନୁଯାୟୀ ପହଲଗାମ୍‌ରେ ଯେଉଁ ସମୟରେ ଆତଙ୍କବାଦୀ ଆକ୍ରମଣ ଚାଲିଥିଲା, ଠିକ୍ ସେତିକିବେଳେ ଏହି ରହସ୍ୟମୟୀ ନାରୀ ପାକ୍ ଦୂତାବାସର ଅଧିକାରୀଙ୍କ ସହ ସମ୍ପର୍କରେ ଥିଲେ। ଏପରିକି ଦୁଇଦେଶ ମଧ୍ୟରେ ଯୁଦ୍ଧ ଚାଲିଥିଲା ସମୟରେ ବି ଜ୍ୟୋତି ପାକ୍ ଗୁଇନ୍ଦା ଅଧିକାରୀଙ୍କ ସହ ଯୋଗାଯୋଗରେ ରହିଥିଲେ। ସବୁଠାରୁ ବଡ଼ କଥା ହେଉଛି ପାକିସ୍ତାନ ଅଧିକାରୀମାନେ ଜ୍ୟୋତିଙ୍କୁ ସେମାନଙ୍କ ଏକ 'ଗୁଇନ୍ଦା ସମ୍ପତ୍ତି' ରୂପେ ବିବେଚନା କରି ତାଙ୍କ ଠାରୁ ଗୋପନୀୟ ତଥ୍ୟଗୁଡ଼ିକ ହସ୍ତଗତ କରୁଥିଲେ। ସାରୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ପୋଲିସ ଟ୍ରାଭେଲ୍ ୟୁ-ଟ୍ୟୁବର ଜ୍ୟୋତିଙ୍କୁ ପଚରାଉଚରା କଲାବେଳେ ପୁରୀ କାଳିକାଦେବୀ ସାହିର ୟୁ-ଟ୍ୟୁବର୍ ପ୍ରିୟଙ୍କା ସେନାପତିଙ୍କ ସହ ତାଙ୍କର ସମ୍ପର୍କ ଥିବାର ଜାଣିବାକୁ ପାଇଛି। ପ୍ରିୟଙ୍କା ପୁରୀରେ କେବଳ ଜ୍ୟୋତିଙ୍କୁ ସାକ୍ଷାତ କରିନଥିଲେ, ତାଙ୍କ ସହିତ ପାକିସ୍ତାନର କର୍ତ୍ତାରପୁରକୁ ଯାଇଥିଲେ। କେବଳ ସେତିକି ନୁହେଁ, ଦୁହେଁ ମିଶି ଜାମ୍ମୁ-କାଶ୍ମୀରର ପହଲଗାମ୍‌କୁ ବୁଲିବାକୁ ଯିବା ଘଟଣାଟିକୁ ଅଧିକ ରହସ୍ୟମୟ କରିଛି। ବିଗତ ଦିନରେ ପୁରୀର ଏହି ଝିଅ ଶ୍ରୀମନ୍ଦିର ଉପରେ ଏକ ଡ୍ରୋନ୍ ଉଡ଼ାଇବାକୁ ଉଦ୍ୟମ କରିଥିବାର ପୋଲିସ ସୂତ୍ରରୁ ଜଣାପଡିଛି। ଏହି ଘଟଣା ଜାତୀୟ ନିରାପତ୍ତା ସହ ଜଡ଼ିତଥିବାରୁ ଜିଲ୍ଲା ପୋଲିସ ଓ ଗୁଇନ୍ଦା ସଂସ୍ଥା ମିଳିତ ଭାବରେ ପଚରାଉଚରା ଚଳାଇ ଜ୍ୟୋତି-ପ୍ରିୟଙ୍କା ବନ୍ଧୁତାର ଖୋଳତାଡ଼ କରୁଛନ୍ତି। ତେବେ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରିୟଙ୍କା ପ୍ରତିଶ୍ରୁତି ଦେଇଥିବାରୁ ଏ କ୍ଷେତ୍ରରେ କିଛି ନୂଆ ତଥ୍ୟ ମିଳିପାରିବ ବୋଲି ଆଶା କରାଯାଉଛି। ଦେଶ ଭିତରେ ରହି ଶତ୍ରୁ ପକ୍ଷ ପାଇଁ ଗୁଇନ୍ଦାଗିରି କରିବା ନିଶ୍ଚିତ ଭାବରେ ଏକ ଦେଶଦ୍ରୋହ କାର୍ଯ୍ୟ ଏବଂ ଏଭଳି ଅପରାଧ ଆଦୌ କ୍ଷମଣୀୟ ନୁହେଁ। ଭାରତ ସରକାର ଏହି ଅପରାଧର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍।

## ନୀତିବାଣୀ

**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ଯୁଦ୍ଧରେ ଅସ୍ତ୍ରବିକ୍ରେତାଙ୍କ ଲାଭ



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦

ତେଲ ହେଉଛି ଗୋଟିଏ ସମ୍ପଦ ଶତାବ୍ଦୀ ଶତାବ୍ଦୀ ଧରି ସାମ୍ରାଜ୍ୟମାନେ ବିଭିନ୍ନ ଦେଶର ବିଜୟକୁ ଯୁକ୍ତିସିଦ୍ଧ ବୋଲି ପ୍ରମାଣିତ କରିଦେଇଥିଲେ ସଭ୍ୟତା ନାଁରେ। ବିଂଶ ଶତାବ୍ଦୀରେ କିନ୍ତୁ ଯୁଦ୍ଧ ଏକ ବ୍ୟବସାୟରେ ପରିଣତ ହୋଇଛି। ଯାହାକୁ ସଭ୍ୟତା ବୋଲି କୁହାଯାଉଛି। କେବଳ ଏହି ଯୁଦ୍ଧକୁ ନୂଆ ରୂପରେ ଗୋଟିଏ ବ୍ୟବସାୟ ରୂପରେ ପରିଣତ କରାଯାଇଛି ଏବଂ ଶିଳ୍ପପତିମାନେ ସେମାନଙ୍କର ବୋର୍ଡ ରୁମ୍‌ରେ ବସି ଯୁଦ୍ଧାସ୍ତ୍ର ବିକୁଛନ୍ତି ବା ଯୁଦ୍ଧ କରୁଛନ୍ତି ସେମାନଙ୍କୁ ଆଉ ଟ୍ରେଞ୍ଚ(ଖୋଳାଯାଇଥିବା ଗାତ) ବା ବଙ୍କର ଭିତରକୁ ଆଉ ଯିବାକୁ ପଡୁନାହିଁ ବା ବୋମାରୁ ସୁରକ୍ଷିତ ସ୍ଥାନକୁ ଯିବାକୁ ପଡୁନାହିଁ। ବର୍ତ୍ତମାନର ସେନାବାହିନୀ ହେଉଛି ବହୁତ ଶକ୍ତିଶାଳୀ। ଏହା ହେଉଛି ଅଧିକ ନିର୍ଦ୍ଦୟ। ଏହାର ଯୁଦ୍ଧକ୍ଷେତ୍ର ହେଉଛି ବିଶ୍ୱ ଅର୍ଥନୀତି ଏବଂ ଏହାର ଅସ୍ତ୍ରଶସ୍ତ୍ର ହେଉଛି ନୀତି ନିୟମ।

### ଶୀତଳ ଯୁଦ୍ଧ

ଶୀତଳ ଯୁଦ୍ଧ ବେଳେ ସୃଷ୍ଟି ହୋଇଥିବା ଆତଙ୍କବାଦ ବିରୁଦ୍ଧରେ ଲଢ଼େଇ ଏବେ ବଞ୍ଚିଛି ଗୋଟିଏ ଡିଜିଟାଲ ସମୟରେ ଯେତେବେଳେ ମାରିବା ପାଇଁ ବାହାର ଶକ୍ତିକୁ ବ୍ୟବହାର କରାଯାଉଛି ଏବଂ ଯୁଦ୍ଧାସ୍ତ୍ରଗୁଡ଼ିକ ଆପେ ଆପେ କାମ କରୁଛନ୍ତି। ଡ୍ରୋନ୍, କ୍ଷେପଣାସ୍ତ୍ର, ବର୍ଦ୍ଧିଷ୍ଣୁ ବଜେଟ ହେଉଛି ଏବେ ଲଢ଼େଇର ଅସ୍ତ୍ର। କାରଣ ଏହି ଅସ୍ତ୍ରଶସ୍ତ୍ର ବ୍ୟବହାର ଯୋଗୁଁ ସବୁ କିଛି ଆପେ ଆପେ ଠିକ୍ ହେଉଛି। ଏହା ଶାନ୍ତି ପାଇଁ ଘଟୁନାହିଁ। କିନ୍ତୁ ଏହା ହେଉଛି ଯୁଦ୍ଧ ପାଇଁ ଗୋଟିଏ ଚିରସ୍ଥାୟୀ ପ୍ରସ୍ତୁତି। ବର୍ତ୍ତମାନର ସମାଜରେ ଗୋଟିଏ ଅଙ୍କକଷା ଯୁଗରେ ଯୁଦ୍ଧ ହେଉଛି ଗୋଟିଏ ଷ୍ଟକ ମାର୍କେଟର ଘଟଣା। ଏହାର ପଛରେ ଥିବା ଶକ୍ତିମାନେ ସବୁ ଲଢ଼େଇକୁ ଗୋଟିଏ ବ୍ରାଣ୍ଡରେ ପରିଣତ କରିଥାନ୍ତି। ଯାହାକୁ ଅତି ସୂକ୍ଷ୍ମ ଭାବରେ ଉପସ୍ଥାପିତ କରାଯାଇଥାଏ ଏବଂ ଏଥିରେ ନାନାପ୍ରକାର ନାମ ମଧ୍ୟ ଦିଆଯାଇଥାଏ। ଏଥିରେ କେତେ ପ୍ରତିଶତ ଲାଭ ବା କ୍ଷତି ହେଲା ସେକଥା କୁହାଯାଇଥାଏ। ଡ୍ରୋନମାନେ ଗ୍ରାମାଞ୍ଚଳ ଉପରେ ଉଡ଼ି ବୁଲୁଥାନ୍ତି ଯେତେବେଳେ ବଜାରମାନେ ଲାଭ କରନ୍ତି।

### ଭାରତ ଏବେ କେଉଁଠି ?

ଭାରତ ଏବେ ଇତିହାସର ଛକରାସ୍ତାରେ ଛିଡ଼ା ହୋଇଛି ଏହାର ଅର୍ଥନୀତି ବଢୁଛି। ଏହାର ବିଶ୍ୱ ମର୍ଯ୍ୟାଦା ମଧ୍ୟ ବଢୁଛି। ଏହାର ସମାଜ ଶାନ୍ତି ଏବଂ ସମୃଦ୍ଧି ଚାହେଁ। ତଥାପି ମଧ୍ୟ ଏବେ ପହଲଗାମ୍‌ଠାରେ ପାକିସ୍ତାନୀ ପୋଷିତ ଆତଙ୍କବାଦୀମାନଙ୍କର ହତ୍ୟା ଓ ଅପରେସନ ସିନ୍ଦୁର ପ୍ରମାଣିତ କଲା ଯେ, ଯୁଦ୍ଧର ବାତାବରଣ ସମ୍ଭବ ହୋଇପାରେ ଓ ଏହ ସମ୍ଭାବନାର ଅନ୍ତନାହିଁ। ଭାରତ ବର୍ତ୍ତମାନ ଏକ ଶକ୍ତି ହିସାବରେ ବଢୁଛି ଓ ନିଜକୁ ସୁରକ୍ଷିତ କରି ରଖିବା ପାଇଁ ଚେଷ୍ଟାରେ ଲାଗିଛି ଏବଂ ଭାରତ ଏହି ଯୁଦ୍ଧ ଯନ୍ତ୍ରପାତି ମଧ୍ୟରେ କ୍ରମଶଃ ଫସିରହୁଛି। ଭାରତ ପାଇଁ ଯୁଦ୍ଧ କେବେ ହେଲେ ଗୋଟିଏ ବିକଳ୍ପ ନୁହେଁ। ସବୁବେଳେ ଭାରତ ଉପରେ ଯୁଦ୍ଧକୁ ଲଦି ଦିଆଯାଇଛି।

### ଯୁଦ୍ଧର ଖର୍ଚ୍ଚ କେତେ ?

୨୦୨୫ରେ ଭାରତ ତା'ର ବଜେଟରେ ୭୫୦୦ କୋଟି ଡଲାର ପ୍ରତିରକ୍ଷା ପାଇଁ ବ୍ୟବସ୍ଥା କରିଥିଲା ଏହା ହେଉଛି ମୋଟ ବଜେଟର ୧୩.୪୫ ପ୍ରତିଶତ। ଏହା ହେଉଛି ଗୋଟିଏ ଆତ୍ମରକ୍ଷା। ଯେତେବେଳେ କନ୍ଧାରରୁ ଭୂତ ରୂପେ ଆତଙ୍କବାଦ ଆକ୍ରମଣ କରେ ଯେମିତିକି ଲକ୍ସର-ଇ-ତୋଇବା ଏ ପର୍ଯ୍ୟନ୍ତ ମଧ୍ୟ ଭୟ ସୃଷ୍ଟି କରୁଛି। ଯେମିତିକି ଛବିଶ ଜଣ ନିର୍ଦ୍ଦେଶ ଲୋକଙ୍କୁ ଗତ ଏପ୍ରିଲ ୨୨ରେ ପହଲଗାମ୍‌ରେ ହତ୍ୟା କରିବା ଓ ଏହାର ପ୍ରତିବାଦରେ ଭାରତ 'ଅପରେସନ ସିନ୍ଦୁର' ଆରମ୍ଭ କରିଥିଲା। ଯେଉଁଥିରେ ଡ୍ରୋନ ଏବଂ କ୍ଷେପଣାସ୍ତ୍ରମାନଙ୍କର ନିର୍ଦ୍ଦିଷ୍ଟ ସ୍ଥଳରେ ଆକ୍ରମଣ ହୋଇଥିଲା। ଏଗୁଡ଼ିକ ଆତଙ୍କବାଦ ମାନଙ୍କର ସୀମାରେଖା ନିକଟରେ ଥିବା ଘାଟୀଗୁଡ଼ିକ ଉପରେ କରାଯାଇଥିଲା। ଏହାଫଳରେ ମୁମ୍ବାଇର ଷ୍ଟକର ମାର୍କେଟ ନିଫଟି ୪.୩୨ ପ୍ରତିଶତ ମେ' ୧୩ରେ ବଢ଼ିଥିଲା ଏବଂ ଡ୍ରୋନ ନିର୍ମାଣକାରୀ ଦିନ ଆଇଡିଆ ଫୋର୍ଜର ଅଂଶଧନର ମୂଲ୍ୟ ଷ୍ଟକ ମାର୍କେଟରେ ୨୦ପ୍ରତିଶତ ବଢ଼ିଥିଲା। ଏହା ଘଟିବା ସଂଗେ ସଂଗେ ଷ୍ଟକ ମାର୍କେଟରେ ନିବେଶକାରୀ ମାନେ ଏହି କମ୍ପାନୀରେ ଅଧିକ ପୁଞ୍ଜିଲଗାଣ କରିଥିଲେ ଓ ଷ୍ଟାର୍କ ମାର୍କେଟ ମଧ୍ୟ ପୁଣି ବଢ଼ିଥିଲା। କିନ୍ତୁ ଏହା ମଧ୍ୟରେ ଲୁଚି ରହିଛି ଆହୁରି ଅସୁବିଧା ସୃଷ୍ଟିକାରୀ ସତ୍ୟ। ତା' ହେଉଛି ଯେଉଁ ଦେଶକୁ ରକ୍ଷା କରିବା ପାଇଁ ଯୁଦ୍ଧର ଆବଶ୍ୟକ ହୁଏ, ତାହା ସେ ଦେଶର ରକ୍ତ ମଧ୍ୟ ଶୋଷିଥା ଏବଂ ସେଥିପାଇଁ ଯୁଦ୍ଧ ହେଉଛି ଶେଷ କଥା। ୨୦୨୦ରୁ ୨୦୨୫ ମଧ୍ୟରେ ଭାରତ ପ୍ରତିରକ୍ଷା ସାମଗ୍ରୀ କରିବା ପାଇଁ ୩୫୦୦୦ କୋଟି ଡଲାର ବ୍ୟୟ କରିଛି। ଭାରତ ଏହି ଖର୍ଚ୍ଚ ପ୍ରତିରକ୍ଷା ନାମରେ କରିଛି। ଏହାଛଡ଼ା ଚାଳକବିହୀନ ବିମାନମାନଙ୍କ ପାଇଁ ୧୫୦୦ କୋଟି ଡଲାର ଖର୍ଚ୍ଚ କରିଛି ଯେଉଁ ବିମାନମାନ ବିଦେଶୀ ଆକ୍ରମଣରୁ ଦେଶକୁ ରକ୍ଷା କରିବେ।

ଏହା ହେଲା ଫଳରେ ଦେଶର ବିତ୍ତୀୟ ନିଅଣ୍ଟ ୫.୮ ପ୍ରତିଶତକୁ କମିଛି। ୨୦୨୪ ମୋଟ ଜାତୀୟ ଉତ୍ପାଦର (ଜିଡିପି) ମୁଦ୍ରାସ୍ଫୀତି ବର୍ତ୍ତମାନ ୬.୨ପ୍ରତିଶତରେ ପହଞ୍ଚିଛି ୨୦୨୫ରେ। ଯାହାଫଳରେ ୪୦ କୋଟି ମଧ୍ୟମବର୍ଗ ଲୋକଙ୍କର ଜୀବନଧାରଣ କଷ୍ଟକର ହୋଇପଡ଼ିଛି। ସୀମାବର୍ତ୍ତୀ ବାଣିଜ୍ୟ ଏବେ ପ୍ରାୟ ସମାପ୍ତ ହେବା ଅବସ୍ଥାରେ। କାଶ୍ମୀରରେ କେବଳ ଏଥିପାଇଁ ୧୨୦ କୋଟି ଡଲାରର କ୍ଷତି ହୋଇଛି ବର୍ଷକୁ। ମୁଖ୍ୟତଃ ସେଠାକାର ଆପୋଲୋ ବଗିଚା ଓ ବୟନଶିଳ୍ପର ବିକ୍ରି କମିଯାଇଛି। ପର୍ଯ୍ୟଟନ ଯାହାକି ଦିନେ ଜାମ୍ମୁକାଶ୍ମୀରର ଜୀବନଶକ୍ତି ଥିଲା ତାହା ଏବେ ୩୫ପ୍ରତିଶତ କମିଛି ୨୦୨୦ଠାରୁ। ଜାମ୍ମୁକାଶ୍ମୀରରେ ୨ଲକ୍ଷ କାମ ମଧ୍ୟ ନଷ୍ଟହୋଇଛି। ସାମ୍ବା ପରି ସ୍ଥାନମାନଙ୍କରେ ୧୫୦୦୦ ବ୍ୟବସାୟମାନେ ବର୍ତ୍ତମାନ ଦୋହଲି ଯାଇଛନ୍ତି। ୨୦୨୨ରୁ ସୀମା ପାର୍ ଉତ୍ତେଜନ ହେତୁ ଏପରି ଘଟିଛି। ଯେତେବେଳେ ଡ୍ରୋନଗୁଡ଼ିକ ଆକ୍ରମଣ କରନ୍ତି ଓ ଦ୍ୱିପାକ୍ଷିକ ବିବାଦ ବଢ଼େ ସେତେବେଳେ ସାମାଜିକ କ୍ଷତି ଅନେକ ହୋଇଥାଏ। କାଶ୍ମୀରର ୧୨ଲକ୍ଷ ଲୋକ ସବୁବେଳେ ଭୟର ବାତାବରଣ ମଧ୍ୟରେ ବଞ୍ଚି ରହିଥାନ୍ତି। ୨୦୨୦ରୁ ଇତିମଧ୍ୟରେ ୧୨୦୦ ଜୀବନହାନୀ ଆତଙ୍କବାଦ ଯୋଗୁଁ ସେଠାରେ ସେ ରାଜ୍ୟରେ ଘଟିଲାଣି। ଏହାଛଡ଼ା ୩ ହଜାର ୪୦୦ ଲୋକ ସେଠାରେ ମୃତ୍ୟୁବରଣ କରିଛନ୍ତି। ଏ ଦୁଃଖ ହେଉଛି ଆହୁରି ଅଧିକ। ଗୋଟିଏ ଆକଳନରୁ ଜଣାପଡିଛି କାଶ୍ମୀରର ୩୦ପ୍ରତିଶତ ଲୋକ ଭୟ ଓ ମାନସିକ ଚାପରେ ସବୁବେଳେ ରହିଥାନ୍ତି। ଏଠାରେ ଯେତେବେଳେ କୌଣସି ଲଢ଼େଇ ହୁଏ, ସେତେବେଳେ ସ୍କୁଲ ଗୁଡ଼ିକ ବନ୍ଦ ହୋଇଯାଏ। ୧,୫୦,୦୦୦ ପିଲା ସେତେବେଳେ ଶିକ୍ଷାରୁ ବଞ୍ଚିତ ହୁଅନ୍ତି। ସେଠାରେ ଅନେକ ସମୟରେ ସାମ୍ପ୍ରଦାୟିକ ଉତ୍ତେଜନା ଲାଗି ରହିଛି। ୨୦୨୪ରେ ୩୨୦ଟି ସାମ୍ପ୍ରଦାୟିକ ଦଙ୍ଗା ସେଠାରେ ଘଟିଛି ଯାହା ହେଉଛି ପୂର୍ବ ଅପେକ୍ଷା ୨୫ପ୍ରତିଶତ ଅଧିକ। ଏହାଛଡ଼ା ସୀମା ପାଖରେ ଥିବା ୧୦ହଜାର ଗାଁ ଗୁଡ଼ିକ ୨୦୨୨ରୁ ସାମ୍ପ୍ରଦାୟିକ ସଦ୍‌ଭାବର ସ୍ଥାନ ହୋଇ ରହିଥିଲେ ମଧ୍ୟ ଏବେ ସେଗୁଡ଼ିକ ଭୂତ ସହରରେ ପରିଣତ ହୋଇଛି।

### ପାକିସ୍ତାନର ଅବସ୍ଥା ଆହୁରି ଶୋଚନୀୟ

ଏହା ଏକ ପ୍ରକାର ଦେବାଳିଆ ଓ ବିଭକ୍ତିକରଣ ଅବସ୍ଥାରେ ପହଞ୍ଚିଲାଣି। ୟୁକ୍ରେନ-ଋଷିଆ ଯୁଦ୍ଧରେ ଦୁଇ ଦେଶର ସେନା ସମ୍ପୃକ୍ତ ରହିଛନ୍ତି। ୨୦୨୨ରୁ ଆମେରିକାର ଅସ୍ତ୍ର ଉତ୍ପାଦନକାରୀମାନେ ଏହାଦ୍ୱାରା ବହୁତ ଲାଭବାନ ହୋଇଛନ୍ତି। ଲକଡିଡ୍ ମାର୍ଟିନର ଏଚ୍ଆଇଏମ୍ଏଆର୍ଏସ୍ ବିକ୍ରି ୟୁକ୍ରେନ୍ ପାଇଁ ବହୁତ ଲାଭ ଆଣି ଦେଇଛି ଯାହା ୨୦୨୪ରେ ୧୪ପ୍ରତିଶତ ଅଟେ। ଯେତେବେଳେ ରେ ଫେୟୋନ କ୍ଷେପଣାସ୍ତ୍ର ଚୁକ୍ତି ୨୦ପ୍ରତିଶତ ସାଧାରଣ ଲୋକକୁ ମାରିଛି। ଯାହାମଧ୍ୟରୁ ୟୁକ୍ରେନ୍‌ରେ ମରିଛନ୍ତି କେବଳ ୧୨୦୦ ୨୦୨୪ରେ। କିନ୍ତୁ ତଥାପି ମଧ୍ୟ ବଜାର ଉପରକୁ ଉଠିଛି ବୋଲି କୁହାଯାଉଛି। କାରଣ ଏହି କମ୍ପାନୀମାନେ ସେମାନଙ୍କ ପାଇଁ କାମ କରିବାକୁ ପୂର୍ବତନ ବଡ଼ ବଡ଼ ଅଫିସର ବା ରାଜନୀତିଜ୍ଞମାନେ ଅଛନ୍ତି।

ପ୍ରାୟ ୭୦୦ ଜଣ ପୂର୍ବତନ ଉଚ୍ଚପଦବୀରେ ଥିବା ସରକାରୀ ଅଫିସରମାନେ ଆମେରିକାରେ ପ୍ରତିରକ୍ଷା କଣ୍ଟ୍ରାକ୍ଟର ପାଖରେ କାମ କରୁଛନ୍ତି ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ଜେନେରାଲ ଓ ଆଡମିରାଲମାନେ(ନୌସେନାର ସେନାପତି)। ଗୋଟିଏ ରିପୋର୍ଟରେ କୁହାଯାଇଛି ଯେ, ବୋଇଂ ରେଫେୟନ ଓ ଜେନେରାଲ ଇଲେକ୍ଟ୍ରିକ୍ ୮୫୬୪ ଓ ୬୦ଜଣ ପୂର୍ବତନ ସରକାରୀ ଅଫିସରମାନଙ୍କୁ ତାଙ୍କ କମ୍ପାନୀର ଉଚ୍ଚପଦାଧିକାରୀ ଓ କମ୍ପାନୀ ପାଇଁ ପ୍ରଭାବ ବିସ୍ତାର କରୁଥିବା ବ୍ୟକ୍ତି ହିସାବରେ କାମ କରୁଛନ୍ତି। ଏହା ନିଶ୍ଚିତ ଯେ, ଏମାନଙ୍କ ମଧ୍ୟରୁ କେତେକ ପଶ୍ଚିମ ଏସିଆ ସହିତ ଯୁଦ୍ଧ ଚୁକ୍ତିରେ ଅଛନ୍ତି। ସାଉଦି ଆରବିଆର ୧୪୨୦୦ କୋଟି ଡଲାର ଅର୍ଥ ଚୁକ୍ତି ଆମେରିକାର ସହିତ ହୋଇଛି ଯେତେବେଳେ ଗତ ସପ୍ତାହରେ ଟ୍ରମ୍ପ୍ ସାଉଦି ଆରବିଆକୁ ଯାଇଥିଲେ। ଏହାଛଡ଼ା ୬୦୦୦୦ କୋଟି ଡଲାରର ଅର୍ଥଶସ୍ତ୍ର ବିକ୍ରି ହେତୁ ସେ କମ୍ପାନୀମାନଙ୍କର ଅଂଶଧନ ଆହୁରି ବଢ଼ିଛି। କିନ୍ତୁ ଏହାଫଳରେ ହାଉଦି, ହାଜବୁଲା ଓ ହାମାସ ଆକ୍ରମଣ ହେତୁ ପଶ୍ଚିମ ଏସିଆ ଆଜି ଜଳୁଛି।

### ଭାରତ କରିବ କ'ଣ ?

ଭାରତକୁ ବର୍ତ୍ତମାନ କୁହାଯାଉଛି ଏହି ଅସ୍ତ୍ରକିଣା ପ୍ରତିଯୋଗିତା ଆହୁରି ଗଭୀର ଭାବରେ ସମ୍ପୃକ୍ତ ହେବା ପାଇଁ ଏବଂ ଆମେରିକା ଠାରୁ ଟିଏଚ୍ଏଏଡି କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥାକୁ କିଣିବା ପାଇଁ। ଏହାଛଡ଼ା ଡ୍ରୋନମାନଙ୍କର ଭଣ୍ଡାରକୁ ବଢ଼ାଇବା ପାଇଁ କୁହାଯାଉଛି। ଯାହା ସୀମାନ୍ତ ଅଞ୍ଚଳରେ ଲାଗୁ ହେବ। କିନ୍ତୁ ଏହି ରାସ୍ତା ଚାହେଁ ଯେ, ଯଙ୍କଳର ସ୍ୱୀକୃତି ମିଳୁ। ଏଥିପାଇଁ ଯେଉଁ ଅର୍ଥ ବ୍ୟୟିତ ହେଉଛି ସେଗୁଡ଼ିକ ସ୍କୁଲ, ହସ୍ପିଟାଲ, ଗ୍ରାମାଞ୍ଚଳ ବିକାଶ ପାଇଁ ଖର୍ଚ୍ଚ ହେଉନି। ପ୍ରତ୍ୟେକଟି ଡ୍ରୋନ ହେଉଛି ଗୋଟିଏ ବାଜି। ଯାହା କେହି ଜଣେ କୌଣସି ଜାଗାରେ ଆବଶ୍ୟକ କରିବ ରକ୍ତକ୍ଷରଣ ପାଇଁ। ଏହା ସେନା ବାହିନୀମାନଙ୍କର ରକ୍ତ ପିଇବାର ଇଚ୍ଛାକୁ ବଢ଼ାଉଛି।

### କ'ଣ କରାଯିବା ଉଚିତ ?

ଏହି ଧାରାକୁ ଭାଙ୍ଗିବା ପାଇଁ ଭାରତ ସାହସର ସହିତ କାର୍ଯ୍ୟ କରିବା ଉଚିତ୍। ଗୋଟିଏ ବିକଶିତ ଭାରତ ସୃଷ୍ଟି କରିବା ପାଇଁ ସୀମାବର୍ତ୍ତୀ ଅଞ୍ଚଳରେ ଯେଉଁ ଆତଙ୍କବାଦୀମାନେ ସୃଷ୍ଟି ହୋଇଛନ୍ତି ସେମାନଙ୍କୁ ସମାପ୍ତ କରିବା ଉଚିତ୍। ଏହାପରେ ପ୍ରତିରକ୍ଷା ବଜେଟର ଆକାରକୁ କମାଇ ହେବ ଏବଂ ସେଥିରୁ ବଳୁଥିବା ଅର୍ଥକୁ ଶିକ୍ଷା, ସ୍ୱାସ୍ଥ୍ୟ, ଜଳବାୟୁ ସଂରକ୍ଷଣ ଓ ଅତ୍ୟାଧୁନିକ ଗୁପ୍ତଚର ନେଟଓ୍ୱାର୍କକୁ ତିଆରି କରିବା ପାଇଁ ବ୍ୟୟିତ କରି ହେବ। ଏହାର ଅର୍ଥ ହେଉଛି ଭବିଷ୍ୟତରେ ଏହି ଅର୍ଥକୁ ପୁଞ୍ଜି ହିସାବରେ ଲଗାଣ କରିହେବ। ଚିରସ୍ଥାୟୀ ପ୍ରତିରୋଧର ନିଆଁରେ ଏହାକୁ ଲଗାଯାଇ ପାରିବ ନାହିଁ। ସେନାବାହିନୀମାନେ ସୀମାହୀନ ଯୁଦ୍ଧ ଉପରେ ବଞ୍ଚିଥାନ୍ତି। କିନ୍ତୁ ଭାରତ ପରି ଗୋଟିଏ ଦେଶ ଏହାକୁ ଆଉ ବଢ଼େଇବା ଉଚିତ ନୁହେଁ।

### ଭାରତ ଯୁଦ୍ଧ ଜିତି ସାରିଛି

ପାକିସ୍ତାନ ବିରୁଦ୍ଧରେ ଭାରତ ଯୁଦ୍ଧକୁ ଜିତିସାରିଛି। ଏବେ ପ୍ରଶ୍ନ ଉଠୁଛି ଶାନ୍ତି ପାଇଁ ପ୍ରଚେଷ୍ଟାରେ ଭାରତ ମୁଣ୍ଡ ଟେକି ଜିତି ପାରିବ କି ? ତା'ର ଆତ୍ମାକୁ ବିକି ଭାରତ ଏହା କରିପାରିବ ନାହିଁ ଏବଂ ଭାରତ ତା'ର ଯନ୍ତ୍ରଣାରୁ ଲାଭ କରିପାରିବନି। ପ୍ରତ୍ୟେକ ସ୍ଥାନରେ ମୁହଁନଥିବା ଗୋଟିଏ ପଦ୍ଧତିକୁ ନେଇ ଓ ବିବେକକୁ ନେଇ ଦେଶ ଉପରକୁ ଯାଉଛି ବୋଲି କହିପାରିବ ନାହିଁ। କିନ୍ତୁ ସ୍ୱାର୍ଥର ମିଶ୍ରଣ ହେବା ଉଚିତ। ପ୍ରତିରକ୍ଷା ଶିଳ୍ପ ଗୁଇନ୍ଦା ସଂସ୍ଥା ରାଜନୈତିକ ବ୍ୟକ୍ତି ଲବି କରୁଥିବା ବ୍ୟକ୍ତି ଓ ଘରୋଇ କ ଣ୍ଟ୍ରାକ୍ଟରମାନେ ଏହି ଯୁଦ୍ଧରେ ଲାଭାନ୍ୱିତ ହୋଇଥାନ୍ତି। ଏହା ସେମାନଙ୍କର ସ୍ୱାର୍ଥକୁ ରକ୍ଷା କରିଥାଏ। ଏମାନଙ୍କର ଲକ୍ଷ୍ୟ ଭାରତର ସୁରକ୍ଷା ନୁହେଁ କିନ୍ତୁ ନିଜକୁ ଦୃଢ଼ କରିବା ଲାଭଦ୍ୱାରା ହେଉଛି ଏମାନଙ୍କର ମୂଳଲକ୍ଷ୍ୟ। ତେଣୁ ଏମାନେ ଯେକୌଣସି ବାଟରେ ପ୍ରଭାବ ବିସ୍ତାର କରନ୍ତି। ଲକ୍‌ହିଡ ମାର୍ଟିନ, ରାଏଥେଓନ, ନର୍ଥର ଗ୍ରୁମାନ, ବିଏଇ ସିଷ୍ଟମ ଗୁଡ଼ିକ ସାଧାରଣ କମ୍ପାନୀ ନୁହଁନ୍ତି। ସେମାନେ ରାଷ୍ଟ୍ରର ନିତି ନିର୍ଦ୍ଧାରଣ କରନ୍ତି। ସେମାନେ ପ୍ରଚାର କ୍ଷେତ୍ରରେ ଅର୍ଥ ଦିଅନ୍ତି। ସେମାନେ କମ୍ପାନୀ ବୋର୍ଡରୁମ୍ ମାନଙ୍କରେ କୌଶଳ ତିଆରି କରନ୍ତି। ଯୁଦ୍ଧ ଅର୍ଥନୀତି ଉପରେ ୨୦୨୩ରେ ଆମେରିକାର ପ୍ରତିରକ୍ଷା କମ୍ପାନୀମାନେ ପ୍ରାୟ ୧୩ କୋଟି ଡଲାର ଖର୍ଚ୍ଚ କରିଥିଲେ ଆମେରିକାର କଂଗ୍ରେସର ସଦସ୍ୟମାନଙ୍କୁ ପ୍ରଭାବିତ କରିବା ପାଇଁ। କାରଣ ପ୍ରତ୍ୟେକ ଯୁଦ୍ଧ ବିମାନ ପ୍ରତ୍ୟେକ କ୍ଷେପଣାସ୍ତ୍ର ପଦ୍ଧତି, ପ୍ରତ୍ୟେକ ବିଦେଶରେ ନିଯୁକ୍ତ ସେନାର ଅର୍ଥ ହେଉଛି ଅଧିକ ରାଜସ୍ୱ ଆସିବା। ୨୦୨୪ରେ କେବଳ ଲକ୍‌ହିଡ୍ ମାର୍ଟିନ ଏଥିପାଇଁ ୬୭୬୦ କୋଟି ଡଲାର ପାଇଥିଲା ଅଧିକାଂଶ ସରକାରୀ କଣ୍ଟ୍ରାକ୍ଟରୁ। ଏବେ ଯୁଦ୍ଧ ହେଉଛି ବ୍ୟବସାୟର ଗୋଟିଏ ପଦ୍ଧତି। ସେନାବାହିନୀ ଗୋପନରେ ପ୍ରଭାବିତ କରେ ଯେ, କିଏ ଜିତିଛୁ ତା'ଉପରେ ଗୁରୁତ୍ୱ ଦିଆନଯାଉ। କେବଳ ଯୁଦ୍ଧକୁ ବନ୍ଦ କରାନଯାଉ। ଗୋଟିଏ ଦୃଢ଼ ଗଣତନ୍ତ୍ର ଯିଏକି ଗୋଟିଏ ବିରୋଧୀ ପଡୋଶୀକୁ ମୁକାବିଲା କରୁଛି, ଯାହାର ବଜେଟ କ୍ରମଶଃ ବଢୁଛି ଏବଂ ଯାହାର ସାର୍ବଭୌମତ୍ୱ ନିଜର ଅଛି ସେ ତା'ର ଅର୍ଥକୁ ଦେଶର ବିକାଶ ପାଇଁ ଲଗାଣ କରୁ। ଯଦି କୌଣସି ଦେଶ ବାସ୍ତବରେ ଏକ ସାର୍ବଭୌମତ୍ୱ ଚାହେଁ ତାହେଲେ ଏହା କରୁ। ତେବେ ସେ ଦେଶ ନିଜକୁ ଯୁଦ୍ଧ ଅର୍ଥନୀତିରୁ ଅଲଗା କରି ରଖୁ। ଏହା ଆବଶ୍ୟକ କରୁଛି ସାହସର। କିନ୍ତୁ ସ୍ପଷ୍ଟତଃ ଦେଖାଯିବା ଉଚିତ ଯେ ଯେଉଁମାନେ ଅସ୍ତ୍ର ବିକୁଛନ୍ତି ସେମାନେ ଏହାର ପରିଣାମରେ ଅର୍ଥଲଗାଣ କରୁଛନ୍ତି ବୋଲି ନିଶ୍ଚିତ ଭାବରେ କୁହାଯିବ। ଯୁଦ୍ଧ କେବେ ହେଲେ ଗୋଟିଏ ବିଫଳତା ନୁହେଁ। ଏହା ହେଉଛି ପୁଞ୍ଜିଲଗାଣର ଗୋଟିଏ ବାଟ।

# ଚବିଶ ଘଣ୍ଟା



ଇଂ ସତ୍ୟନାରାୟଣ ମାଝୀ
ଏକତାଳୀ, ଯଶିପୁର, ମୟୂରଭଞ୍ଜ
ମୋ: ୯୪୩୮୫୩୭୦୧୩

ସମୟ କେବେ ଅଟକି ନାହିଁ କି ଅଟକିବ ନାହିଁ ମଧ୍ୟ। ଜଣେ ସାଧାରଣ ମଣିଷ ନିକଟରେ ଯେତିକି ସମୟ ଅଛି ଜଣେ ବିରଳ ତଥା ସଫଳ ବ୍ୟକ୍ତିତ୍ୱ ନିକଟରେ ମଧ୍ୟ ସେତିକି ସମୟ ଉପଲବ୍ଧ।

ଦିନକୁ ଚବିଶ ଘଣ୍ଟା ଆମେ ହିସାବ କରୁଛୁ। ଏଇ ଚବିଶ ଘଣ୍ଟାକୁ ଯିଏ ଯେମିତି ବ୍ୟବହାର ବା ଉପଯୋଗ କରିପାରୁଛି ସିଏ ସେତେ ଆଗକୁ ଯାଉଛି।ସବୁଠୁ ବଡକଥା ହେଉଛି ସମୟ କାହାପାଇଁ କମ୍ ନାହିଁ।

ଯିଏ ବି କୁହେ ମୋ ନିକଟରେ ସମୟ ନାହିଁ ମୋ ମତରେ ତାହା ତା ପକ୍ଷରେ ଦୁର୍ଭାଗ୍ୟର କଥା।ଜଣେ ମଣିଷ ସବୁବେଳେ ସମୟକୁ ଉପଯୋଗ କରିବା ଦିଗରେ ତତ୍ପର ହେବା ନିତାନ୍ତ ଜରୁରି। ସଭ୍ୟ ସମାଜର ସଭ୍ୟତାକୁ ସୁଦୃଢ କରିବାକୁ ସମୟର ସକରାତ୍ମକ ଦିଗରେ ଦୃଷ୍ଟିପାତ ଜରୁରି। ସମାଜର ପ୍ରଗତି ମଣିଷର ବ୍ୟକ୍ତିତ୍ୱରୁ ହିଁ ଜାତ ହୋଇଥାଏ। ଜଣେ ବ୍ୟକ୍ତିର ସାମାଜିକ, ଆର୍ଥିକ ବିକାଶ ଯଦି ସମାଜର କ୍ଷତି କରି ନ ଥାଏ ତେବେ ନିଶ୍ଚିତ ଭାବେ ସେ ସମାଜର ଅଗ୍ରଗତି ହେଉଛି ବୋଲି ଜାଣିବା। ତେଣୁକରି ସମୟ ଆମ ଜୀବନରେ ଅତି ମୂଲ୍ୟବାନ ସମ୍ପଦ। ଚବିଶ ଘଣ୍ଟା ସମୟ ହିଁ ପ୍ରତିଦିନର ଜୀବନଚର୍ଯ୍ୟାକୁ ପରିଚାଳନା କରିଥାଏ। କାରଣ ଦିନସାରାର ଚବିଶ ଘଣ୍ଟା ଆମର ଦୈନନ୍ଦିନ କାର୍ଯ୍ୟଧାରାକୁ ବଜାୟ ରଖିଥାଏ। ଆମେ ନିତ୍ୟକର୍ମ ତଥା ବୃତ୍ତି ଓ ଶୟନକୁ ଛାଡିଦେଲେ ଅନ୍ୟ ଯାହା ବି କାର୍ଯ୍ୟ ରହିଛି ତାହା କେବଳ ସମୟ ସାରଣୀରେ ପ୍ରଭାବ ପକାଇଥାଏ। ଆଜିର ଡିଜିଟାଲ୍ ମେସିନ୍ ଯୁଗରେ ମଣିଷ ନେଉଥିବା କାର୍ଯ୍ୟର ଦଶଗୁଣାକୁ ଅତିକମ୍ ସମୟରେ ମେସିନ୍ କରି ଦେଉଛି। ନିତିଦିନର ଅନେକ କାର୍ଯ୍ୟ ମଧ୍ୟ ମଣିଷକୁ କରିବାକୁ ପଡୁନି ଯେମିତିକି ଜଳସଂଗ୍ରହ ପାଇପ୍ ଯୋଗେ ହେଉଛି, ଲୁଗାସଫା ୱାସିଙ୍ଗ୍ ମେସିନ୍ ଦ୍ୱାରା ହେଉଛି। ଏମିତି ବହୁକାର୍ଯ୍ୟ ରହିଛି ଯାହାକି ମଣିଷକୁ କରିବାକୁ ପଡୁନାହିଁ। ଅତ୍ୟାଧୁନିକ ବ୍ୟବସ୍ଥା ଅନୁସାରେ ମଣିଷ ନିକଟରେ ତ ସମୟମାତ୍ରା ବଢିବା କଥା ହେଲେ ବଢୁନି କାହିଁକି। ତାହା ହିଁ ଚିନ୍ତାର ବିଷୟ ଏବଂ ଆଲୋଚନାର ବିଷୟ। ଏଣୁ ଆମେ ସମସ୍ତ ବିଚାର କରିବା ଜରୁରି ଯେ ଆମେ ସମୟକୁ ସଠିକ୍ ଉପଯୋଗ କରୁଛୁ ତ। ପ୍ରକୃତରେ ଚବିଶ ଘଣ୍ଟାକୁ ସଠିକ୍ ପରିଚାଳନା କରିବା ସହଜ ବିଷୟ ନୁହେଁ। ଏହି ଚବିଶ ଘଣ୍ଟାର ପରିଚାଳନା ହିଁ ଆମର ବ୍ୟକ୍ତିଗତ ଜୀବନ ବହୁ ପ୍ରଭାବ ପକାଇ ଥାଏ। ସାରା ପୃଥିବୀର ବିରଳ ବ୍ୟକ୍ତିତ୍ୱମାନଙ୍କର ଜୀବନଚର୍ଯ୍ୟା ଏତେ ସହଜ ନଥାଏ। ଚବିଶ ଘଣ୍ଟାର ଗୋଟିଏ ବି ସେକେଣ୍ଡ ଅବା ମିନିଟ୍‌ର ସଦୁପଯୋଗ ହିଁ ତାଙ୍କର ପ୍ରତିଷ୍ଠା ବା ପରିଚୟ। ଅଳସୁଆ ମନୋବୃତ୍ତି ହିଁ ଚବିଶ ଘଣ୍ଟାକୁ ନଷ୍ଟ କରିଦିଏ। ଚବିଶ ଘଣ୍ଟାର ସଠିକ୍ ପରିଚାଳନା ଜୀବନକୁ ଅମୃତମୟ କରିଦିଏ। କାରଣ ସମୟ ଦ୍ୱାରା ହିଁ ସବୁ ସମ୍ଭବପର ହୋଇଥାଏ। ଯଦି ଠିକ୍ ସମୟରେ ଠିକ୍ କାର୍ଯ୍ୟ ହୋଇନ ଥିବା ତାହା ଆମ ଶରୀର, ବୃତ୍ତି, ପରିବାର ଏବଂ ଅନ୍ୟ ସମସ୍ତ ଦୈନନ୍ଦିନ କାର୍ଯ୍ୟରେ ବ୍ୟତିକ୍ରମ ସୃଷ୍ଟି କରିଦିଏ। ଇତିହାସକୁ ଲେଉଟାଇ ଦେଲେ ପ୍ରତିଟି ସଫଳ ବ୍ୟକ୍ତିତ୍ୱ ଏକ ସୁନ୍ଦର ଚବିଶ ଘଣ୍ଟା ପରିଚାଳନାର ନମୁନା ଦେଖାଯାଇଛି। ତେଣୁ ଚବିଶ ଘଣ୍ଟା ସମାନ ଆମ ଆଗାମୀ ଭବିଷ୍ୟତ କିପରି ରହିବ ତା'ର ରୂପରେଖ ପ୍ରସ୍ତୁତ କରିଥାଏ। ବର୍ତ୍ତମାନ ବ୍ୟସ୍ତତା ସାମାଜିକ ଜୀବନରେ ଏତେ କୁପ୍ରଭାବ ପକାଇ ଚାଲିଛି ଯେ ଆଗାମୀ ପିଢି ପାଇଁ ବିପଦଜନକ ହୋଇପଡିଛି। ଜଣେ ଛାତ୍ର, ବ୍ୟବସାୟୀ, ଦିନ ମଜୁରିଆ, ଚାକିରିଆ ତଥା ନିଜ ବୃତ୍ତି ଅନୁସାରେ କାର୍ଯ୍ୟ କରୁଥିବା ସମସ୍ତଙ୍କର ପକ୍ଷରେ ଚବିଶ ଘଣ୍ଟାର ସଠିକ୍ ପରିଚାଳନା ହୋଇପାରିଲେ ସଫଳ ହେବାର ରାସ୍ତା ଖୋଲିଯିବ।

# ପରିବହନର ଦ୍ରୁତ ବିକାଶ



ଡ. ସୁନୀତି ମୁଣ୍ଡ
ଭୁବନେଶ୍ୱର, ମୋ : ୯୭୭୮୩୧୧୫୩୩

ଦେଶ ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି ପରିବହନ ଓ ଗମନାଗମନ କ୍ଷେତ୍ରର ବିକାଶ। ଦେଶ ସ୍ୱାଧୀନତା ପରଠାରୁ ଏହି କ୍ଷେତ୍ର ପ୍ରତି ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ର ସରକାର ଦେଶର ପ୍ରତ୍ୟେକ ଗ୍ରାମକୁ ସହର ସହିତ ଯୋଡିବା ଏବଂ ସହର-ସହର ମଧ୍ୟରେ ଦ୍ରୁତ ତଥା ଉନ୍ନତ ପରିବହନ ବ୍ୟବସ୍ଥା ନିର୍ମାଣ କରିବାକୁ ଲକ୍ଷ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗତ ଦଶବର୍ଷ ମଧ୍ୟରେ ଆମ ଦେଶ ତଥା ଆମ ରାଜ୍ୟରେ ଅନେକ ଜାତୀୟ ରାଜପଥ ନିର୍ମାଣ, ପୂର୍ବରୁ ଥିବା ରାଜପଥଗୁଡିକର ପ୍ରଶସ୍ତିକରଣ, ଏକ୍ସପ୍ରେସ ୱେ ନିର୍ମାଣ, ରେଳପଥ, ବିମାନ ବନ୍ଦର ଓ ସାମୁଦ୍ରିକ ବନ୍ଦର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ଏହାଦ୍ୱାରା କୋଣ ଅନୁକୋଣରୁ ଯାତ୍ରୀ ଓ ପଣ୍ୟ ପରିବହନକୁ ସୁସଂହତ ତଥା ସମୟବଦ୍ଧ ଭାବରେ ସମ୍ପନ୍ନ କରାଯାଉଛି। ସହରାଞ୍ଚଳ ମଧ୍ୟଦେଇ ଯାଇଥିବା ରାଜପଥ ଓ ମୁଖ୍ୟ ରାଜ୍ୟ ରାଜପଥଗୁଡିକରେ ଯାତ୍ରୀ ଭିଡ କମାଇବାକୁ ବାଇପାସ୍ ଅଥବା ରିଂ ରୋଡ ନିର୍ମାଣ, ଅନେକ ସ୍ଥାନରେ ଓଭରହେଡ ରାସ୍ତା ନିର୍ମାଣ କରାଯାଇଛି ଏବଂ ଆହୁରି ଅନେକ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଦ୍ରୁତ ପରିବହନକୁ ଅଗ୍ରାଧିକାର ଦେଇ ସରକାର ସହରାଞ୍ଚଳରେ ମେଟ୍ରୋ ରେଳ ସେବା ପ୍ରଚଳନ ସାଙ୍ଗକୁ ଦେଶର ଅନେକ ସ୍ଥାନକୁ ରେଳ ସଂଯୋଗ, ରେଳପଥ ଦୋହରାକରଣ, ରେଳପଥ ବିଦ୍ୟୁତ୍‌କରଣ ଆଦି କାର୍ଯ୍ୟ କରୁଛନ୍ତି। ରାଜପଥ ନିର୍ମାଣରେ ବିଦେଶୀ ପ୍ରଯୁକ୍ତିର ବହୁଳ ବ୍ୟବହାର କରାଯାଉଛି। ସେହିଭଳି ଆମ ରାଜ୍ୟର ଅନେକ ସହରକୁ ବିମାନ ସେବା ଯୋଗାଇଦେବା ପାଇଁ ବିମାନ ବନ୍ଦର ନିର୍ମାଣ କରାଯାଇଛି। ଆଉ କେତେକ ସହରରେ ବିମାନ ବନ୍ଦର ନିର୍ମାଣ ଯୋଜନା ରହିଛି।

କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟା ଏବଂ ଆର୍ଥିକ ସହାୟତାରେ ଆମ ରାଜ୍ୟରେ ଉପକୂଳ ରାଜପଥ ନିର୍ମାଣ ହେବାକୁ ଯାଉଛି। ସାଗରମାଳା ପ୍ରକଳ୍ପ ଅଧୀନରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ଏହାଦ୍ୱାରା ଉକ୍ତ ଅଞ୍ଚଳରେ ଶିଳ୍ପର ବିକାଶ ସହିତ ଆର୍ଥିକ ଅଭିବୃଦ୍ଧି ଘଟିବ। ପରିବହନ କ୍ଷେତ୍ରକୁ ପ୍ରଦୂଷଣମୁକ୍ତ କରିବା ପାଇଁ ସମ୍ପ୍ରତି ବିଦ୍ୟୁତ୍‌ଚାଳିତ ଯାନବାହନକୁ ଅଗ୍ରାଧିକାର ଦିଆଯାଉଛି। ସରକାରଙ୍କ ପକ୍ଷରୁ ଏଥିପାଇଁ ଜନସାଧାରଣଙ୍କ ନିମନ୍ତେ ସ୍ୱତନ୍ତ୍ର ରିହାତି ଓ ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ତାହାସହିତ ହାଇଡ୍ରୋଜେନକୁ ଇନ୍ଧନ ଭାବରେ ବ୍ୟବହାର କରି ଯାନବାହନ ଚଳାଚଳ ନିମନ୍ତେ ସରକାର ପଦକ୍ଷେପ ନେଉଛନ୍ତି। ଏହାଦ୍ୱାରା ପେଟ୍ରୋଲିୟମ ଇନ୍ଧନଜନିତ ପ୍ରଦୂଷଣ ଏବଂ ସେ ବାବଦରେ ରାଜକୋଷରୁ ହେଉଥିବା ବିପୁଳ ଖର୍ଚ୍ଚ ସଞ୍ଚୟ ସହିତ ପରିବେଶକୁ ସୁରକ୍ଷିତ ରଖାଯାଇପାରିବ। କେନ୍ଦ୍ର ସରକାର ରେଳପଥର ବିକାଶ ନିମନ୍ତେ ଗୁରୁତ୍ୱ ଦେଉଥିବାବେଳେ ଓଡ଼ିଶାରେ ଅନେକ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଦେଶର ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ଦ୍ରୁତଗାମୀ ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ କରୁଛି। ଜାପାନ, କୋରିଆ ଆଦି ରାଷ୍ଟ୍ର ଭଳି ଆମ ଦେଶରେ ମଧ୍ୟ ବୁଲେଟ୍ ଟ୍ରେନ ଚଳାଚଳ କରିବା ନିମନ୍ତେ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହାଦ୍ୱାରା ବିମାନ ଭଳି ଖୁବ୍‌କମ ସମୟ ମଧ୍ୟରେ ଯାତ୍ରୀମାନେ ଦେଶର ଗୋଟିଏ ସହରରୁ ଅନ୍ୟ ସହରକୁ ପହଞ୍ଚିବା ସମ୍ଭବ ହୋଇପାରିବ। ଦେଶରେ ଜାତୀୟ ରାଜପଥର ବିକାଶ ଏବଂ ସମ୍ପ୍ରସାରଣ ନିମନ୍ତେ ଭାରତମାଳା ପରିଯୋଜନା ସବୁଠାରୁ ବଡ ତଥା ବ୍ୟୟବହୁଳ ଯୋଜନା ଭାବରେ ପରିଗଣିତ ହେଉଛି।

**ବିକଶିତ ଓଡ଼ିଶାର ଚିତ୍ର**

ଏଥିପାଇଁ କେନ୍ଦ୍ର ସରକାର ପ୍ରାୟ ୬ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହି ପ୍ରକଳ୍ପରେ ୨ହଜାର କିଲୋମିଟର ଉପକୂଳ ରାଜପଥ ଏବଂ ୧ ହଜାର କିଲୋମିଟର ଏକ୍ସପ୍ରେସ ୱେ ନିର୍ମାଣ ଲକ୍ଷ୍ୟ ରଖାଯାଇଛି। ଏଥିରେ ଓଡ଼ିଶାର ଗୋପାଳପୁରଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଉପକୂଳ ରାଜପଥ ନିର୍ମାଣକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ଏହି ରାଜପଥ ନିର୍ମାଣ ହେଲେ ତାହା ଆମ ରାଜ୍ୟର ବନ୍ଦରଗୁଡିକୁ ସଂଯୁକ୍ତ କରିବା ସହିତ ଉପକୂଳ ଅଞ୍ଚଳର ଦ୍ରୁତ ଆର୍ଥିକ ବିକାଶ ଘଟିବ। ତାହାସହିତ କେନ୍ଦ୍ର ସରକାର ଜଳମାର୍ଗ ବିକାଶ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଯେଉଁଥିରେ ବୃହତ୍ ନଦୀଗୁଡିକୁ ଜଳପଥ ଭାବରେ ବିକଶିତ କରାଯାଉଛି। ଏହି ଯୋଜନାରେ ଆମ ରାଜ୍ୟର ମହାନଦୀ ଏବଂ ବ୍ରାହ୍ମଣୀ ଆଦି ବଡ ନଦୀଗୁଡିକର ସଂଯୋଗୀକରଣ ସହିତ ସେଗୁଡିକରେ ନଦୀଭିତ୍ତିକ ଛୋଟ ଛୋଟ ବନ୍ଦର ନିର୍ମାଣ ଏବଂ ସେଥିରେ ଯାତ୍ରୀ ଓ ପଣ୍ୟ ପରିବହନ ଯୋଜନା ରଖାଯାଇଛି। ସରକାର ଗ୍ରାମାଞ୍ଚଳ ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳରେ ଗମନାଗମନ ଓ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ପୂର୍ବରୁ ଉପା ସରକାର ସମୟରେ ଓଡ଼ିଶାରେ ୧୦ ବର୍ଷରେ ୨୬,୭୧୩ କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିବାବେଳେ ବିଜେପି ନେତୃତ୍ୱାଧୀନ ସରକାର ସମୟରେ ମାତ୍ର ୪ ବର୍ଷରେ ଆମ ରାଜ୍ୟରେ ୧୮,୨୦୩ କିଲୋମିଟର ରାସ୍ତା ନିର୍ମାଣ କରାଯାଇଛି। ସମସ୍ତ ଗ୍ରାମକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗ କରିବା ଏହି ଯୋଜନାର ଲକ୍ଷ୍ୟ। ସେଥିପାଇଁ ରାସ୍ତା ସହିତ ପୋଲ ଓ ଆନୁଷଙ୍ଗିକ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଉଛି। ସେତୁ ଭାରତ ଯୋଜନାରେ ପ୍ରତ୍ୟେକ ଜାତୀୟ ରାଜପଥରେ ଥିବା ରେଳପଥର ଲେବଲ କ୍ରସିଂରେ ନୂଆ ଫ୍ଲାଇ ଓଭର ନିର୍ମାଣ କରାଯାଉଛି ଏବଂ ପୁରାତନ ଫ୍ଲାଇ ଓଭରଗୁଡିକର ନବିକରଣ କରାଯାଉଛି। ଏହି ଯୋଜନାରେ ଆମ ରାଜ୍ୟରେ ଶତାଧିକ ଫ୍ଲାଇ ଓଭର ନିର୍ମାଣ କରାଯାଇସାରିଛି। ଏ ବାବଦରେ କେନ୍ଦ୍ର ସରକାର ସମଗ୍ର ଦେଶ ପାଇଁ ୨ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ ଏବଂ ଏହା ୨୦୧୬ରୁ କାର୍ଯ୍ୟକାରୀ ହେଉଛି। ଏହାଦ୍ୱାରା ରେଳପଥର ଉଭୟ ପାର୍ଶ୍ୱରେ ଗାଡି ମଟର ଓ ଜନସାଧାରଣଙ୍କୁ ଆଉ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁନାହିଁ। ତାହାସହିତ ବହୁ ରେଳ ଦୁର୍ଘଟଣା ଏବଂ ତଦ୍‌ଜନିତ ଧନ ଜୀବନ କ୍ଷୟକ୍ଷତିକୁ ରୋକାଯିବା ସହିତ ଜନସାଧାରଣଙ୍କ ଗମନା ଗମନ ସମୟ ମଧ୍ୟ ହ୍ରାସ ପାଉଛି। ସରକାରଙ୍କ ପକ୍ଷରୁ ରେଳଯାତ୍ରୀଙ୍କ ଯାତ୍ରା ସହଜ ଓ ସୁଗମ କରିବା ନିମନ୍ତେ ବିକଳ୍ପ ଟ୍ରେନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ଯେଉଁଥିରେ କନଫର୍ମ ଟିକଟ ଥାଇ ମଧ୍ୟ କୌଣସି କାରଣରୁ ନିର୍ଦ୍ଦିଷ୍ଟ ଟ୍ରେନ ବାତିଲହେଲେ ତାହାର ବିକଳ୍ପ ଭାବରେ ଯାତ୍ରୀଙ୍କ ପାଇଁ ଅନ୍ୟ ଟ୍ରେନ ଯୋଗାଇଦେବା ବ୍ୟବସ୍ଥା କରାଯାଇଛି। ରେଳ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ବୀମା ଯୋଜନା କାର୍ଯ୍ୟକାରୀ କରାଯାଉଛି, ଯେଉଁଥିରେ ରେଳରେ ଯାତ୍ରା ନିମନ୍ତେ ଟିକଟ କିଣୁଥିବା ପ୍ରତ୍ୟେକ ଯାତ୍ରୀଙ୍କୁ ୧ଟଙ୍କାରୁ କମ୍ ଅର୍ଥ ଦେଇ ବୀମା ଯୋଜନାରେ ସାମିଲ କରାଯାଉଛି। ଏହି ଯୋଜନାରେ ରେଳ ଯାତ୍ରୀଙ୍କ ଦୁର୍ଘଟଣା ଜନିତ ମୃତ୍ୟୁରେ ୧୦ ଲକ୍ଷ, ପୂର୍ଣ୍ଣ ଭାବରେ ସ୍ଥାୟୀ ଅକ୍ଷମ ହେବା କ୍ଷେତ୍ରରେ ୧୦ ଲକ୍ଷ, ଆଂଶିକ ବିକଳାଙ୍ଗ ପାଇଁ ୭.୫ ଲକ୍ଷ, ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସା କ୍ଷେତ୍ରରେ ୨ ଲକ୍ଷ ଟଙ୍କା ବୀମା ପ୍ରଦାନ ବ୍ୟବସ୍ଥା ରହିଛି। ପଣ୍ୟ ପରିବହନକୁ ତ୍ୱରାନ୍ୱିତ ଏବଂ ସମୟଭିତ୍ତିକ କରିବା ସକାଶେ ସ୍ୱତନ୍ତ୍ର ଭାବରେ ଜାତୀୟ ରାଜପଥ ଏବଂ ରେଳପଥରେ ଉତ୍ସର୍ଗୀକୃତ ଅର୍ଥନୈତିକ କରିଡର ନିର୍ମାଣ କରାଯାଉଛି।



କେନ୍ଦୁଝର(ଭାସ୍କର ନ୍ୟୁଜ): ଏବେ ପାଟଣା ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। କାଲି ରାତି ଏକ ୨୪ଟିକିଆ ହାତୀ ପଲ ପାଟଣା ବଜାରରେ ପଶି ଉତ୍ପାତ କରିଛନ୍ତି। ବିଳମ୍ବିତ ରାତିରେ ଲୋକେ ଶୋଇଥିବା ବେଳେ ଏହି ଦଳ ଆସି ସାଧୁପଡ଼ା ଠାରେ ଥିବା ଲକ୍ଷ୍ମୀ ବସଷ୍ଟାଣ୍ଡ ଗେଟ୍ ଫାଟକ ଭାଙ୍ଗିଥିଲେ। ଏମାନେ ପ୍ରସ୍ଥାନ ଦ୍ୱାର ଭାଙ୍ଗି ମାଧପୁର, ସ୍ୱାମ,ଦହିବାହାଳି, ପୁଟୁଳିଆ ଆଦି ଅଞ୍ଚଳରେ ବୁଲି ୩ ଜଣଙ୍କ ଘର ଭାଙ୍ଗିଥିଲେ। ଘର ଭିତରକୁ ଶୁଣ୍ଢ ପୁରେଇ ଚାଉଳ ଖାଇ ଦେଇଥିଲେ। ମାଧପୁର ଗ୍ରାମର ବାଉଁଶ ରାଣୀ ମୁଣ୍ଡା, ଶ୍ୟାମା ମୁଣ୍ଡା, କ୍ଷୀରୋଦ ନାଏକ ଏବଂ ପୁଟୁଳିଆର ସରସ୍ୱତୀ ମହାନ୍ତ ଙ୍କ ପୁଷ୍ପ ମହାନ୍ତ ଆଦିଙ୍କ ଘର ଭାଙ୍ଗିଥିବା ଜଣାଯାଇଛି। ଏହି ହାତୀପଲ ଉତ୍ପାତ ଲାଗି ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ହାତୀ ଦଳ ମାଧପୁର ପାଖରେ ଥିବାରୁ ବନ ବିଭାଗ କର୍ମଚାରୀ ଜଗି ରହିଛନ୍ତି। ଲୋକେ ଅୟଥାରେ ହାତୀଙ୍କୁ ବିରକ୍ତ ନକରିବାକୁ ଲୋକଙ୍କୁ ବନ ବିଭାଗ ତରଫରୁ ସଚେତନ କରାଯାଇଛି। ଏହି ହାତୀ ପଲ ପାଖ ଅଙ୍ଗନବାଡ଼ି ପାଚେରୀ ସହ ଛାତ ଘର ଭାଙ୍ଗି ଥିବା ଖବର ଆସିଛି। ହାତୀ ଖାଦ୍ୟ ପାଇଁ ଏପରି ତାଣ୍ଡବ ଲୀଳା କରୁ ଥିବାରୁ ଲୋକଙ୍କ ଚିନ୍ତା ବଢ଼ିଯାଇଛି ବନ ବିଭାଗ ସବୁଦିନିଆ ସମାଧାନ କରିବାକୁ ଲୋକେ ଦାବି କରିଛନ୍ତି।



# ନିମାପଡ଼ା-ବଳଙ୍ଗା ରାସ୍ତା ମରଣଯନ୍ତା, ପକ୍କା ରାସ୍ତା ନିର୍ମାଣ ପାଇଁ ଦାବିପତ୍ର



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଠାରୁ ବଳଙ୍ଗା ରାସ୍ତା ପାଲଟିଛି ମରଣଯନ୍ତା। ଯାହାକୁ ନେଇ ପ୍ରତ୍ୟେକ ଦିନ ଦୁର୍ଘଟଣା ବଢୁଥିବା ବେଳେ ଯାତାୟତରେ ଲୋକମାନଙ୍କର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ହେବ ଏହି ରାସ୍ତା ନିର୍ମାଣ ଦାବି ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉନାହାନ୍ତି। କେତେକ ଠିକାଦାର ଏହି ରାସ୍ତା ନିର୍ମାଣ ପୂର୍ବରୁ କରିଥିବା ବେଳେ ନିମ୍ନମାନର କାର୍ଯ୍ୟ ହେତୁ ୬ ମାସ ନଯାଉଣୁ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇ ଦୁର୍ଘଟଣା ବୃଦ୍ଧି ପାଉଛି। ଯାହାକୁ ନେଇ ନିମାପଡ଼ାର ଏହା ଏକ ବଡ଼ ସମସ୍ୟା ରହିଥିବା ବେଳେ ସଚେତନ ନାଗରିକ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ଦିଆଯିବା ସହ ତୁରନ୍ତ ରାସ୍ତା ନିର୍ମାଣ ଲାଗି ଦାବି କରିଛନ୍ତି। ସୂଚନା ଅନୁଯାୟୀ, ନିମାପଡ଼ାରେ ଦୁଇଟି ବଡ଼ ସମସ୍ୟାକୁ ନେଇ ପ୍ରଶାସନ ନିକଟରେ ସାମୂହିକ ଦାବିପତ୍ର ପ୍ରଦାନ କରାଯାଇଛି। ନିମାପଡ଼ାରୁ ବଳଙ୍ଗା ପର୍ଯ୍ୟନ୍ତ ୧୪କି.ମି. ରାସ୍ତା ମରଣଯନ୍ତା ପାଲଟି ଥିବାବେଳେ ତୁରନ୍ତ ପକ୍କା ରାସ୍ତା କରିବା ପାଇଁ ସାମୂହିକ ଦାବି କରାଯାଇଛି। ଏ ସଂପର୍କରେ ଅଧୀକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ପୁରୀଙ୍କ ଉଦ୍ଦେଶ୍ୟରେ ନିମାପଡ଼ା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ରାସ୍ତା ନିର୍ମାଣ କରିବା ପାଇଁ ଦାବି ହୋଇଥିବା ବେଳେ ଯୁବଶକ୍ତି ସଂଗଠନ ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଂଜନ ରାଉତରାୟଙ୍କ ନେତୃତ୍ୱରେ ୫ଶହରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କର ହସ୍ତାକ୍ଷର ସମ୍ମିଳିତ ଦାବିପତ୍ର ସହିତ ଗୋପବନ୍ଧୁ ସେବା ସଂଘ ସଂପାଦକ କୃଷ୍ଣଚନ୍ଦ୍ର ପାତ୍ର, ଦେବାଶିଷ ଦାଶ, ଅନୁକୂଳ ସ୍ୱାଇଁ, ବିଶ୍ୱଜିତ ବେହେରା, ଜଗନ୍ନାଥ ପରିଡ଼ା, ଅଭିଜିତ ମହାପାତ୍ର, ନିରଞ୍ଜନ ଓଝାଙ୍କ ସମେତ ଶତାଧିକ ବ୍ୟକ୍ତି ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ସେହିପରି ନିମାପଡ଼ାରେ ଗ୍ରୀଷ୍ମ ପ୍ରବାହ ଯୋଗୁ ମନୁଷ୍ୟଠାରୁ ଆରମ୍ଭ କରି ଜୀବଜନ୍ତୁ ପର୍ଯ୍ୟନ୍ତ ଅତିଷ୍ଠ ହୋଇପଡ଼ିଥିବା ବେଳେ କେନାଲରେ ପାଣି ନ ଆସିବାରୁ କେନାଲ ଧାରରେ ଥିବା ଗଛପତ୍ର ସବୁ ଶୁଖି ଗଲାଣି। ଭୂତଳ ଜଳ ଭୟଙ୍କର ଭାବେ ହ୍ରାସ ପାଉଛି। ଗୋ-ସଂପଦ ସୁରକ୍ଷା ଓ ମରି ଯାଉଥିବା ବୃକ୍ଷ ପାଇଁ ଜଳର ନିହାତି ଆବଶ୍ୟକ ରହିଥିବା ବେଳେ ଏ ସଂପର୍କରେ ମଧ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ସୋରଡା ତହସିଲରେ ମୋରମ-ମାଟି ଦଲାଲ ସକ୍ରିୟ

ସୋରଡ଼ା(ଭାସ୍କର ନ୍ୟୁଜ): ସୋରଡା ତହସିଲରେ ମାଟି, ମୋରମ ଦଲାଲଙ୍କ ରାଜୁତିରେ ସାଧାରଣ ଲୋକେ ଅତିଷ୍ଠ ହେଲେଣି। ଡୋଜର ଲଗାଇ ଟ୍ରାକ୍ଟର ଓ ଡମ୍ଫର ଉଠାଇ ନେଉଛନ୍ତି ଶହ ଶହ ଟ୍ରିପ ମାଟି। ଗ୍ରାମ୍ୟ ଜଙ୍ଗଲ, ଶ୍ମଶାନ, ସରକାରୀ ଜମି ଏବଂ ଜଳସେଚନ ଜମି, ବନ ବିଭାଗ ପାହାଡରୁ ରାତାରାତି ଗୋଟିଏ ଗୋଟିଏ ଜମିରୁ ଚାରିରୁ ପାଞ୍ଚ ଫୁଟ ଗଭୀରତାର ମାଟି ଉଠାଣ ହୋଇଛି। ସରକାରୀ ସ୍ତରରେ ଲଘୁ ଖଣିଜ ଲୁଟ ନିମନ୍ତେ ଜିଲ୍ଲାରେ ବୈଠକ ପରେ ବୈଠକ ହେଉଛି, ସରକାରୀ ସ୍ତରରେ ସୋରୋଡା ଅଞ୍ଚଳର ଖଣି ଅଧିକାରୀ ଓ ଜିଲ୍ଲା ଅଧିକାରୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କିନ୍ତୁ ପରୋକ୍ଷ ଭାବେ ମାଟି ଚୋରିକୁ ଜାଣିଶୁଣି ଏକପ୍ରକାର ପ୍ରଶ୍ରୟ ଦେଉଛନ୍ତି ବୋଲି କୁହାଯାଇପାରେ। ଏଭଳି ଅଭିଯୋଗ କିଛି ଜିଲ୍ଲା ପ୍ରଶାସନର ଜଣେ ଖଣି ବିଭାଗ ଅଧିକାରୀଙ୍କ ବିରୋଧରେ ତହସିଲ ଅଧୀନସ୍ଥ ଗାଜଲାବାଡି, ରାମନାବାଡି, ଘିଙ୍ଗାଶିବାଡି, ଖଜୁରିପୋଲି, ଅମୃତୁଲୁ, ବାଲିଘାଇ, ବୁଗୁଡା, ଜଳସେଚନ ବିଭାଗର ଅଞ୍ଚଳ, ବଡଗଡ, ଗୋପାଳପୁରା, ଗୌଡଗୋଠ ଓ ଅନ୍ୟାନ୍ୟ ଅଞ୍ଚଳରେ ମାଟି ଉଠେଇବା ଫଳରେ ନାହିଁନଥିବା ସମସ୍ୟା ସୃଷ୍ଟି ହଉଛି। କିଛି ଅସାମାଜିକ ବ୍ୟକ୍ତି ମାନଙ୍କୁ ଆଗରେ ରଖି ରାତା ମାଟି ମଫିଆ ମାନେ ଜୋର ଜବରଦସ୍ତ ମୋରମ, ମାଟି ଉଠାଉଛନ୍ତି। ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଖଣି ଅଧିକାରୀ ସୋରଡା ତହସିଲରେ ରହିବା ବଦଳରେ ସେ ବ୍ରହ୍ମପୁରରେ ରହି ମାଫିଆଙ୍କ ସହିତ ହାତ ମିଶାଇ ଓ ମୋଟା ଅଙ୍କର କାରବାର କରି ଜାଣିଶୁଣି ନୀରବ ଦ୍ରଷ୍ଟା ସାଜିବାରେ ଅଞ୍ଚଳର ଲୋକଙ୍କ ମଧରେ ଚର୍ଚ୍ଚା ହେଉଛି। ଅଭିଯୋଗକାରୀଙ୍କୁ ନାଲି ଆଖି ଦେଖାଇବା ସହ ଧମକ ମଧ ଦେଉଛନ୍ତି। ଏସଂପର୍କରେ ଆମପ୍ରତିନିଧି ସୋରୋଡା ତହସିଲଦାର ଏବଂ ଖଣି ଅଧିକାରୀ ବେଲଗୁଣ୍ଠା ଓ ବ୍ରହ୍ମପୁରରେ ରହୁଥିବାରୁ କାରବାରରେ ଲିପ୍ତ ଥିବା ଅଧିକାରୀ ଓ ମାଫିଆଙ୍କ ମଧରେ ଏକ ପ୍ରକାର ଖୋଲା ଖୋଲି ମଧୁଚନ୍ଦ୍ରିକା ଚାଲିଥିବାରୁ ଖଣି ବିଭାଗର ସଚିବ ଏହାର ଅଚାନକ ତଦନ୍ତ କଲେ ମଧୁଚନ୍ଦ୍ରିକା ପଦାକୁ ଆସିବ ବୋଲି ସୋରଡା ଅଞ୍ଚଳର ପ୍ରେସ୍ କ୍ଲବ୍ ଆଡଭାଇଜର ଆରା ପଲି ସାରଥି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ସଚିବଙ୍କ ଠାରେ ଦାବି କରିଛନ୍ତି।

# ପତ୍ନୀକୁ ପିଟି ପିଟି ହତ୍ୟା, ସ୍ୱାମୀ ଗିରଫ



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପିରହାଟ ଥାନା ବାରସର ପଞ୍ଚାୟତ ଅଧୀନ ସାପକାଟିଆ ଗ୍ରାମର ଉର୍ବଶୀ ଦାସ (୩୫) ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ପପୁ ଦାସ (୪୦) ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପିରହାଟ ପୁଲିସ ଉର୍ବଶୀଙ୍କ ବାପା ବାଂଶଡ଼ା ଥାନା ଅଧୀନ ଛେଡ଼ାକ ଗ୍ରାମର ରମେଶ ଜେନାଙ୍କ ଅଭିଯୋଗ ମୂଳେ ୧୩୦/୨୫ରେ ଏକ ମାମଲା ରୁଜୁ କରି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଅଭିଯୁକ୍ତ ସ୍ୱାମୀ ପପୁକୁ ଗିରଫ କରିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ରମେଶଙ୍କ ଝିଅ ଉର୍ବଶୀ ସାପକାଟିଆ ଗ୍ରାମର ଗୋଲେଖ ଦାସଙ୍କ ପୁଅ ପପୁକୁ ୧୨ ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ବିଭିନ୍ନ ସମୟରେ ପାରିବାରିକ କଳହ ଉପୁଜୁଥିଲା। ରବିବାର ପୂର୍ବାହ୍ନରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ହେବାରୁ ପପୁ ଏକ ବାଡ଼ି ସହାୟତାରେ ଉର୍ବଶୀଙ୍କୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ଘଟଣାର ଦୀର୍ଘ ସମୟ ପରେ ପପୁ ତାଙ୍କ ଶଶୁର ଘର ଲୋକଙ୍କୁ ଉର୍ବଶୀ ଛାତରୁ ଖସି ପଡ଼ି ମୃତ୍ୟୁବରଣ କରିଥିବା ନେଇ ଖବର ଦେଇଥିଲେ। ଉର୍ବଶୀଙ୍କ ବାପା ଓ ଅନ୍ୟମାନେ ସାପକାଟିଆ ଗ୍ରାମରେ ପହଞ୍ଚି ମୃତ ଦେହ ଦେଖିବା ପରେ ତାଙ୍କଝିଅକୁ ହତ୍ୟା କରାଯାଇଥିବା ମନରେ ସନ୍ଦେହ କରିଥିଲେ। ପରେ ଏ ସମ୍ପର୍କରେ ଉର୍ବଶୀଙ୍କ ବାପା ରମେଶ ପୀରହାଟ ପୁଲିସକୁ ଖବର ଦେଇଥିଲେ।

# ପୂର୍ବବିବାଦରୁ ଦୁଇ ଭାଇଙ୍କୁ ଆକ୍ରମଣ ଅଭିଯୋଗ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଜଣେ ବ୍ୟକ୍ତିଙ୍କର ଘର ଛାତ ପଡୁଥିବା ବେଳେ ମନ୍ଦ ଉଦ୍ଦେଶ୍ୟ ରଖି ଜଣେ ଯୁବକ ଓ ତା'ର ଭାଇ କାମ ବନ୍ଦ କରିଥିଲେ। ପ୍ରତିବାଦ କରିବାରୁ ଲୁହା ରଡ଼ରେ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ସଂଗୀନ ଦଫାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଭୁବନପୁର ଗ୍ରାମର ନବଘନ ବରାଳଙ୍କ ଘର ଗତ ୧୬ ତାରିଖରେ ଛାତ ପଡୁଥିବା ବେଳେ ତାଙ୍କର ଭାଇ ଗୋଲେଖ ବିହାରୀ ବରାଳ ସେଠାରେ ଉପସ୍ଥିତ ଥିଲେ। ସେହି ଗ୍ରାମର ଟୁଲା ଭୋଇ ସେଠାକୁ ଆସି ମେସିନ୍ ବନ୍ଦ କର ଛାତ ପଡ଼ିପାରିବ ନାହିଁ ବୋଲି କହିବାରୁ ଗୋଲେଖ ପ୍ରତିବାଦ କରିଥିଲେ। ହଠାତ୍ ଅଭିଯୁକ୍ତ ଟୁଲା ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ସେଠାରେ ଥିବା ଏକ ରଡ଼ରେ ମୁଣ୍ଡକୁ ଆକ୍ରମଣ କରିଥିଲା। ଗୋଲେଖ ତଳେ ପଡ଼ି ଯାଇଥିବା ବେଳେ ତାଙ୍କୁ ମଧ ଟୁଲା ମାଡ଼ ମାରିଥିଲା। ଗୋଲେଖଙ୍କ ପାଇଁ ନବଘନ ପ୍ରତିବାଦ କରିବାରୁ ତାଙ୍କୁ ମଧ ଟୁଲା ଆକ୍ରମଣ କରିଥିଲା। ଗ୍ରାମର କେତେକ ବ୍ୟକ୍ତିଙ୍କ ସହାୟତାରେ ଦୁଇ ଆହତ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଥିବା ବେଳେ ଏ ସଂପର୍କରେ ନବଘନ ବରାଳ ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/୨୯୬/୧୧୫(୨)/ ୧୧୭(୨)/ ୩୫୧(୨)ରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି। ପ୍ରକାଶ ଥାଉକି, ପୂର୍ବ ବିବାଦକୁ ନେଇ ଏପରି ଗଣ୍ଡଗୋଳ ଘଟିଥିବା ଜଣାପଡ଼ିଛି। ଦୁଇ ଆହତ ଚିକିତ୍ସା ହେଉଥିବା ବେଳେ ସେମାନଙ୍କର ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି।

# ପଥର ମାଫିଆ ସକ୍ରିୟ: ଲଣ୍ଡା ହେଉଛି ପାହାଡ



ଆସିକା(ଭାସ୍କର ନ୍ୟୁଜ): ଆସିକା ବ୍ଲକର କୋଣ ଅନୁକୋଣରେ ଥିବା ପାହାଡ଼କୁ ମାଫିଆ ମାନେ ଲଣ୍ଡା କରି ଚାଲିଛନ୍ତି। ଏହି ସବୁ ଦେଖିବା ପରେ ଜିଲ୍ଲା ପ୍ରଶାସନର ନାକ ତଳେ ହେଉଛି। ଗଞ୍ଜାମ ଜିଲ୍ଲାର କେବଳ ୧୦ ପ୍ରତିଶତ ପାହାଡ଼କୁ ଲିଜରେ ଦିଆଯାଇଛି। ୯୦ ପ୍ରତିଶତ ପାହାଡ଼ ନେତା, ବାବୁ ଓ ମାଫିଆମାନେ ହାତକୁ ହାତ ମିଶାଇ ଲୁଟ ହେଉଥିବା ନେଇ ରାତିମତ ଅଭିଯୋଗ ହେଉଛି। ପଥର ମାଫିଆମାନେ ରାଜସ୍ୱ ବିଭାଗକୁ ସ୍ୱଳ୍ପ ଟଙ୍କାର ରାଜସ୍ୱ ଦେଇ ଲକ୍ଷ ଲକ୍ଷ ଟଙ୍କା ଲୁଟୁଛନ୍ତି। ଅତ୍ୟାଧୁନିକ ମେସିନ ସାହାଯ୍ୟରେ ବଡ଼ ବଡ଼ ଗର୍ତ୍ତ କରି ସେଥିରେ ବାରୁଦ ଓ ଜିଲେଟିନ ବ୍ୟବହାର କରି ଫୁଟାଯାଉଛି। ପାହାଡ଼ ଫୁଟେଇବା ନିକଟରେ ଥିବା ଚାଷ ଜମିରେ ଉର୍ବରତା ନଷ୍ଟ ହେବା ସହ ଗ୍ରାମରେ ଥିବା ଘରଗୁଡ଼ିକରେ ଫାଟ ସୃଷ୍ଟି ହେଉଛି। ପାହାଡ଼ ଫୁଟେଇବା ସମୟରେ ପଶୁପକ୍ଷୀ ସହରମୁହାଁ ହେଉଥିବା ଦେଖିବାକୁ ମିଳୁଛି। ଆସିକା ବ୍ଲକରେ ଆମ ଜାତୀୟ ପକ୍ଷ ମୟୂର ବସବାସ କରୁଥିବା ହେତୁ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ସରକାର ବିଶେଷ ପଦକ୍ଷେପ ନିଆଯାଇଛି। ସେମାନଙ୍କ ସୁରକ୍ଷା ପାଇଁ ପରିବେଶ ମଞ୍ଜୁରୀ ପାଇଁ ଆବଶ୍ୟକ କାଗଜପତ୍ର ନ ଥାଇ ପ୍ରସାଶନକୁ ହାତବାରିସି କରି ଏହି ପଥର ଲିଜ ପାଇଥାନ୍ତି। ଗଞ୍ଜାମ ଜିଲ୍ଲାରେ ଖଣି ମନ୍ତ୍ରୀ ଥାଇ ବି ବିଭିନ୍ନ ପ୍ରକାର ଲଘୁ ଖଣିଜ ଦ୍ରବ୍ୟ ବେଧଡ଼କ ଲୁଟ ହେଉଥିବା ଅଭିଯୋଗ ହେଉଛି। ନେତାଠାରୁ ମନ୍ତ୍ରୀ ଓ ବାବୁମାନଙ୍କୁ ସାଇଲେନ୍ସ ପ୍ଲିଜ କରଯାଉଥିବା ଯୋଗୁଁ ଏହି ବେଆଇନ କାର୍ଯ୍ୟ ହେଉଥିବା ଚର୍ଚ୍ଚା ହେଉଛି।

# ଆଳିରେ ବିଜେପିର ମିଶ୍ରଣ ପର୍ବ, ଯୋଗଦେଲେ ୨୦୦ରୁ ଉର୍ଦ୍ଧ୍ୱ କର୍ମୀ



ଆଳି(ଭାସ୍କର ନ୍ୟୁଜ): ବିଭିନ୍ନ ଦଳରୁ ଯୁବ, ଛାତ୍ର ତଥା ବରିଷ୍ଠ ନେତାଙ୍କୁ ନିଜ ଆଡ଼କୁ ବିଜେପି ଆକର୍ଷଣ କରିବାରେ ସଫଳ ହେଉଛି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ଭାରତୀୟ ଜନତା ପାର୍ଟି ପ୍ରତି ଦେଶବାସୀ ତଥା ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଉଛି। ୧ନମ୍ବର ଜୋନ ସଭାପତି ସରୋଜ କରଙ୍କ ଉପସ୍ଥିତରେ ଆଳି ବିଧାନସଭା ସଂଯୋଜକ ଅନନ୍ତ ରଥଙ୍କ ସଭାପତିତ୍ୱରେ ଆଳି ବିଧାନସଭା ପାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ଜିଲ୍ଲା ସଭାପତି ଶଶାଙ୍କଶେଖର ସେଠି, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଶୋଭନ ଆଚାର୍ଯ୍ୟ, ଯୁବ ମୋର୍ଚ୍ଚା ସମ୍ପାଦକ ସ୍ମୃତି ରଞ୍ଜନ ମଲ୍ଲ, ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ବରାହ ଚରଣ ପଣ୍ଡା, ପୂର୍ବତନ ମଣ୍ଡଳ ସଭାପତି ଓମ ପତି, ୪ନମ୍ବର ମଣ୍ଡଳ ସଭାପତି ତପନ ପରିଡାଙ୍କ ଉପସ୍ଥିତିରେ ଗୋବିନ୍ଦପୁର ପଡିଆରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡି ଓ କଂଗ୍ରେସ ଛାଡି ଦୁଇ ଶହରୁ ଉର୍ଦ୍ଧ୍ୱ ପରିବାର ବିଜେପିରେ ସାମିଲ ହୋଇଛନ୍ତି। ବିଜେପିର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଏମାନେ ସମସ୍ତେ ସାମିଲ ହୋଇଛନ୍ତି। ଆୟୋଜିତ ସଭାରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ କର୍ମୀ ଓ ନେତା ଏକ ମନ ଓ ଏକ ପ୍ରାଣ ହୋଇ ନିଷ୍ଠା ଓ ଆନ୍ତରିକତାର ସହ ତୃଣମୂଳ ସ୍ତରରେ ବିଜେପିର ସଂଗଠନକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ମିଶ୍ରଣ ପର୍ବରେ ପ୍ରଶାନ୍ତ କୁମାର ସାମଲ, ସଞ୍ଜୟ କୁମାର ସାମଲ, ବିକାଶ ସାମଲ, ସହଦେବ ବିଶ୍ୱାଳ, ଗଦାଧର ଦାସ, ରବୀନ୍ଦ୍ର ଦାସ, ଶରତ ଦାସ, ଅନିଲ କୁମାର ମଳିକ, ସାଗର କୁମାର ମଳିକ ପ୍ରମୁଖଙ୍କ ସହ ଶତାଧିକ ବିଜେପିରେ ଯୋଗଦେଲେ।

# ମନରେଗା ଯୋଜନାରେ ମହାଦୁର୍ନୀତି ନେଇ ବିଡ଼ିଓଙ୍କୁ ଅଭିଯୋଗ



କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ବ୍ରାହ୍ମଣବାଟି ପଞ୍ଚାୟତରେ ମନରେଗା ଯୋଜନାରେ ଆନ୍ତର୍ଜାମୀ ପାତ୍ରଙ୍କ ବାରିରେ ଏକ ପୋଖରୀ ଖନନ କରାଯାଇଛି। ଏହି ପୋଖରୀରେ ଚାରି ସପ୍ତାହ ହେବ କାମ କରୁଥିବା ଶ୍ରମିକମାନେ ପାରିଶ୍ରମିକ ପାଇପାରୁନାହାନ୍ତି। ଜେଇ ଓ ସରପଞ୍ଚଙ୍କୁ ଗୁହାରି କଲେ ମଧ କେହି କର୍ଣ୍ଣପାତ କଲେନାହିଁ। ଆଜି କଣ୍ଟାପଡା ବ୍ଲକକୁ ୩୦ରୁ ଉର୍ଦ୍ଧ୍ୱ ଶ୍ରମିକ ଆସି ସେମାନଙ୍କ ପାରିଶ୍ରମିକ ମିଳିନଥିବା ନେଇ ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରଶାସନ ସେମାନଙ୍କ ପାରିଶ୍ରମିକ ଦେବା ସହ ଯଥାଶୀଘ୍ର ମନେରଗା ଯୋଜନାରେ କାମ କରିବାକୁ ଅନୁମତି ଦେବାକୁ ଦାବି କରିଥିଲେ। ଏନେଇ ସରପଞ୍ଚ ସଞ୍ଜୟ ରାଉତରାୟଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ମାଙ୍କଡ ଆକ୍ରମଣରେ ଜଣେ ଗୁରୁତର

ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଅଧିନସ୍ଥ ଧରାଧରପୁର ପଞ୍ଚାୟତର ଖରିପଡିଆ ଅଞ୍ଚଳରେ ଗତ କିଛିଦିନ ଧରି ଗୋଟିଏ ମାଙ୍କଡ ବିଭିନ୍ନ ଲୋକଙ୍କୁ ଆକ୍ରମଣ କରି ଆସୁଥିବା ବେଳେ ଗତକାଲି ସେହି ଗ୍ରାମର ଶୁକଦେବ ମଲ୍ଲିକଙ୍କ ପୁଅ ଲୋକନାଥ ମଲ୍ଲିକ (୩୧)ଙ୍କୁ ଆକ୍ରମଣ କରି କାମୁଡିବାରୁ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳକୁ ନିଆଯାଇଥିଲା। ସେ ଏବେ ସେଠାରେ ଚିକିତ୍ସାଧୀନ ଅଛନ୍ତି। ପ୍ରକାଶ ଥାଉକି, ଗତକାଲି ସକାଳ ସମୟରେ ଲୋକନାଥ ଖରିପଡିଆ ଦାରୁସ୍ଥଳ ଜଗନ୍ନାଥ ମନ୍ଦିର ପରିସରରେ ବସିଥିବା ବେଳେ ଉକ୍ତ ଅଣ୍ଡିରା ମାଙ୍କଡଟି ଆସି ହଠାତ୍ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ଶରୀର ବିଭିନ୍ନ ଅଂଶକୁ କାମୁଡି ରକ୍ତାକ୍ତ କରି ଦେଇଥିଲା। ଆକ୍ରମଣରେ ଲୋକନାଥର ପେଟ, ହାତ ଓ ଗୋଡ଼ ଇତ୍ୟାଦିରେ ଅଶେଷ କ୍ଷତି ହୋଇଥିବା ଜଣାଯାଇଛି। ତାଙ୍କୁ ପ୍ରଥମେ ରଘୁନାଥପୁର ଡାକ୍ତରଖାନା ଏବଂ ପରେ ଅଧିକ ଚିକିତ୍ସା ପାଇଁ ଜଗତସିଂହପୁର ଜିଲ୍ଲା ଚିକିତ୍ସାଳୟକୁ ପଠାଯାଇଛି। ଏ ବାବଦରେ ଜଗତସିଂହପୁର ବନବିଭାଗ ରେଞ୍ଜରଙ୍କୁ ଜଣା ଯାଇଥିଲେ ମଧ ମାଙ୍କଡଟିକୁ ବନବିଭାଗ ଧରିବାପାଇଁ ଆସିନଥିବା ଜଣାଯାଇଛି। ଏହି ଘଟଣା ପରେ ଗ୍ରାମର ଲୋକମାନେ ଆତଙ୍କିତ ଅବସ୍ଥାରେ ଥିବା ବେଳେ ଗ୍ରାମରେ ତାଟି କବାଟ ପଡ଼ିଯାଇଛି।

# ମାଲକାନାଗିରି ଗସ୍ତରେ ପ୍ରଦେଶ କଂଗ୍ରେସ ଟ୍ରାଇବାଲ ଇସ୍ୟୁ ଡ୍ରାଫଟିଂ କମିଟି



ମାଲକାନଗିରି(ଭାସ୍କର ନ୍ୟୁଜ): ପ୍ରଦେଶ କଂଗ୍ରେସ କମିଟିର ଟ୍ରାଇବାଲ ଇସ୍ୟୁ ଡ୍ରାଫଟିଂ କମିଟି ଦିନିକିଆ ଗସ୍ତରେ ମାଲକାନଗିରି ଆସି ପହଂଚିଛନ୍ତି। ମାଲକାନଗିରି ସଦର ମହକୁମା ସ୍ଥିତ ସର୍କିଟ ହାଉସ୍‌ଠାରେ ୬୫ ସମ୍ପ୍ରଦାୟର ଆଦିବାସି ଲୋକଙ୍କୁ ନେଇ ସ୍ୱତନ୍ତ୍ର ବୈଠକ କରିଥିଲେ। ଏହି କମିଟିର ସିଏଲପି. ଲିଡର ତଥା ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ମୟୁରଭଞ୍ଜାରୁ ଲକ୍ଷ୍ମୀଧର ସିଂ, ଓଡିଶା ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ, ଜୟରାମ ପାଙ୍ଗି, ତଥା ପ୍ରଦେଶ କଂଗ୍ରେସ ସମ୍ପାଦକ ଲିପିକା ମାଝୀ ଉପସ୍ଥିତ ରହି ଆଦିବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେମାନଙ୍କ କହିବା ଅନୁସାରେ ଆଜି ପର୍ଯ୍ୟନ୍ତ ଆଦିବାସୀ ମାନେ ଜଳ, ଜଙ୍ଗଲ, ଜମି ଉପରେ ଠିକ୍ ଭାବେ ଅଧିକାର ପାଇପାରିନାହାନ୍ତି। ତତ୍ ସହିତ ପେସା ଆଇନ ଲାଗୁ କରା ଯାଇନାହିଁ ଆଦିବାସୀଙ୍କ କଳା, ସଂସ୍କୃତି ଓ ପରମ୍ପରାକୁ କିପରି ବଜାୟ ରଖା ଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରା ଯାଇଥିଲା। ଆଗାମୀ ଦିନରେ ଯଦି ରାଜ୍ୟ ସରକାର ଆଦିବାସୀଙ୍କ ଉକ୍ତ ସମସ୍ୟା ଗୁଡିକର ସମାଧାନ ନ କରନ୍ତି ଏହାକୁ ସ୍ୱତନ୍ତ୍ର ଭାବେ ଦାବି ଉପସ୍ଥାପନ କରାଯିବା ସହ ଆଦିବାସୀଙ୍କ ନିମନ୍ତେ ଏକ ପୁସ୍ତିକା ତିଆରି କରାଯାଇ ଏହାର ପ୍ରତିବାଦ କରାଯିବ ବୋଲି କମିଟି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମାଲକାନଗିରି ଜିଲ୍ଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ର, ପ୍ରଭାକର ପାଳ, ପି. କେଶୁ ରାଓ, ଇର୍ମା ପଡିଆମି, ଭିମା ବାର୍ସେ, ମାଲା ମାଡିଙ୍କ ସହ ଅନେକ କଂଗ୍ରେସ କର୍ମୀ ଓ ବିଭିନ୍ନ ସମ୍ପ୍ରଦାୟର ଆଦିବାସୀମାନେ ଉପସ୍ଥିତ ଥିଲେ।

# ପିତୃଶ୍ରାଦ୍ଧ ବାର୍ଷିକୀ ଓ ପୌତ୍ରର ସ୍ୱନକ୍ଷତ୍ର ଉତ୍ସବ




ଭୁବନ(ଭାସ୍କର ନ୍ୟୁଜ): ଆଜିର ସମାଜରେ ଦୈନନ୍ଦିନ ବୃଦ୍ଧ ପିତାମାତାମାନେ ପୁଅ ବୋହୂଙ୍କ ଦ୍ୱାରା ଅବହେଳିତ ଓ ନିର୍ଯ୍ୟାତିତ ହେଉଥିବା ଖବର ଦେଖିବାକୁ ମିଳୁଥିବା ବେଳେ ଭୁବନ ବ୍ଲକ ଅନ୍ତର୍ଗତ ଯମୁନାକୋଟ ଗ୍ରାମର ଅବସରପ୍ରାପ୍ତ ପ୍ରାଧାପକ ରମେଶ ଚନ୍ଦ୍ର ପାଣି ପିତା ଦିବ୍ୟାତ୍ମା ବିଦ୍ୟାଧର ପାଣିଙ୍କର ଅଷ୍ଟମ ବାର୍ଷିକ ଶ୍ରାଦ୍ଧୋତ୍ସବ ଓ ନାତି ଅମ୍ଳାନ ସିଦ୍ଧି ବର୍ଦ୍ଧନର ଦଶମ ସ୍ୱନକ୍ଷତ୍ର ଉତ୍ସବ ପାଳନ କରି ସମାଜ ପାଇଁ ନିଆରା ପରମ୍ପରା/ଉଦାହରଣ ସୃଷ୍ଟି କରିଛନ୍ତି। ଗତ ୧୪ ତାରିଖରେ ବିଦ୍ୟାଧର ପାଣିଙ୍କର ସ୍ମୃତି ଶ୍ରାଦ୍ଧୋତ୍ସବ ପାଳିତହୋଇଥିଲା। ପ୍ରଥମେ ପାଣି ପରିବାର ପକ୍ଷରୁ ବିଦ୍ୟାଧର ପାଣିଙ୍କ ନାତି ଇଂ ଗୁରୁ ବିଶ୍ୱଭୂଷଣ ପାଣି ଅତିଥିମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନେ ନିଜ ଅନୁଭୂତିରୁ ବିଦ୍ୟାଧର ପାଣିଙ୍କ ସ୍ମୃତିଚାରଣ କରିଥିଲେ। ସ୍ମୃତିସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଯମୁନାକୋଟ ବିବେକାନନ୍ଦ ଶିଶୁ ମନ୍ଦିରର ସଭାପତି ତଥା ପୂର୍ବତନ ସରପଞ୍ଚ ନଟ୍ୱରସାହୁ, ପୂର୍ବତନ ସରପଞ୍ଚ ଖୁଲଣା ରାଉତ, ଦୂରଦର୍ଶନ ପାଲା ଗାୟିକା ଶର୍ମିଷ୍ଠା ରାଉତ, ବିଶିଷ୍ଟ ବ୍ୟକ୍ତି ବିଦ୍ୟାଧର ଜେନା, ପଦ୍ମନାଭ ରାଉତ, ହାଡିବନ୍ଧୁ ସାହୁ, ବ୍ରଜବନ୍ଧୁ ରାଉତ, ମଦନ ବେହେରା, କେଶବ ମଳିକ, ଗତିକୃଷ୍ଣ ରାଉତ, ଲଣ୍ଡା ସାହୁ, ଅଚ୍ୟୁତାନନ୍ଦ ସାହୁ, ଅନନ୍ତ ସାହୁ, ଚକ୍ରଧର କାଣ୍ଡି, ଆନନ୍ଦ ପ୍ରଧାନ, ରମେଶ ସାହୁ, ବ୍ରହ୍ମାନନ୍ଦ ବେହେରା, ଭୀମସେନ ସାହୁ, ବିଳାସ ମଳିକ, ବିକ୍ରମ ବେହେରା, ଅଦ୍ୱୈତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଯମୁନାକୋଟ ଉଚ୍ଚ ବିଦ୍ୟାଳୟ ଓ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ ମାନେ ନୃତ୍ୟ ଗୀତ ପରିବେଷଣ କରିଥିଲେ। ପରେ ଓଡ଼ିଶାର ସୁନାମଧନ୍ୟ ପାଲା ଗାୟିକା ସୁରତରଙ୍ଗିଣୀ ଗାୟିକା ସସ୍ମିତା ରାଉତ ସୁନ୍ଦର ଓ ମନମୁଗ୍ଧକର ପାଲାପରିବେଷଣ କରିଥିଲେ। ଗତ ୧୬ ତାରିଖରେ ଅମ୍ଳାନର ସ୍ୱନକ୍ଷତ୍ର ପାଲା ପରିବେଷଣ ପୂର୍ବରୁ ପାଣି ପରିବାର ପକ୍ଷରୁ ଅତିଥି ନଟବର ସାହୁ, ଅଦ୍ୱୈତ ସାହୁ, ବିକ୍ରମାଦିତ୍ୟ ବେହେରା, ଗଜେନ୍ଦ୍ର ନାୟକ, ଖୁଲଣା ରାଉତ, ଗାୟିକା ସସ୍ମିତା, ସାଥିଙ୍କୁ ଉତ୍ତରୀୟ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୧୪ରୁ ୧୬ ତାରିଖ ତିନି ଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଦ୍ୟାଧର ପାଣିଙ୍କ ନାତୁଣୀ ଅଧ୍ୟାପିକା ସସ୍ମିତା ପାଣି ରୋଚକ ଢଙ୍ଗରେ ପରିଚାଳନା କରିଥିଲେ। ୧୬ ତାରିଖରେ ସମସ୍ତ ପରିଜନଙ୍କ ମେଳରେ ଅମ୍ଳାନଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଗାୟିକା ସସ୍ମିତା ରାଉତ ପାଲାମରେ ଶ୍ଲୋକ ମାଧ୍ୟମରେ ଅମ୍ଳାନକୁ ଆଶୀର୍ବାଦ କରିଥିଲେ। ଯମୁନାକୋଟ ତଥା ପଡ଼ୋଶୀ ଗ୍ରାମର ପାଲାପ୍ରେମୀମାନେ ବହୁସଂଖ୍ୟାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

**ବହୁଚର୍ଚ୍ଚିତ ଟିଟନ ହତ୍ୟା ଘଟଣା**

# ମୁଖ୍ୟ ଅଭିଯୁକ୍ତକୁ ଜାମିନ ପ୍ରଦାନ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ସହରର କାରିଗର ସାହି ଟିଟନ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତକୁ ୨୫ ଦିନରେ ଜାମିନ ପ୍ରଦାନ କରିଥିବାର ଜଣାପଡିଛି। ଗତ ୨୦ ତାରିଖ ରାତିରେ ସହରର କାରିଗର ସାହିର ବଳି ଓରଫ୍ ଶ୍ରୀକାନ୍ତ ରଣା ଓ ତାଙ୍କର ସହଯୋଗୀମାନେ ପୂର୍ବ ଶତୃତାକୁ କେନ୍ଦ୍ର କରି ଟିଟନକୁ ରାସ୍ତା ଉପରେ ବିଭତ୍ସ ଭାବରେ ହତ୍ୟା କରି ଫେରାର୍ ହୋଇଯାଇଥିଲେ। ଏହି ଘଟଣାରେ ଟିଟନର ପତ୍ନୀ ପୂଜା ବେହେରା ଟାଉନ୍ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ୍ ବଳିଙ୍କ ସମେତ ବିଶ୍ୱଜିତ୍ ବେହେରା ଓରଫ୍ ପାଣ୍ଡେ, ଟିଟି ସାହୁ, ଅରୁ ଦଳେଇ, ସୁବୁ ସାହୁ, ଚନ୍ଦନ ଆର୍ଯ୍ୟ ବେହେରା, କାର୍ତିକ ବେହେରା, ଦୀପକ ବେହେରାଙ୍କ ନାମରେ ଏକ ହତ୍ୟା ମାମଲା ରୁଜୁ କରି କେଶ୍ ନମ୍ବର ୨୪୭/୨୫ରେ ମାମଲା ରୁଜୁ କରିଥିଲା। ଏହି ଘଟଣା ପରେ ଅଭିଯୁକ୍ତମାନଙ୍କୁ ପୋଲିସ୍ ଗିରଫ କରି ମାନ୍ୟବର ଏସ୍‌ଡିଜେଏମ୍ ଅଦାଲରେ ହାଜର କରିଥିଲା। ମାନ୍ୟବର ଅଦାଲତ ହତ୍ୟାକାଣ୍ଡର ମାତ୍ର ୨୫ ଦିନ ପରେ ମୁଖ୍ୟ ଅଭିଯୁକ୍ତ ବଳିକୁ ଅଦାଲତ ଜାମିନ୍ ପ୍ରଦାନ କରିଛନ୍ତି। ଏହାକୁ ନେଇ ସହରରେ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଛି।

# ବ୍ଲକ୍‌ସ୍ତରୀୟ ସରକାରୀ ପ୍ରଧାନ ଶିକ୍ଷକଙ୍କ ଆଲୋଚନାଚକ୍ର





ଜଳେଶ୍ୱର(ଭାସ୍କର ନ୍ୟୁଜ): ସୋମବାର ପୂର୍ବାହ୍ନ ୯ଟାରେ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନାଙ୍କ ସଭାପତିତ୍ୱରେ ବ୍ଲକର ୨୯ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଜେନା ମୁଖ୍ୟ ପ୍ରସଙ୍ଗଗୁଡ଼ିକ ଯଥା-ଜୁନିୟର ଇସିଏସ ଗ୍ରେଡେସନ ଡାଟା, ଏସିଏସଟି ବହି ସମ୍ବନ୍ଧିୟ ଡାଟା, ଏଲଇସିଏସ ଡାଟା, ଅନଲାଇନ ହଲିଡେ ହୋମ ୱାର୍କ ଆଦି ବାବଦରେ ଆଲୋଚନା କରିଥିଲେ। ତା ସହିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଜଳେଶ୍ୱର ବ୍ଲକର ଏ-ୱାନ ପାଇଥିବା ୩୭ ପିଲାଙ୍କୁ ଆସନ୍ତା ୨୩ରେ ସମ୍ବର୍ଦ୍ଧନା କରିବା ପାଇଁ ଏକ ସମାରୋହ ଉତ୍ସବ ପାଇଁ ଘୋଷଣା ଏବଂ ଚଳିତ ମଇ ମାସ ୩୧ରେ ଅବସର ନେଉଥିବା ମୁଖ୍ୟମନ୍ତ୍ରୀ ରାଜ୍ୟ ଶିକ୍ଷା ପୁରସ୍କାର ଷଷ୍ଠ ସ୍ଥାନ ଅଧିକାର କରିଥିବା ଆଦର୍ଶ ପ୍ରଧାନ ଶିକ୍ଷକ ଡଃ ଅଜିତ କୁମାର ମହାନ୍ତିଙ୍କ ଅବସର ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ଏକ ଅବସରକାଳୀନ ଅଭିନନ୍ଦନ ପୁସ୍ତିକା ପାଇଁ ଆସନ୍ତା ୨୫ ଭିତରେ ଲେଖା ଦେବା ପାଇଁ ପ୍ରଧାନ ଶିକ୍ଷକମଙ୍କୁ ପରାମର୍ଶ ଦେଇଥିଲେ। ଆଲୋଚକ ଭାବରେ ବିଆରସିସି ସୁଶାନ୍ତ କୁମାର ଜେନା, ପ୍ରଧାନ ଶିକ୍ଷକ ଡଃ ଅଜିତ କୁମାର ମହାନ୍ତି, ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା ପ୍ରଭୃତି ଆଲୋଚକ ଭାବରେ ମଞ୍ଚାସୀନ ଥିଲେ। ଅନ୍ୟତମ ପ୍ରଧାନ ଶିକ୍ଷକ ଯୁଗୋଳ କୁମାର ଜେନା, ମୃତ୍ୟୁଞ୍ଜୟ ଦାସ, ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିରେଖା ଜେନା, ଗୌରୀରାଣୀ ମହାନ୍ତି, ରଜନୀ ହାଁସଦା ପ୍ରମୁଖ ପ୍ରଧାନ ଶିକ୍ଷକ ତଥା ବିଭିନ୍ନ ବିଦ୍ୟାଳୟର ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ଆଲୋଚନାରେ ଅଂଶଗ୍ରହଣ କରି ପ୍ରଧାନ ଶିକ୍ଷକଙ୍କ ଚଳିତ ଗ୍ରୀଷ୍ମଛୁଟିରେ ପିଲାଙ୍କ ପାଇଁ ପାଠ୍ୟକ୍ରମ ଉପଯୋଗିତା ପାଇଁ ଚେଷ୍ଟା କରିବେ ବୋଲି ଆଲୋଚନା ହୋଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ପାଠ୍ୟଦାନର ଉନ୍ନତିକରଣ, ଆପାର ଆଡି ପ୍ରଭୃତି ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା, ପଥଚାରୀ ହଟହଟା

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ସାଲେପୁର ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଜ୍ଞାତସାରରେ ନିଶ୍ଚିନ୍ତକୋଇଲି- କୋରୁଆ ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି। ଏହି ରାସ୍ତାକୁ ମରାମତି କରାଯିବା ଦିଗରେ ବିଭାଗୀୟ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକଛକ ଠାରୁ କୋରୁଆ ଭାୟା ନେମାଳ ରାସ୍ତା ସାଲେପୁର ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଅଧିନରେ ରହିଛି। ଏହି ରାସ୍ତା ଉପରେ ଗମନା ଗମନ କରିବା ନିମନ୍ତେ ସ୍ଥାନୀୟ ଅଞ୍ଚଳର ଶହ ଶହ ପଥଚାରୀ ଓ ସ୍କୁଲ କଲେଜ ଛାତ୍ର ଛାତ୍ରୀ ନିର୍ଭର କରିଥାନ୍ତି। ଏହି ରାସ୍ତା ଦେଇ ଦୈନନ୍ଦିନ ଓଡିଶାର ବିଭିନ୍ନ ପୁରପଲ୍ଲୀରୁ ଶହ ଶହ ଶ୍ରଦ୍ଧାଳୁ ଉକ୍ତ ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଦର୍ଶନ ନିମନ୍ତେ ଆସିଥାନ୍ତି। ଏହି ରାସ୍ତାଟି କଟକ-କେନ୍ଦ୍ରାପଡା, ଯାଜପୁର ଓ ଜଗତସିଂହପୁର ଜିଲ୍ଲାକୁ ସଂଯୋଗ କରିଥାଏ। ତେବେ ଏହି ରାସ୍ତାଟି ସାଲେପୁର ପୂର୍ତ୍ତ ବିଭାଗର ଲେଉଟିଆ କିଆରୀରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ସରକାର ପରିବର୍ତନ ହେଉଛି। ଲୋକଙ୍କ ଆର୍ଥୀକ ପ୍ରଗତି ହେଉଛି। ମାତ୍ର ଏହି ରାସ୍ତାର ଭାଗ୍ୟ ପରିବର୍ତନ ହେଉନାହିଁ। ପ୍ରତିବର୍ଷ ଏହି ରାସ୍ତା ସରକାରୀ କାଗଜକଲମରେ ନିର୍ମାଣ କରାଯାଇ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟି ନିଆଯାଉଛି। ମନ୍ତ୍ରୀ -ଯନ୍ତ୍ରୀ- ବିଧାୟକ, ଠିକାଦାରଙ୍କ ଭାଗ୍ୟର ପରିବର୍ତ୍ତନ ହେଉଥିଲା ବେଳେ ଏହି ରାସ୍ତାର ଭାଗ୍ୟ ପରିବର୍ତନ ହେଉନାହିଁ। ଠିକାଦାରଙ୍କ ସହ ବିଭାଗୀୟ ଅଧିକାରୀଙ୍କର ଅସାଧୁ ମେଣ୍ଟ ରହିଥିବା କାରଣରୁ ପ୍ରତିବର୍ଷ ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଇ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟି ନିଆଯାଉଛି। ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେତୁ ଏହି ରାସ୍ତା ନିର୍ମାଣର ଅଳ୍ପଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଥିବାର ଅଭିଯୋଗ ହୋଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ଗୋଡି ଉଠିଯାଇ ରାସ୍ତାରେ ବିସ୍ତାରିତ ଭାବେ ପଡିରହିଛି। ରାସ୍ତାର ବହୁ ସ୍ଥାନରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଟିକିଏ ବର୍ଷା ହେଲେ ଏହି ଗର୍ତରେ ପାଣି ଜମି ରହୁଛି। ଫଳରେ ଲୋକେ ଗମନା ଗମନ କ୍ଷେତ୍ରରେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଏହି ରାସ୍ତାରେ ଯାନବାହନ ଗମନାଗମନ କରିବା ତ ଦୂରର କଥା ଏପରିକି ଖାଲି ପାଦରେ ଚାଲିକି ଯିବା କାଠିକର ପାଠ ଅଟେ। ରାସ୍ତାର ଶୋଚନୀୟ ଅବସ୍ଥା ହେତୁ ଦୈନନ୍ଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେଉଥିବା ଅଭିଯୋଗ ହୋଇଛି। ପ୍ରଶାସନକୁ ଏ ସମ୍ପର୍କରେ ଅବଗତି କରାଗଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି। ତେବେ ଏହି ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତା ଓ ଚଞ୍ଚକତାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ରହସ୍ୟର ପର୍ଦ୍ଦାଫାର୍ସ ହେବା ସହ ଦୁର୍ନୀତିଖୋର ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ଅସଲ ମୁଖାର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ଏହାର ତଦନ୍ତ କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।





ଜଗତସିଂହପୁର, (ଭାସ୍କର ନ୍ୟୁଜ): ପୂର୍ବତନ ସରପଞ୍ଚ ତଥା ଅବସର ପ୍ରାପ୍ତ ଅଧ୍ୟାପକ ସ୍ୱର୍ଗତଃ ଭଗବାନ ବିଶ୍ୱାଳଙ୍କର ଏକାଦଶାହରେ ଏକ ସ୍ମୃତିସଭା ଜନ୍ମସ୍ଥାନ ଆମ୍ବଦରଡ ଗ୍ରାମରେ ଥିବା ମଠ ପରିସରରେ ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରି ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେମାନଙ୍କ ମଧ୍ୟରେ ତିର୍ତ୍ତୋଲ ବିଧାୟକ ଡ଼ଃ ରମାକାନ୍ତ ଭୋଇ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ବିଧାୟକ ଜ୍ୟୋତିଷ ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜଗନ୍ନାଥ ମୁଦୁଲି, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଡ଼ଃ ଅଭୟ କୁମାର ନାୟକ, ଅଲେଖ ଚନ୍ଦ୍ର ବେହେରା, ଡ଼ଃ ସୁଧାକର ଦାସ, ସଦାଶିବ ବିଶ୍ୱାଳ, ନିର୍ମଳ କୁମାର ଜେନା, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ, ପ୍ୟାରୀମୋହନ ପଟ୍ଟନାୟକ, ସୁଶ୍ରୀ ଗୀତା ରଥ, ପ୍ରଫେସର ଶରତ ଚନ୍ଦ୍ର ରାଉତରାୟ,ଅଧ୍ୟାପକ ଦେବେନ୍ଦ୍ର ନାଥ ବାରିକ, ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍ୱର୍ଗତ ବିଶ୍ୱାଳଙ୍କ ସୁପୁତ୍ର ଅଜିତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ତେଲକୋଇରେ ପରାକ୍ରମା ଶୋଭାଯାତ୍ରା




କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଅପରେସନ ସିନ୍ଦୁରର ସଫଳତା ପରେ ଏବେ ସାରା ଦେଶ ଗର୍ବିତ। ଦେଶର ସୈନ୍ୟ ଶକ୍ତି ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ଦେଶବାସୀଙ୍କୁ ଗର୍ବିତ କରିଛନ୍ତି। ସେନାର ସାହସ ଓ ବୀରତ୍ୱର ସମ୍ମାନରେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର ଓରିଆ ଗ୍ରାମ ପଞ୍ଚାୟତ ଓ ସିରିଗିଡ଼ା ପଞ୍ଚାୟତବାସୀଙ୍କ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରାକ୍ରମ ଶୋଭାଯାତ୍ରାରେ ସ୍ଥାନୀୟ ବିଧାୟକ ଡ଼ାକ୍ତର ଫକୀର ମୋହନ ନାଏକ ଯୋଗ ଦେଇ ଅପରେସନ ସିନ୍ଦୁର କେବଳ ଏକ ନାମ ନୁହେଁ ଭାରତୀୟ ସେନାର ସାହସ ଓ ନାରୀ ସମ୍ମାନର ଏକ ଅଭିନବ ସମାହାର ବୋଲି କହିବା ସହ ଆମର ବୀର ଜବାନ ମାନଙ୍କୁ ଏହି ପଦଯାତ୍ରା ଦ୍ୱାରା ଆମେ ସ୍ମରଣ କରୁଛୁ ବୋଲି କହିଥିଲେ। ଡାକ୍ତର ଶ୍ରୀ ନାଏକ କହିଥିଲେ ପରାକ୍ରମ ଶୋଭାଯାତ୍ରାରେ ହୋଇ ସେ ଗର୍ବିତ। ଏହି ଆୟୋଜିତ କାର୍ଯ୍ୟକ୍ରମ ଓରିଆ ପଞ୍ଚାୟତ ଧନୁର୍ଜୟପୁର ହନୁମାନ ବାଟିକା ଠାରୁ କତରାପାଲି ଗାଁ ଦେଇ ବିର୍ସାମୁଣ୍ଡା ଛକ ପର୍ଯ୍ୟନ୍ତ ଜୟ ହିନ୍ଦ ଓ ଭାରତ ମାତା କି ଜୟ ସ୍ଲୋଗାନ ଦେଇ ପଦଯାତ୍ରାରେ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ତେଲକୋଇ ମଣ୍ଡଳ ସଭାପତି ବଟ ମୁଖୀ, ପ୍ରଫୁଲ୍ଲ କୁମାର ସାହୁ, ପ୍ରମୋଦ କୁମାର ସାହୁ, କ୍ରିଷ୍ଣା ପ୍ରସାଦ ସାହୁ , ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ପଞ୍ଚୟତରୁ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ। ସେହିପରି ସିରିଗିଡା ପଞ୍ଚାୟତ ପକ୍ଷରୁ ମଧ୍ୟ କରଯାଇଥିବା ପରାକ୍ରମ ଶୋଭାଯାତ୍ରାରେ ବିଧାୟକ ଡ଼ାକ୍ତର ଫକୀର ମୋହନ ନାଏକ ସାମିଲ ହୋଇଥିଲେ।

# ଅଜଣା ରୋଗ କବଳରେ ଗ୍ରାମବାସୀ

- ପଡ଼ିଆରେ ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ
- ଖ୍ରୀଷ୍ଟିୟାନସାହିରେ ଆତଙ୍କ ଖେଳାଇଛି ଅଜଣା ରୋଗ
- ପଡ଼ିଆରେ ପହଞ୍ଚିଲେ ସ୍ୱତନ୍ତ୍ର ମେଡ଼ିକାଲ ଟିମ୍



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ହାତଗୋଡ଼ ଫୁଲି ଯାଉଛି । ଗଣ୍ଠିରେ ପ୍ରବଳ ଯନ୍ତ୍ରଣା ହେଉଛି। ଅସହ୍ୟ ବ୍ୟଥା ଲାଗି ବୟସ୍କମାନେ ଚାଲିପାରୁ ନାହାନ୍ତି। ରକ୍ତ ପରୀକ୍ଷା ପରେ ବି ଏହାର କାରଣ ଜଣାପଡୁନି। ମାସେ ହେଲା ଲୋକେ ଏଭଳି ଯନ୍ତ୍ରଣାରେ ଛଟପଟ ହେଲେଣି। କେଉଁ ଏକ ଅଜଣା ରୋଗ ଲୋକଙ୍କୁ ଆକ୍ରାନ୍ତ କରିଛି ବୋଲି ଆତଙ୍କ ଖେଳିଗଲାଣି। ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍ ସଦର ମହକୁମା ଖ୍ରୀଷ୍ଟିୟାନ୍ ସାହିରେ ଘାରିଛି ଏହି ଅଜଣା ରୋଗର ଆତଙ୍କ। ଏବେ ସୁଦ୍ଧା ଏହି ରୋଗରେ ସାହିର ୫୦୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଛନ୍ତି। ଆଜି ବିଶେଷଜ୍ଞ ଡାକ୍ତରଙ୍କ ଟିମ୍ ପଡ଼ିଆ ଗସ୍ତ କରିବେ। ଆକ୍ରାନ୍ତଙ୍କ ଘରେ ସ୍ୱତନ୍ତ୍ର ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ଏହି ଟିମ୍ ରୋଗର କାରଣ ଖୋଜି ବାହାର କରିବ। ଏହାସହ ରୋଗର ନିରାକରଣ ପାଇଁ ଔଷଧ ଦିଆଯିବ ବୋଲି ସିଡିଏମ୍‌ଓ ଡକ୍ଟର ବ୍ରଜବନ୍ଧୁ ଦାଶ କହିଛନ୍ତି। ସାହି ଲୋକଙ୍କ ସୂଚନା ଅନୁଯାୟୀ, ଅଜଣା ରୋଗରେ ଏହି ସାହିର ୨୦୦ ପରିବାରର ୫୦୦ ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଛନ୍ତି। ପିଲାଠୁ ବଡ଼ ସମସ୍ତେ ଅସହ୍ୟ ଯନ୍ତ୍ରଣାରେ ଛଟପଟ । ପ୍ରଥମେ ଗୋଡ଼ ହାତ ଫୁଲିଯାଉଛି। ପରେ ଜ୍ୱର ହୋଇ ଗଣ୍ଠିରେ ଯନ୍ତ୍ରଣା ହେଉଛି। ଡାକ୍ତରଙ୍କ ପରାମର୍ଶ କ୍ରମେ ରକ୍ତ ନମୁନା କରାଯାଉଛି । ତଥାପି ରୋଗର କାରଣ ଜଣାପଡୁ ନ ଥିବା ଡାକ୍ତର କହୁଛନ୍ତି। ବ୍ୟଥା ନିବାରକ ଔଷଧ କିଛି ସମୟ ପରେ କାମ ଦେଉନି। ସ୍ଥାନୀୟ ଡାକ୍ତରଖାନାରେ ଜଣା ନ ପଡ଼ିବାରୁ ବାଧ୍ୟ ହୋଇ ଜିଲ୍ଲା ହସ୍ପିଟାଲ୍ ଏବଂ ଅନ୍ୟ ରାଜ୍ୟକୁ ଯାଇ ଚିକିତ୍ସିତ ହେଉଛନ୍ତି ରୋଗୀ। ତଥାପି ସୁଫଳ ମିଳୁନି। ଏମିତିକି ଔଷଧ ଖାଇବା ପରେ କେତେକଙ୍କ ଶରୀରରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ଶରୀର ଫୁଲି ଯାଇ କୁଣ୍ଡେଇ ହେଉଛି। ମୁହଁ କଳା ପଡ଼ିଯାଉଥିବା ମସାକ ରବି ମାଦ୍ରି, ନାଗଲୁ ସେଉଆମ୍ମା, ନାଗଲୁ ମଞ୍ଜୁ, ସୁଧାଲ ଜୟ ରାଜୁ, ବତୀନ ଜୟରାଜୁ, ବତୀନ ଦୈବ କୁମାରୀ, ବେଦି ଧନଲକ୍ଷ୍ମୀ, ଚିନାମ ମିନତୀ, ମାଦ୍ରି ସାଲବମ୍, ମାଦ୍ରି କୃପାବତୀ, ମାଦ୍ରି ପଦ୍ମାମଣି, ବାତିମ ସୀମା, ତାକଲ ରାଜୁ, ବନ୍ତାଲ ଓ୍ୱାରା ଲକ୍ଷ୍ମୀ, କେ. ଶକୁନ୍ତଳା, ନାଗଲୁ ସୁନୀଲ, ସୁଧାଲ ଜୟଆମ୍ମା, ଚିନାମ ରୂପାରାଣୀ ପ୍ରମୁଖ କହିଛନ୍ତି। ଗାଁକୁ ମେଡିକାଲ୍ ଟିମ୍ ଆସି ନ ଥିବା ସାହି ଲୋକ ଅଭିଯୋଗ ମଧ୍ୟ କରିଛନ୍ତି। ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସୌମ୍ୟକାନ୍ତ ବେହେରା କହିଛନ୍ତି, ସେ ପରୀକ୍ଷା ଏବଂ ତାଲିମ ଲାଗି ହେଡକ୍ୱାର୍ଟର ବାହାରେ ଅଛନ୍ତି। ୩ ମାସ ତଳେ ସମାନ ଲକ୍ଷଣ କେତେକ ସାହିରେ ଦେଖାଯାଇଥିଲା। ଚିକିତ୍ସା ପରେ ରୋଗୀମାନେ ସୁସ୍ଥ ହୋଇଥିଲେ। ସବୁ ପ୍ରକାର ପରୀକ୍ଷା ସୁବିଧା ସିଏନ୍‌ସିରେ ନାହିଁ। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯାଇଛି। ରକ୍ତ ନମୁନା ସଂଗ୍ରହ ଓ ପରୀକ୍ଷା ପରେ ରୋଗର ପ୍ରକୃତ କାରଣ ଜଣାପଡ଼ିବ। ଭାରପ୍ରାପ୍ତ ଅଧିକାର ଡାକ୍ତର ରାଜନାରାୟଣ ସିଂ କହିଛନ୍ତି, ରକ୍ତ ନମୁନା ସଂଗ୍ରହ ଲାଗି ସ୍ୱତନ୍ତ୍ର ଟିମ୍ ଆସିଛନ୍ତି। ସାହିର ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଆକ୍ରାନ୍ତ ମାନଙ୍କ ଚିକିତ୍ସା କରାଯିବ। ଏ ସମ୍ପର୍କରେ ସିଡିଏମ୍‌ଓ ଡାକ୍ତର ଦାଶ କହିଛନ୍ତି, ପଡ଼ିଆରେ ରୋଗ ସମସ୍ୟା ବାବଦରେ ଚିକିତ୍ସା ସେବା ଯୋଗାଇ ସେଠାକୁ ଡାକ୍ତର ଏବଂ ଟିମ୍ ପଠେଇଛନ୍ତି । ଆଜି ଡିଏଚଏଚରୁ ଏକ ବିଶେଷଜ୍ଞ ଟିମ୍ ପଡ଼ିଆ ଗସ୍ତ କରିଛନ୍ତି । ଲୋକଙ୍କ ମଳ, ମୂତ୍ର ଓ ରକ୍ତ ନମୁନା ପରୀକ୍ଷା କରାଯିବ । ଗାଁରେ ସ୍ୱତନ୍ତ୍ର ଚିକିତ୍ସା ଶିବିର ଖୋଲାଯିବ। ଦରକାର ହେଲେ ଗୁରୁତରଙ୍କୁ ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯିବ। ସ୍ଥିତି ନିୟନ୍ତ୍ରଣରେ ରହିଛି ଭୟଭୀତ ନହେବାକୁ ସେ ପରାମର୍ଶ ଦେଇଛନ୍ତି।

# ଯୁବକ, ଯୁବତୀଙ୍କ ଭବିଷ୍ୟତ ଗଠନ ନେଇ କର୍ମଶାଳା



ଖଇରପୁଟ, (ଭାସ୍କର ନ୍ୟୁଜ୍ ) : ଖଇରପୁଟ ବ୍ଲକ ଅନ୍ତର୍ଗତ କୁଦୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତ ଠାରେ ଏକତା-ଚାଇଲ୍ଡଫଣ୍ଡ, ଗୋବିନ୍ଦପାଲ୍ଲି, ଆନୁକୂଲ୍ୟରେ 'ଲାଇଫ ପ୍ଲାନ, କ୍ୟାରିୟର ପ୍ଲାନ, କ୍ୟାରିୟର ପ୍ଲାନିଂ ଆଣ୍ଡ କାଉନସେଲିଂ' ସମ୍ବନ୍ଧୀୟ ଏକ କାର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଯୁବକ ଯୁବତୀ ମାନଙ୍କୁ ଭବିଷ୍ୟତ ଯୋଜନା ଉପରେ ତାଲିମ ଦେବା, ଉଚ୍ଚ ଶିକ୍ଷା, ବୈଷୟିକ ଶିକ୍ଷା, କୁଶଳୀ, ସରକରୀ, ବେସରକାରୀ ଚକିରୀରେ ନିଯୁକ୍ତି ପାଇଁ ଉଚିତ ମାର୍ଗ ପାଇଁ ପରାମର୍ଶ ଦେବା ଆଦି ବିଷୟରେ ଅବଗତ କରାଯାଇଥିଲା । ଏହା ସହିତ ମାଲକାନଗିରି ଜିଲ୍ଲାରେ ଉଚ୍ଚ ଶିକ୍ଷାର ହାର ଅଧିକ ବଢାଇବା ନିମନ୍ତେ ଏହା ଏକ ବଡ ପ୍ରୟାସ। ଏକତା-ଚାଇଲ୍ଡଫଣ୍ଡ ଉଚ୍ଚ ଶିକ୍ଷା ଏବଂ ବୈଷୟିକ ଶିକ୍ଷା କ୍ଷେତ୍ରରେ ଛାତ୍ର ଛାତ୍ରୀଙ୍କ ମନୋବଳ ବଢାଇବା ସହିତ ତାଙ୍କର ଆର୍ଥିକ ସହଯୋଗ କରି ଆସୁଅଛି। ଆଗାମୀ ଦିନରେ ଯୁବକ, ଯୁବତୀଙ୍କୁ ଡିଡି ୟୁ ଜି କେ ୱାଇ, ଏସ୍ ବି ଆର୍ ଏସ୍ଇଟିଆଇ ଆଦି ଅନୁଷ୍ଠାନରେ ତାଲିମ ପଠାଇବା ଏବଂ ଆଇଟିଆଇ, ଡିପ୍ଲୋମା, ଇଞ୍ଜିନିୟରିଂ ଏବଂ କୃଷି ବୈଷୟିକ ଶିକ୍ଷା କ୍ଷେତ୍ରରେ ଯୁବକ, ଯୁବତୀ ମାନେ କିପରି ପାଠ୍ୟକ୍ରମରେ ନାମ ଲେଖାଇବେ ତାହା ପ୍ରତି ଆଗାମୀ ଦିନରେ ଧ୍ୟାନ ଦିଆଯିବା ପାଇଁ ଯୋଜନା ରହିଛି ବୋଲି ମାଲକାନଗିରି ଶିଶୁ ବିକାଶ ପ୍ରକଳ୍ପ କ୍ଷେତ୍ର ଅଧିକାରୀ ଅଭିମନ୍ୟୁ ରଗଡି ସୂଚନା ଦେଇଛନ୍ତି। ଏହି କର୍ମଶାଳକୁ ଦୁର୍ଗା ପ୍ରସାଦ ଗୁରୁ, ଜି ମିନାକ୍ଷୀ, ଲଳିତା ହନ୍ତାଳ, ଭାଗ୍ୟଲତା ସ୍ୱାଇଁ ପରିଚାଳନା କରିଥିଲେ ।

# ମୁଖ୍ୟ ରାସ୍ତାରେ ମିଛ ଭୂତ ଭୟ

ବନ୍ଧୁଗାଁ, (ଭାସ୍କର ନ୍ୟୁଜ ) : କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ନିଲାବାଡି ପଞ୍ଚାୟତ ଚେକାପାଡୁ ମୁଖ୍ୟ ରାସ୍ତାରେ ଭୂତ ଆକ୍ରାନ୍ତ ଫଟୋ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। ଏହି ଫଟୋକୁ ଦେଖି ସନ୍ଧ୍ୟା ସମୟରେ ଭୟରେ ରାୟଗଡ଼ା ଓ ପାର୍ବତୀପୁର ଦେଇ ଲୋକ ଯିବା ଆସିବା ବନ୍ଦ ହୋଇ ଯାଇଛି। ଦୁଇ ଦିନ ଧରି ବହୁ ଲୋକ ଆମକୁ ଫୋନ ଜରିଆରେ ଏହି ଭୂତ ଦେଖାଯିବା ସହ ଆକ୍ରମଣ କରିଥିବା ସତ୍ୟତା ଜାଣିବା ପାଇଁ କରିଥିଲେ। ଏହା ସହିତ କିଛି ଲୋକ ଗତକାଲି ଭୂତ ଆକ୍ରାନ୍ତ କରିଥିବା ଦୁଇ ଜଣ ବନ୍ଧୁଗାଁ ମେଡିକାଲରେ ଭର୍ତ୍ତି ହୋଇଥିବା ଖବର ପାଇବା ପରେ ଆମ ଗଣମାଧ୍ୟମ ପହଞ୍ଚି ଥିଲୁ। ମେଡିକାଲରେ ସୋମବାର ରାତ୍ର ୧୨ ଘଣ୍ଟା ପର୍ଯ୍ୟନ୍ତ ଜଣେ ମଧ୍ୟ ଆକ୍ରାନ୍ତ ହୋଇ ଆସିଥିବା ଖବର ନାହିଁ। ଏହି ଖବରଟି ଯାହା ଘୁରିଛି ତାହା ସମ୍ପୂର୍ଣ୍ଣ ମିଛ ଅଟେ। ଯେଉଁ ମାନେ ଏହି ଫୋଟକୁ ପ୍ରତିଦିନ ଭାଇରାଲ କରୁଛନ୍ତି ଦୟାକରି ଦୂରେଇ ରୁହନ୍ତୁ।

# ଆମ୍ବୁଲାନ୍ସରେ ନାହିଁ ଏସି କିମ୍ବା ଫ୍ୟାନ୍: ରୋଗୀ ହନ୍ତସନ୍ତ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ପୁଣି ସାମନାକୁ ଆସିଲା ୧୦୮ ଆମ୍ବୁଲାନ୍ସର ବିକଳ ଚିତ୍ର । ଆମ୍ବୁଲାନ୍ସ ଭିତରେ ନା ଅଛି ଫ୍ୟାନ୍ ନା ଅଛି ଏସି। ଆଉ ପ୍ରବଳ ଆଉଟୁ ପାଉଟୁ ହେଉଛନ୍ତି ରୋଗୀ ଓ ସମ୍ପର୍କୀୟ । ଏ ଚିତ୍ର ଆସିଛି ମାଲକାନଗିରି ଜିଲ୍ଲାରୁ। ଗତକାଲି ରାତିରେ ବଦଲି ଗାଁରୁ ଜଣେ ୬୦ ବର୍ଷୀୟା ବୃଦ୍ଧାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇ ପଡିବାରୁ ତାଙ୍କୁ ମାଲକାନଗିରି ଡାକ୍ତରଖାନାକୁ ନେବା ଲାଗି ୧୦୮ ଆମ୍ବୁଲାନ୍ସ ଡାକିଥିଲେ ପରିବାର ଲୋକେ। ମହିଳା ଜଣକ ଅଂଶୁଘାତରେ ପୀଡ଼ିତ ଥିବା ଜଣା ପଡିଥିବା ବେଳେ ଆମ୍ବୁଲାନ୍ସରେ କିନ୍ତୁ ଫ୍ୟାନ୍ କିମ୍ବା ଏସି ନଥିବାରୁ ରୋଗୀଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହୋଇ ପଡିଥିବା ଅଭିଯୋଗ ହୋଇଛି। ଆଉ ଏମିତି ପରିସ୍ଥିତିରେ ବିଞ୍ଚଣାରେ ବିଞ୍ଚି ବିଞ୍ଚି ରୋଗୀଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ସମ୍ପର୍କୀୟ । ଯାହାକୁ ନେଇ ପରିବାରଲୋକେ କ୍ଷୋଭ ପ୍ରକାଶ କରିବା ସହ ଏହି ଘଟଣାର ଭିଡିଓ ମଧ୍ୟ ସାମାଜିକ ଗଣ ମଧ୍ୟମରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି।

# ଆର୍ଟ ଅଫ ଗିଭିଂର ଦ୍ୱାଦଶ ବାର୍ଷିକୀ ପାଳିତ




ଫୁଲବାଣୀ, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଶନିବାର ଆର୍ଟ ଅଫ ଗିଭିଙ୍ଗ ଯୋଜନାର ଦ୍ୱାଦଶ ବାର୍ଷିକୀ ପାଳିତ ହୋଇ ଯାଇଛି। ଶିକ୍ଷାବିତ ଅଚ୍ୟୁତ ସାମନ୍ତଙ୍କ ପ୍ରଚେଷ୍ଟାରେ ଚାଲିଥିବା ଏହି ପରିକଳ୍ପନାର ବାର୍ଷିକୀ ପାଳନ ଅବସରରେ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ପ୍ରତ୍ୟେକ ମଣିଷ ନିକଟରେ ଦାନର ଭାବନା ଜାଗ୍ରତ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୂଖ୍ୟବକ୍ତା ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ଦାନର ପରମ୍ପରା ଭାରତ ବର୍ଷରେ ଅତି ପୁରୁଣା ବୋଲି କହିବା ସହ ଏଭଳି ଏକ ପ୍ରୟାସ ସମାଜରେ ସମ୍ବେଦନଶୀଳତା ବୃଦ୍ଧି କରିବାରେ ସହାୟକ ହୋଇଛି ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ସର୍ବେଶ୍ୱର ମିଶ୍ର ଏବଂ ଏଏନଏମ ଟ୍ରେନିଂ ସେଣ୍ଟରର ବରିଷ୍ଠ ଟ୍ୟୁଟର ମମତା ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖି ଏହି ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ। ଜିଲ୍ଲା ସଂଯୋଜକ ଭାଗିରଥୀ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାମ୍ବାଦିକ ଶିବପ୍ରସାଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପରାକ୍ରମ ତ୍ରିରଙ୍ଗା ବାଇକ୍ ରାଲି



ପଦ୍ମପୁର, (ଭାସ୍କର ନ୍ୟୁଜ୍ ) : ୧୯ତାରିଖ, ସକାଳ ୮:୦୦ ଘଣ୍ଟା ସମୟରେ ଏକ 'ପରାକ୍ରମ ତ୍ରିରଙ୍ଗା ବାଇକ୍ ରାଲି' ଅନୁଷ୍ଠିତ ହୋଇଥିଲା। ପହଲଗାମ୍ ଅଞ୍ଚଳରେ ହୋଇଥିବା ଆତଙ୍କବାଦି ନରସଂହାରର ପ୍ରତି ଜବାବ୍ ଦେବାରେ ଭାରତୀୟ ବୀର ସେନାବାହିନୀ ମାନଙ୍କ ଦ୍ୱାରା ଯେଉଁ ସୌର୍ଯ୍ୟ ପରାକ୍ରମ ଦେଖାଇ ଥିଲେ, ତାଙ୍କ ସମ୍ମାନ ଓ ବିରତ୍ୱ ଉଦ୍ଦେଶ୍ୟରେ 'ଅପରେସନ ସିନ୍ଦୂର'ର ସମର୍ଥନରେ 'ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ' ତରଫରୁ ଏହି ଶୋଭାଯାତ୍ରା କରାଯାଉଥିଲା। ଏହା ପଦ୍ମପୁର ନିକଟସ୍ଥ ଗୁଣ୍ଡିଚା ମନ୍ଦିର ଠାରୁ ଏକ ବାଇକ୍ ମାଧ୍ୟମରେ ପଦ୍ମପୁର, ଯମୁରୁଗୁଡ଼ା, ଜଗମଣ୍ଡା ଦେଇ ଶୋଭାଯାତ୍ରା ଯାଇଥିଲା। ଏହି ପରିପ୍ରେକ୍ଷୀରେ ପଦ୍ମପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ବିଭିନ୍ନ ସଂଗଠନ ଆସି ଯୋଗ ଦେଇଥିଲେ।

# ସୁନା ବ୍ୟବସାୟୀ ମାଲା ମାଲ୍, ଜିଏସ୍‌ଟି ବିଭାଗ ସାଜିଛି ସୁପ୍ତ ପ୍ରହରି

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍ ) : ଗଜପତି ଜିଲ୍ଲାରେ ଅଧିକାଂଶ ଆଦିବାସୀ ମାନେ ବସବାସ କରନ୍ତି । ପାରଳା ସହରରେ ମୁଖ୍ୟ ରାସ୍ତା ଓ ଗଳି କନ୍ଦି ମାନଙ୍କରେ ଛତୁ ଫୁଟିଲା ପରି ସୁନା ଦୋକାନ ମାନ ଗଢ଼ି ଉଠିଛି। ସୁନା ଦୋକାନ ମାନଙ୍କରେ ସୁନା ଦର ମନଇଚ୍ଛାରେ ଗ୍ରାହକମାନଙ୍କୁ ଠକି ନେଉଛନ୍ତି। ସରକାରଙ୍କ ନିୟମ ଅନୁସାରେ ରେଟ୍ ଚାଟ୍ କୌଣସି ଦୋକାନରେ ଦେଖିବାକୁ ମିଳୁନାହିଁ। ଓଜନରେ ମଧ୍ୟ ଠକିଥାନ୍ତି। ସୁଚନା ଯୋଗ୍ୟ ସହରରେ ୨୦ରୁ ଅଧିକ ସୁନା ଦୋକାନ ଅଛି । ୨୨ କ୍ୟାରେଟ, ୨୪ କ୍ୟାରେଟ୍ ସୁନାର ମୁଲ୍ୟ ଧାର୍ଯ୍ୟ କରିଥାନ୍ତି ମାତ୍ର ସରକାରଙ୍କ ଧାର୍ଯ୍ୟ ଦର ଠାରୁ ଅଧିକ ଦର ଓ ସୁନାରେ ଅନ୍ୟ ଧାତୁ ମିଶ୍ରଣ କରି ବିକ୍ରି କରିଦିଅନ୍ତି। ଯେଉଁ ଗ୍ରାହକ ମାନେ ସୁନା ବା ରୁପା କିଣନ୍ତି ସେମାନଙ୍କୁ ଜିଏସ୍‌ଟି ବିଲ୍ ଦିଆ ନ ହୋଇ ସାଦା କାଗଜରେ ଦର ଲେଖି କି ଦେଇଥାନ୍ତି। ଅନ୍ୟ ପଟେ ଗ୍ରାହକ ମାନେ ସେହି ସୁନାକୁ ବଦଳାଇ ନୂଆ ସୁନା କି ରୁପା ନିଅନ୍ତି। ପୁରୁଣା ସୁନା କହି ଅଧା ଦରରେ ନେଇଥାନ୍ତି। ଗ୍ରାହକ ମାନେ ପଚାରିଲେ ଏହି ସୁନା ଅମର ନାହିଁ ବୋଲି କହିଥାନ୍ତି। ସରକାରଙ୍କ ଆୟକର ବିଭାଗର ଓ ଜିଏସ୍‌ଟି ବିଭାଗକୁ ଠକୁଥିବା ସାଧାରଣ ଚର୍ଚ୍ଚା ହେଉଛି। ଅନ୍ୟ କେତକ ବ୍ୟବସାୟୀ ମାନେ ହଲ୍‌ମାର୍କ ଚିହ୍ନ ଅଛି ବୋଲି କହିଥାନ୍ତି ସୁନା ବ୍ୟବସାୟୀ ଧନୀ ହୁଅନ୍ତି। ଗରିବ ମାନେ ଠକାମୀ ଶିକାରରେ ପଡନ୍ତି। ଏ ନେଇ ସାଧାରଣରେ ଦାବି ଯେ ସୁନା ଓ ରୁପା ସରକାର ଧାର୍ଯ୍ୟ ମୁଲ୍ୟରେ ନେବା ସହ ଜିଏ ଷ୍ଟି ବିଲ୍ ଦେବା ପାଇଁ। ନହେଲେ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ବୁଦ୍ଧିଜୀବୀ ମାନେ କହିଛନ୍ତି। ଏଥି ପ୍ରତି ସରକାର ନଜରକୁ ନେବେ ବୋଲି ସାଧାରଣରେ ଦାବି ହେଉଛି।

# ଅଭୟଙ୍କୁ "ଓଡିଶା ଶିକ୍ଷା ରତ୍ନ ସମ୍ମାନ"

ବ୍ୟାସନଗର, (ଭାସ୍କର ନ୍ୟୁଜ୍) : ଯାଜପୁରରୋଡ଼ ସ୍ଥିତ ଗ୍ଲୋରିୟସ ସିନିୟର ସେକେଣ୍ଡାରୀ ସ୍କୁଲର ଫାଉଣ୍ଡର, ବରିଷ୍ଠ ସମ୍ବାଦିକ ତଥା ଫିଲ୍ମ ନିର୍ମାତା ଡକ୍ଟର ଅଭୟ ପତିଙ୍କୁ, କଟକ ଠାରେ "ଓଡିଶା ଶିକ୍ଷାରତ୍ନ ସମ୍ମାନ"ରେ ସମ୍ମାନୀତ କରାଯାଇଛି। ଗତ ୧୮ ତାରିଖ ରବିବାର କଟକ ବାରବାଟି ଷ୍ଟାଡିୟମ ଉପର ପଡିଆ ଠାରେ ଆୟୋଜିତ କଟକ ନୃତ୍ୟ ଉତ୍ସବରେ ଏହି ସମ୍ମାନ ଦିଆଯାଇଛି। ଏହି ଉତ୍ସବରେ ମୂଖ୍ୟ ଅତିଥି ଭାବେ ନ୍ୟାସନାଲ୍ ହ୍ୟୁମାନ ରାଇଟ୍ସ କମିଶନ୍‌ର ସମ୍ମାନନୀୟ ମେମ୍ବର ଜଷ୍ଟିସ ଡ. ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କଟକର ସାତସାହିକୁ ନେଇ ଜାତୀୟ ସ୍ତରରେ ଆୟୋଜିତ ଏହି ୧୬ତମ ଉତ୍ସବରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଡାକ୍ତର, ଆଇନଜୀବୀ, ସମାଜସେବୀ, ନୃତ୍ୟଗୁରୁ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ମିନତୀ ଫାଉଣ୍ଡେସନ ପକ୍ଷରୁ ଏହାର ପ୍ରତିଷ୍ଠାତା ସୁଚିସ୍ମିତା ପୃଷ୍ଟି, ଜଣେ ଗରିବ କ୍ୟାନ୍ସର ପିଡିତା ଛାତ୍ରୀଙ୍କୁ ଆର୍ଥିକ ସହାୟତା ଦେବାସହ ତାଙ୍କର ସମସ୍ତ ପାଠପଢା ଦାୟୀତ୍ୱ ନେଇଥିଲେ। ବରିଷ୍ଠ ସମ୍ବାଦିକ ତଥା ଏହି ଉତ୍ସବର ସମ୍ପାଦକ ଦୀପେଶ ମହାପାତ୍ର, ଉତ୍ସବକୁ ପରିଚାଳନା କରିଥିବାବେଳେ, ଦଶଦିନ ଧରି ଚାଲିଥିବା ଏହି ଉତ୍ସବକୁ କଟକବାସୀ ବେଶ୍ ଉପଭୋଗ କରୁଥିବା ଦେଖାଯାଇଥିଲା।

# ଗନ୍ଧରାଡ଼ିର ସାମୁହିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ଓଡିଶାର ପୁରାତନ ରାଜଧାନୀ ଜଗତୀସ୍ଥିତ ଐତିହାସିକ ଗନ୍ଧରାଡ଼ୀ ମନ୍ଦିର ଅଷ୍ଟମ ଶତାବ୍ଦୀରେ ନିର୍ମିତ ହୋଇ ପ୍ରନ୍ତତ୍ତ୍ୱ ବିଭଗର ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବରୁ ଜରାଜୀର୍ଣ୍ଣ ହେବାକୁ ବସିଲାଣି । ବୌଦ୍ଧ ଜିଲ୍ଲାର ପ୍ରାଚୀନ କଳା, ସ୍ଥାପତ୍ୟ, ଐତିହ, ସଂସ୍କୃତି ଓ ଲୋକକଳାର ବିକାଶ ପାଇଁ ଦୀର୍ଘ ୪ ବର୍ଷ ଧରି ଏହାର ବିକାଶ ପାଇଁ ଗନ୍ଧରାଡ଼ୀ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଛି। ହେଲେ ଆର୍ଥିକ ଶଙ୍କଟ ଯୋଗୁଁ ଏହାର ବିକାଶରେ ବାଧାପ୍ରାପ୍ତ ହେଉଛି। ଆଜି ବୌଦ୍ଧ ଜିଲ୍ଲା ଦିନିକିଆ ଗସ୍ତରେ ଆସିଥିବା ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗନ୍ଧରାଡ଼ୀର ସାମୁହିକ ବିକାଶ ପାଇଁ ଗନ୍ଧରାଡ଼ି ଲୋକ ମହୋତ୍ସବ କମିଟି ପକ୍ଷରୁ ୬ ଗୋଟି ଦାବି ନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ଗୁଡିକ ମଧ୍ୟରେ ଗନ୍ଧରାଡି ମନ୍ଦିରକୁ ଉଜ୍ଜଳ ଆଲୋକିକରଣ ସହ ପର୍ଯ୍ୟଟକ ମାନଙ୍କ ପାଇଁ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା, ଗନ୍ଧରାଡ଼ୀ ମନ୍ଦିର ପରିସରରେ ଏକ ପାର୍କ ସ୍ଥାପନ ସହ ଶିଶୁମାନଙ୍କ ଅବସର ବିନୋଦନ ପାଇଁ ଏକ ଶିଶୁ ଉଦ୍ୟାନ ବ୍ୟବସ୍ଥା, ମନ୍ଦିର ପରିସରରେ ପୂର୍ବରୁ ମଞ୍ଜୁର ହୋଇ ପଡିରହିଥିବା ଭୋଗ ମଣ୍ଡପ ଓ ନାମ ମଣ୍ଡପକୁ ତୁରନ୍ତ ନିର୍ମାଣ କରିବା, ଗନ୍ଧରାଡାକୁ ପର୍ଯ୍ୟଟକ ମାନଙ୍କ ସୁବିଧାରେ ଯିବା ଆସିବା ପାଇଁ ଭୈରବୀ ମନ୍ଦିର ଗୁଡିଆଲି ଦେଇ ଏନ୍.ଏଚ୍ ବୁରକଟା ଛକକୁ ସଂଯୋଗ ରାସ୍ତା, ଏଥି ସହ ଗନ୍ଧରାଡ଼ୀ ଠାରୁ ବାଲିଦୋହଲି ଦେଇ ଖୁଣ୍ଟବନ୍ଧ ଏନ୍. ଏଚ୍ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ,ଜହ୍ନାପଙ୍କ ଛକ ଠାରୁ ଗନ୍ଧରାଡୀ ପର୍ଯ୍ୟନ୍ତ ଆଲୋକିକରଣ ର ବ୍ୟବସ୍ଥା, ଲୋକକଳା ମହୋତ୍ସବ ଆୟୋଜନ ପାଇଁ ଏକ ସ୍ଥାୟୀ ପାଣ୍ଠିର ବ୍ୟବସ୍ଥା ଆଦି ରହିଛି। ଦାବିପତ୍ର ପ୍ରଦାନ ବେଳେ କମିଟିର ସଭାପତି ଅଶୋକ କୁମାର ସାହୁ ଓ ସମ୍ପାଦକ ଶମ୍ଭୁ ଗିରି ସମେତ ସଭ୍ୟମାନେ ଉପସ୍ଥିତ ଥିଲେ।

# ଯାଦବ ମହାସଭାର ସାମାଜିକ ସଚେତନତା କାର୍ଯ୍ୟକ୍ରମ



ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଡଙ୍ଗରପଡା ଗ୍ରାମ ପଂଚାୟତ କୋକଡୁଙ୍ଗରି ଠାରେ ମୁରିବାହାଲ ବ୍ଲକ ଯାଦବ ମହାସଭା ଉପସଭାପତି ତେଜୁରାମ ବାଗଙ୍କ ନେତୃତ୍ୱ ଏକ ସାମାଜିକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମା ଚଣ୍ଡୀ ସମଲେଇ ଓ ଶ୍ରୀକୃଷ୍ଣଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରି ସଭା ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁରିବାହାଲ ବ୍ଲକ ଯାଦବ ମହାସଭାର ସଭାପତି ଗଙ୍ଗାଧର ହେର୍ଣ୍ଣା, ସମ୍ମାନୀୟ ଅତିଥି ଭାବେ ସମ୍ପାଦକ ତରୁଣ ପୋଢ, ସହସମ୍ପାଦକ ପ୍ରଦୀପ ବଛା, ଲେବଡା ପଂଚାୟତ ସଭାପତି ମିନିକେତନ ବର୍ଗର୍ତୀ, ପତ୍ରାପାଲି ସଭାପତି ଦକ୍ଷେସ୍ୱର ନାଗ, ଯୁବସମାଜସେବୀ ଯୁଧିଷ୍ଠିର ଭରାସଗ୍ରୀଆ, ଉପଦେଷ୍ଟା ବାସୁଦେବ ନାଗ ଉପଦେଷ୍ଟା ମଧୁସୂଦନ ନାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିକ୍ଷା, ଅର୍ଥନୀତି ଓ ସମାଜ ଏକତାର ବିକାଶ ଉପରେ ଗୁରୁତ୍ୱ ଦେବାକୁ ଅତିଥି ମାନେ ମତ ଦେଇଥିଲେ। ଏଥିରେ ମହାଦେବ ଟାହାଣି, ବିଜଲ ଟାହାଣି, ଜଗନ୍ନାଥ ବନଛୋର, ଗୀର ନାଗ, ମଦନ ବାଗ, ଅରକ୍ଷିତ ଠେଲା, ଦୈତାରୀ ଟାହାଣି, ମେନା ଟାହାଣି, ସୁପା ଟାହାଣି, ବୁଠି ଟାହାଣୀ, ଗୋପାଳ ବନଛୋର, ମଧୁ ଚନ୍ଦନ, ବଂଶୀ ବାଗ, ଡଂଗରପଡା ଗ୍ରାମ ପଂଚାୟତର ସମ୍ପାଦକ ରାଏଧର ମହାକୁର, ସନ୍ତୋଷ ଟାହାଣି, ପୂର୍ଣ୍ଣ ଟାହାଣି, ଅରକ୍ଷିତ ଠେଲା, ପରୀକ୍ଷିତ ବନଛୋର, ସୁର ଟାହାଣୀ, ବାହାଦୂର ବନଛୋର, ସାମାଜିକ ପିଅନ କଳିଙ୍ଗ ଗହିର, ଛତା ପରିହାଙ୍କ ସହ ମୁରିବାହାଲ ବ୍ଲକ ଅଞ୍ଚଳର ଶତାଧିକ ଯାଦବ ମାନେ ଉପସ୍ଥିତ ଥିଲେ। ଶେଷରେ ବ୍ଲକ ସହ ସମ୍ପାଦକ ପ୍ରଦୀପ ବଛା ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

# ବିନା କାଗଜପତ୍ରରେ କେନ୍ଦୁପତ୍ର ଚାଲାଣ ଅଭିଯୋଗ



ଖଇରପୁଟ, (ଭାସ୍କର ନ୍ୟୁଜ୍ ) : ସରକାର ଫଡ଼ି ମାଧ୍ୟମରେ କେନ୍ଦୁପତ୍ର କ୍ରୟ କରୁଛନ୍ତି। କିନ୍ତୁ ବିଭାଗ ପାଖରେ ହିସାବ ନାହିଁ। ଚଳିତବର୍ଷ କେତେ ପରିମାଣରେ କେନ୍ଦୁପତ୍ର ବାହାରିଛି। ସେଥିପାଇଁ ବିଭାଗ ଚଳିତ ବର୍ଷ କେତେ କ୍ରୟ କରିବ ତାହାର ନିର୍ଦ୍ଧାରଣ କରି ପାରୁନାହିଁ। ସରକାରଙ୍କ ଲକ୍ଷ୍ୟ ଧାର୍ଯ୍ୟ ଠାରୁ ଢେର ଅଧିକ କେନ୍ଦୁପତ୍ର ବାହାରୁଛି। ଯାହା ଫଳରେ ବାହାର ଦଲାଲ ମାନଙ୍କୁ କେନ୍ଦୁପତ୍ରକୁ ଶାଗ ମାଛ ଦରରେ କ୍ରୟ କରିବା ପାଇଁ ସୁଯୋଗ ମିଳି ଯାଉଛି ଓ ବାହାର ଦଲାଲମାନେ ପଞ୍ଚାୟତ ମାନଙ୍କରେ ଗୋଟିଏ ଗୋଟିଏ ରସିଦ କାଟି କେନ୍ଦୁପତ୍ର ତ କ୍ରୟ କରୁଛନ୍ତି। କିନ୍ତୁ ଫଡ଼ିରୁ କେନ୍ଦୁପତ୍ର ଗୋଦାମ ଗୃହକୁ ଆଣିବା ପାଇଁ କୌଣସି କାଗଜପତ୍ର ଦେଉନାହାନ୍ତି ପଞ୍ଚାୟତ ଅଧିକାରୀ ମାନେ। ଫଳରେ କେଉଁ ପଞ୍ଚାୟତରେ କେତେ କେନ୍ଦୁପତ୍ର କ୍ରୟ ହୋଇଛି ତାହାର ହିସାବ ରହୁ ନାହିଁ। ଏଣୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛି ପଞ୍ଚାୟତ। ଚଳିତବର୍ଷ କେନ୍ଦୁପତ୍ର ବିଭାଗ, ବନ ବିଭାଗ ଓ ସ୍ଥାନୀୟ ପୁଲିସ କର୍ମଚାରୀ ମିଳିତ ଭାବରେ ପଞ୍ଚାୟତରେ ରସିଦ କାଟି କ୍ରୟ କରୁଥିବା ବ୍ୟବସାୟୀଙ୍କୁ ବେଆଇନ କହି ଚଢ଼ଉ କରି ବହୁ କେନ୍ଦୁପତ୍ର ଜବତ କରିଥିଲେ। କିନ୍ତୁ ସେହି ଚଢ଼ଉ କ୍ଷଣିକ ଥିଲା କିନ୍ତୁ ଏବେ କେନ୍ଦୁପତ୍ର ବେପାରୀମାନେ ବିନା ଚାଲାଣରେ ଫଡ଼ିରୁ ଗୋଦାମ ଗୃହକୁ ବେଧଡ଼କ ଭାବେ ଚାଲାଣ କରୁଛନ୍ତି। ସବୁ ଜାଣି ନିରବଦ୍ରଷ୍ଟା ସାଜିଛି ପ୍ରଶାସନ। ବାହାର ରାଜ୍ୟର କେନ୍ଦୁପତ୍ର ବ୍ୟବସାୟୀ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ମାନଙ୍କୁ ପ୍ରଲୋଭିତ କରି ନିଜେ ନଆସି ସେହି ସ୍ଥାନୀୟ ଯୁବକ ମାନଙ୍କ ଦ୍ୱାରା ବେଆଇନ ଭାବେ ଲକ୍ଷ ଲକ୍ଷ ଟଙ୍କାର କେନ୍ଦୁପତ୍ର କ୍ରୟ କରୁଥିବା ଅଭିଯୋଗ ହେଉଛି। ଏପରି ଏକ ଚିତ୍ର ସାମ୍ନାକୁ ଆସିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ୨୦ଟି ପଞ୍ଚାୟତରୁ। ଯେଉଁଠି ଦେଖିବାକୁ ମିଳିଛି ବେଧଡକ ଭାବେ କେନ୍ଦୁପତ୍ର ଚୋରା ଚାଲାଣା ଏନେଇ ପ୍ରଶାସନ କିପରି ଖବର ପାଉନି ନା ସବୁ ଜାଣି ନିରବ ଦ୍ରଷ୍ଟା ସାଜିଛି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ବିଷୟରେ ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକଙ୍କ ସହ ଆଲୋଚନା କରିବାରୁ ସେ ଆମକୁ ଏକ ଲିଷ୍ଟ ଦେଇଥିଲେ। ଛତିଶଗଡ଼ ରାଜ୍ୟ ରାଜ ନନ୍ଦାଗାଁର ଚେତନ ପଟେଲ, ପଶ୍ଚିମବଙ୍ଗ କୋଲାକତାର ଅନିରୁଦ୍ଧ ଏଣ୍ଟରପ୍ରାଇଜ୍, ଅଶୋକ ଏଣ୍ଟରପ୍ରାଇଜ ଓ ପଶ୍ଚିମବଙ୍ଗ ଧୂଳିଆନର ହିନ୍ଦ ଟ୍ରେଡର ଚାରୋଟି ବ୍ୟବସାୟୀ ମାଥୁଲି ଅଞ୍ଚଳରେ କେନ୍ଦୁପତ୍ର କ୍ରୟ କରି ପାରିବେ। ବାକି ଯେଉଁମାନେ ପଞ୍ଚାୟତରେ ରସିଦ କାଟିଛନ୍ତି ସେମାନେ କ୍ରୟ କରି ପାରିବେ ନାହିଁ ଓ ମାଥିଲି ବ୍ଲକ ଅଞ୍ଚଳରେ ମାତ୍ର ଚାରି ଜଣ ବ୍ୟବସାୟୀଙ୍କ ଛଡା ଅନ୍ୟ ବ୍ୟବସାୟୀ ମାନେ କ୍ରୟ କରୁଥିବା ଫଡ଼ି ମାନଙ୍କରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମିଳିତ ଭାବରେ ଚଢ଼ଉ କରାଯିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଥିଲେ। ସେଥିପାଇଁ ଗତ ବୁଧବାର ଦିନ ମାଥି ?ଲି ବ୍ଲକ ଅନ୍ତର୍ଗତ ନାୟକ ଗୁଡା ପଞ୍ଚାୟତଠାରେ ବିଭାଗ ତରଫରୁ ବିନା କାଗଜପତ୍ରରେ ଯାଉଥିବା କେନ୍ଦୁପତ୍ର ବୋଝେଇ ଟ୍ରକ ମାନକୁ ଅଟକାଇ ଲକ୍ଷାଧିକ ଟଙ୍କା ଜୋରିମାନା ଆଦାୟ କରିଥିବା ସୂଚନା ମିଳିଛି । ବ୍ୟବସାୟୀ ମାନେ ଫଡ଼ିରୁ ବିନା କାଗଜପତ୍ରରେ ବେଧକକ ଭାବେ କେନ୍ଦୁପତ୍ର କରୁଛନ୍ତି। ଗତ ବୁଧବାର ନାୟକଗୁଡା ଠାରେ ଯେପରି ଚଢ଼ଉ ହୋଇଛି, ସେହିପରି ପ୍ରତି ପଞ୍ଚାୟତରେ ଚଢ଼ଉ କରିବା ପାଇଁ ଦାବି ହେଉଛି।



ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର କିଶୋରନଗର ପଞ୍ଚାୟତ ହୁଲିପୁର ଦକ୍ଷତା ବିକାଶ ତାଲିମ କେନ୍ଦ୍ର (ପଟଚିତ୍ର) ଠାରେ କିଶୋରନଗର ଓ ବାରଦା କିଟ୍ କର୍ମଚାରୀଙ୍କ ସହଯୋଗରେ ଆର୍ଟ ଅଫ ଗିଭିଙ୍ଗ (ଏଓଜି) ବା ଦେବାର କଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଟ, କିସ ଓ କିମସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଆର୍ଟ ଅଫ୍ ଗିଭିଙ୍ଗ ବାର୍ତ୍ତାକୁ ଅତିଥିମାନଙ୍କ ମାଧ୍ୟମରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିବା ବେଳେ, ପଟଚିତ୍ର ଛାତ୍ର/ଛାତ୍ରୀମାନେ ସେମାନଙ୍କ ଦ୍ୱାରା ଅଙ୍କିତ ସୁନ୍ଦର ସୁନ୍ଦର ଚିତ୍ରମାନ ପ୍ରଦର୍ଶନ କରାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କିଶୋରନଗର ପୂର୍ବତନ ସରପଞ୍ଚ ଛତ୍ରପତି ସିଂ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜସେବୀ ସୀତାରାମ ପଣ୍ଡା, ବିଭୂତି ଭୂଷଣ ଦାସ, ଅନୁଷ୍ଠାନର ପ୍ରଶିକ୍ଷକ ପ୍ରଭାଶ ଚନ୍ଦ୍ର ଚଇନି ମଞ୍ଚାସିନ ଥିବାବେଳେ, ବର୍ଷାରାଣୀ ଚାଟାର୍ଜି, ରାଜଶ୍ରୀ ମଲ୍ଲିକ, ମାମାଲି ଭୋଇ, ପୁଷ୍ପାଞ୍ଜଳି ଭୋଇ, ସଂଘମିତ୍ରା ମଲ୍ଲିକ, ସୁଲୋଚନା ମଲ୍ଲିକ, ମାମାଲି ଭୋଇ, ଅନନ୍ୟା ମଲ୍ଲିକ, ଶୁଭସ୍ମିତା ମଲ୍ଲିକ, ଶୁଭଶ୍ରୀ ଭୋଇ, ଝିଲମିଲ ଭୋଇ, ପ୍ରମୋଦିନୀ ଭୋଇ, ରୁନି ଭୋଇ, କାଦମ୍ବିନୀ ଭୋଇ, ସମ୍ବିଧାନି ଭୋଇ, ମମତା ଭୋଇ, ଗାୟତ୍ରୀ ଦାସ ଆଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କିଟ୍ କର୍ମଚାରୀ ଦେବକାନ୍ତ ସାହୁ, ରଞ୍ଜନ କୁମାର ବାରିକ, ସତ୍ୟରଞ୍ଜନ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଅସ୍ତରଙ୍ଗ ପରିଦର୍ଶନ

## ପୀରଜାହାନିଆ ପୀଠର ହେବ ଉନ୍ନତିକରଣ



### ୨୧ରେ ଲବଣ ସତ୍ୟାଗ୍ରହ ପୀଠରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ପୀରଜାହାନିଆଁ ବେଳାଭୂମି ସହ ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ ସୋମବାର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପରିଦର୍ଶନ କରିଥିଲେ। ସୋମବାର ଦିନ ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଆସନ୍ତା ମେ ୨୧ ତାରିଖରେ ଲବଣ ସତ୍ୟାଗ୍ରହ ପୀଠରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବାକୁ ଥିବାବେଳେ କୁହୁଡି ଠାରେ ସ୍ଥିତି ଅନୁଧ୍ୟାନ କରିବା ସହ ଦିନ ୧୧ଟା ସମୟରେ ପୀର ଜାହାନିଆଁ ଠାରେ ପହଞ୍ଚି ପର୍ଯ୍ୟଟନ ସ୍ଥଳର ପିଇବା ପାଣି, ପରିମଳ, ପାର୍କିଂ ସହ ବିଭିନ୍ନ ଆବଶ୍ୟକୀୟ ସୁବିଧା ତଥା ବ୍ୟବସାୟୀମାନଙ୍କ ପାଇଁ ନୂତନ ଦୋକାନ ଗୃହ ନିର୍ମାଣ ସ୍ଥାନ ପରିଦର୍ଶନ କରିଥିଲେ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟକଙ୍କ ଆବଶ୍ୟକୀୟ ସୁବିଧା ଉପରେ ପୀରଜାହାନିଆଁ ବ୍ୟବସାୟୀ ସଂଘ ସଭାପତି ବୃନ୍ଦାବନ ବିଶ୍ୱାଳ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା, କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଅସ୍ତରଙ୍ଗ ଥାନା ଉପନିରୀକ୍ଷକ ଅନିରୁଦ୍ଧ ଜାଲ୍ଲୀ ପ୍ରମୁଖ ଗସ୍ତ ସମୟରେ ଉପସ୍ଥିତ ଥିଲେ।

## ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

ଭାପୁର (ଭାସ୍କର ନ୍ୟୁଜ୍) : ଫତେଗଡ ଥାନା ଅଞ୍ଚଳର ଜଣେ ମହିଳା ପାରିବାରିକ କଳହକୁ ନେଇ ଆତ୍ମହତ୍ୟା କରିଥିବା ବେଳେ ପୁଲିସ ସ୍ୱାମୀକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ପୁଲିସ ସୂତ୍ରରୁ ପ୍ରକାଶ, ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ଅନ୍ତର୍ଗତ ଶୁକପୋଖରୀ ଗ୍ରାମର ବିବେକାନନ୍ଦ ପରିଡା ଆଜକୁ ୪ବର୍ଷ ତଳେ ଖୋର୍ଦ୍ଧା ଜିଲ୍ଲା ବାଘମାରି ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ଅର୍ଜୁନ ରାଉତଙ୍କ ଝିଅ ପାର୍ବତୀ ପରିଡାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଉଭୟଙ୍କ ଔରସରୁ ଦୁଇଟି ଜାଆଁଳା ଝିଅ ରହିଛନ୍ତି। ଶନିବାର ପୂର୍ବାହ୍ନରେ ଛୋଟ ଛୁଆଙ୍କ ବିଷୟକୁ ନେଇ ପରିବାର ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। କିନ୍ତୁ ଅପରାହ୍ନ ୪ ଘଟିକା ସମୟରେ ପାର୍ବତୀଙ୍କୁ ପରିବାର ପକ୍ଷରୁ ଡାକିବାରୁ ସେ ଘର ଭିତରେ କବାଟ ଦେଇ ଶୋଇଥିଲେ, ମାତ୍ର କୌଣସି ଉତ୍ତର ମିଳି ନଥିଲା। ପରିବାର ଲୋକ ଗ୍ରାମର କିଛି ଲୋକଙ୍କୁ ଡାକି କବାଟକୁ ହାଣି ପାର୍ବତୀଙ୍କୁ ଏକ ଲୁଗା ସାହାଯ୍ୟରେ ଝୁଲି ଆତ୍ମହତ୍ୟା କରିଥିବାର ଦେଖିବାକୁ ପାଇଥିଲେ। ଏନେଇ ପରିବାର ପକ୍ଷରୁ ଫତେଗଡ ଥାନାକୁ ଖବର ଦେବା ସହ ପାର୍ବତୀଙ୍କ ବାପଘରକୁ ଘଟଣା ବିଷୟରେ ଜଣାଇଥିଲେ। ଖବରପାଇ ଫତେଗଡ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ରବିବାର ଦିନ ପୁଲିସ ପକ୍ଷରୁ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ପରିବାର ଲୋକ ଗ୍ରାମ ଶ୍ମଶାନରେ ଶବ ସତ୍କାର କରିଥିଲେ। ଏନେଇ ପାର୍ବତୀଙ୍କ ଭିଣୋଇ ପ୍ରଭାତ କୁମାର ବେହେରା ଫତେଗଡ ଥାନାରେ ତାଙ୍କ ଶାଳିକୁ ମାରି ଦେଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନା ପକ୍ଷରୁ କେସ୍ ନଂ ୧୪୮/୨୫ରେ ଏକ ମାମଲା ରୁଜୁ କରିବା ସହ ପାର୍ବତୀଙ୍କ ସ୍ୱାମୀ ବିବେକାନନ୍ଦଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଥିବା ଥାନା ନିରୀକ୍ଷକ ପଞ୍ଚାନନ ପରିଡ଼ାଙ୍କ ଠାରୁ ପ୍ରକାଶ।

## ମାଟି ମାଫିଆଙ୍କ ଭୂ-ସ୍ୱର୍ଗ ପାଲଟିଛି କୁଜଙ୍ଗ ତହସିଲ ଅଞ୍ଚଳ



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ତହସିଲ ଅଞ୍ଚଳ ବର୍ତ୍ତମାନ ମାଟି ମାଫିଆଙ୍କ ଭୂ-ସ୍ୱର୍ଗ ପାଲଟିଛି। ଏହି ମାଟି ମାଫିଆମାନେ ଆଇନ କାନୁନକୁ ଜଳାଞ୍ଜଳି ଦେଇ ରାତିଦିନ ଏକ କରି ଦୈନିକ ଶହଶହ ଟ୍ରିପ ମାଟି ଉଠାଇ ବିକ୍ରି କରୁଛନ୍ତି। ବିଶେଷ କରି ବାଲିଆ ରାଜସ୍ୱ ସର୍କଲର ପ୍ରତାପପୁର, ଜଳଧରପୁର, ସମାଗୋଳ, ପାନପଲ୍ଲୀ ଗହିର ଝିମାଣୀ ରାଜସ୍ୱ ସର୍କଲର ସିୟୁ ଗହିର ଓ ପାରାଦ୍ୱୀପଗଡ଼ ଅଞ୍ଚଳ ମାଟି ମାଫିଆଙ୍କର ଚରା ଭୁଇଁ ପାଲଟିଛି। ଯାହା ଫଳରେ ସରକାରଙ୍କର କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। କେତେକ ମାଫିଆ ନାମକୁମାତ୍ର ତହସିଲ କାର୍ଯ୍ୟାଳୟରେ ୫୦ ସିଏମ ମାଟି ଉଠାଇବାକୁ ରୟାଲିଟି କାଟି ୧୦୦୦ ସିଏମ ମାଟି ଉଠାଉଛନ୍ତି। ସବୁଠାରୁ କୌତୁହଳର ବିଷୟ ଶିଳ୍ପ ଉଦ୍ଦେଶ୍ୟରେ ଇଡ଼କୋ ଅଧିଗ୍ରହଣ କରିଥିବା ଜମି ଉପରେ ମାଫିଆମାନଙ୍କ ଲୋଲୁପ ଦୃଷ୍ଟି ପଡିଛି। ସେମାନେ ବହୁ ଗୋଷ୍ଠୀରେ ବିଭକ୍ତ ହୋଇ ଏହି ଜମି ଉପରୁ ଦିନ ରାତି ହାଇୱା ଓ ଟ୍ରାକ୍ଟର ସାହାଯ୍ୟରେ ହଜାର ହଜାର ଟ୍ରିପ୍ ମାଟି ଉଠାଇ ଚୋରା ଚାଲାଣ କରୁଥିଲେ ବି ସୁଦ୍ଧା ରାଜସ୍ୱ ବିଭାଗ ଓ ଖଣି ବିଭାଗର ନିରବତାକୁ ନେଇ ପ୍ରଶ୍ନ ଉଠୁଛି। ଆହୁରି ମଧ୍ୟ ଏମାନେ ଗୋଟିଏ ପ୍ଲଟରୁ ମାଟି ଉଠାଇବା ନିମନ୍ତେ ଜତ୍ କିଞ୍ଚିତ ରାଜସ୍ୱ ଦାଖଲ କରି ଅନୁମତି ପ୍ରାପ୍ତ ହେବା ପରେ ଅନ୍ୟ ପ୍ଲଟରୁ ମାଟି ଉଠାଉଥିବାର ଲକ୍ଷ୍ୟ କରାଯାଉଛି। ତହସିଲ କାର୍ଯ୍ୟାଳୟ ଖୋଲିବା ମାତ୍ରେ ମାଟି ମାଫିଆମାନଙ୍କୁ ସାହାଯ୍ୟ କରୁଥିବା ଦଲାଲମାନେ ଦାୟିତ୍ୱରେ ଥିବା ସଂପୃକ୍ତ କିରାଣୀ ନିକଟରେ ଭିଡ ଜମାଉଛନ୍ତି। ତହସିଲର କେତେକ କର୍ମଚାରୀ ମାଫିଆଙ୍କ ଠାରୁ ମୋଟାଅଙ୍କର ଲାଞ୍ଚ ନେଇ ସେମାନଙ୍କୁ ଗଳା ବାଟର ସୂତ୍ର ବତାଇ ଦେଉଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଯେଉଁଭଳି ବର୍ତ୍ତମାନ ମାଟି ମାଫିଆ ମାନେ ସକ୍ରିୟ ହୋଇ ଉଠିଛନ୍ତି ଯଦି ତାଙ୍କର ଏହି ସକ୍ରୀୟତା ଜାରି ରହେ ଆଗାମୀ ଦୁଇ ବର୍ଷ ମଧ୍ୟରେ ଚାଷ ଜମି ଲୋପ ପାଇବା ସାଙ୍ଗକୁ କୁଜଙ୍ଗ ତହସିଲ ଅଞ୍ଚଳର ଅର୍ଦ୍ଧାଧିକ ଅଞ୍ଚଳ ଜଳ ଭାଗରେ ପରିଣତ ହେବା ନିଶ୍ଚିତ। ଅନ୍ୟପଟେ ଏହି ରାସ୍ତାରେ ଭାରିଯାନ ଯାତାୟତ କରିବା ଦ୍ୱାରା ରାସ୍ତା ଓ ପୋଲ ଭୁଷୁଡି ବାର ସମ୍ଭାବନା ରହିଛି।ଏହା ସହ ପଥଚାରୀ ମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଚୋରା ମାଟି ଚାଲାଣ କରୁଥିବା ମାଫିଆ ମାନଙ୍କ ପ୍ରତି କେବେ ହେଉଛି ପ୍ରଶାସନର କାର୍ଯ୍ୟାନୁଷ୍ଠାନ ତାହା ଉପରେ ରହିଛି ସମସ୍ତଙ୍କ ନଜର।

## ଭୁଶୁଡ଼ିଲା ଖାନନଗର ମାଇନର ପୋଲ ପାଚେରୀ

### ପାଣି ଅଭାବରୁ ପଡ଼ିଆ ପଡ଼ିବ ଶହଶହ ହେକ୍ଟର ଚାଷଜମି



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଯଅଁରାବାରିମୂଳ ପଂଚାୟତ ଅନ୍ତର୍ଗତ ଖାନନଗର ଠାରେ ରହିଥିବା ଖାନନଗର ମାଇନର କେନାଲ ପୋଲର ଗୋଟିଏ ପାର୍ଶ୍ୱ ପାଚେରି ଗତ ଚାରିଦିନ ହେବ ଭୁଶୁଡ଼ି ପଡ଼ିଛି। ଏଥିସହିତ ଏହି ପୋଲ ଉପରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଏହା ବିପଦ ସଙ୍କୁଳ ହୋଇପଡ଼ିଛି । ଏହି ପୋଲଟି ସମ୍ପୂର୍ଣ୍ଣ ଭୁଶୁଡ଼ିଗଲେ ଡେରାବିଶ ବ୍ଲକର ଯଅଁରାବାରିମୂଳ, ହରିଅଙ୍କ ଓ ଇନ୍ଦାଳୋ ପଂଚାୟତର ଶହଶହ ଏକର ଚାଷଜମି କେନାଲ୍ ପାଣି ଅଭାବରୁ ପଡ଼ିଆ ପଡ଼ିବ। ସୂଚନାଯୋଗ୍ୟ କଟକ ନର୍ଥ ଡିଭିଜନ୍ ଅଧୀନରେ ଥିବା କରାଣ୍ଡିଆ ମାଇନର କେନାଲ୍‌ରେ ଖାନନଗର ସାଇଫନ୍ କରାଯାଇ ଖାନନଗର ମାଇନର କେନାଲ୍‌କୁ ପାଣି ଯୋଗାଣ ହୋଇଥାଏ। ହେଲେ କିଛି ବର୍ଷ ହେବ ଏହି ସାଇଫନ୍ ନିକଟରେ ନିର୍ମିତ ହୋଇଥିବା ପୋଲଟି ଭାରୀଯାନ ଚଳାଚଳ ଫଳରେ ଦୁର୍ବଳ ହୋଇପଡ଼ିଥିଲା। ଏହି ପୋଲଟିକୁ ତୁରନ୍ତ ନିର୍ମାଣ କରିବାକୁ ଅଂଚଳବାସୀ ଦାବି କରିଆସୁଥିଲେ। ହେଲେ ବିଭାଗ ପକ୍ଷରୁ ଶିଥିଳତା ଯୋଗୁ ଏହା ଅଦ୍ୟାବଧି ନିର୍ମାଣ ହୋଇପାରି ନାହିଁ। ତେବେ ଗତବର୍ଷ କେନାଲ୍ ପାଣି ଯୋଗାଣ ସମୟରେ ଏହି ପୋଲର ତଳପଟେ ଗୋଟିଏ ପଟ ପାଚେରୀରୁ ଇଟା ଧୋଇଯାଇ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିଲା ଓ ସେହି ରାସ୍ତା ଦେଇ ଚଳାଚଳ ବ୍ୟାହାତ ହୋଇଥିଲା। ତେବେ ଜଳସେଚନ ବିଭାଗ ଥାମା କରି ଏହି ଗର୍ତ୍ତଟିକୁ ବାଲିବସ୍ତା ଓ ସିମେଂଟ ଭରି ବୁଜି ଦେଇ ଚୁପ୍ ବସିଯାଇଥିଲେ। ହେଲେ ଏବେ ଖରାଦିନେ ଏହି ପୋଲର ଦୁଇପଟେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ବର୍ଷାଦିନେ ଏହି ପୋଲଟି ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିବ ବୋଲି ଅଂଚଳବାସୀ ପ୍ରକାଶ କରଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରମେଶ ସାହୁଙ୍କୁ ପଚାରିବାରୁ ସେ କହିଲେ ଏହି ପୋଲଟି ପାଇଁ ବିଭାଗ ତରଫରୁ ଡିଜାଇନ୍ ଓ ଏଷ୍ଟିମେଟ୍ କରାଯାଇ ଟେଣ୍ଡର ମଧ୍ୟ ସରିଛି । ଖୁବ୍‌ଶୀଘ୍ର ଏହି ପୋଲର କାମ ଟେଣ୍ଡର ନେଇଥିବା ଠିକାଦାର ଜଣକ ଆରମ୍ଭ କରିବେ ବୋଲି କହିଥିଲେ।

## ବିଞ୍ଝାରପୁରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

### ବାଲି ଲୁଟ୍ ସାଙ୍ଗକୁ ଚାଲିଛି ଗୋ-ଚାଲାଣ




ବିଞ୍ଝାରପୁର (ଭାସ୍କର ନ୍ୟୁଜ୍) : ବିଞ୍ଝାରପୁର ଥାନା ଅନ୍ତର୍ଗତ ବିଭିନ୍ନ ବାଲି ଖାଦାନରେ ବେଆଇନ ଭାବେ ବାଲି ଉତ୍ତୋଳନ ଜାରି ରହିଛି। ବିନା ଲିଜରେ ବାଲି ଉତ୍ତୋଳନ ଯୋଗୁ ସରକାର ଦୈନିକ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିବା ବେଳେ ବାଲି ମାଫିଆଙ୍କ ଦୌରାତ୍ମ୍ୟ କ୍ରମଶଃ ବଢ଼ିବାରେ ଲାଗିଛି। ସାଧାରଣ ଜନତା ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଉଥିବା ବେଳେ ନ୍ୟାୟ ମିଳୁ ନଥିବା ଅଭିଯୋଗ ହୋଇଛି। ଫଳରେ ଯାହାକୁ ନେଇ ବିଞ୍ଝାରପୁରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ସୂଚନା ଅନୁସାରେ ବିଞ୍ଝାରପୁର ଥାନା ସୟଦପୁର ପଞ୍ଚାୟତ ପଠାନମହଲା(ଫକୀରସାହି) ଠାରେ ଗତ ମାର୍ଚ୍ଚ ମାସ ୨୧ ତାରିଖରେ ବେଆଇନ ବାଲି ଉତ୍ତୋଳନକୁ ନେଇ ବାଲି ମାଫିଆ ସେକ ବାସୋ ଓ ସହଯୋଗୀଙ୍କ ସହ ଗ୍ରାମବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗ୍ରାମବାସୀ ଘଟଣାକୁ ନେଇ ବଞ୍ଝାରପୁର ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ପାଲଟା ଅଭିଯୋଗ କରିବାକୁ ପ୍ରବର୍ତ୍ତାଇଥିଲା। ବାସୋ ନାମରେ ସଂଗୀନ ଦଫାରେ ମାମଲା ରୁଜୁ ହୋଇଥିଲା। ପୁଲିସ ଗିରଫ ବଦଳରେ ହାଇକୋର୍ଟରୁ ଜାମିନ ଆଣିବାକୁ ସମୟ ଦେଇଥିଲା। ପରବର୍ତ୍ତୀ ସମୟରେ ହାଇକୋର୍ଟରୁ ବାସୋକୁ ଜାମିନ ମିଳିନଥିବା ବେଳେ ତାଙ୍କ ଅନ୍ୟ ୩ ସହଯୋଗୀଙ୍କୁ ଜାମିନ ମିଳିଥିଲା। କିନ୍ତୁ ଘଟଣାରେ ସେକ ବାସୋଙ୍କ ଜାମିନ ନାମଞ୍ଜୁର ହୋଇଥିଲେ ମଧ୍ୟ ସେ ଖୁଲମଖୁଲା ବୁଲୁଥିବାର ଅଭିଯୋଗ ହୋଇଛି। ଗତ ୮ ତାରିଖ ଦିନ ପୁଲିସ ଆଖିରେ ଫେରାର୍ ସେକ୍ ବାସୋ ଫଠାନମହଲାର ଫୌଜୁଲ ରେହମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଏ ସଂକ୍ରାନ୍ତରେ ବିଞ୍ଝାରପୁର ଥାନାରେ ମଧ୍ୟ ମାମଲା ରୁଜୁ ହୋଇଥିଲା। ମାତ୍ର ପୁଲିସ ମନ୍ଦ ଉଦ୍ଦେଶ୍ୟ ରଖି ଉଚ୍ଚ ନ୍ୟାୟାଳୟ ଜାମିନ ନାମଞ୍ଜୁର କରିଥିବା ସେକ୍ ବାସୋକୁ ଘଣ୍ଟଘୋଡାଇ ରଖିଥିବାର ଅଭିଯୋଗ ହୋଇଛି। ତେବେ ଗତ ରବିବାର ଦିନ ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ବାଲି ଘାଟରେ ଚଢ଼ାଉ କରାଯାଇ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଥିଲା। ଆମେ ବାଲି ନେଉଛୁ ତୁମର କ'ଣ ଯାଉଛି ଆମ ନାଁରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରୁଛ କହି ମରଗୁବ ଅଖତର(ରାଜା)ଙ୍କୁ କୋଦାଳରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ସୂଚନାଯୋଗ୍ୟ ଚଳିତ ବର୍ଷ ଅଭ୍ୟାସଗତ ଅପରାଧୀ ସେକ୍ ବାସୋ ୫ଟି ଅପରାଧିକ ମାମଲାରେ ସଂପୃକ୍ତ। ଏନେଇ ନିର୍ମଳ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅବଦୁଲ କାଦିର ଖାଁ ରାଜ୍ୟ ଗୃହ ବିଭାଗ ସଚିବ ଓ ଯାଜପୁର ଏସପି ଏବଂ ଏସ୍‌ଡିପିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଗତ ୧୦ ତାରିଖରେ ଗୃହ ବିଭାଗ ସଚିବ ହାଇକୋର୍ଟର ମୁଖ୍ୟ ବିଚାରପତି ଓ ଯାଜପୁର ଏସ୍‌ପିଙ୍କୁ ସୟଦପୁର ପଞ୍ଚାୟତରେ ମାଫିଆଙ୍କ ଦୌରାତ୍ମ୍ୟ ଚରମସୀମାରେ ପହଞ୍ଚିଲାଣି। ଏହାକୁ ନେଇ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାକୁ ଯାଉଛି ବୋଲି ଶ୍ରୀ କାଦିର ଜଣାଇବା ସହ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନହେଲେ ଆଗାମୀ ଦିନରେ ବଡ ଜନଆନ୍ଦୋଳନ ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଯାଜପୁର ଏସପି ବ୍ୟକ୍ତିଗତ ଭାବେ ଏଥିପ୍ରତି ଦୃଷ୍ଟି ହେଇ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି। ଅନ୍ୟଥା ପୁଲିସ ପ୍ରଶାସନ ଉପରୁ ସାଧାରଣ ଜନତାଙ୍କ ଭରସା ତୁଟିଯିବ ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ




ବାରିପଦା (ଭାସ୍କର ନ୍ୟୁଜ୍) :ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ 'ଭାରତକୁ ବୁଝିବା: ଭାରତୀୟ ନୀତି ଏବଂ ଜ୍ଞାନ ପ୍ରଣାଳୀ' ଶୀର୍ଷକ ଏକ ଗୁଣାତ୍ମକ ଶିକ୍ଷକ ବିକାଶ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ବିଶ୍ୱବିଦ୍ୟାଳୟ ମାନବ ସମ୍ବଳ ବିକାଶ କେନ୍ଦ୍ର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ପୃଷ୍ଠପୋଷକ ରୂପେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ ଭାରତର ଜ୍ଞାନ ପରମ୍ପରା ଅତୁଳନୀୟ। ଏହାକୁ ସମ୍ମାନ ଦେଇ ମିଳିତ ଜାତିସଂଘ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ' ଭଳି ମହାମାନବିକ ମନ୍ତ୍ରଧ୍ୱନିକୁ ସ୍ୱୀକୃତି ଦେଇଛି। ସମସାମୟିକ ଶିକ୍ଷାଶାସ୍ତ୍ରରେ ସ୍ୱଦେଶୀ ଜ୍ଞାନ ପ୍ରଣାଳୀକୁ ସଂହତ କରିବାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିବା ସହ ଭାରତୀୟ ବୌଦ୍ଧିକ ପରମ୍ପରାକୁ ପୁନର୍ଜୀବିତ କରିବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମତପୋଷଣ କରିଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ଅଭିଭାଷଣରେ ଭାରତୀୟ ଦର୍ଶନର ସ୍ଥାୟୀ ପ୍ରାସଙ୍ଗିକତା ଏବଂ ନୈତିକ ଶାସନ ଏବଂ ଜ୍ଞାନ ସୃଷ୍ଟିରେ ଏହାର ଅବଦାନ ଭାରତକୁ ବିଶ୍ୱଗୁରୁରେ ପରିଣତ କରିଛି ବୋଲି କହିଥିଲେ। ଭାରତୀୟ ଜ୍ଞାନ କୌଣସି କାଗଜ ସାର୍ଟିଫିକେଟ୍‌ର ସ୍ୱୀକୃତିର ଅପେକ୍ଷା ରଖେନାହିଁ ବୋଲି ସେ କହିଥିଲେ। ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ସମ୍ମାନିତ ଅତିଥି ଭାବେ ଭାରତକୁ ବିଶ୍ୱର ସମସ୍ତ ଜ୍ଞାନର ଏନ୍ତୁଡ଼ିଶାଳ ତଥା ପ୍ରାଣକେନ୍ଦ୍ର ବୋଲି ମତପୋଷଣ କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ପୃଷ୍ଠପୋଷକ ଭାବେ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମର ଆବାହକ ତଥା ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଆବାହିକା ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସପ୍ତାହବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ଶିକ୍ଷକ ବିକାଶ କାର୍ଯ୍ୟକ୍ରମରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଉଜ୍ଜ୍ୱଳ ଜାନା, ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଡ. ଏସ୍. ରାମରତ୍ନମ୍, ଆଇଆଇଟି ମାଣ୍ଡିର ଡ. ବରୁଣ ଦତ୍ତ, ସତ୍‌ନା ଏକେଏସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ରାମଲଖନ ସିଂ ଶିକାରୱର, ସିନ୍ଧୁ ବିଶ୍ୱବିଦ୍ୟାଳୟର ଡ. ଅନୀଲ ସୁରି, କଲିକତା ବିଶ୍ୱବିଦ୍ୟାଳୟର ପ୍ରଫେସର ସୁବ୍ରତ ଶଙ୍କର ବାଗଚୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପଫେସର ସୁଧାକର ପାତ୍ର, ଆଇଆଇଟି ଖଡଗପୁରର ପ୍ରଫେସର ରିଚା ଚୋପ୍ରା, କଲିକତାର ସହକାରୀ ପେଟେଣ୍ଟ୍ ନିୟନ୍ତ୍ରକ ଡ. ଧୀରେନ୍ ପଟ୍ଟନାୟକ, ଧରଣୀଧର ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟବ୍ରତ ମିଶ୍ର, କଲିକତା ଏନ୍‌ଆଇଟିଆର୍‌ର ନିର୍ଦ୍ଦେଶକ ପ୍ରଫେସର ଦେବୀ ପ୍ରସାଦ ମିଶ୍ର, କଲିକତା ଇଜେଡ୍‌ସିସିର ଡ. ତାପସ ସାମନ୍ତରାୟ, ସିଏସ୍‌ଆଇଆର୍ ନୂଆଦିଲ୍ଲୀର ଡ. ବିଜୟଲକ୍ଷ୍ମୀ ଅସ୍ଥାନା, ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର ଏମ୍. ହିମବିନ୍ଦୁ ପ୍ରମୁଖ ବକ୍ତବ୍ୟ ଦେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ ସମୁଦାୟ ୧୩୬ଜଣ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ ସହ-ଆବାହକ ତଥା ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଡ. ପ୍ରତାପ କୁମାର ଜେନା ଓ ସହ-ଆବାହିକା ତଥା ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା, ଡ. ସ୍ୱରୁପାନନ୍ଦ ବିଷୟୀ, ଡ. ଜନ୍ମେଞ୍ଜୟ ନାୟକ, ଡ. ସୀତାରାମ ଦାସ, ଡ. ଶାନ୍ତିସ୍ୱରୁପ ବସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସମାଜସେବୀ ମଦନ ମୋହନଙ୍କ ସ୍ମୃତି ସଭାରେ ଯୋଗଦେଲେ ଶିକ୍ଷମନ୍ତ୍ରୀ





ପାରାଦୀପ (ଭାସ୍କର ନ୍ୟୁଜ୍) : କୁଜଙ୍ଗ ତଥା ପାରାଦୀପ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ସମାଜସେବୀ, ଶିକ୍ଷାବିତ୍ ତଥା ରାଜନୀତିଜ୍ଞ ସ୍ୱର୍ଗତ ମଦନ ମୋହନ ସ୍ୱାଇଁଙ୍କ ଏକାଦଶାହ କାର୍ଯ୍ୟକ୍ରମ ତାଙ୍କ ଗ୍ରାମ କୁଜଙ୍ଗର ନବାଡିଆ ଗ୍ରାମରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆୟୋଜିତ ସ୍ମୃତି ସଭାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରି ସ୍ୱର୍ଗତଃ ସ୍ୱାଇଁଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଥିଲେ। ସ୍ୱର୍ଗତ ସ୍ୱାଇଁ କେବଳ ଜଣେ ଦରଦୀ ହୃଦୟର ବ୍ୟକ୍ତି ନଥିଲେ, ବରଂ ଶିକ୍ଷାକୁ ଗୁରୁତ୍ୱ ଦେଇ ସ୍ଥାନୀୟ ଅଞ୍ଚଳର ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବାରେ ବେଶ ସହାୟକ ହୋଇଥିଲେ । ତାଙ୍କ ସହ ଥିବା ମୋର ବ୍ୟକ୍ତିଗତ ସମ୍ପର୍କ ଓ ସ୍ମୃତି ସର୍ବଦା ସ୍ମରଣୀୟ ହୋଇରହିବ ବୋଲି ମନ୍ତ୍ରୀ ଉଲ୍ଲେଖ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସେହିପରି ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ପୂର୍ବତନ ସାଂସଦ ଡା. କୁଳମଣି ସାମଲ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଶ୍ରମିକନେତା ପ୍ରକାଶ ତ୍ରିପାଠୀ, ସନ୍ତୋଷ ପଟ୍ଟନାୟକ, କଂଗ୍ରେସ ନେତା ନିରଞ୍ଜନ ନାୟକ ପ୍ରମୁଖଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ରାଜନେତା, ଶ୍ରମିକ ନେତା, ଶିଳ୍ପପତି ଓ ବ୍ୟବସାୟୀ, କବି, ସାହିତ୍ୟିକ, ସାମ୍ବାଦିକ, ସମାଜସେବୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ସ୍ୱର୍ଗତଃ ସ୍ୱାଇଁ ଙ୍କ ସ୍ମୃତିଚାରଣ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ପୁତ୍ର ତଥା ସାମ୍ବାଦିକ ରତ୍ନାକର ସ୍ୱାଇଁ, ବିଶ୍ୱଜିତ୍ ସ୍ୱାଇଁ, ସମିତ୍ ସାଇଁ,ଭାଇ ସୁଦର୍ଶନ ସ୍ୱାଇଁ, ରଞ୍ଜନ କୁମାର ସ୍ୱାଇଁ, ମନୋଜ କୁମାର ସ୍ୱାଇଁ, ଝିଅ ମନ୍ଦାକିନି, ମଧୁସ୍ମିତା, ସୁଚିସ୍ମିତା, ଶୁଭଶ୍ରୀ, ଇନୁ, ଚିନୁ, ଜ୍ୱାଇଁ ଜ୍ଞାନଦେବ, ନିଲୁ ଓ ପରିବାରର ସମସ୍ତ ସଦସ୍ୟ ଓ ସଦସ୍ୟା ସୁଚାରୁରୂପେ ପରିଚାଳନା କରିଥିଲେ।

## ରାଶିଫଳ

**ମଙ୍ଗଳବାର, ୨୦ ମଇ ୨୦୨୫**



**ମେଷ:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ । କାର୍ଯ୍ୟ ସମାପ୍ତ ହୋଇପାରିବ । କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।




**ବୃଷ:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ।



**ମିଥୁନ:** ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ । ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।




**କର୍କଟ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ।



**ସିଂହ:** ଏହି ବ୍ୟସ୍ତତା ମଧ୍ୟରେ ଆପଣଙ୍କର ଖାଦ୍ୟର ଯତ୍ନ ନିଅ, ନଚେତ୍ ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। କୋର୍ଟ ସହ ଜଡିତ ମାମଲାଗୁଡ଼ିକରେ ସଫଳତା ପାଇବାର ସମ୍ଭାବନା ଅଛି। ପ୍ରେମ ଜୀବନରେ ଆପଣଙ୍କର ପ୍ରିୟ କିଛି ବିଷୟ ଉପରେ କ୍ରୋଧ ଦେଖାଇପାରେ, ତଥାପି ପ୍ରେମ ସଂପର୍କରେ ରହିବ।




**କନ୍ୟା:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ । ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ୍ୟ ପାଇପାରିବେ ।



**ତୁଳା:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ । କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି ।




**ବିଛା:** ଦୈନ୍ୟନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ । ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ ।




**ଧନୁ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ। ବସ୍ ସହିତ ସମ୍ପର୍କ ବିଷୟରେ ଆପଣ ଟିକିଏ ସଚେତନ ହେବା ଉଚିତ୍ ।



**ମକର:** ଆପଣ ଆଜି ଧୈର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ । କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ । ଆପଣ ମଧ୍ୟ କୌଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ। ସାମାନ୍ୟ ଥକ୍କା ମଧ୍ୟ ହୋଇପାରେ।



**କୁମ୍ଭ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ।



**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ। ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ। ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ। ଆପଣ ବ୍ୟବସାୟରେ ନୂତନ ଯୋଜନା କରିବେ ଯାହା ଭବିଷ୍ୟତରେ ଆପଣଙ୍କ ପାଇଁ ଲାଭଦାୟକ ପ୍ରମାଣିତ ହୋଇପାରେ।



ଜ୍ୟୋତିର୍ବିଦ୍

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ସ୍ଥିତ ଉତ୍ତମ ମଲିକ ଟେଲେଣ୍ଟ ମହା ବିଦ୍ୟାଳୟର ସଭାଗୃହ ଠାରେ ଏକ ଅଭିଭାବକ ଓ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ମିଳିତ ବୈଠକ ଆୟୋଜନ କରାଯାଇଥିଲା । ମୁଖ୍ୟ ପରିଚାଳକ ଡକ୍ଟର ଶିବ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତା ରେ ହୋଇ ଥିଲା। କଲେଜର ଅନ୍ୟତମ ପାର୍ଟନର ଦିଲ୍ଲିପ ଦାସ ,ପରାମର୍ଶଦାତା ତଥା ଶିଳ୍ପପତି ଶ୍ରୀ ତପନ ସାନା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ସଭାରେ ଡ଼ାକ୍ତର ପାତ୍ର ବିଦ୍ୟାଳୟର ଶିକ୍ଷା ପଦ୍ଧତିର ଆଧୁନିକି କରଣ ପ୍ରଣାଳୀ ତଥା ରୋବୋଟିକ ଡ୍ରନ,ନୂତନ ଟେକ୍ନୋଲୋଜି, କମ୍ପ୍ୟୁଟର ଶିକ୍ଷା ଇତ୍ୟାଦି ବିଷୟରେ ଏଠାରେ ବୁଝାଇଥିଲେ । ଏହି ମହା ବିଦ୍ୟାଳୟଟି ଚଳିତ ବର୍ଷ ମାଲକାନଗିରି ସଦର ଠାରେ ଆରମ୍ଭ କରାଯାଇ ଥିବା କଥା କହିଛନ୍ତି ସେ। ଏହି ମହା ବିଦ୍ୟାଳୟରେ ସିଇଟଏସଇ ଏବଂ ସିବିଏସସି ପାଠ୍ୟକ୍ରମରେ ଛାତ୍ର ଛାତ୍ରୀ ଙ୍କୁ ପାଠ ପଢା ଯିବାର କାର୍ଯକ୍ରମ ସହିତ ସ୍ମାର୍ଟକ୍ଲାସର ବ୍ୟବସ୍ଥା ରହିଥିବା କଥା କହିଚନ୍ତି । ଏହି ବୈଠକରେ ୫୦ରୁ ଉର୍ଦ୍ଧ ଅଭିଭାବକ ଯୋଗ ଦେଇ ନିଜନିଜ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସ୍ତରୀୟ ସାମ୍ବାଦିକ ରତ୍ନାକର ଦାସ , ସୀମାଞ୍ଚଳ ପାଣଗ୍ରାହୀ, ଗୋବିନ୍ଦ ମଣ୍ଡଳ ପ୍ରମୁଖଙ୍କ ସମେତ ଅନ୍ୟ ସାମ୍ବାଦିକ ମାନେ ଉପସ୍ଥିତ ରହି ମହା ବିଦ୍ୟାଳୟ କିଭଳୀ ଉନ୍ନତିର ପଥରେ ଚାଲିବ ତା ଉପରୁ ମତ ପ୍ରକାଶ କରିଥିଲେ। ବୈଠକ ପରିଚାଳନା କରିଥିଲେ ଅନୁଷ୍ଠାନର କର୍ମଚାରୀ ଶରତ ହିଆଲ, ପୂଜା ପାଲ, ଏଲିଶା ପଟ୍ଟନାୟକ। ଲିଜା ରାୟ ସମସ୍ତଙ୍କୁ ଧନ୍ୟବାଦ୍ ଜଣେଇ ସଭା ସାଙ୍ଗ କରିଥିଲେ ।



### ୩ ମାସ ହେବ ଜଳ ଯୋଗାଣ ଠପ୍

# ଦୂଷିତ ପାଣି ପିଉଛନ୍ତି ସମାଡପଦରବାସୀ

ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ରାଣୀମୁଣ୍ଡା ପଞ୍ଚାୟତର ଜଙ୍ଗଲ ଘେରା ମଧ୍ୟରେ ଥିବା ଉପାନ୍ତ ସମାଡ଼ପଦର ଗ୍ରାମର ଲୋକେ ବର୍ତ୍ତମାନ ବି ମୌଳିକ ସୁବିଧାରୁ ବଞ୍ଚିତ। ସମାଡପଦର ଗାଁରେ ତିନି ମାସ ହେବ ପିଇବା ଜଳ ଯୋଗାଣ ବନ୍ଦ ଥିବାରୁ ଗ୍ରାମବାସୀ ଖୋଲା କୂଅର ଭରସାରେ ଜୀବନ ବଞ୍ଚାଉଛନ୍ତି। ଖୋଲା ଆକାଶର ଗୋଳିଆ ପାଣି ପିଇ ନାନାଦି ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି । ଗ୍ରାମରେ ୫୦ରୁ ଉର୍ଦ୍ଧ୍ୱ ପରିବାର ଥିବାବେଳେ ୩୩୦ ରୁ ଅଧିକ ଜନସଂଖ୍ୟା ରହିଛି। ସମାଡ଼ପଦର ଗ୍ରାମକୁ ୨୦୨୩ ମସିହାରୁ ବସୁଧା ଯୋଜନାରେ ଗଭୀର କୂଅ ଖୋଲି ଓଭର ହେଡ ଟାଙ୍କି ମାଧ୍ୟମରେ ଜଳ ଯୋଗାଣ ହେଉଛି। ହେଲେ ଏହି ପାହାଡ଼ି ଅଞ୍ଚଳରେ ଥିବା ସମାଡ଼ପଦର ଗ୍ରାମରେ ବର୍ଷ ତମାମ



ପାଣି ସମସ୍ୟା ଲାଗି ରହିଥାଏ। ବର୍ତ୍ତମାନ ଜଳ ଯୋଗାଣ ହେଉଥିବା ଗଭୀର କୂଅ ଶୁଖି ଯାଇଥିବାରୁ ତିନି ମାସ ହେଲା ଗ୍ରାମକୁ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ଗ୍ରାମର ମହିଳା ଓ ପୁରୁଷ ମାନେ ଗ୍ରାମ ଠାରୁ ଏକ କିଲୋମିଟର ଦୂରରେ ଥିବା ଖୋଲା କୂଅରୁ ଗୋଳିଆ ପାଣି ଆଣି ପିଇବାକୁ ବାଧ ହେଉଛନ୍ତି। ଏହି ଗଭୀର କୂଅରୁ ପାଣି ସଂଗ୍ରହ କରିବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। କାରଣ କୂଅରୁ କମ ପାଣି ବାହାରେ। ପାଣି ସଂଗ୍ରହ କରିବା ପାଇଁ ନିଜ ନିଜ ଭିତରେ ଝଗଡା ହେବା ନିତିଦିନିଆ ଘଟଣାରେ ପରିଣତ ହୋଇଛି ବୋଲି ପ୍ରକାଶ କରିଛନ୍ତି। ଗ୍ରାମର ପାଣି ସମସ୍ୟା ନେଇ ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଏହି ଗ୍ରାମକୁ ଜଳ ଯୋଗାଣର ସମସ୍ତ ସୁବ୍ୟବସ୍ଥା ଥାଇ ମଧ ଠିକ ଭାବରେ ଜଳ ଯୋଗାଣ ହେଉ ନଥିବାରୁ ବର୍ଷା ଦିନେ ଝରଣା କିମ୍ବା ନାଳର ପାଣି ପିଇବାକୁ ବାଧ ହେଉଥିବା ବେଳେ ଗ୍ରୀଷ୍ମ ଋତୁରେ ପାଣି ସମସ୍ୟା ଦ୍ୱି ଗୁଣିତ ହୋଇଥାଏ। ଗ୍ରୀଷ୍ମପ୍ରବାହ ଜାରି ରହିଥିବା ପର୍ଯ୍ୟନ୍ତ ସମାଡ଼ପଦର ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ଗ୍ରାମର କୋଦୋ ମାଝି, ତିଳେ ମାଝି, ତୁଳସୀ ଅଦା ଦାବି କରିଛନ୍ତି ନହେଲେ ଆଗାମୀ ଦିନରେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ଖଡ଼ିଆଳ ଜଳ ଓ ପରିମଳ ଯନ୍ତ୍ରୀ ରାଜେନ୍ଦ୍ର ବେହେରା ଫୋନ ଉଠାଇ ନଥିବାରୁ ତାଙ୍କର ପ୍ରତିକ୍ରିୟା ମିଳି ପାରିନାହିଁ। ଏନେଇ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଅବଗତ କରିବାରୁ ଆବଶ୍ୟକ ଅନୁଯାୟୀ ନଳକୂଅ ଖୋଳା ହେଉଛି। ଦରକାର ପଡ଼ିଲେ ସଂଖ୍ୟା ବଢ଼ାଇ ପାଣି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।

## କୋରାପୁଟ ଗସ୍ତରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ଗୃହ କମିଟି



କୋରାପୁଟ, (ଭାସ୍କର ନ୍ୟୁଜ୍): ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଗୃହ କମିଟି ଦୁଇ ଦିନିଆ କୋରାପୁଟ ଗସ୍ତରେ ଆସି ପହଂଚିଛନ୍ତି । କମିଟିର ୮ ଜଣିଆ ଟିମ୍ ଜୟପୁର ବିମାନ ବନ୍ଦରରରେ ପଂହଚିଥିଲେ । ଗୃହ କମିଟିର ଅଧ୍ୟକ୍ଷ ତଥା ବିଧାୟିକା ସୀମାରାଣୀ ନାୟକଙ୍କ ନେତୃତ୍ୱରେ ବରିଷ୍ଠ ବିଧାୟକ ପ୍ରମିଳା ମଲ୍ଲିକ, ବର୍ଷା ସିଂ ବରିହା, ସୁଜାତା ସାହୁ, ସଲି ମୁର୍ମୁ, ଉପାସନା ମହାପାତ୍ର, ସୁବାଷିନୀ ଜେନା, ମନୋରମା ମହାନ୍ତି , ସୋଫିଆ ଫିରଦୋସ ଟିମରେ ସାମିଲ ଅଛନ୍ତି । ଜିଲ୍ଲାପାଳ ଭି କ୍ରୀତି ଭାସନ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା ଜୟପୁର ବିମାନ ବନ୍ଦରରୁ କୋରାପୁଟ ଅଭିମୁଖେ ଗୃହ କମିଟିକୁ ପାଛୋଟି ଆଣିଥିଲେ। ଏହି ଟିମ୍ ଜିଲ୍ଲାରେ ୨ଦିନ ରହି ମହିଳା ଓ ଶିଶୁମାନଙ୍କ ବିଭିନ୍ନ ସମସ୍ୟା ନେଇ ସମୀକ୍ଷା କରିବେ। ପ୍ରଥମ ଦିନରେ ଦୁଧାରୀରେ ଥିବା କଫି ବଗିଚା, ବିଟେଲ ପ୍ରୋସେସିଂ ୟୁନିଟ ବୁଲି ଦେଖିଥିଲେ । ମହିଳା, ଶିଶୁଙ୍କ ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ନେଇ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ସମୀକ୍ଷା କରିବେ । କମିଟି ସଦସ୍ୟମାନେ ଦେଓମାଳି ବୁଲିବା ସହ ସେଠାରେ ରାତ୍ରି ଯାପନ କରିବା କାର୍ଯ୍ୟକ୍ରମ ରହିଛି । ହଷ୍ଟେଲରେ ନିର୍ଯ୍ୟାତନ, ମହିଳାମାନଙ୍କ ସମସ୍ୟା ଉପରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ସମୀକ୍ଷା କରିବେ । ଅଙ୍ଗନବାଡୀ କେନ୍ଦ୍ର ପରିଦର୍ଶନ କରିବେ। ପର୍ଯ୍ୟଟନ ସ୍ଥଳ ବୁଲିବା ସହ ସମସ୍ତ ଦିଗ ଉପରେ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି । କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଲୋକପ୍ରତିନିଧିଙ୍କ ସହ ମହିଳା ଓ ଶିଶୁ ନିର୍ଯ୍ୟାତନା ଉପରେ ଆଲୋଚନା କରିବେ ।

## ବାପାର ଟାଙ୍ଗିଆ ଚୋଟରେ ଝିଅ ଗୁରୁତର

ଲହୁଣୀପଡ଼ା, (ଭାସ୍କର ନ୍ୟୁଜ୍): ଘରୋଇ କଳିକୁ କେନ୍ଦ୍ର କରି ହତ୍ୟା ଉଦ୍ୟମ। ଅଳ୍ପକେ ବର୍ତ୍ତିଛନ୍ତି ଝିଅ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲାର ଲହୁଣୀପଡ଼ା ବ୍ଲକ ଗଦାପାଲି ଗ୍ରାମ ରେ। ମିଳିଥିବା ସୂଚନାରୁ ପ୍ରକାଶ ଯେ ଲହୁଣୀପଡ଼ା ଥାନା ଅନ୍ତର୍ଗତ ଗଦାପାଲି ଗ୍ରାମ ଅର୍ଜୁନ ରଣା (୬୦) ତାଙ୍କ ସ୍ତ୍ରୀ ଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଲା ମାତ୍ର ସ୍ତ୍ରୀ ମନା କରି ଦେବାରୁ ଉଭୟଙ୍କ ମଧ ରେ ଝଗଡ଼ା ହୋଇଥିଲା। ଝଗଡ଼ା ଉଗ୍ରରୂପ ନେଇ କଥା ଟାଙ୍ଗିଆ ପର୍ଯ୍ୟନ୍ତ ଯାଇଥିଲା। ଅର୍ଜୁନ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ନିଜ ସ୍ତ୍ରୀଙ୍କୁ ଜାଣିବାକୁ ଉଦ୍ୟମ କରୁଥିବା ବେଳେ (୧୨) ର ଝିଅ ସସ୍ମିତା ଆଗକୁ ଆସିଯାଇଥିଲା ଫଳରେ ଝିଅର ପଛ ପଟ ମୁଣ୍ଡକୁ ଓ ହାତକୁ ଟାଙ୍ଗିଆରେ ହାଣି ପକାଇଥିଲା ।ଝିଅ ତଳେ ପଡ଼ି ଯାଇଥିଲା। ସଙ୍ଗେ ସଙ୍ଗେ ତାକୁ ବଣାଇ ଡାକ୍ତରଖାନାକୁ ପାଠ ଯାଇଥିବା ବେଳେ ପ୍ରାଥମିକ ଚିକିତ୍ସା କରି ଅବସ୍ଥା ସଂକଟାପନ୍ନ ହେବାରୁ ତୁରନ୍ତ ରାଉରକେଲା ଆର୍ ଜି ଏଚ କୁ ସ୍ଥାନାନ୍ତରିତ କରାଯାଇଥିଲା। ଘଟଣା ସଂପର୍କରେ ପୋଲିସ ଖବର ପାଇ ଘଟଣା ସ୍ଥଳକୁ ପହଞ୍ଚି ଘଟଣା ତଦନ୍ତ ଜାରିରଖିଛି। ଅର୍ଜୁନଙ୍କୁ ଅଟକ ରଖି ପଚରା ଉଚୁରା ଜାରି ରଖିଛି।

## ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି




ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ନୂଆଗଡ ବ୍ଲକ ଅନ୍ତର୍ଗତ ପି.ଅନ୍ତରଡ଼ା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ବିଜୟ କୁମାର ଦାଶ,ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ପି.ଅନ୍ତରଡ଼ା ଗ୍ରାମ ପଞ୍ଚାୟତ ସମେତ କେରଣ୍ଡଙ୍ଗ, ନୂଆଗଡ ଓ ଲୁହାଙ୍ଗର ପଞ୍ଚାୟତର ସମୁଦାୟ ମୋଟ- ୪୬ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୩ ଗୋଟି ,ଗ୍ରାମ ଭିତ୍ତିକ ସମସ୍ୟା- ୩୩ ଗୋଟି ଅଭିଯୋଗ ଆସିଥିଲା ଓ ସେଥିମଧ୍ୟରୁ ୪ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା,ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସମୟରେ ନୂଆଗଡ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ମାଳତୀ ପ୍ରଧାନ,ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଲୋକନାଥ ଶବର,ତହସିଲଦାର ମୋନାଲିସା ଆଚାରୀ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରଖ ଆଲ୍ଲୀ,ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସନ୍ତୋଷ କୁମାର ନାୟକ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଅଭିଯୋଗଶୁଣାଣିରେ ଉପସ୍ଥିତ ଥିଲେ।

## ଏକ୍ସ କ୍ୟାଡର ଶିକ୍ଷକ ସଂଘର ବୈଠକ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ମୁଣ୍ଡାପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୌଦ୍ଧ ବ୍ଲକ ଏକ୍ସ କ୍ୟାଡର ଶିକ୍ଷକ ସଂଘର ସଭାପତି ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ଉଦ୍ଦେଶ୍ୟ ଓ ସାଙ୍ଗଠନିକ ଦକ୍ଷତା ବୃଦ୍ଧି ଉପରେ ଶିକ୍ଷକ ବୀର ବିକ୍ରମ ପ୍ରଧାନ କହିଥିଲେ। ଏରିୟର ଓ ଏନପିଏସ ଟଙ୍କା କିପରି ଶିକ୍ଷକ ମାନଙ୍କ ପାସ ବୁକରେ ଜମା ହେବ ମହା ସଚିବ ପ୍ରକାଶ ଚନ୍ଦ୍ର ଡାଙ୍ଗ ନିଜର ମତ ରଖିଥିଲେ ।ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଓଟିଇଟି ବ୍ୟବସ୍ଥା ଏସ ଓ ପି ପ୍ରକାଶ ପାଇଥିବାର ଶିକ୍ଷକ ମଧୁସୂଦନ ନାଏକ,ସୁବାଷ ସାହୁ, ରଂଜିତ ପ୍ରଧାନ,କେଶବ ବେହେରା, ପ୍ରତାପ ଗାଇଗୌରୀଆ, ରଂଜିତ କର୍ଣ୍ଣ, ବିଘ୍ନରାଜ ପ୍ରଧାନ,ଶୈଳ୍ବାଳା ଦେହୁରୀ ପ୍ରମୁଖ ରାଜ୍ୟ ସଂଘର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ହେଲା ଶିକ୍ଷକମାନଙ୍କ ଟଙ୍କା ଗୋଷ୍ଠୀ ଶିକ୍ଷା ଅଧିକାରୀ ବୌଦ୍ଧଙ୍କ ଏକାଉଣ୍ଟରେ ଜମା ଥିଲେମଧ ଶିକ୍ଷକମାନଙ୍କ ଏନ ପି ଏସ ଏକାଉଣ୍ଟରେ ଜମା ହୋଇନଥିବାରୁ କ୍ଷୋଭ ପ୍ରକାଶ କରିବା ସହିତ ଲିଖିତ ଭାବରେ ଜିଲ୍ଲା ଶିକ୍ଷାଅଧିକାରୀ ଓ ଗୋଷ୍ଠୀ ଶିକ୍ଷାଅଧିକାରୀ ବୌଦ୍ଧଙ୍କୁ ଲିଖିତ ଭାବେ ଜଣାଇବାକୁ ସଭାରେ ପ୍ରସ୍ତାବ ଗ୍ରହଣ କରାଗଲା। ଶେଷରେ ଶିକ୍ଷକ ପଙ୍କଜ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ସମୁଦାୟ ୪୧ ଜଣ ଶିକ୍ଷକ ଯୋଗ ଦେଇଥିଲେ।

## କଳାବଜାରୀ କଲେ କଠୋର କାର୍ଯ୍ୟାନୁଷ୍ଠାନ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲା କୃଷି ବିଭାଗ ତରଫରୁ ରବିବାର ଦିନ ଉମରକୋଟ ଡି.ଏନ.କେ ସ୍ଥିତ ବଙ୍ଗୀୟ ଭବନରେ ଉମରକୋଟ, ରାଇଘର,ଝରୀଗାଁ ଏବଂ ଚନ୍ଦାହାଣ୍ଡିର ୧୭୦ ଜଣ ସରକାରୀ ସ୍ୱୀକୃତି ପ୍ରାପ୍ତ ସାର ଓ ବିହନ ବିକ୍ରେତା ଙ୍କୁ ନେଇ ଏକ ବୈଠକ କରାଯାଇଥିଲା। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ପ୍ରତିନିଧି ପ୍ରଣୟ କୁମାର ମନ୍ତ୍ରୀ,କୃଷି ଜିଲ୍ଲା ଅଧିକାରୀ ଉମରକୋଟ ବିଶ୍ୱଜିତ ସାହୁ,ସହକାରୀ କୃଷି ଅଧିକାର, ଓ ୪ ଟି ବ୍ଲକ ର ବ୍ଲକ କୃଷି ଅଧିକାର, ଲେମ୍ପ ର ଏମ.ଡି, ଉମରକୋଟ ମାରଫେଡ଼ ଅଧିକାରୀଙ୍କ ଉପସ୍ଥିତରେ ଏକ ବୈଠକ ଆୟୋଜିତ ହେଇଥିଲା । ବୈଠକରେ ଆଗାମୀ ଖରିଫ ଚାଷ ରେ ଚାଷୀଙ୍କ ସହ ସୁ ସମ୍ପର୍କରଖି ଚାଷୀଙ୍କୁ ସଠିକ ମାନର



ବିହନ ଏବଂ ସାର ଯୋଗାଇଦେବା ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାର ବ୍ୟବସାୟୀଙ୍କୁ କହିବା ସହ ଯଦି କୌଣସି ବିକ୍ରେତା ସରକାରୀ ନିୟମ ଅବମାନନା କରନ୍ତି ଏବଂ ଏହା ପ୍ରମାଣ ମିଳେ ହେଲେ ସଙ୍ଗେ ସଙ୍ଗେ ସେହି ଅଧିକୃତ ବିକ୍ରେତା ଙ୍କ ଦୋକାନ ସିଲ କରାଯାଇ ଆଇନଗତ ଦୃଢ କାର୍ଯାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଆଗାମୀ ଖରିପ ଋତୁରେ ସମ୍ପୂର୍ଣ ଭାବେ ଅଣସୀକୃତିପ୍ରାପ୍ତ କୌଣସି ସାର କିମ୍ବା ବିହନ କିମ୍ବା ଅନୁସାର କୁ ଜିଲ୍ଲାରେ ବିକ୍ରି କରାଯିବ ନାହିଁ ଯଦି କୌଣସି ବିକ୍ରେତା ବିନା ସ୍ୱୀକୃତି ପ୍ରାପ୍ତ କୌଣସି ସାର, ବିହନ, ଅନୁସାରେ, ବିକ୍ରି କରେ ତାହେଲେ ସେହି ଦୋକାନକୁ ସିଲ କରାଯାଇ ସମ୍ପୂର୍ଣ ଜିନିଷକୁ ବ୍ୟାଜପ୍ତ କରାଯିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଙ୍କ ପ୍ରତିନିଧି ପ୍ରଣୟ କୁମାର ମନ୍ତ୍ରୀ କହିଛନ୍ତି। କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜିତ ସାହୁ ଚାଷୀଙ୍କୁ ନାନୋ ୟୁରିଆ, ନାନୋ ଡି.ଏ.ପି ର ଉପକାରିତା ବିଷୟରେ ବୁଝେଇବା ପାଇଁ ଅନୁରୋଧ କରିବା ସହ ଚାଷୀଙ୍କୁ କିଭଳି ଭାବି ଜୈବିକ ସାର ର ଉପକାରିତା ବିଷୟରେ ଅବଗତ କରାଯିବ ସେଥିପାଇଁ ଚେଷ୍ଟା କରିବାକୁ କହିଥିଲେ. ମା ପେଣ୍ଡ୍ରାଣୀ ଏଗ୍ରୋ ଇନପୁଟ ଆସୋସିଏସନ ତରଫରୁ ୟୁରିଆ, ଡି.ଏ.ପି ସାରର ଅଭାବ, ଅତ୍ୟଧିକ ମୂଲ୍ୟ ଏବଂ କିଛି ଅସାଧୁ ବଡ଼ ବ୍ୟବସାୟୀଙ୍କ ମନୋମୁଖୀ ସାର ବଣ୍ଟନ ନୀତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହାକୁ ଯଦି ରୋକିବାରେ ପ୍ରଶାସନ ସଫଳ ନା ହେଲେ ଆଗାମୀ ଦିନରେ ଅନେକ ଅଭାବ ଏବଂ ଜଣ ଅସନ୍ତୋଷ ସୃଷ୍ଟି ହେବ ବୋଲି ଅଭିଯୋଗ କରାଯଇଥିଲା। ଆଗାମୀ ୧ ମାସ ମଧ୍ୟରେ ଉମରକୋଟ, ଝରୀଗାଁ, ଚନ୍ଦାହାଣ୍ଡି ଏବଂ ରାଇଘର କୁ ଉପଯୁକ୍ତ ମାତ୍ରା ରେ ଡି.ଏ.ପି ଓ ୟୁରିଆ ମାରଫେଡ଼ ସଂସ୍ଥା ମାଧ୍ୟମରେ ସ୍ୱୀକୃତି ପ୍ରାପ୍ତ ବିକ୍ରେତାଙ୍କୁ ପ୍ରଦାନ କରାଯିବ ବୋଲି ଜିଲ୍ଲା କୃଷି ବିଭାଗ ତରଫରୁ କୁହାଯାଇଛି।

## ଧରାପଡ଼ିଲା ଛିନତାଇ ସୁନା ଚୋର



ପାରଳାଖେମୁଣ୍ଡି , (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନରେ ଯାତ୍ରୀମାନଙ୍କ ଠାରୁ ସୁନା ହାର ଛିନ୍ତାଇ କରି ଚମ୍ପଟ ମାରିଥିବା ଚୋର ପୋଲିସ୍ ହାତରେ ଧରାପଡିଛି। ଦୁର୍ବୃତ୍ତ ନବୀନ କୁମାର (୨୮) , ଘର ଆନ୍ଧ୍ରପ୍ରଦେଶ, ଜିଲ୍ଲା ଶ୍ରୀକାକୁଲମ ଥାନା ମଞ୍ଜୁଷା ଗ୍ରାମର ସାଣ୍ଡୁପୁଡି ଅଞ୍ଚଳରେ। ସେ ପାରଳାଖେମୁଣ୍ଡି ସହର ବଡ଼ ବ୍ରାହ୍ମଣ ସାହିରେ ନିଜ ସଂପର୍କୀୟ ଘରେ ରହିବା ସହ ଛୋଟ ବ୍ୟବସାୟ କରୁଥିଲା । ନବୀନ ନାମରେ ଗୁରାଣ୍ଡି ଥାନା, ପାରଳାଖେମୁଣ୍ଡି ଥାନା,କାଶି ନଗର ଥାନାରେ ମାମଲା ଦାୟର ହୋଇଥିଲା । ଜିଲ୍ଲା ଆରକ୍ଷୀ ଅଧକ୍ଷ ଯତୀନ୍ଦ୍ର ନାଥ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ଚୋରକୁ ଧରିବାରେ ସକ୍ଷମ ହୋଇଥିଲେ। ଆସାମୀ ଠାରୁ ଗୋଟିଏ ମୋବାଇଲ୍ ଫୋନ୍ ,ହିରୋହଣ୍ଡା ଗ୍ଲାମର୍ ମୋଟର ସାଇକେଲ ସୁନା ଅଳଙ୍କାର ଜବତ କରାଯିବା ସହ କେସ ନଂ ୩୦୯ (୪ ) ରେ ମାମଲା ରୁଜୁ କରାଯାଇ ଗିରଫ କରାଯାଇଛି।

## ଲକ୍ଷ୍ମୀପୁର ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି

ଲକ୍ଷ୍ମୀପୁର , (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସାହିତ୍ୟ ପରିଷଦ ର ଏକାଦଶ ବାର୍ଷିକ ଉତ୍ସବ-୨୦୨୫ ପାଇଁ ଏକ ପ୍ରସ୍ତୁତି ବୈଠକ ଲକ୍ଷ୍ମୀପୁର ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସାହିତ୍ୟ ପରିଷଦର ସଭାପତି ମହାଦେବ ଶତପଥିଙ୍କ ସଭାପତିତ୍ୱରେ ଆଗାମୀ ବାର୍ଷିକ ଉତ୍ସବ ର କାର୍ଯ୍ୟକ୍ରମ ମାନ ସମ୍ପର୍କେ ବିଷୟ ଆଲୋଚନାରେ ଶିକ୍ଷକ ମନୋଜ କୁମାର ପରିଡା, ସମାଜ ସେବୀ ତଥା ନାରୀ ପ୍ରତିଭା ଶ୍ରୀମତୀ ସଂଗୀତା ମିଶ୍ର, ଶିକ୍ଷୟତ୍ରୀ ପ୍ରିୟମ୍ବଦା ସାହୁ, ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଗୁରୁଜୀ ସରୋଜ ପାଣିଗ୍ରାହୀ ଓ ଗୁରୁଜୀ ଗୋପୀନାଥ ମହାପାତ୍ର ଏବଂ ଲକ୍ଷ୍ମୀପୁର ବଣିକ ସଂଘର ସାଧାରଣ ସମ୍ପାଦକ ରଶ୍ମି ରଞ୍ଜନ ନାଥ ଭାଗ ନେଇ ଆଗାମୀ




ବାର୍ଷିକ ଉତ୍ସବ କିପରି ସୁଚାରୁ ରୂପେ ପରିଚାଳିତ ହେବ ସେଥିପ୍ରତି ନିଜର ସୁଚିନ୍ତିତ ମତ ରଖିଥିଲେ। ଏଥି ସହ ସାହିତ୍ୟ ପରିଷଦ ର ମୁଖପତ୍ର 'ଡୁଙ୍ଗୁ ଡୁଙ୍ଗା'ର ପ୍ରକାଶନ ଓ ଆର୍ଥିକ ସ୍ୱଚ୍ଛଳତା ଦିଗରେ ଆଲୋକ ପାତ କରାଯାଇଥିଲା। ଓଡିଶା ସରକାର ଙ୍କର ତରଫରୁ ସମସ୍ତ କାର୍ଯ୍ୟାଳୟ ଓ ବ୍ୟବସାୟିକ ଅନୁଷ୍ଠାନର ଫଳକ ଓଡ଼ିଆରେ ଲେଖିବା ପାଇଁ ଜନ ସଚେତନ ସୃଷ୍ଟି କରାଯିବା ପାଇଁ ସଭାପତି ଶ୍ରୀ ଶତପଥୀ ଗୁରୁତ୍ୱ ଆରୋପ କରିଥିଲେ। ଆଗାମୀ ଦିନରେ ସମସ୍ତ ସଭ୍ୟ ମତାମତ ଦେଇ ଗୁରୁତ୍ୱ କରିଥିଲେ । ପରବର୍ତ୍ତୀ ବୈଠକ ବାର୍ଷିକ ଉତ୍ସବର ଅଗ୍ରଗତି ସମ୍ପର୍କେ ଆଲୋଚନା କରିବା ପାଇଁ ସ୍ଥିର କରାଗଲା । ସଭା ଶେଷରେ ମନୋଜ କୁମାର ପରିଡା ଧନ୍ୟବାଦ ପ୍ରସ୍ତାବ ଦେଇଥିବା ବେଳେ ସାହିତ୍ୟ ପରିଷଦର ସମ୍ପାଦକ ଅରୁଣ କୁମାର ମିଶ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ଗୁଦଗୁଦା ସାହିତ୍ୟ ସଂସଦ ଉଦ୍‌ଘାଟିତ

କୁଚିଣ୍ଡା, (ଭାସ୍କର ନ୍ୟୁଜ୍): କୁଚିଣ୍ଡା ନିକଟବର୍ତ୍ତୀ ପତ୍ରାପାଲି ଗ୍ରାମରେ ନବ ଗଠିତ ଉପଖଣ୍ଡ ସ୍ତରୀୟ ସାରସ୍ୱତ ଅନୁଷ୍ଠାନ ଗୁଦ ଗୁଦା ସାହିତ୍ୟ ସଂସଦ ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ବିଶିଷ୍ଟ ସାହିତ୍ୟିକ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ମୁଖ୍ୟ ଅତିଥି ଓ ଓଡ଼ିଶା ସାହିତ୍ୟ ଏକାଡେମୀ ର ପ୍ରାକ୍ତନ ସଦସ୍ୟ ପ୍ରଫୁଲ୍ଲ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗୁଦ ଗୁଦା ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଏ ଅଞ୍ଚଳ ର ବିକାଶ ପାଇଁ ସଂସଦ ର ସଭ୍ୟ ଗଣ ଲେଖନୀ ଚାଳନା କରନ୍ତୁ ବୋଲି ଆହ୍ୱାନ ଦେଇ ଥିଲେ ।ଏହି ସଂସଦ ର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଝାରସୁଗୁଡ଼ାର କବି ପ୍ରେମ ସାଗର ଡେହେରିଆ ଓ ଦେବଗଡର କବି ବିପିନ ବିହାରୀ ପୃଷ୍ଟି ମଧ ଭାଷଣ ଦେଇ ଏହି ସଂସଦ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ତାର ସାରସ୍ୱତ କାର୍ଯ୍ୟକ୍ରମ କରାଯିବ ବୋଲି ଘୋଷଣା କରିଥିଲେ । ଏହି ଅବସରରେ କୁଚିଣ୍ଡା ଉପଖଣ୍ଡର ମାଟ୍ରିକ ଟପ୍ପର ବରୁଣ ପୃଷ୍ଟେ ଓ ଆଦର୍ଶ ଚାଷୀ ସୌଭାଗ୍ୟ କୁମାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା । ଛାତ୍ର ବରୁଣଙ୍କ ଅନୁପସ୍ଥିତିରେ ମାନପତ୍ର ,ଉତ୍ତରି ସହିତ ସାରସ୍ୱତ ପୁସ୍ତକ ଉପହାରକୁ ତାଙ୍କ ବାପା ଲୋକନାଥ ପୃଷ୍ଟେ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ସଂସଦର ସମ୍ପାଦକ ଶେଖର ବନମାଳୀ ନାମଦେଓ ସଂସଦ ଗଠନର ଇତିହାସ ଉପସ୍ଥାପନ କରିଥିବା ବେଳେ



କୋଷାଧ୍ୟକ୍ଷ ବସନ୍ତ ଚୌଧୁରୀ ଅତିଥି ପରିଚୟ ପ୍ରଦାନ ଓ ଉପସଭାପତି ଅଧ୍ୟାପକ ରୁଦ୍ର ନାରାୟଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି କବିତା ଗୁଡ଼ିକ ସଂଯୋଜନା ମଧ କରିଥିଲେ । ଏଥିରେ ଦେବଗଡ଼ ,ସମ୍ବଲପୁର ଓ ଝାରସୁଗୁଡ଼ା ଅଞ୍ଚଳର ବିଶ୍ୱ ନାଥ ସାହୁ, ସୌଭାଗ୍ୟ ଚନ୍ଦ୍ର ପାତ୍ର, ରେବତୀ ନାଏକ,ସୁଶିଲ କୁମାର ମହାକୁଲ,ଲୋକ ନାଥ ବେହେରା, ଯତୀନ୍ଦ୍ର ପ୍ରଧାନ, ହେମନ୍ତ କୁମାର ପୃଷେଠ, ନନ୍ଦିନୀ ନାଏକ, ସବିତା ପଟେଲ, ପଦ୍ମିନୀ ବାଂକରା,ଖଗେଶ୍ୱର ସେନାପତି, ପ୍ରଦୀପ୍ତ କୁମାର ପଟେଲ, ରଜନୀ ପଟେଲ, କୈଳାସ କୁମାର ଅଗ୍ରୱାଲ, ପରମେଶ୍ୱର ପଟେଲ, ପ୍ରମୋଦ ନାଏକ ,ନଳିନୀ ନାଏକ ପ୍ରମୁଖ ଅର୍ଦ୍ଧ ଶତାଧିକ କବି ତାଙ୍କ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ସଂସଦର ଯୁଗ୍ମ ସମ୍ପାଦକ ବିଶ୍ୱନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚିତ୍ରକୋଣ୍ଡା ବିଧାୟକ ହେଲେ ରାଜ୍ୟ କଂଗ୍ରେସର ସାଧାରଣ ସମ୍ପାଦକ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଗଠନ ପରେ ନୂତନ ପିସିସି ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା



ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ମଙ୍ଗୁ ଖିଲଙ୍କୁ ମନୋନୀତ କରାଯାଇଛି। ମଙ୍ଗୁ ଗତ ସାଧାରଣ ନିର୍ବାଚନରେ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀରୁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଡମ୍ବରୁ ଶିଶାଙ୍କୁ ହରାଇ କଂଗ୍ରେସ ଦଳରୁ ବିଜୟୀ ହୋଇଥିଲେ। ସେ ଛାତ୍ର ଜୀବନରୁ ରାଜନୀତି ଆରମ୍ଭକରି ୨୦୦୭ରୁ ସକ୍ରିୟ ରାଜନୀତିରେ ଯୋଗଦେଇଥିଲେ। ତାଙ୍କର ଅଭିଜ୍ଞତାକୁ ଦେଖି ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ତରଫରୁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଏହାପରେ ଜିଲ୍ଲା କଂଗ୍ରେସ ଓ ଜିଲାବାସୀଙ୍କ ତରଫରୁ ଶ୍ରୀ ଖିଲଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ଦେଓମାଳି ପର୍ଯ୍ୟଟନସ୍ଥଳୀକୁ ଏନ୍‌ଜିଟିର ଛାଟ

କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲାର ଉଚ୍ଚତମ ଶୃଙ୍ଗ ଦେଓମାଳିରେ ଲାଗିଛି ଏନଜିଟି ଛାଟ । ଦେଓମାଳିର ସୌନ୍ଦର୍ଯ୍ୟକରଣ ପାଇଁ ନିର୍ମାଣ କରାଯାଇଥିବା ସମସ୍ତ କାମକୁ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏନଜିଟି । ସୂଚନା ଅନୁଯାଇ, ସରକାର ଦେଓମାଳିକୁ ଇକୋ ଟୁରିଜିମ୍ ଭାବେ ପରିଣତ କରିବା ପାଇଁ କଟେଜ ଠାରୁ ଆରମ୍ଭ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିଛନ୍ତି । ତେବେ ଏହା ଜଙ୍ଗଲ ସଂରକ୍ଷଣ ଆଇନକୁ ଉଲ୍ଲଂଘନ କରୁଥିବା ଅଭିଯୋଗ କରି ୱାଇଲଡ ଲାଇଫ ସୋସାଇଟି ପକ୍ଷରୁ ଓଡିଶା ସରକାରଙ୍କ ସମେତ ୬ଟି ବିଭାଗର ଅଧିକାରୀଙ୍କ ବିରୋଧରେ ଏନଜିଟି ମାମଲା ଦାୟର ହୋଇଥିଲା। ଏନ୍‌ଜିଟି ପକ୍ଷରୁ ପ୍ରକାଶ ପାଇଥିବା ନିର୍ଦ୍ଦେଶନାମା ଅନୁଯାଇ ୩ମାସ ମଧ୍ୟରେ ଯେଉଁ ଜମିରେ



କାମ ହୋଇଛି ଜଙ୍ଗଲ ସଂରକ୍ଷଣ ଆଇନ ଅନୁଯାଇ ତାହାକୁ କେନ୍ଦ୍ର ସରକାରଙ୍କ ରାଜ୍ୟ ପ୍ରତିନିଧି ମାଧ୍ୟମରେ ନିୟମିତ କରିବା ପାଇଁ ଅନୁମତି ଅଣାଯାଉ । ନଚେତ ଦେଓମାଳି ହିଲ୍ ଟପ୍‌ରେ ଇକୋ ଟୁରିଜିମ୍ ନାମରେ ଯାହ ସବୁ କଂକ୍ରିଟ କିମ୍ବା ନିର୍ମାଣ କାମ ହୋଇଛି ସମସ୍ତ କାମକୁ ଭାଙ୍ଗି ଦେଓମାଳିର ପୂର୍ବ ଅବସ୍ଥାକୁ ଫେରାଇ ଅଣାଯାଉ । ଏଥିସହ ଦେଓମାଳି ହିଲ୍ ଟପରେ ପ୍ରାୟ ୨ହେକ୍ଟରର ଜମିରେ ରହିଥିବା ପାଇନ ଗଛର ସଠିକ ପରିଚାଳନା ସହ ୫.୯୩ହେକ୍ଟର ଜମିରେ ଥିବା ଦେଓମାଳିର ସମଗ୍ର ଜମି ଅଣଜଙ୍ଗଲ ଉଦ୍ଦେଶ୍ୟରେ ପରିବର୍ତନ ହୋଇପାରିବ ନାହିଁ ବୋଲି ରାୟରେ ଉଲ୍ଲେଖ କରାଯାଇଛି । ଏହି ରାୟ ପରେ ପ୍ରଶାସନକୁ ଛଟକା ଲାଗିଛି ଏନେଇ ରାଜ୍ୟ ସରକାର ଆଇନର ଆଶ୍ରୟ ନେବେ ବୋଲି କୋରାପୁଟ ଜିଲ୍ଲାପାଳ ଭି କିର୍ତି ଭାସନ କହିଛନ୍ତି ।

### ଦିଗହରା ମୁକ୍ତା ଯୋଜନା

## ଦୟନୀୟ ଅବସ୍ଥାରେ ମିନିପାର୍କ

ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରପରିଷଦରେ ମୁକ୍ତା ଯୋଜନାରେ ନିର୍ମାଣ କରାଯାଇଥିବା ସମସ୍ତ ପ୍ରକଳ୍ପ ଏବେ ବିପର୍ଯ୍ୟସ୍ତ ଅବସ୍ଥାକୁ ଆସି ଯାଇଛ। ବିଗତ ସରକାର ମୁକ୍ତା ଯୋଜନାରେ ସହରାଞ୍ଚଳର ବିକାଶ ପାଇଁ ଯେଉଁ ପ୍ରକଳ୍ପ ସବୁ ତିଆରି କରିଥିଲେ ସେଥିମଧ୍ୟରୁ ଅଧାରୁ ଅଧିକ ଏବେ ବିପର୍ଯ୍ୟସ୍ତ ହେବା ସହ ବର୍ତ୍ତମାନ ଅସମାଜିକ ବ୍ୟକ୍ତିଙ୍କ ଆଡ୍ଡସ୍ଥଳୀ ପାଲଟି ଗଲାଣି। ସୂଚନା ଅନୁଯାୟୀ ପୂର୍ବ ସରକାର ନିର୍ବାଚନ ଆଗରୁ ମୁକ୍ତା ଯୋଜନାରେ ମିନି ପାର୍କ, ଶିଶୁ କ୍ରୀଡା ଉଦ୍ୟାନ ଏବଂ ମୁକ୍ତ ଆକାଶ ବ୍ୟାୟାମଶାଳା କରିଥିଲେ । ଏହି ପରି ପ୍ରେକ୍ଷୀରେ ଉମରକୋଟ ପୌରାଞ୍ଚଳର ଚାରି ଗୋଟି ୱାର୍ଡ ୨, ୬,୧୧,୧୩ ନମ୍ବର ୱାର୍ଡରେ ପ୍ରାୟ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ପୌର ପରିଷଦ



ପକ୍ଷରୁ ମିନିପାର୍କ ନିର୍ମାଣ କରାଯାଇଥିଲା। ସେହି ଭଳି ପ୍ରାୟ ୨ କୋଟି ୫୦ ଲକ୍ଷ ବ୍ୟୟରେ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ୧୦ ଗୋଟି ଶିଶୁ କ୍ରୀଡା ଉଦ୍ୟାନ ଏବଂ ମୁକ୍ତ ଆକାଶ ବ୍ୟାୟାଶାଳା ନିର୍ମାଣ କରା ଯାଇଥିଲା ।ସେହିଭଳି ପୌରାଞ୍ଚଳ ଅଧୀନ ଦୁଇ ନମ୍ବର ୱାର୍ଡ ୱାର୍ଡରେ ପ୍ରାୟ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ କରାଯାଇ ଥିବା ମିନିପାର୍କର ଅବସ୍ଥା ନ କହିବା ଭଲ। ଯାହାକି ଦୁର୍ନୀତିର ଗନ୍ଧ ଜଳ ଜଳ ଦେଖା ଯାଉଛି । ପାର୍କ ଗୁଡିକରେ ଆଲୋକୀକରଣ ପାଇଁ ମଧ ଟଙ୍କା ବ୍ୟୟ ବରାଦ ଥିବା ସତ୍ତ୍ୱେ ତାହା ଆଜି ଯାଏ କୌଣସି ଗୋଟିଏ ପାର୍କର ଆଲୋକୀକରଣ ହେଇ ପାରିଲା ନାହିଁ। ତେବେ ଆଲୋକୀକରଣ ପାଇଁ ଥିବା ଟଙ୍କା କୁଆଡେ ଗଲା ବୋଲି ୱାର୍ଡ ବାସୀ ପ୍ରଶ୍ନ କଲେଣି। ନିର୍ବାଚନ ପୂର୍ବରୁ ସବୁ ପାର୍କର ଉଦ୍‌ଘାଟନ ମଧ ସରିଯାଇଛି। କିନ୍ତୁ ଗୋଟିଏ ପାର୍କ ମଧ ଲୋକଙ୍କ ବ୍ୟବହାରରେ ଆସିଲା ନାହିଁ। ପୌର ପ୍ରଶାସନର ଅବହେଳା ଯୋଗୁଁ ଭାଙ୍ଗି ଯିବାକୁ ବସିଲାଣି ସବୁ ମିନିପାର୍କ। ଏହି ମୁକ୍ତା ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଇଥିଲେ ହେଁ ତାହା ସଂପୂର୍ଣ୍ଣ ଭାବେ ଦୁର୍ନୀତିର ଗନ୍ଧ ବାରି ହେଇ ପଡ଼ିଛି। ଘଟଣାକୁ ନେଇ ନୂତନ ଭାବେ ଯୋଗ ଦେଇଥିବା ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆଙ୍କୁ ପଚାରିବାରୁ ସେ କହିଛନ୍ତି ପ୍ରତ୍ୟେକ ମିନିପାର୍କ ଗୁଡିକୁ ଯାଇ ନିରୀକ୍ଷଣ କରିବି ଓ ଅଧା ରହିଥିବା କାର୍ଯ୍ୟ ଗୁଡିକୁ ଶୀଘ୍ର କରିବା ସହ ସେସବୁ କିପରି ଲୋକଙ୍କ କାମରେ ଆସିବ ସେ ଦିଗରେ ଦୃଷ୍ଟି ଦେବି ବୋଲି କହିଛନ୍ତି। ଜିଲ୍ଲାପାଳ ଏହା ଉପରେ ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧ ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ପୁରୀ (ଭାସ୍କର ନ୍ୟୁଜ) : ରଥଯାତ୍ରା ୨୦୨୫ ସମୟରେ ଶାନ୍ତିପୂର୍ଣ୍ଣ ଓ ସୁସଂଗଠିତ ଭାବରେ ଭକ୍ତମାନେ ଯାତ୍ରା କରିପାରିବେ ବୋଲି ନିଶ୍ଚିତ କରିବାକୁ, ଏସ୍‌ପି ପୁରୀ ବିନିତ ଅଗ୍ରୱାଲ,ଆଇପିଏସ ଆଜି ଦରଜୀପୋଖରୀ ଛକ, ବୋଡିଙ୍ଗ ଛକ, ଝାଡୁଆଣୀ ଲାଇବେରୀ, ପଞ୍ଚୁଚଉରା ଛକ, ଲବନୀଖିଆ ଛକ,ଜେନେରୀ ଗଛ ଛକ, ଜହ୍ନିମୁଣ୍ଡିଆ ଛକ,ଭୋଗଜାଗା, ନବତଖାନା ଗଳି ସାହି ଛକ ରାସ୍ତା ଦେଇ ମାଟିମଣ୍ଡପ ସାହି ଛକ ଆଦି ସ୍ଥାନ ବୁଲି ଭକ୍ତ ଓ ସାହିରେ ରହୁଥିବା ସ୍ଥାନୀୟ ଲୋକ ମାନଙ୍କ ସୁବିଧା ଓ ଅସୁବିଧା ଅନୁଧ୍ୟାନ କରିଛନ୍ତି।ଏହି ଗ୍ରସ୍ତ ସମୟରେ ସ୍ଥାନୀୟ ନିବାସୀମାନେ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗଗୁଡ଼ିକୁ ଗ୍ରହଣ କରିଛନ୍ତି।ସ୍ଥାନୀୟ ଯାନବାହନର ନିୟନ୍ତ୍ରିତ ଚଳାଚଳ।ଭକ୍ତମାନେ ନିର୍ଦ୍ଦିଷ୍ଟ ମାର୍ଗ ଜାଣିନଥିବାରୁ ସମସ୍ୟା।ଏସ୍‌ପି ପୁରୀ ସ୍ଥାନୀୟ ଲୋକଙ୍କ ଅଭିଯୋଗ କୁ ଗମ୍ଭୀରତା ସହିତ ଗ୍ରହଣ କରି କମ ସମୟମଧ୍ୟରେ ସମାଧାନ କରାଯିବ ବୋଲି ନିଶ୍ଚିତ ଆଶ୍ୱାସନ ଦେଇଛନ୍ତି। ସମସ୍ତ ଅଧିକାରୀଙ୍କୁ ଏହି ଗ୍ରସ୍ତ ସମୟରେ ଯେଉଁଥିରେ ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ୨୦୨୫ ପାଇଁ ସମୁଦ୍ରକୁଳ ରୁ ଭକ୍ତମାନଙ୍କ ଗୁଡିକୁ ଲେନ୍ ଭିତିକ ଆଗମନ କେମିତି ବଡଦଣ୍ଡ କୁ ପ୍ରବେଶ କରାଯିବ ତାହା ଆଲୋଚନା କରିଥିଲେ। ଏହି ଗ୍ରସ୍ତରେ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲଙ୍କ ସହ ଅଧିକାରୀମାନେ ଥିଲେ ଅତିରିକ୍ତ ଏସ୍‌ପି ସୌମ୍ୟ ରଞ୍ଜନ ମଲ୍ଲିକ, ଅତିରିକ୍ତ ଏସ୍‌ପି ସଚିନ ପଟେଲ,ସିଟି ଡ଼ିସପି ପ୍ରଶାନ୍ତ କୁମାର ସାହୁ,ଟ୍ରାଫିକ ଡ଼ିସପି ରାଜକୁମାର ପରିଡା,ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି,ଟାଉନ୍ ଆଇଆଇସି ଗୋକୁଳ ରଞ୍ଜନ ଦାସ, ସମୁଦ୍ରକୁଳ ଆଇଆଇସି ସୁଶାନ୍ତ ସାହୁ,ସିଂହଦ୍ୱାର ଥାନା ଆଇଆଇସି ଶ୍ୱେତପଦ୍ମା ଦାଶ,ଏସ୍‌ପି ପୁରୀ ସମସ୍ତ ଅଧିକାରୀଙ୍କୁ ସଂବେଦନଶୀଳ ଏବଂ ଭୀର ଅଞ୍ଚଳ ଚିହ୍ନଟ କରି ମାଇକ୍ରୋ ଯୋଜନା ପ୍ରସ୍ତୁତି ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାସ୍ତା ପାଲଟିଲା...

ହେଉଛନ୍ତି। କୁହାଯାଉଛି, ବେଙ୍ଗାଲୁରୁର ଡ୍ରେନେଜ ସିଷ୍ଟମ ଫେଲ ମାରିବାରୁ ଏଭଳି ଅଭାବନୀୟ ସ୍ଥିତି ଉପୁଜିଛି। ଫଳରେ ବର୍ଷାଜଳ ରାସ୍ତାଘାଟ ସହ ଲୋକଙ୍କ ଘର ଭିତରେ ପଶିଯାଇଛି। ପ୍ରବଳ ବର୍ଷାରେ ପ୍ରଭାବିତ ହୋଇଥିବା ସହରଗୁଡ଼ିକ ମଧ୍ୟରେ ବେଙ୍ଗାଲୁରୁ ସହର, ବେଙ୍ଗାଲୁରୁ ଗ୍ରାମାଞ୍ଚଳ, କୋଲାର, ଚିକବଲପୁର, ତୁମକୁରୁ, ମହୀଶୂର, ହସନ, କୋଡାଗୁ, ବେଲଗାଭୀ, ବିଦର, ରାୟଚୁର, ଚିତ୍ରଦୁର୍ଗ ଇତ୍ୟାଦି ରହିଛି। ବେଙ୍ଗାଲୁରୁ ପ୍ରଶାସନ ପକ୍ଷରୁ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯିବାର ବ୍ୟବସ୍ଥା କରାଯାଇଛି। ପ୍ରବଳ ବର୍ଷା ଓ ଜଳାର୍ଣ୍ଣବ ସ୍ଥିତି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସ୍ଥିତି ଅନୁଧ୍ୟାନ କରିବା ପାଇଁ ଜେସିବିରେ ବିଧାୟକମାନେ ବିଭିନ୍ନ ଅଞ୍ଚଳ ଗସ୍ତ କରୁଛନ୍ତି। ଯେଉଁଠାରେ ବେଶୀ ପାଣି ରହିଛି ସେଠାରେ ଜେସିବି ବ୍ୟବହାର କରାଯାଉଛି। ଆଇଏମଡି ପକ୍ଷରୁ ସୂଚନା ଦିଆଯାଇଛି ଯେ କର୍ଣ୍ଣାଟକର ତଟୀୟ ଅଞ୍ଚଳରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଫଳରେ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ଉତ୍ତର ଓ ଦକ୍ଷିଣ କର୍ଣ୍ଣାଟକର ଅନେକ ସ୍ଥାନରେ ବର୍ଷାପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି।

### ଏକସଙ୍ଗେ ଆସୁଛି...

ବୋଲି ସୂଚନା ମିଳିଛି। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରିରେ ବିଜୁଳି ଘଡ଼ଘଡ଼ି ସହ କାଳବୈଶାଖୀ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି।

### ଆଇଏସ୍‌ଆଇ...

ଏକ ବୋମା ଷଡ଼ଯନ୍ତ୍ରକୁ ପଣ୍ଡ କରିଛି। ଏହି ଅଭିଯାନରେ ୨ ଜଣ ଆତଙ୍କବାଦୀ ଜଡ଼ିତ ଥିବା ବେଳେ ସେମାନଙ୍କୁ ଏବେ ଗିରଫ କରାଯାଇଛି। ସେମାନେ ହେଲେ ବିଜୟନଗରମର ସିରାଜ ଏବଂ ହାଇଦ୍ରାବାଦର ସମୀର। ଯେଉଁମାନେ ସହରରେ ଏକ ଡମି ବିସ୍ଫୋରଣ କରିବାକୁ ଯୋଜନା କରୁଥିଲେ ବୋଲି ପୋଲିସ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, ଯୋଜନାର ଅଂଶ ଭାବରେ ସିରାଜ ବିଜୟନଗରମରେ ବିସ୍ଫୋରକ ସାମଗ୍ରୀ ସଂଗ୍ରହ କରିଥିଲେ। ଏହି ଦୁଇଜଣ ସାଉଦି ଆରବରେ ଅବସ୍ଥିତ ଏକ ଆଇଏସ୍‌ଆଇଏସ୍ ମଡ୍ୟୁଲ୍ ଠାରୁ ନିର୍ଦ୍ଦେଶ ପାଇଥିଲେ। ଯାହା ହାଇଦ୍ରାବାଦରେ ଆକ୍ରମଣ କରିବା ପାଇଁ ସେମାନଙ୍କୁ ମାର୍ଗଦର୍ଶନ କରୁଥିଲା ବୋଲି ଅଭିଯୋଗ ହୋଇଛି। ଉଭୟ ଆତଙ୍କବାଦୀଙ୍କୁ ହେପାଜତକୁ ନିଆଯାଇଛି। ଏହି ମିଳିତ ଅପରେସନରେ ତେଲେଙ୍ଗାନା କାଉଣ୍ଟର ଇଣ୍ଟେଲିଜେନ୍ସ ଏବଂ ଆନ୍ଧ୍ର ପ୍ରଦେଶ ଇଣ୍ଟେଲିଜେନ୍ସ ସାମିଲ ଥିଲେ। ସମ୍ପ୍ରତି ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଆତଙ୍କବାଦୀଙ୍କ ସମ୍ଭାବ୍ୟ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ସୁରକ୍ଷା ବାହିନୀ ଜମ୍ମୁ ଏବଂ କଶ୍ମୀର ସମେତ ବିଭିନ୍ନ ରାଜ୍ୟରେ ବ୍ୟାପକ ତଲାସୀ ଅଭିଯାନ ଆରମ୍ଭ କରିଛନ୍ତି।

### ୨୮ରେ ପ୍ରଧାନମନ୍ତ୍ରୀଙ୍କ...

ଦେଇଥିଲା, ତେବେ ଓଡ଼ିଶା ଏବଂ ଛତିଶଗଡ଼ ଜମି ଅଧିଗ୍ରହଣ ଏବଂ ପୁନର୍ବାସ ସଂପର୍କରେ ଅଧିକ ଆପତ୍ତି ଉଠାଇଥିଲା। ବୈଠକରେ ଜଳସେଚନ ଓ ଜଳ ନିୟନ୍ତ୍ରଣ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଏହାସହ ପ୍ରକଳ୍ପ କାରଣରୁ ଜଳମଗ୍ନ ହେବାକୁ ଥିବା ଗାଁରେ ବସବାସ କରୁଥିବା ଗ୍ରାମବାସୀଙ୍କ ସୁରକ୍ଷା ନେଇ ମଧ୍ୟ ଆଲୋଚନା ହେବାର ଏଜେଣ୍ଡା ରହିଛି। ସୁବ୍ୟବସ୍ଥିତ ଭାବରେ ଯେପରି ଏହି ପ୍ରକଳ୍ପ କରାଯାଇପାରିବ ସେ ନେଇ ବିଶେଷଜ୍ଞମାନଙ୍କ ସହ ଆଲୋଚନା ମଧ୍ୟ କରାଯିବ। ବୈଠକରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ପୋଲାଭରମ ପ୍ରକଳ୍ପର ଅଧିକାରୀଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ ବୋଲି ସୂଚନା ଦିଆଯାଇଛି।

### ଆତଙ୍କୀ ଆଡ୍ଡାରେ...

ନିଜେ ଜ୍ୟୋତି ସ୍ୱୀକାର କରିଛନ୍ତି। ତେବେ ମୁରିଦକେରୁ କେଉଁ ମିଶନ ନେଇ ଭାରତ ଆସିଥିଲେ ତାହା ସ୍ପଷ୍ଟ ହୋଇପାରି ନାହିଁ। ଏହି ମିଶନରେ ଆଉ କେଉଁମାନେ ସଂପୃକ୍ତ ରହିଛନ୍ତି ଏ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ପାକିସ୍ତାନରେ ଜ୍ୟୋତିଙ୍କୁ ଭିଆଇପି ଟ୍ରିଟମେଣ୍ଟ ମିଳୁଥିଲା ଓ ଦାମୀ ହୋଟେଲରେ ସେ ରହୁଥିଲେ। ପାକ୍ ପୋଲିସ ନିଜେ ଜ୍ୟୋତିଙ୍କୁ ସୁରକ୍ଷା ଦେଉଥିଲେ। ସେ ଅନେକ ଥର ପାକିସ୍ତାନର ଏମିତି ସ୍ଥାନକୁ ଯାଇଛନ୍ତି, ଯେଉଁଠାକୁ ଅନ୍ୟ କେହି ଭାରତୀୟ ମଧ୍ୟ ଯିବା ସମ୍ଭବପର ନୁହେଁ। ଜ୍ୟୋତିଙ୍କୁ ପଚରାଉଚୁରା ପରେ ସମସ୍ତ ତଥ୍ୟ ମିଳିବ ବୋଲି କ୍ରାଇମବ୍ରାଞ୍ଚ ଆଶା ପ୍ରକାଶ କରିଛି।

### ସରକାର ଲୋକଙ୍କ...

ଯଦୁମଣୀ କର୍ମୀଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ, ଗଞ୍ଜାମର ଛାୟା ନାୟକଙ୍କୁ ୧ ଲକ୍ଷ ଟଙ୍କା, ଭଦ୍ରକର ବୁଦ୍ଧିଆ ମଣ୍ଡଳଙ୍କୁ ୧ ଲକ୍ଷ ଟଙ୍କା, ନବରଙ୍ଗପୁରର କମଳା ନାୟକଙ୍କୁ ୧ ଲକ୍ଷ ଟଙ୍କା, ଖୋର୍ଦ୍ଧାର କୈଳାସ ପଲେଇଙ୍କୁ ୧ ଲକ୍ଷ ଟଙ୍କା ଏବଂ କଟକର ସୁରେଶ କୁମାର ଜେନାଙ୍କୁ ଅନୁକମ୍ପାମୂଳକ ସହାୟତା ବାବଦକୁ ୫୦ ହଜାର ଟଙ୍କା, ଏହିପରି ୧୪ ଜଣଙ୍କୁ ସମୁଦାୟ ୧୩ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ । ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଉପରେ ଲୋକଙ୍କ ଆସ୍ଥା ବଢ଼ିଛି। ସେମାନେ ବିଭିନ୍ନ ସମସ୍ୟା ନେଇ ଆମ ପାଖକୁ ଆସୁଛନ୍ତି। ଲୋକଙ୍କୁ ନିରନ୍ତର ନ୍ୟାୟ ପ୍ରଦାନ କରିବା ପାଇଁ ଆମେ ଏହି କାର୍ଯ୍ୟକ୍ରମ ଜାରି ରଖିଛୁ। ଆମ ସରକାର ନିରନ୍ତର ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଏବଂ ତାହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହା ମାଧ୍ୟମରେ ଗରିବ ଓ ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟ ପରିଚାଳନା କରିଥିଲେ ।

### ବଢ଼ୁଛି ପ୍ରିୟଙ୍କାଙ୍କ...

କାହକୁ ଭେଟିଥିଲେ ସେ ସଂପର୍କରେ ତଦନ୍ତ କରିପାରେ ଜାତୀୟ ତଦନ୍ତକାରୀ ସଂସ୍ଥା । ଅନ୍ୟପଟେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି କୌଣସି ବି ପରିସ୍ଥିତିରେ ପାକିସ୍ତାନୀ ଗୁପ୍ତଚରଙ୍କୁ ଛଡ଼ାଯିବନି । ଯେତେ ଯାହାର ଲିଙ୍କ୍ ଥିବ, ସବୁ ବାହାରିବ। ଏଥିଲାଗି ଏନ୍ ?ଆଇଏ ୟୁଟ୍ୟୁବରଙ୍କ ପାକିସ୍ତାନୀ ଗୁପ୍ତଚର ଲିଙ୍କ୍ ପ୍ରସଙ୍ଗରେ ତଦନ୍ତ କରୁଛି। ଯାହାର ଲିଙ୍କ୍ ବାହାରିବ ସେ ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ। ସେ କହିଛନ୍ତି, ଏହି ମାମଲାରେ ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କୁ କଠିନ ଦଣ୍ଡରେ ଦଣ୍ଡିତ କରାଯିବ। ଯେଉଁମାନେ ପଡ଼ୋଶୀ ଦେଶ ପାଇଁ ଗୁଇନ୍ଦାଗିରି କରୁଛନ୍ତି ଛନ୍ତି ବା ସହାୟତା କରୁଛନ୍ତି, ସେମାନଙ୍କୁ କେବେ ବି ଛଡ଼ା ଯିବନାହିଁ । ପାକିସ୍ତାନ ଗୁପ୍ତଚର ଜ୍ୟୋତି ମଲହୋତ୍ରାଙ୍କ ପୁରୀ ଲିଙ୍କ୍ ମାମଲାରେ ତଦନ୍ତକୁ ଅଧିକ ଜୋରଦାର କରାଯା ପାଇଛି। ମାମଲାର ଅଧିକ ତଦନ୍ତ ପାଇଁ ଖୁବ୍ ଶୀଘ୍ର ପୁରୀ ଯାଇ ତଦନ୍ତ କରିପାରେ ଏନ୍‌ଆଇଏ । ସେହିପରି ହରିୟାଣା ପୁଲିସ ମଧ୍ୟ ପୁରୀ ଆସିବାର ସମ୍ଭାବନା ରହିଛି । ପୁରୀର ଯୁବତୀ ପ୍ରିୟଙ୍କା ସେନାପତିଙ୍କୁ ପୁରୀ ନଛାଡ଼ି ଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ମାମଲାରେ ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କୁ କଠିନ ଦଣ୍ଡରେ ଦଣ୍ଡିତ କରାଯିବ। ଯେଉଁମାନେ ପଡ଼ୋଶୀ ଦେଶ ପାଇଁ ଗୁଇନ୍ଦାଗିରି କରୁଛନ୍ତି ବା ସହାୟତା କରୁଛନ୍ତି, ସେମାନଙ୍କୁ କେବେ ବି ଛଡ଼ା ଯିବନାହିଁ । ପାକିସ୍ତାନ ଗୁପ୍ତଚର ଜ୍ୟୋତି ମଲହୋତ୍ରାଙ୍କ ପୁରୀ ଲିଙ୍କ୍ ମାମଲାରେ ତଦନ୍ତକୁ ଅଧିକ ଜୋରଦାର କରାଯାଇଛି। ମାମଲାର ଅଧିକ ତଦନ୍ତ ପାଇଁ ଖୁବ୍‌ଶୀଘ୍ର ପୁରୀ ଯାଇ ତଦନ୍ତ କରିପାରେ ଏନ୍‌ଆଇଏ । ସେହିପରି ହରିୟାଣା ପୁଲିସ ମଧ ପୁରୀ ଆସିବାର ସମ୍ଭାବନା ରହିଛି । ପୁରୀର ଯୁବତୀ ପ୍ରିୟଙ୍କା ସେନାପତିଙ୍କୁ ପୁରୀ ନଛାଡ଼ି ଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଏବେ ପୁଲିସ ସ୍କାନରରେ ରହିଛି ପ୍ରିୟଙ୍କାଙ୍କ ପୂରା ପରିବାର । ପୁରୀ ଆସିଥିବା ବେଳେ ଜ୍ୟୋତି ଯାଇଥିବା ସ୍ଥାନକୁ ମଧ ସ୍କାନରରେ ରଖିଛି ପୁଲିସ । ପ୍ରିୟଙ୍କାଙ୍କଠାରୁ ତଥ୍ୟ ନେଇ ସେସବୁ ସ୍ଥାନକୁ ଯାଇ ତଦନ୍ତ କରାଯିବ । ପୁରୀ ବେଳାଭୂମି, ଶ୍ରୀମନ୍ଦିର ସହ ଅନ୍ୟାନ୍ୟ ସ୍ଥାନ ବୁଲିଥିଲେ ଜ୍ୟୋତି,ପୁରୀ ଆସିଥିବା ସମୟରେ ଜ୍ୟୋତି କେଉଁଠିକୁ ଯାଇଥିଲେ,କାହା କାହକୁ ଭେଟିଥିଲେ ସେ ସଂପର୍କରେ ତଦନ୍ତ କରିପାରେ ଜାତୀୟ ତଦନ୍ତକାରୀ ସଂସ୍ଥା । ଅନ୍ୟପଟେ ପ୍ରିୟଙ୍କା ସେନାପତିଙ୍କ ବାପା ରାଜ କିଶୋର ସେନାପତି କହିଛନ୍ତି ମୋ ଝିଅ ଗତ ଦୁଇ ବର୍ଷ ହେବ ଜଣେ ୟୁଟ୍ୟୁବର ଭାବେ କାର୍ଯ୍ୟ କରୁଛି । ଗତ ଚାରିମାସ ତଳେ ସେ ବ୍ଲଗ ଭିଡିଓ କରିବା ପାଇଁ ପାକିସ୍ତାନ କରତାରପୁର କାରିଡରକୁ ଯାଇଥିଲା । ଏକ ଟ୍ରଭେଲ କମ୍ପାନୀ ଫଣ୍ଡିଂରେ ସେ ପାକିସ୍ତାନ ଯାଇଥିଲା । ପାକିସ୍ତାନ ଯିବା ପଛରେ ଜ୍ୟୋତି ମଲହୋତ୍ରାର କିଛି ସହଯୋଗ ନାହିଁ । ତେବେ ମୋ ଝିଅ ଜଣେ ୟୁଟ୍ୟୁବର ହୋଇଥିବାରୁ ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ସହ କେବଳ ବନ୍ଧୁତା ରଖିଥିଲା । ତେବେ ଜ୍ୟୋତି ମଲହୋତ୍ରା କେବେବି ଆମ ଘରକୁ ଆସିନି । କେବଳ ୨୦୨୫ରେ ଜ୍ୟୋତି ମଲହୋତ୍ରା ପୁରୀ ଆସିଥିବା ବେଳେ ମୋ ଝିଅ ଜଣେ ବନ୍ଧୁ ହିସାବରେ କିଛି ସମୟ ବିତେଇବା ସହ ବୁଲାବୁଲି କରିଥିଲେ । ଜ୍ୟୋତି ଜଣେ ପାକିସ୍ତାନୀ ଗୁପ୍ତଚର ବୋଲି ମୋ ଝିଅ ଜାଣିନି । ସେ ଏହା ଜାଣିଥିଲେ ସେ କେବେ ଜ୍ୟୋତି ସହ ବନ୍ଧୁତା ରଖି ନଥାନ୍ତେ। ତେବେ ଦେଶର ସୁରକ୍ଷା ପ୍ରସଙ୍ଗ ହୋଇଥିବାରୁ ଆମେ ସବୁ ତଦନ୍ତରେ ସମ୍ପୂର୍ଣ ସହଯୋଗ କରିବୁ । ପୁରୀ ପୋଲିସ ପକ୍ଷରୁ ମଧ ତଦନ୍ତ ଚାଲିଛି । ପୋଲିସ୍ ଟିମ୍ ଆସି ମୋ ଝିଅକୁ ପଚରାଉଚରା କରୁଛି । ଆମେ ପୋଲିସକୁ ସମ୍ପୂର୍ଣ ସହଯୋଗ କରୁଛୁ । ସେ କୌଣସି ଭିଡିଓ ଜ୍ୟୋତି କି ଦେଇ ନାହିଁ କି ତାର ସହଯୋଗରେ ପାକିସ୍ତାନ ଯାଇନାହିଁ । ସେ ନିଜେ ଭିସା ନେଇ କରତାରପୂର କାରିଡର ଯାଇଥିଲା ଏକ ବ୍ଲଗ ଭିଡିଓ କରିବା ପାଇଁ । ପୁରୀ ଏସପି ବିନୀତ ଅଗ୍ରୱାଲ କହିଛନ୍ତି ଏହି ଘଟଣା ଆମ ନଜରକୁ ଆସିବା ପରେ ଆମେ ଅନୁସନ୍ଧାନ କରୁଛୁ । ପୁରୀରେ ରହିଥିବା ମହିଳାଙ୍କ ସହ ଜ୍ୟୋତି ମଲହୋତ୍ରାଙ୍କ ସହ କଣ ସଂପର୍କ ରହିଛି ତାହା ତଦନ୍ତ କରାଯାଉଛି । ସବୁ ଦିଗକୁ ନେଇ ଆମେ ତଦନ୍ତ କରୁଛୁ । ରାଜ୍ୟ ଓ କେନ୍ଦ୍ରୀୟ ଗୁଇନ୍ଦା ବିଭାଗ, ହରିୟଣା ପୋଲିସ ସହ ଯୋଗ ସୂତ୍ର ରକ୍ଷା କରି ଆମେ ତଦନ୍ତ କରୁଛି । ତଦନ୍ତ ସମ୍ପୂର୍ଣ ହେବା ପରେ ସବୁ କିଛି ସ୍ପଷ୍ଟ ହେବ । ପ୍ରିୟଙ୍କା କାହିଁକି ପାକିସ୍ତାନ ଯାଇଥିଲେ,ଜ୍ୟୋତି ମଲହୋତ୍ରାଙ୍କ ସହ ତାଙ୍କର କଣ ସଂପର୍କ ଅଛି ତାହା ମଧ ତଦନ୍ତ କରାଯାଉଛି ।୨୦୨୪ ରେ ଜ୍ୟୋତି ମଲହୋତ୍ରା ପୁରୀ ଆସିଥିଲେ । ହରିୟଣା ପୋଲିସ ସହ ଆମେ ଯୋଗାଯୋଗରେ ଅଛୁ । ଯାହା ସୂଚନା ଆସିବ ସେ ଅନୁଯାୟୀ ପଦକ୍ଷେପ ନିଆଯିବ । ତଦନ୍ତ ଶେଷ ନ ହେବା ଯାଏ ଏବେ କିଛି କହିବା ଠିକ୍ ହେବ ନହିଁ । ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଆମେ ଅନେକ କିଛି ପଦକ୍ଷେପ ନେଇଛୁ । ପୁରୀ ସହରରେ ସୁରକ୍ଷା ବ୍ୟବସ୍ଥା କଡାକଡି ନେଇ ପୋଲିସ ସବୁବେଳେ ପ୍ରସ୍ତୁତ ରହିଛି । ଆମେ ବିଭିନ୍ନ ତଦନ୍ତକାରୀ ସଂସ୍ଥା ସହ ଯୋଗାଯୋଗରେ ଅଛୁ । ଯାଞ୍ଚ ସରିଲା ପରେ ସମସ୍ତ ତଥ୍ୟ ଦିଆଯିବ । ହରିଆଣା ପୋଲିସ କି ଏନଆଇଏର କୌଣସି ଅଧିକାରୀ ଆସିନାହାନ୍ତି ବୋଲି ଏସପି ବିନୀତ ଅଗ୍ରୱାଲ କହିଛନ୍ତି । ପାକିସ୍ତାନୀ ଗୁପ୍ତଚର ଜ୍ୟୋତି ମାଲ ହୋତ୍ରା ଙ୍କ ସହ ଲିଙ୍କ ରେ ପୁରୀ ଝିଅ ପ୍ରିୟଙ୍କା ସେନାପତି ଏବେ ଅଡୁଆରେ। ପୋଲିସ,ଗୁଇନ୍ଦା ବିଭାଗ,ପଚରା ଉଚୁରା କରୁଛନ୍ତି। ପ୍ରିୟଙ୍କା ଜ୍ୟୋତିଙ୍କ ସହ ପହଲଗାମ,କାଶ୍ମୀରର ଅନେକ ଅଞ୍ଚଳ, ପାକିସ୍ତାନ ଯାଇଥିଲେ। ପୁରୀ ସମେତ ଏହାର ଆଖପାଖ ଅଞ୍ଚଳ ବୁଲାବୁଲି କରିଥଲେ। ତାଙ୍କର ଆର୍ଥିକ କାରବାର, ଉଡଜ, ସୋସିଆଲ ମିଡ଼ିଆ ଆକାଉଣ୍ଟ ଖୋଳତାଡ କରୁଛନ୍ତି ତଦନ୍ତକାରୀ ସଂସ୍ଥା। ଜ୍ୟୋତି ଗିରଫ ହୋଇ ଏବେ ରିମାଣ୍ଡରେ। ଗିରଫ ହୋଇପାରନ୍ତି ପ୍ରିୟଙ୍କା।ଏନେଇ ଏୟାର କମୋଡର୍ ଏନ କେ ପାଢୀ କହିଛନ୍ତି।

## ଭଉଁରୀ ତିଥିରେ ତିନିରଥର ଚକଅଖ ଡେରା ନୀତି ସମ୍ପନ୍ନ



ପୁରୀ (ଭାସ୍କର ନ୍ୟୁଜ) : ପବିତ୍ର ଭଉଁରୀ ତିଥିରେ ଚକଅଖ ଡେରା ନୀତି ପରମ୍ପରା ପ୍ରକାରେ ପାଳିତ ହୋଇଅଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ,ବଳଭଦ୍ର ମହାପ୍ରଭୁଙ୍କ ତାଳଧ୍ୱଜ ରଥ ଏବଂ ଦେବୀ ସୁଭଦ୍ରାଙ୍କ ଦର୍ପ ଦଳନ ରଥର ଚକ ସହ ଅଖ ସଂଯୋଗ ପୂର୍ବକ ଚକ ଡେରା ନୀତି ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହଙ୍କ ଆଜ୍ଞାମାଳ ବିଜେ ପରେ ପୂଜାର୍ଚ୍ଚନା ପୂର୍ବକ ଏହି ନୀତି ସମ୍ପନ୍ନ ହୋଇଅଛି। ମହାପ୍ରଭୁଙ୍କ ସକାଳଧୂପ ଶେଷ ହେବାପରେ ରତ୍ନ ସିଂହାସନରୁ ତିନି ଠାକୁରଙ୍କ ଆଜ୍ଞାମାଳ ଘ.୧୨..୦୫ ରେ ବିଜେ ହୋଇ ଶ୍ରୀନଅରକୁ ଘ.୧୨.୧୫ ମି. ରେ ବିଜେ ହୋଇ ଆସିବାରେ ଘ.୧୨.୧୬ ରେ ତାଳଧ୍ୱଜ ରଥର ଭୋଇ ସେବକ ମାନେ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ତାଳଧ୍ୱଜ ରଥର ଚକଅଖ ସଂଯୋଗ କରିଥିଲେ । ନନ୍ଦିଘୋଷ ରଥର ଚକଅଖ ସଂଯୋଗ ଘ.୧୨.୧୮ ମିରେ ଏବଂ ଦେବୀ ସୁଭଦ୍ରାଙ୍କ ରଥ ଚକଅଖ ଘ.୧୨.୨୦ ମିନିଟରେ ସଂଯୋଗ ସମ୍ପନ୍ନ ପରେ ତିନି ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ତାଳଧ୍ୱଜ ରଥ ଚକ ଅଖରେ ଆଜ୍ଞାମାଳ ଲାଗି ଘ.୧୨.୨୫ ମିନିଟରେ,ନନ୍ଦିଘୋଷ ରଥ ଚକ ଅଖରେ ଆଜ୍ଞାମାଳ ଲାଗି ଘ.୧୨.୩୦ ମିନିଟ ରେ ଏବଂ ଦର୍ପଦଳନ ରଥ ଚକଅଖରେ ଘ.୧୨.୩୫ ମିନିଟ୍ ରେ ଆଜ୍ଞାମାଳ ଲାଗି ସମ୍ପନ୍ନ ହୋଇଥିଲା ।ଶ୍ରୀମନ୍ଦିର ରତ୍ନସିଂହାସନରୁ ଶ୍ରୀବିଗ୍ରହମାନଙ୍କ ଆଜ୍ଞାମାଳ ବିଜେ କରାଇ ଶୋଭାଯାତ୍ରାରେ ବଡ଼ଠାକୁରଙ୍କ ବାଡରୁ ଲକ୍ଷ୍ମୀ ନାରାୟଣ ପୂଜାପଣ୍ଡା ସାମନ୍ତ,ଦେବୀ ସୁଭଦ୍ରାଙ୍କ ବାଡରୁ ଶ୍ରୀ ଗୋପବନ୍ଧୁ ପୂଜାପଣ୍ଡା ସାମନ୍ତ ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବାଡରୁ ଶ୍ରୀବିଶ୍ୱନାଥ ପୂଜାପଣ୍ଡା ସାମନ୍ତେ ଆସି ଭଉଁରୀ ତିଥିରେ ତିନି ରଥର ଚକଆଖରେ ଆଜ୍ଞାମାଳ ଲାଗି ସମ୍ପନ୍ନ କରିଥିଲେ। ଭଉଁରୀ ତିଥିରେ ଚକାଡେରା ନୀତି ପରେ ପରମ୍ପରା ପ୍ରକାରେ ରଥ ଖଳାରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥାଏ। ମଧ୍ୟାହ୍ନ ବିରତି ପର୍ଯ୍ୟନ୍ତ ରଥ ଖଳାରେ ତିନି ରଥର ନିର୍ମାଣକାରୀ ସେବକ ମାନେ ରଥ ନିର୍ମାଣ କାର୍ଯ୍ୟ ଜାରୀ ରଖିଥିଲେ। କାର୍ଯ୍ୟ ଶେଷ ବେଳକୁ ସୁଦ୍ଧା ତିନି ରଥର ମୋଟ ୨୬ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ତାଳଧ୍ୱଜ ରଥର ଗତକାଲି ସୁଦ୍ଧା ୬ଗୋଟି ଚକ ନିର୍ମାଣ ଶେଷ ହୋଇଥିଲା, ଆଜିଆଉ ତିନିଗୋଟି ଚକ ର ତୁମ୍ବ ସିଙ୍ଗଡ଼ା ରେ ପଇ ସଂଯୋଗ ଏବଂ ପଇ କଳସା ହୋଇ ୩ ଗୋଟି ଚକ ନିର୍ମାଣ ଶେଷ ପରେ ଆଜିସୁଦ୍ଧା ୯ ଗୋଟି ଚକ ନିର୍ମାଣ ଶେଷ ହୋଇଛି । ଦର୍ପ ଦଳନ ରଥର ଗତକାଲି ସୁଦ୍ଧା ୬ ଟି ଚକ ନିର୍ମାଣ ଶେଷ ହୋଇ, ଆଉ ଦୁଇଟି ଚକ ନିର୍ମାଣ ଶେଷ ପରେ ଆଜିସୁଦ୍ଧା ୮ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ସେହିପରି ନନ୍ଦିଘୋଷ ରଥର ୭ଗୋଟି ଚକ ନିର୍ମାଣ ଶେଷ ହୋଇଥିଲା । ଆଉ ଦୁଇଟି ଚକ ନିର୍ମାଣ ପରେ ମୋଟ ୯ ଗୋଟି ଚକ ନିର୍ମାଣ ଶେଷ ହୋଇଛି ।ଏହିପରି ତିନି ରଥର ଆଜିସୁଦ୍ଧା ୨୬ ଗୋଟି ଚକ ନିର୍ମାଣ ଶେଷ ହୋଇଅଛି ।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି ପବିତ୍ର ଭଉଁରୀ ତିଥି ଅବସରରେ ମହାପ୍ରଭୁଙ୍କ ରଥର ଚକଅଖ ଡେରା ନୀତି ସମ୍ପନ୍ନ ହୋଇଛି। ସବୁ କିଛି ଶୃଙ୍ଖଳିତ ଭାବରେ ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ସେବକ ମାନେ ଆଗେଇ ନେଉଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ଚଳିତ ରଥ ନିର୍ମାଣ ସୁରୁଖୁରୁରେ ଚାଲିଛି।

**AFFIDAVIT**

By virtue of an affidavit sworn before the Notary Public, Cuttack, dated: 17.05.2025, I, Madan Mohan Sahoo, Address: village- Mahammadpur, Post- Tyendakura, Ps- Kishannagar, Dist- Cuttack, Odisha, PIN- 754134, declare that I have changed my name from Madanmohan Sahoo to Madan Mohan Sahoo. Henceforth, I shall be known as Madan Mohan Sahoo for all purposes.
Sd/- Madan Mohan Sahoo

**AFFIDAVIT**

By virtue of an affidavit sworn before the Executive Magistrate, Jajpur, dated: 03.05.2025, I, Sujata Pradhan, Address: village- Baramania, Po- Gobindpur Kutchery, Ps- Aul, Dist- Kendrapara, Odisha, PIN-755061, declare that I have changed my daughter's name from Bigngyasini Pradhan to Bijnasini Pradhan. Henceforth, She shall be known as Bijnasini Pradhan for all purposes.
**Sd/- Sujata Pradhan**

**AFFIDAVIT**

By virtue of an affidavit sworn before Notary, Bhubaneswar, dated 22.02.2025, I Ghanashyam Pradhan, S/o- Ankur Charan Pradhan, At- Niginipur, Post- Sanajaria, PS- Pattamundai, Dist- Kendrapada, declare that I have changed my minor daughter's name from Laxmpri Pradhan to Laxmipriya Pradhan. Henceforth She shall be known as Laxmipriya Pradhan for all purposes.
**Sd/- Ghanashyam Pradhan**

email: se_nerwkjr@rediffmail.com **O-175**

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE: KEONJHAR
...
**eProcurement Notice for Road Works under PM-JANMAN Batch-I**

**Identification No. NCB-02 / RWCKJR / 2025-26**

No. 2322 // Date: 19.05.2025 //

1. Name of the work :- Construction of road works under PM-JANMAN Batch-I in the District of Keonjhar.
2. No. of work :- 04 (Four) Nos.
3. Estimated Cost :- As per Annexure in NIT.
4. Class of Contractor (Eligible) :- As per Annexure in NIT.
5. Period of Completion :- As per Annexure in NIT.
6. Other details :-

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification. | Date & Time of Opening of Tender in O/O C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-02 / RWCKJR / 2025-26 | Dt.28.05.25 at 11.00 A.M. | Dt.11.06.25 up to 5.00 P.M. | Dt.10.06.25 up to 5.00 P.M. | Dt.12.06.25 at 11.00 A.M. | Will be intimated later |

- Further details can be seen from the website: www.pmgsytenders.gov.in

Sd/-Chief Construction Engineer,
R.W. Circle, Keonjhar.

**OIPR 25177/11/0073/2526**

**B-137**

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, KESHARI NAGAR, UNIT- V, BHUBANESWAR – 751 001

**1st corrigendum to RFP Identification No. CE-BRIDGES –01/ 2025 – 26**
**File No- PIM – Misc.- 10/2008 (Pt)**

Following changes are made to the Invitation for qualification / proposal for the work "Construction of H. L. Bridge over river Luna near Pubansa at 3rd km on Katikata – Jaypur road in the District of Cuttack under State Plan" through EPC mode of Contract" vide RFP Identification No. CE - BRIDGES – 01 /2025-26. The option button of EMD exemption allowed is revised as follow

- The Last date of submission of RFP Application is extended upto **5.00 PM of dt.03.06.2025.**
- The application received online shall be opened at **3.00 PM on 04.06.2025.**

All other terms and conditions remain unchanged

Sd/-Chief Engineer, Bridges
Odisha, Bhubaneswar

**OIPR 34174/11/0043/2526**

ID: ee.randbjyp@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE
**e-Procurement Notice** **B-131**

**Bid Identification No. S.E (R&B)-01/2025-26/JYP(K)**

No. 2748 Date.17.05.2025.

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Road Work as mentioned in DTCN.
2. No. of Works : 1 No.
3. Estimated Cost : Rs. **93.05** lakhs
4. Period of completion : 3 (Three) Months
5. Date & Time of Bidding : From 11.00 hours of **28.05.2025** Up-to 17.00 hours of **12.06.2025**
6. Last date & time for receipt of bids in portal : 17.00 hours of **12.06.2025.**
7. Bids received online shall be opened on : 11.00 hours of **13.06.2025.**
8. Name and address of the officer inviting Bid : Superintending Engineer , Jeypore (R&B) Division, Jeypore

Further details can be seen from the www.tendersodisha.gov.in

Sd/- Superintending Engineer
Jeypore (R&B) Division

**OIPR 34027/11/0011/2526**

## ନିୟନ୍ତ୍ରିତ ବଜାର କମିଟି, ବରଗଡ଼

### ଇସ୍ତାହାର- ବର୍ଷ ୨୦୨୫-୨୬ (ରବି ଋତୁ)

ଏତଦ୍ୱାରା ବରଗଡ଼ ନିୟନ୍ତ୍ରିତ ବଜାର କମିଟି ପରିସୀମା ଅନ୍ତର୍ଗତ ଚାଷୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିଯେ ଚଳିତ ରବି ଋତୁରେ ତାଙ୍କ ଉତ୍ପାଦିତ ଧାନ ଯେପରି ଉଚିତ ଦରରେ ବିକ୍ରି କରିପାରିବେ ସେଥିପାଇଁ ନିୟନ୍ତ୍ରିତ ବଜାର କମିଟିର ବଜାର ପ୍ରାଙ୍ଗଣଗୁଡ଼ିକରେ ସରକାରୀ ସଂସ୍ଥାମାନଙ୍କ ଦ୍ୱାରା ଧାନ କ୍ରୟ ବ୍ୟବସ୍ଥା କରାଯାଇଅଛି। ଚଳିତ ବର୍ଷ ଧାନ ସଂଗ୍ରହ କରିବାପାଇଁ ସରକାର ଗ୍ରହଣ ଉପଯୋଗୀ ସାଧାରଣ ଧାନ ପାଇଁ ସର୍ବନିମ୍ନ ସହାୟକ ଦର ନିମ୍ନମତେ ଧାର୍ଯ୍ୟ କରିଛନ୍ତି।

| ଧାନର କିସମ | କ୍ୟୁଣ୍ଟାଲ ପ୍ରତି ଦର |
|---|---|
| ୧. ସାଧାରଣ ଧାନ | ଟ.୨୩୦୦.୦୦ |
| ୨. ଇନପୁଟ ସହାୟତା | ଟ.୮୦୦.୦୦ |
| ମୋଟ | ଟ.୩୧୦୦.୦୦ |

ସରକାରଙ୍କ ଦ୍ୱାରା ଘୋଷିତ ସହାୟକ ଦର କେବଳ ଉନ୍ନତମାନର (FAQ) ଧାନ ପାଇଁ ପ୍ରଯୁଜ୍ୟ। ଉପରୋକ୍ତ ଦର କେବଳ ଗ୍ରହଣ ଉପଯୋଗୀ ହୋଇଥିବା ସୁସ୍ଥ, ଶୁଖିଲା ଏବଂ ଏକବର୍ଣ୍ଣ ସମାନ ଆକାରର ଧାନ ପାଇଁ ଏବଂ ସେଥିରେ ମଳିନତା, ପୋକିଲା, ଦୁର୍ଗନ୍ଧ ଓ ବୈଷମ୍ୟ ଧାନ ନଥିବା ଉଚିତ୍। ଏକ କିସମର ଧାନରେ ଅନ୍ୟ ନିକୃଷ୍ଟ ଧାନର ମିଶ୍ରଣ ନଥିବା ଉଚିତ୍। ପୁନଶ୍ଚ ଧାନର ଆର୍ଦ୍ରତା (ଜଳୀୟ ଅଂଶ ୧୭%) ଭାଗରୁ ଅଧିକ ନଥିବା ଉଚିତ୍। ତେଣୁ ଚାଷୀମାନେ ଧାନକୁ ଭଲଭାବେ ଶୁଖାଇ ସଫା କରି ଆଣିବେ। ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିର ନିଷ୍ପତ୍ତି ଅନୁଯାୟୀ ଚଳିତ ରବି ଋତୁରେ ଚାଷୀମାନେ ତାଙ୍କର ଉତ୍ପାଦିତ ଧାନକୁ ଉଚିତ ଦରରେ ସୁଷମ ବିକ୍ରୟ ସକାଶେ ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ବଜାର ପ୍ରାଙ୍ଗଣଗୁଡ଼ିକରେ ନିମ୍ନଲିଖିତ ସୁବ୍ୟବସ୍ଥା କରାଯାଇଅଛି।

୧. ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନସ୍ଥ ସମସ୍ତ ବଜାର ପ୍ରାଙ୍ଗଣ ଏବଂ ପ୍ରାଥମିକ କୃଷି ସେବା ସମବାୟ ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବରଗଡ଼ ବ୍ଲକ, ବରପାଲି ଛକ, ଭଟଲି ବ୍ଲକ ଓ ଅମ୍ବାଭନା ବ୍ଲକ ଅଞ୍ଚଳରେ ତା ୧୪.୦୫.୨୦୨୫ରୁ କାର୍ଯ୍ୟକ୍ଷମ ହେବ।
୨. ସକାଳ ୬ଘ.ରୁ ୧୧.ଘ. ପର୍ଯ୍ୟନ୍ତ ବଜାର ପ୍ରାଙ୍ଗଣଗୁଡ଼ିକରେ ଧାନ ଗ୍ରହଣ କରାଯିବ। ତା ପରେ ଧାନ କ୍ରୟ ସଂସ୍ଥାମାନଙ୍କ ଦ୍ୱାରା ଧାନ କ୍ରୟ ହୋଇ କଷ୍ଟମ ମିଲର ପାଖକୁ ପ୍ରେରଣ କରାଯିବ।
୩. ଚାଷୀ ତାଙ୍କ ଗ୍ରାମ ପାଇଁ ନିର୍ଦ୍ଧାରିତ ହୋଇଥିବା ବଜାର ପ୍ରାଙ୍ଗଣ କେନ୍ଦ୍ରରେ ଧାନ କ୍ରୟକାରୀ ସଂସ୍ଥା ପ୍ରାଥମିକ ସେବା ସମବାୟ ସମିତି (PACS) ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG) ସହିତ ମୋବାଇଲରେ ପଞ୍ଜିକୃତ ହୋଇଥିବା ଟୋକନର ବାର୍ତ୍ତା ପାଇବା ପରେ ଧାନ ଆଣି ବକ୍ରି କରିପାରିବେ। ବିନା ଟୋକନରେ ବଜାର ପ୍ରାଙ୍ଗଣକୁ ଧାନ ନ ଆଣିବା ପାଇଁ ଚାଷୀଭାଇ ମାନଙ୍କୁ ଅନୁରୋଧ।
୪. ଚାଷୀମାନଙ୍କୁ ଝୋଟ ବ୍ୟାଗରେ ବଜାର ପ୍ରାଙ୍ଗଣକୁ ଧାନ ଆଣିବାକୁ ଅନୁରୋଧ।
୫. ସାପ୍ତାହିକ ବଜାର ଦିନ ବଜାର ପ୍ରାଙ୍ଗଣ ବନ୍ଦ ରହିବ।
୬. ବଜାର ପ୍ରାଙ୍ଗଣରେ ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆନୁସଙ୍ଗିକ ଭିତ୍ତିଭୂମିର ନାମ: ଗୋଦାମ ଗୃହ, ଓଜନ ମାପକ ଯନ୍ତ୍ର (ୱେବ୍ରିଜ), ଡିଜିଟାଲ ଓଜନ ମାପକ ଯନ୍ତ୍ର, ଆର୍ଦ୍ରତା ପରୀକ୍ଷଣ ଯନ୍ତ୍ର, ଧାନ ପରୀକ୍ଷଣ ଯନ୍ତ୍ର, ତାରପୋଲିନ, ମିନି ଗ୍ରେଡର ଇତ୍ୟାଦି।

**ଅଭିଯୋଗ ଗ୍ରହଣ କର୍ତ୍ତାଙ୍କ କାର୍ଯ୍ୟାଳୟ ଓ ଯୋଗାଯୋଗ ଠିକଣା**

| | |
|---|---|
| ୧. ଜିଲ୍ଲାସ୍ତରରେ (ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ) | ୦୬୬୪୬-୨୩୩୦୩୩ |
| ୨. ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ | ୦୬୬୪୬-୨୪୬୦୪୧ |
| ୩. ଉପଖଣ୍ଡସ୍ତରରେ (ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ) | ୮୨୮୦୮୭୦୨୧୧ |
| ୪. ଦେୟମୁକ୍ତ ଅଭିଯୋଗ ପ୍ରଦାନ ନିମନ୍ତେ ନମ୍ବର | ୧୯୬୭ |

IVRS ଜାଣିବା ନିମନ୍ତେ କେବଳ ପଞ୍ଜିକୃତ ହୋଇଥା ମୋବାଇଲ ନମ୍ବରରେ ଦେୟମୁକ୍ତ ନମ୍ବରକୁ ନିମ୍ନ ପ୍ରକାରରେ ଡାଏଲ କରିବେ।

ଦେୟମୁକ୍ତ ନମ୍ବର ୧୯୬୭-୫. ପଞ୍ଜିକୃତ ଜମିର ବିବରଣୀ
୧୯୬୭-୬. ଟୋକନର ବିବରଣୀ
୧୯୬୭-୭. ଧାନ ବିକ୍ରି ପ୍ରାପ୍ୟ ସମ୍ବନ୍ଧୀୟ ବିବରଣୀ

(ଉପରୋକ୍ତ IVRS ବିବରଣୀ କେବଳ ପଞ୍ଜିକୃତ ହୋଇଥିବା ମୋବାଇଲ ନମ୍ବର ଦ୍ୱାରା ଜାଣି ହେବ)

**ବୈଧ ଟୋକନ ଥିଲେ ଧାନକ୍ରୟ କେନ୍ଦ୍ର ମଧ୍ୟକୁ ଧାନ ପ୍ରବେଶ କରାଯିବ।**

**ODISHA HYDRO POWER CORPORATION LTD.**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT
POST BOX. NO. 5, BURLA – 768017, DISTRICT : SAMBALPUR (ODISHA), INDIA
PHONE: 0663-2950721(O), 2950765, E-Mail : srgmhps_burla@yahoo.co.in
CIN : U40101OR1995SGC003963

**CAD-448**

**No. HHEP/Tech-W-126/4/Vol-I / 2818 Date : 17.05.2025**

**NOTICE INVITING TENDER NO. HHEP- 28 /2025**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the reputed Firms / Service Contractors / Agencies for the following work as mentioned below.

| Name of work | Cost of tender paper (Non-Refundable) in Rs. | EMD in Rs. | Sale of tender paper | Receipt of tender paper | Date & time of opening of tender |
|---|---|---|---|---|---|
| Job contract for operation of canteen service & caretaking of Erectors' Hostel, canteen service of Power House canteen, cafeteria of Administrative Building of HHEP, Burla. | Rs. 7080/- (Rs. 6000 /- + GST 18%) | 16500/- | From 11.00 AM 20.05.2025 to 03.06.2025 upto 11.30 AM | 03.06.2025 upto 12.00 Noon | 03.06.2 025at 12.30 PM |

Further details like tender specification, corrigendum to the tender call notice etc can only be available in our website **www.ohpcltd.com.**

Sd/-
C & P Head, HHEP, Burla

**OIPR 04007/11/0047/2526**

**A-194**

GOVERNMENT OF ODISHA,
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER,
HARABHANGI IRRIGATION DIVISION,
ADAVA, Dist: GAJAPATI, ODISHA.

e mail – eeharabhangi@gmail.com

**e-Procurement Notice No.:- SE- HID-ADV-01 /2025-26**

Bid document consisting of work, estimated cost, cost of tender paper, time of completion, class of contractor, the set of terms and conditions of contract and other necessary documents can be seen in e-procurement portal http://tendersodisha.gov.in

1. Type of the work : System Improvement Works.
2. No. of work : 25 Nos.
3. Class of contractor : " D" ,"C" and "B" Class
4. Bid identification No. : HID –01/2025-26 to HID –25/2025-26
5. Estimated cost : Rs. 4.75 Lakh to 39.36 Lakh.
6. Period of completion : 30 days to 90 days
7. Date & time of availability of bid documents in the portal. : From 22.05.2025, 10.00 AM to 02.06.2025 up to 5.30 P.M.
8. Last date / time for receipt of bids in the portal. : 02.06.2025 up to 5.30 P.M.
9. Name of the officer inviting Bid. : Superintending Engineer, Harabhangi Irrigation Division, Adava, Dist.:-Gajapati, Odisha.

Any addendum / corrigendum / cancellation of tender can also be seen in the said Website.

**Date of opening of the Bid:- 03.06.2025 at 11.00 A.M**

Further details can be seen from the Govt. website www.tendersodisha.gov.in.

Sd/-Superintending Engineer
Harabhangi Irrigation Division
Adava, Dist:Gajapati

**OIPR 32474/11/0004/2526**



ନୂଆଦିଲ୍ଲୀ: କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କରଙ୍କ ଉପରେ ମନ୍ତବ୍ୟକୁ ନେଇ ଚାଲିଥିବା ବିବାଦ ମଧ୍ୟରେ, ବୈଦେଶିକ ସଚିବ ବିକ୍ରମ ମିସ୍ରି ସୋମବାର ବୈଦେଶିକ ବ୍ୟାପାର ସଂପର୍କିତ ସଂସଦୀୟ ସ୍ଥାୟୀ କମିଟିର ସଦସ୍ୟମାନଙ୍କୁ ଅପରେସନ ସିନ୍ଦୁର ସଂପର୍କିତ ତଥ୍ୟ ପ୍ରଦାନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ 'ଅପରେସନ ସିନ୍ଦୁର' ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ବିବୃତ୍ତିକୁ 'ଭୁଲ ସନ୍ଦର୍ଭ'ରେ ନିଆଯାଇଛି। ସୂତ୍ର ଅନୁଯାୟୀ, ବୈଠକ ସମୟରେ, ଜଣେ ସଦସ୍ୟ 'ଅପରେସନ୍ ସିନ୍ଦୂର' ଉପରେ ଜୟଶଙ୍କରଙ୍କ ମିଡିଆ ବିବୃତ୍ତିର କ୍ଲିପ୍ ଉପରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଟ୍ୱିଟ୍ ପ୍ରସଙ୍ଗ ଉଠାଇଥିଲେ, ଯେଉଁଥିରେ ରାହୁଲ ଅଭିଯୋଗ କରିଥିଲେ ଯେ ଭାରତ ସରକାର ପ୍ରକୃତ ଆକ୍ରମଣ ପୂର୍ବରୁ ଭାରତର ପ୍ରତିଶୋଧମୂଳକ ଆକ୍ରମଣ ବିଷୟରେ ପାକିସ୍ତାନକୁ ସୂଚନା ଦେଇଥିଲେ। ଏହାର ଜବାବରେ ମିସ୍ରି କହିଥିଲେ ଯେ ଜୟଶଙ୍କରଙ୍କ ବୟାନର ଭୁଲ ଅର୍ଥ ବାହାର କରାଯାଇଥିଲା। ସତ କଥା ହେଉଛି ଯେ ଭାରତ ଆକ୍ରମଣ ଆରମ୍ଭ ହେବାର ତୁରନ୍ତ ପରେ ପାକିସ୍ତାନକୁ ଏହାର ସଠିକ୍ ସ୍ଥାନ ବିଷୟରେ ଜଣାଇ ଦେଇଥିଲା

# ବାଇଡେନ୍‌ଙ୍କ ଆରୋଗ୍ୟ କାମନା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ଚିନ୍ତା ପ୍ରକାଶ କରିଛନ୍ତି ଏବଂ ତାଙ୍କର ଶୀଘ୍ର ତଥା ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, 'ଡ. ଜିଲ୍ ବାଇଡେନ୍ ଏବଂ ପରିବାର ସହିତ ଆମର ସମବେଦନା ରହିଛି।' ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରି କହିଛନ୍ତି- 'ଜୋ ବାଇଡେନ୍‌ଙ୍କ ସ୍ୱାସ୍ଥ୍ୟ ବିଷୟରେ ଶୁଣି ଗଭୀର ଚିନ୍ତିତ। ଆମେ ତାଙ୍କର ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଆରୋଗ୍ୟ ପାଇଁ କାମନା କରୁଛୁ। ଜିଲ୍ ବାଇଡେନ୍ ଏବଂ ତାଙ୍କର ପରିବାର ସଦସ୍ୟଙ୍କ ପ୍ରତି ଆମର ସମବେଦନା ରହିଛି।

## ଜନ ସୂରଜ ପାର୍ଟିର ପ୍ରଥମ ରାଷ୍ଟ୍ରୀୟ ସଭାପତି ହେଲେ ଉଦୟ ସିଂହ



ନୂଆଦିଲ୍ଲୀ ପ୍ରଶାନ୍ତ କିଶୋରଙ୍କ ଜନ ସୂରଜ ପାର୍ଟିର ପ୍ରଥମ ରାଷ୍ଟ୍ରୀୟ ସଭାପତି ହୋଇଛନ୍ତି ଉଦୟ ସିଂହ। ସେ ପୂର୍ବରୁ ବିଜେପିର ସାଂସଦ ଥିଲେ। ସୋମବାର ପ୍ରଶାନ୍ତ ନିଜ ଦଳର ରାଷ୍ଟ୍ରୀୟ ସଭାପତି ଭାବେ ଉଦୟଙ୍କ ନାମ ଘୋଷଣା କରିଛନ୍ତି। ଆଗାମୀ ବିହାର ବିଧାନସଭା ନିର୍ବାଚନ ଲାଗି ପ୍ରଶାନ୍ତ ମଇଦାନକୁ ଓହ୍ଲାଇଛନ୍ତି। ଏଥିପାଇଁ ସେ ପୂର୍ବରୁ ଦଳ ଗଠନ କରିଥିଲେ ହେଁ ତାହା ବିନା କୌଣସି ସଭାପତିରେ ଚାଲୁଥିଲା। ନିଜେ ଦଳର କୌଣସି ପଦବୀ ଗ୍ରହଣ କରିବେ ନାହିଁ ବୋଲି ପ୍ରଶାନ୍ତ ପୂର୍ବରୁ କହିସାରିଥିଲେ। ଦଳ ଗଠନ ହେବା ପରେ ଦଳର କାର୍ଯ୍ୟକାରୀ ସଭାପତି ରୂପେ ପୂର୍ବତନ ଆଇପିଏସ ଅଧିକାରୀ ମନୋଜ ଭାରତୀଙ୍କୁ ନିଯୁକ୍ତ କରାଯାଇଥିଲା। ସେବେଠାରୁ କୌଣସି ସ୍ଥାୟୀ ସଭାପତି ନିଯୁକ୍ତ ହୋଇ ନ ଥିଲେ। ଗତବର୍ଷ ଜୁଲାଇ ମାସରେ ଏକ କାର୍ଯ୍ୟକ୍ରମରେ ପ୍ରଶାନ୍ତ କହିଥିଲେ ଯେ, ଏହି ଦଳର ନେତା ସେ ନୁହନ୍ତି। ବିହାରର ସବୁଠୁ ଦକ୍ଷ ରାଜନେତା ଏହି ଦଳର ସଭାପତି ହେବେ, ଯାହାଙ୍କୁ ସମସ୍ତେ ସମର୍ଥନ କରୁଥିବେ ବୋଲି ପ୍ରଶାନ୍ତ କହିଥିଲେ। ଗତବର୍ଷ ବିହାରରେ ୩ଟି ବିଧାନସଭା ଆସନରେ ଉପନିର୍ବାଚନ ହୋଇଥିଲା। କିନ୍ତୁ ଜନ ସୂରଜ ପାର୍ଟି କୌଣସି ଗୋଟିଏ ବି ଆସନ ହାତେଇବାରେ ସମର୍ଥନ ହୋଇ ନ ଥିଲା। ବିଜେପି ୩ଟି ଯାକ ଆସନରେ ବିଜୟୀ ହୋଇଥିଲା।

## ଭାରତରେ ଚିନ୍ତା ବଢ଼ାଇଲା କୋଭିଡ-୧୯

ନୂଆଦିଲ୍ଲୀ: ୨୦୧୯ର କରୋନା ଭାଇରସ ରୋଗ (କୋଭିଡ-୧୯) ପୁଣି ଆରମ୍ଭ ହୋଇଯାଇଛି। ଏସିଆର ଦୁଇ ବଡ଼ ସହର ହଂକଂ ଏବଂ ସିଙ୍ଗାପୁରରେ ମାମଲାରେ ନାଟକୀୟ ବୃଦ୍ଧି ଦେଖାଦେଇଛି। ମେ ୧୨ ତାରିଖରୁ ୧୬୪ଟି ନୂଆ ମାମଲା ରିପୋର୍ଟ ହେବା ସହିତ ଭାରତରେ ମଧ୍ୟ ମାମଲା ବୃଦ୍ଧି ପାଉଛି। ବର୍ତ୍ତମାନ ଭାରତରେ ୨୫୭ଟି ସକ୍ରିୟ କୋଭିଡ-୧୯ ମାମଲା ରହିଛି, ଯେଉଁଥିରେ କେରଳ, ମହାରାଷ୍ଟ୍ର ଏବଂ ତାମିଲନାଡୁ ସଂଖ୍ୟାରେ ଶୀର୍ଷରେ ରହିଛନ୍ତି। ଗତ ସପ୍ତାହରେ କେରଳରେ ୬୯ଟି ନୂଆ ମାମଲା, ମହାରାଷ୍ଟ୍ରରେ ୪୪ଟି ଏବଂ ତାମିଲନାଡୁରେ ୩୪ଟି ମାମଲା ରିପୋର୍ଟ ହୋଇଛି। ମହାରାଷ୍ଟ୍ରରେ ଦୁଇଟି ମୃତ୍ୟୁ ମଧ୍ୟ ରିପୋର୍ଟ ହୋଇଛି, ଯାହାକୁ ଡାକ୍ତରମାନେ କୋଭିଡ-୧୯ ଜନିତ ମୃତ୍ୟୁ ନୁହେଁ ବୋଲି କହିଛନ୍ତି, କିନ୍ତୁ ଉଭୟ ରୋଗୀ କୋଭିଡ-୧୯ ପଜିଟିଭ ଥିବା ଜଣାପଡ଼ିଥିଲା। ମହାରାଷ୍ଟ୍ରରେ ବର୍ତ୍ତମାନ ୫୬ଟି ସକ୍ରିୟ କୋଭିଡ-୧୯ ମାମଲା ରହିଛି। ମୁମ୍ବାଇର କିଙ୍ଗ ଏଡୱାର୍ଡ ମେମୋରିଆଲ ହସ୍ପିଟାଲ ନିକଟରେ ଦୁଇଟି ମୃତ୍ୟୁ ରିପୋର୍ଟ କରିଛି।

## କର୍ଣ୍ଣେଲ ସୋଫିଆ କୁରେଶୀଙ୍କ ଉପରେ ବିବାଦୀୟ ମନ୍ତବ୍ୟ ମାମଲା

# ମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ଖାରଜ କଲେ ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ: କର୍ଣ୍ଣେଲ ସୋଫିଆ କୁରେଶୀଙ୍କ ଉପରେ ବିବାଦୀୟ ବୟାନ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କ କ୍ଷମା ପ୍ରାର୍ଥନାକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଶାହାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାର ତଦନ୍ତ ପାଇଁ ସୁପ୍ରିମକୋର୍ଟ ଏକ ଏସ୍‌ଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ମାମଲାର ଶୁଣାଣି ବେଳେ କୋର୍ଟ ଏନେଇ ବିଜେପି ମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ମନ୍ତ୍ରୀଙ୍କୁ ଭର୍ତ୍ସନା କରି କ୍ଷମା ପ୍ରାର୍ଥନାକୁ 'କୁମ୍ଭୀର କାନ୍ଦଣା' ବୋଲି କହିବା ସହିତ ତାଙ୍କ ମନ୍ତବ୍ୟ 'ସମ୍ପୂର୍ଣ୍ଣ ବିଚାରହୀନ' ବୋଲି କହିଛନ୍ତି। ଏଥିସହିତ କୋର୍ଟ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମଧ୍ୟପ୍ରଦେଶ ମନ୍ତ୍ରୀଙ୍କ ବିରୋଧରେ ଏଫଆଇଆରର ତଦନ୍ତ ପାଇଁ ସୁପ୍ରିମକୋର୍ଟ ତିନି ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଗଠନ କରିଛନ୍ତି। ଏବଂ ଏଥିରେ ଜଣେ ମହିଳା ହେବା ଉଚିତ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ମାମଲାର ଶୁଣାଣି ବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି 'ଆପଣ ଯେଉଁ ପ୍ରକାରର ଅଶ୍ଳୀଳ ମନ୍ତବ୍ୟ ଦେଇଛନ୍ତି, ତାହା ସମ୍ପୂର୍ଣ୍ଣ ବିଚାରହୀନ। ଆପଣଙ୍କୁ ସଚ୍ଚୋଟ ପ୍ରୟାସ କରିବାରୁ କ'ଣ ବାଧା ଦେଲା ? ଆପଣଙ୍କର କ୍ଷମା ମାଗିବା ଆମର ଆବଶ୍ୟକ ନାହିଁ। ଆଇନ ଅନୁଯାୟୀ ଏହାର କିଭଳି ମୁକାବିଲା କରାଯିବ ଆମେ ଜାଣୁ।' ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଏନ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଶାହାଙ୍କ ଉପରେ ଆହୁରି ବର୍ଷିଥିଲେ। ଏବଂ କହିଥିଲେ, 'ଆମକୁ ତୁମର କ୍ଷମା ମାଗିବାର ଆବଶ୍ୟକତା ନାହିଁ। ତୁମେ ଜଣେ ଜନପ୍ରତିନିଧି, ଜଣେ ଅଭିଜ୍ଞ ରାଜନେତା। ତୁମେ ତୁମର କଥାକୁ ତୁଳନା କରିବା ଉଚିତ। ସୂଚନା ଥାଉକି, ମଧ୍ୟପ୍ରଦେଶ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଜୟ ଶାହ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଶୀର୍ଷ ସେନା ଅଧିକାରୀଙ୍କ ସୋଫିଆ କୁରେଶୀଙ୍କ ଉପରେ କଡ଼ା ସାମ୍ପ୍ରଦାୟିକ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୨୨ ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ପାକିସ୍ତାନରେ ଥିବା ଲୋକଙ୍କ ପରି 'ସମାନ ସମ୍ପ୍ରଦାୟର ଜଣେ ଭଉଣୀଙ୍କୁ' ପଠାଇଛନ୍ତି। ସୁପ୍ରିମକୋର୍ଟ ଏହାକୁ 'ସବୁଠାରୁ ଦୁର୍ଭାଗ୍ୟଜନକ ବକ୍ତବ୍ୟ' ବୋଲି କହିବା ସହିତ, ଜଣେ ମନ୍ତ୍ରୀ ଭାବରେ, ତାଙ୍କୁ ଅନ୍ୟମାନଙ୍କଠାରୁ ବହୁତ ଉଚ୍ଚ ମାନଦଣ୍ଡ ବଜାୟ ରଖିବା ଉଚିତ ବୋଲି କହିଛନ୍ତି।

# ଜନ ଅଭିଯୋଗ ଶୁଣାଣି ଶିବିରରେ ବିଷ୍ଣୁଦେବ




ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ସୁଶାସନ ତିହାର ଅନ୍ତର୍ଗତ ପାହାଡିଆ ଏବଂ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ବିଜରାକଛରାରେ ଆୟୋଜିତ ଜନ ଶୁଣାଣି ଶିବିରରେସାମିଲ ହୋଇଥିଲେ। ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ସେଠାକୁ ଯାଇଥିବାରୁ ସ୍ଥାନୀୟ ଲୋକଙ୍କ ପାଖରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏବଂ ସେଠାରେ ଶ୍ରୀ ସାଏଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଛତିଶଗଡର ଶେଷ ସୀମାରେ ଏହି ଗ୍ରାମ ଅବସ୍ଥିତ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ମହତାରୀ ଏବଂ ସରସ୍ୱତୀ ମା'ଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ସମାଧାନ ଶିବିରର ଶୁଭାରମ୍ଭ କରିଥିଲେ। ଗ୍ରାମର ମହିଳା ଏବଂ କୃଷକମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପମାଲ୍ୟ ପ୍ରଦାନ ସହ ଅଭିନନ୍ଦନ ଜଣାଇଥିଲେ। ଏହି ଶିବିରରେକେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ତୋଖନ ସାହୁ ଏବଂ ଉପ-ମୁଖ୍ୟମନ୍ତ୍ରୀ ଅରୁଣ ସାଏ ଏବଂ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ସମାଧାନ ଶିବିରରେ ଅତ୍ୟନ୍ତ ଆତ୍ମିୟତା ଭାବେ ଲୋକଙ୍କ ସମସ୍ୟା ଶୁଣିଥିଲେ ଏବଂ ସେଗୁଡିକର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଆୟୋଡି ଶିବିରରେ ବିଜୟାକଛରା, ବୈରହା, ପ୍ରିୟା, ମହାମାୟୀ, ସୁରହି,କଟାମି, ଲମନୀ, ଅଚାନକମାର, ଦରୱାଜା, କାରିଡୋଙ୍ଗରୀ ଇତ୍ୟାଦି ଗ୍ରାମର ଲୋକମାନେ ସାମିଲ ହୋଇଥିଲେ। ୧୪ଟି ଗ୍ରାମପଞ୍ଚାୟତର ଲୋକମାନେ ସମାଧାନ ଶିବିରରେ ଉପସ୍ଥିତ ରହି ସେମାନଙ୍କ ଅଭିଯୋଗ ଜଣାଇଥିଲେ। ଏହି ଶିବିରରେ ହିତାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ବିଭିନ୍ନ ପ୍ରକାରସାମଗ୍ରୀ ବଣ୍ଟନ କରିଥିଲେ। ୫ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ, ୫ଜଣଙ୍କୁ ରେସନ କାର୍ଡ, ସୁରକ୍ଷା ଯୋଜନାରେ ୨୦ହିତାଧିକାରୀଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ। ସେହିପରି ୬ଜଣ ହିତାଧିକାରୀଙ୍କୁ ୫,୫୫ହଜାର ଟଙ୍କାର ଚେକ୍, ୩୩ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସ୍ୱୀକୃତିପତ୍ର ଏବଂ ୩ ହିତାଧିକାରୀଙ୍କୁ ଲକ୍ଷପତି ଦିଦି ପ୍ରଦାନ କରିଥିଲେ।

# ଝାଡ଼ଖଣ୍ଡର ନିର୍ବାଚନ କର୍ମକର୍ତ୍ତାଙ୍କ ପାଇଁ କ୍ଷମତା ବିକାଶ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ: ନୂଆଦିଲ୍ଲୀରେ ଝାଡ଼ଖଣ୍ଡର ଆଗଧାଡ଼ିର ନିର୍ବାଚନ କର୍ମକର୍ତ୍ତାଙ୍କ ପାଇଁ ଏକ ଦୁଇ ଦିନିଆ କ୍ଷମତା ବିକାଶ କାର୍ଯ୍ୟକ୍ରମର ଆୟୋଜିତ ହୋଇଯାଇଛି। ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜମେଣ୍ଟ (IIIDEM) ଠାରେ କାର୍ଯ୍ୟକ୍ରମର ଉଦଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ୪୦୨ ଜଣ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଡିଇଓ, ଇଆରଓ, ବିଏଲଓ ଏବଂ ବିଏଲଓ ପର୍ଯ୍ୟବେକ୍ଷକ ଅନ୍ତର୍ଭୁକ୍ତ ଥିଲେ। ଗତ ତିନି ମାସ ମଧ୍ୟରେ, ECI IIIDEM ରେ ଦେଶବ୍ୟାପୀ ୩ ହଜାରରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ତାଲିମ ଦେଇଛି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଝାଡ଼ଖଣ୍ଡର ତୃଣମୂଳ ସ୍ତରରେ ଭୋଟରଙ୍କ ନାମାଙ୍କନ ସମୟରେ ଅଂଶଗ୍ରହଣକାରୀମାନଙ୍କ କଠିନ ପରିଶ୍ରମ ଏବଂ ସମର୍ପଣକୁ ପ୍ରଶଂସା କରିଥିଲେ। ଯେଉଁ ଅଂଶଗ୍ରହଣକାରୀ ଆରପି ଆଇନ ୧୯୫୦ର ଧାରା ୨୪ (ବ) ଏବଂ ୨୪(ଭ) ଅନୁଯାୟୀ ପ୍ରଥମ ଏବଂ ଦ୍ୱିତୀୟ ଅପିଲର ବ୍ୟବସ୍ଥା ସହିତ ପରିଚିତ, ଭୋଟରମାନଙ୍କୁ ସେହି ବ୍ୟବସ୍ଥାଗୁଡ଼ିକ ବିଷୟରେ ସଚେତନ କରିବାକୁ ଆହ୍ୱାନ କରିଥିଲେ ସିଇସି। ଏହା ମନେରଖିବା ଉଚିତ ଯେ ଚୂଡ଼ାନ୍ତ ଭୋଟର ତାଲିକା ବିରୁଦ୍ଧରେ ପ୍ରଥମ ଏବଂ ଦ୍ୱିତୀୟ ଆବେଦନ ଯଥାକ୍ରମେ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ଡିଏମ୍, ଜିଲ୍ଲାପାଳ, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ କରାଯାଇପାରିବ। ୨୦୨୫ ଜାନୁଆରୀ ୬ ରୁ ୧୦ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସାରାଂଶ ସଂଶୋଧନ (SSR) ଅଭ୍ୟାସ ସମାପ୍ତ ହେବା ପରେ ଝାଡ଼ଖଣ୍ଡରୁ କୌଣସି ଆବେଦନ ଦାଖଲ ହୋଇନଥିଲା। ସଠିକ୍ ଏବଂ ସଂଶୋଧିତ ଭୋଟର ତାଲିକା ସୁନିଶ୍ଚିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଅଂଶଗ୍ରହଣକାରୀମାନଙ୍କୁ ଲୋକ ପ୍ରତିନିଧିତ୍ୱ ଆଇନ ୧୯୫୦, ୧୯୫୧, ନିର୍ବାଚନ ପଞ୍ଜୀକରଣ ନିୟମ ୧୯୬୦, ନିର୍ବାଚନ ଆଚରଣ ନିୟମ, ୧୯୬୧ ଅନୁଯାୟୀ କଠୋର ଭାବରେ କାର୍ଯ୍ୟ କରିବା ପାଇଁ ତାଲିମ ଦିଆଯାଉଛି। କାର୍ଯ୍ୟକ୍ରମ ପାଠ୍ୟକ୍ରମରେ ପାରସ୍ପରିକ ଅଧିବେଶନ, ଭୂମିକା ନାଟକ, ଘର ଘର ସର୍ଭେ ଅନୁକରଣ, କେସ୍ ଅନୁଧ୍ୟାନ ଏବଂ ଫର୍ମ ୬, ୭ ଏବଂ ୮ ପୂରଣ ପାଇଁ ହାତରେ ଲେଖିବା ଅଭ୍ୟାସ ଅନ୍ତର୍ଭୁକ୍ତ। ପ୍ରଶିକ୍ଷାର୍ଥୀମାନଙ୍କୁ ମକ୍ ପୋଲ ପରିଚାଳନା ସହିତ ଇଭିଏମ୍ ଏବଂ ଭିଭିପିଏଟିର ବୈଷୟିକ ପ୍ରଦର୍ଶନ ଏବଂ ତାଲିମ ମଧ୍ୟ ପ୍ରଦାନ କରାଯିବ।

# ବାଣିଜ୍ୟ



ନୂଆଦିଲ୍ଲୀ: ଆଇଟି ସେୟାରରେ ବିକ୍ରି ଯୋଗୁଁ ଲଗାତାର ଦ୍ୱିତୀୟ ଦିନରେ ଘରୋଇ ପୁଞ୍ଜି ବଜାର ଲାଲ୍ ସଂକେତରେ ବନ୍ଦ ହୋଇଛି। ସୋମବାର ସେନସେକ୍ସ ପ୍ରାୟ ୨୭୧ ଅଙ୍କ ହ୍ରାସ ପାଇଛି। ଅନ୍ୟପଟେ ନିଫ୍ଟି ହ୍ରାସ ପାଇ ୨୫,୦୦୦ ତଳେ ବନ୍ଦ ହୋଇଛି। ତେବେ ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଇଣ୍ଡେକ୍ସରେ ଆଜି ବି ବୃଦ୍ଧି ଦେଖିବାକୁ ମିଳିଥିଲା। ବିଏସ୍‌ଇ ମିଡ୍‌କ୍ୟାପ୍ ଇଣ୍ଡେକ୍ସ ୦.୨୭ ପ୍ରତିଶତ ଓ ସ୍ମଲ୍‌କ୍ୟାପ୍ ସୂଚକାଙ୍କ ୦.୫୭ ପ୍ରତିଶତ ବଢି ବନ୍ଦ ହୋଇଛି। ଏହି କାରଣରୁ ବିଏସ୍‌ଇ ମାର୍କେଟ୍ କ୍ୟାପ୍‌ରେ ଆଜି ପ୍ରାୟ ୭୪ ହଜାର କୋଟି ଟଙ୍କାର ବୃଦ୍ଧି ଦେଖିବାକୁ ମିଳିଛି। ଆଜିର କାରବାରରେ ରିୟଲ୍ଟି ସେୟାରରେ ଅଧିକ କ୍ରୟ ଦେଖିବାକୁ ମିଳିଥିଲା। ସେହିପରି ନିଫ୍ଟି ଅଟୋ ସୂଚକାଙ୍କ ଲଗାତାର ଚତୁର୍ଥ ଦିନରେ ବୃଦ୍ଧି ପାଇ ବନ୍ଦ ହୋଇଛି। ଆଜିର କାରବାର ଶେଷରେ ବିଏସ୍‌ଇ ସେନ୍‌ସେକ୍ସ ୨୭୧.୧୭ ଅଙ୍କ ବା ୦.୩୩ ପ୍ରତିଶତ ହ୍ରାସ ପାଇ ୮୨,୦୫୯.୪୨ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ଏନ୍‌ଏସ୍‌ଇର ୫୦ ସେୟାର ବିଶିଷ୍ଟ ଇଣ୍ଡେକ୍ସ ନିଫ୍ଟି ୭୪.୩୫ ପଏଣ୍ଟ ବା ୦.୩୦ ପ୍ରତିଶତ ହ୍ରାସ ପାଇ ୨୪,୯୪୫.୪୫ ସ୍ତରରେ ବନ୍ଦ ହୋଇଛି।

# ପିଏଫ୍‌ଆର୍‌ଡିଏ ପକ୍ଷରୁ ଅବସରକାଳୀନ ଯୋଜନାର ଗୁରୁତ୍ୱ ସମ୍ପର୍କୀତ କାର୍ଯ୍ୟକ୍ରମ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱରର ହୋଟେଲ ଦି ନ୍ୟୁ ମାରିଅନଠାରେ 'ଅବସରକାଳୀନ ଯୋଜନାର ଗୁରୁତ୍ୱ-ଏନ୍‌ପିଏସ୍‌ର ଭୂମିକା' ପ୍ରସଙ୍ଗ ଉପରେ ଏକ ଇଂଟରାକ୍ଟିଭ ଅଧିବେଶନ ଆୟୋଜିତ ହୋଇଯାଇଛି। ପେନସନ ଫଣ୍ଡ ରେଗୁଲେଟୋରୀ ଆଣ୍ଡ ଡେଭ୍‌ଲପମେଂଟ ଅଥୋରିଟି (ପିଏଫଆରଡିଏ) ଏବଂ ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ସହ ସହଭାଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ, ଅବସରକାଳୀନ ଆର୍ଥିକ ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହାସହିତ ନ୍ୟାଶନାଲ ପେନସନ ସିଷ୍ଟମ (ଏନପିଏସ) ଏବଂ କର୍ପୋରେଟ ତଥା ବ୍ୟକ୍ତିଗତ କ୍ଷେତ୍ରରେ ଏନପିଏସ୍‌ର ବଢୁଥିବା ଗୁରୁତ୍ୱ ଉପରେ ସ୍ୱତନ୍ତ୍ର ଧ୍ୟାନ ପ୍ରଦାନ କରାଯାଇଛି । ପିଏଫଆରଡିଏର ଅଧ୍ୟକ୍ଷ ଡା. ଦୀପକ ମହାନ୍ତି ଏବଂ ଏଏଫସିଟିର ଅଧ୍ୟକ୍ଷ ଡି ମିଶ୍ରଙ୍କ ସମେତ ସମ୍ମାନିତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଏହି ଅଧିବେଶନକୁ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ପିଏଫଆରଡିଏର ଡେପୁଟି ଜେନେରାଲ ମ୍ୟାନେଜର ଦେବେଶ ମିତଲ ଓ ଚାର୍ଟାର୍ଡ ଆକାଉଂଟାଂଟ ଚିତରନ ବେହେରାଙ୍କ ଭଳି ବରିଷ୍ଠ ଅଧିକାରୀମାନେ ଏନପିଏସର ସୁବିଧା ଓ ଏହାର ଟିକସ ଲାଭଗୁଡିକ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଓଡିଶାର ରଣନୈତିକ ମହତ୍ୱକୁ ଆଲୋକପାତ କରି କୁହାଯାଇଥିଲା ଯେ, ରାଜ୍ୟ ଏନପିଏସ ଅଧିନରେ ୭୩୮୦୦ରୁ ଅଧିକ କର୍ପୋରେଟ ସେକ୍ଟର ସବ୍‌ସ୍କ୍ରାଇବର ଅଛନ୍ତି ଯାହାକି ଭାରତର ମୋଟ ହାର ତୁଳନାରେ କେବଳ ୩.୧% । ଯଦିଓ ବର୍ତ୍ତମାନ ସୁଦ୍ଧା ଓଡିଶାରୁ କେବଳ ୫୬ଟି କର୍ପୋରେଟ ପଞ୍ଜିକରଣ କରାଇଛନ୍ତି। କେବଳ ଭୁବନେଶ୍ୱରରେ ୩୫,୦୦୦ ଏନପିଏସ ସବ୍‌ସ୍କ୍ରାଇବର ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୫୦%ରୁ ଅଧିକ ବ୍ୟକ୍ତିଙ୍କ ବୟସ ୩୦ ଅଟେ, ଯାହା ଯୁବ ପେଶାଦାରମାନଙ୍କ ମଧ୍ୟରେ ଏହାର ଶୀଘ୍ର ଗ୍ରହଣୀୟତାକୁ ସୂଚାଉଛି। ଉଲ୍ଲେଖନୀୟ ଭାବେ ଭୁବନେଶ୍ୱରରୁ ଏନପିଏସରେ ମହିଳାଙ୍କ ଅଂଶଗ୍ରହଣ ୨୬% ରହିଛି ଯାହା ଜାତୀୟ ହାରାହାରିକୁ ଅତିକ୍ରମ କରିଛି, ଏହା ସହରର ପ୍ରଗତିଶୀଳ କର୍ପୋରେଟ ପରିବେଶକୁ ଦର୍ଶାଉଛି। ଏହି କାର୍ଯ୍ୟକ୍ରମରେ ଏନପିଏସ ବାତ୍ସଲ୍ୟ, କର୍ପୋରେଟ ସେକ୍ଟର ଆସେଟ୍ସ ଅଣ୍ଡର ମ୍ୟାନେଜମେଂଟ ଏବଂ ପ୍ରୋଜେକ୍ଟ ଟ୍ରେସ ମାଧ୍ୟମରେ ଡିଜିଟାଲ ପରିବର୍ତନ ଭଳି ଗୁରୁତ୍ୱପୂର୍ଣ୍ଣ ସଫଳତା ଓ ନୀତିଗତ ପଦକ୍ଷେପଗୁଡିକ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ବକ୍ତାମାନେ ଭାରତର ନିମ୍ନ ପେନ୍‌ସନ ଅନ୍ତର୍ଭୁକ୍ତୀକରଣ ସମସ୍ୟାର ତତ୍କାଳ ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ଅଧିବେଶନରେ ଅବସରକାଳିନ ସ୍ଥିରତା ନିର୍ମାଣ କରିବାକୁ ଏକ ଜରୁରୀ ଆବଶ୍ୟକତା ବୋଲି ଗୁରୁତ୍ୱାରୋପ କରାଯାଇଥିଲା। ଏଠାରେ ଏକ ପ୍ରଶ୍ନୋତର ଅଧିବଶେନ ମଧ୍ୟ ଆୟୋଜିତ ହୋଇଥିଲା ଯେଉଁଥିରେ କର୍ପୋରେଟ, ଏମଏସଏମଇ ଓ ବିତୀୟ ଅନୁଷ୍ଠାନଗୁଡିକର ଅଂଶଗ୍ରହଣକାରୀ ମାନେ ଅଂଚଳରେ ଏନ୍‌ପିଏସର ଗ୍ରହଣୀୟତା ପାଇଁ ରହିଥିବା ସୁଯୋଗ ଓ ଆହ୍ୱାନଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଆଇସିସି ଓଡିଶାର ପ୍ରତିନିଧିତ୍ୱ କରୁଥିବା ବିଶ୍ୱରଞ୍ଜନ ସୁତାର ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୩୩ କେଭି ଫିଡର୍ ଲାଇନର ଶୁଭାରମ୍ଭ



ଫିଡର୍ ଲାଇନ୍ ଆରମ୍ଭ ହେବା ପୂର୍ବରୁ ଯେଉଁ ଫିଡର୍ ଲାଇନ୍ ଅବସ୍ଥିତ ଥିଲା, ତାହା ଘଞ୍ଚ ଜଙ୍ଗଲ ମଧ୍ୟରେ ଗତି କରୁଥିବାରୁ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟରେ ବିଭିନ୍ନ

ବୁର୍ଲା/ବରଗଡ଼ (ଭାସ୍କର ନ୍ୟୁଜ୍): ବରଗଡ଼ ଜିଲ୍ଲାରେ ବିଦ୍ୟୁତ୍ ବିତରଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ତରଫରୁ ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହାତକୁ ନିଆଯିବା ସହ ଏହାକୁ ସୂଚାର ରୂପେ ସମ୍ପାଦନ କରାଯାଇ ଏହାକୁ ଚଳିତ ମାସ ୭ ତାରିଖ ଦିନ ଏଥିରେ ବିଦ୍ୟୁତ୍ ସରବରାହ କରିଦିଆଯାଇଅଛି। ପ୍ରଥମଟି ବରଗଡ଼ ଜିଲ୍ଲା ସ୍ଥିତ ଅମ୍ବାବନାଠାରେ ୨୫ ବର୍ଗ କିଲୋମିଟର ପର୍ଯ୍ୟନ୍ତ ଏକ ନୂତନ ୩୩ କେ.ଭି. ଭୁକ୍ତା ଫିଡର୍ ଏବଂ ଅନ୍ୟଟି ଡୁଙ୍ଗୁରୀ ୩୩ କେ.ଭି. ଫିଡର୍ ଲାଇନ୍। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଯାହା ଫଳରେ ବିଦ୍ୟୁତ୍ ସରବରାହ ଏବଂ ବିତରଣରେ ବ୍ୟାଘାତ ଘଟୁଥିଲା। ଏହି ଦୁଇଟି ଫିଡର୍ ଲାଇନକୁ କାର୍ଯ୍ୟକ୍ଷମ କରିବା ପାଇଁ କମ୍ପାନୀ ତରଫରୁ ପ୍ରାୟ ୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଅଛି। ଏହା ଦ୍ୱାରା ପ୍ରାୟ ୩୦ ହଜାରରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତାମାନେ ଉପକୃତ ହୋଇପାରିବେ। ଟିପିଡବ୍ଲ୍ୟୁଓଡିଏଲ୍ ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କୁ ଅନବରତ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଏହାର ବିତରଣ ଅଞ୍ଚଳରେ ବିଭିନ୍ନ ପ୍ରକାର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହାତକୁ ନେଇଅଛି ଏବଂ ଗ୍ରାହକମାନଙ୍କୁ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ପ୍ରତ୍ୟେକ ସମୟରେ ଚେଷ୍ଟା ଜାରି ରଖିଅଛି।

# ହୋଣ୍ଡାର ରିବେଲ୍-୫୦୦ ବଜାରରେ ପ୍ରବେଶ



ଗୁରୁଗ୍ରାମ (ଭାସ୍କର ନ୍ୟୁଜ୍): ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସ୍‌ଆଇ) ବହୁ ଆକାଂକ୍ଷିତ ରିବେଲ ୫୦୦କୁ ଭାରତୀୟ ବଜାରରେ ପ୍ରବେଶ କରାଇଛି। ଏହା ବ୍ରାଣ୍ଡର ପ୍ରିମିୟମ ମୋଟରସାଇକଲ ବର୍ଗମାଳାରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ଭାବରେ ବିବେଚିତ ହେଉଛି। ଏହି ନୂଆ କ୍ରୁଜର ମୋଟରସାଇକଲ ନିମନ୍ତେ ବୁକିଂ ଏବେ ବଛା ବଛା ବିଗୱିଙ୍ଗ ଟପଲାଇନ ଡିଲରସିପରେ ଖୋଲା ରହିଛି। ଅଲ୍ ନିୟୁ ୨୦୨୫ ହୋଣ୍ଡା ରିବେଲ ୫୦୦ର ମୂଲ୍ୟ ୫.୧୨ ଲକ୍ଷ ଟଙ୍କା, ଏକ୍ସ-ସୋ'ରୁମ ଗୁରୁଗ୍ରାମ (ହରିଆଣା) ରଖାଯାଇଛି। ଏହା ନିର୍ଦ୍ଦିଷ୍ଟ ଭାବରେ ଗୁରୁଗ୍ରାମ, ମୁମ୍ବାଇ ଏବଂ ବେଙ୍ଗାଲୁରୁରେ ଉପଲବ୍ଧ ହେବ ଏବଂ ଏହାର ଯୋଗାଣ ଜୁନ ୨୦୨୫ରୁ ଆରମ୍ଭ ହେବାକୁ ଯାଉଛି। ରିବେଲ ୫୦୦ରେ ଆଧୁନିକ ଇଞ୍ଜିନିୟରିଂ ସହିତ ଚିରନ୍ତନ ଡିଜାଇନର ସମ୍ମିଶ୍ରଣ ଘଟିଛି, ଯାହା ଭାରତୀୟ ମୋଟରସାଇକେଲ ଉତ୍ସାହୀଙ୍କ ପାଇଁ ଏକ ଅନନ୍ୟ ଚାଳନା ଅନୁଭୂତି ପ୍ରଦାନ କରୁଛି। ଏହାର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରି ସୁଟସୁମୁ ଓଟାନି, ମ୍ୟାନେଜିଂ ଡାଇରେକ୍ଟର, ପ୍ରେସିଡେଣ୍ଟ ଓ ସିଇଓ, ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଥିଲେ, 'ଆମେ ଭାରତରେ ଚର୍ଚ୍ଚିତ ରିବେଲ ୫୦୦ ବଜାର ପ୍ରବେଶ କରିବା ନେଇ ଆନନ୍ଦିତ ଅଛୁ। ଏହି ବହୁ ଆକାଂକ୍ଷିତ କ୍ରୁଜର ମୋଟରସାଇକଲ ସମସ୍ତ ଆନ୍ତର୍ଜାତିକ ବଜାରରେ ଉଲ୍ଲେଖନୀୟ ଗ୍ରହଣୀୟତା ହାସଲ କରିଛି। ରିବେଲ ୫୦୦ କେବଳ ଏକ ମୋଟରସାଇକଲ ଠାରୁ ଯଥେଷ୍ଟ ଅଧିକ- ଏହା ଷ୍ଟାଇଲ, ପ୍ରଦର୍ଶନ ଏବଂ ସ୍ୱାଧୀନତାର ଏକ ଅଭିବ୍ୟକ୍ତି। ଏହାର ଅନନ୍ୟ ଡିଜାଇନ, ଦମଦାର ପ୍ରଦର୍ଶନ ଏବଂ ହୋଣ୍ଡାର ବିଶ୍ୱସନୀୟ ଇଞ୍ଜିନିୟରିଂ ସହିତ ଆମର ବିଶ୍ୱାସ ଯେ ଏହା ସମଗ୍ର ଦେଶରେ ଉଭୟ ଅଭିଜ୍ଞ ଏବଂ ନୂତନ ଚାଳନାକାରୀଙ୍କ ଉତ୍ସାହ ସହିତ ମଜଭୁତ ଭାବରେ ମେଳ ଖାଇବ।' ଏହି ଘୋଷଣା ସମ୍ପର୍କରେ ପ୍ରକାଶ କରି ଯୋଗେଶ ମାଥୁର, ଡାଇରେକ୍ଟର, ସେଲ୍ସ ଆଣ୍ଡ ମାର୍କେଟିଂ, ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଥିଲେ, 'ଭାରତୀୟ ଭୂଭାଗକୁ ରିବେଲ ୫୦୦ ଆଣି ଆମେ ଅତ୍ୟନ୍ତ ଉଲ୍ଲସିତ ଅଛୁ। ଅଲ-ନିୟୁ ରିବେଲ ୫୦୦ ଭାରତରେ ଏକ ଅସଲି ସିଧାସଳଖ କଷ୍ଟମ ଷ୍ଟାଇଲ ସହିତ ପ୍ରଥମ କରି ପ୍ରବେଶ କରିଛି ଯେଉଁଥିରେ ଉନ୍ନତ ଇଞ୍ଜିନିୟରିଂ ସହିତ ଚିରନ୍ତନ ଡିଜାଇନର ସୁନ୍ଦର ଭାବରେ ସମ୍ମିଶ୍ରଣ ଘଟିଛି। ଏଥିରେ ସମକାଳୀନ ଡିଜାଇନ ଉପାଦାନ ଅ'ର୍ନିହିତ ହୋଇଥିବା ଏକ ରେଟ୍ରୋ କ୍ରୁଜର ସୋନ୍ଦର୍ଯ୍ୟ ବୈଶିଷ୍ଟ୍ୟ ସ୍ଥାନପାଇଛି। ରିବେଲର ଟ୍ୟୁବ ଆକୃତିର ଇସ୍ପାତ ଫ୍ରେମ ତାଜା ଏବଂ ସମକାଳୀନ ଲାଇନଗୁଡିକୁ ଷ୍ଟିପଡ-ପଶ୍ଚାତ ଭାଗ ପର୍ଯ୍ୟନ୍ତ ପ୍ରସାରିତ କରିଛ, ଯାହା ଏହାକୁ ଫ୍ୟାଟ-ଟାୟାର 'ବବର' ଭଳି ଷ୍ଟାଇଲ ପ୍ରଦାନ କରୁଛି। ସର୍ବାଧିକ କଳାରଙ୍ଗର ସମାହାର ଏବଂ ସର୍ବନିମ୍ନ ରଙ୍ଗ ବ୍ୟବହାର କରାଯାଇଥିବା ଏହି ମୋଟରସାଇକଲ ଭାରତରେ କେବଳ ଷ୍ଟାଣ୍ଡାର୍ଡ ପ୍ରକାରରେ ଗୋଟିଏ ମ୍ୟାଟ ଗନପାଉଡର ବ୍ଲାକ ମେଟାଲିକ ରଙ୍ଗରେ ଉପଲବ୍ଧ ହେବ, ଯେଉଁଥିରେ ଉଭୟ ଚାଳକ ଏବଂ ତାଙ୍କ ସହଯାତ୍ରୀଙ୍କ ନିମନ୍ତେ ସିଟ ରହିବ। ତୀକ୍ଷ୍ଣ ଭାବରେ ସ୍ଥାନିତ ହୋଇଥିବା ଇନ୍ଧନ ଟାଙ୍କି ଏବଂ ମୋଟା ହ୍ୟାଣ୍ଡଲବାର ଆଦି ବୈଶିଷ୍ଟ୍ୟ ସହିତ ଏହା ପ୍ରତ୍ୟେକ ଦୃଷ୍ଟିକୋଣରୁ ସ୍ୱତନ୍ତ୍ର ବ୍ୟକ୍ତିଗତ ଦିଗ ପରିପ୍ରକାଶ କରୁଛି। ରିବେଲ ୫୦୦ରେ ସ୍ୱତନ୍ତ୍ର ଗୋଲାକାର ହେଡଲାଇଟ ସହିତ ଅଲ-ଏଲଇଡି ଲାଇଟିଂ ବ୍ୟବସ୍ଥା ମଧ୍ୟ ରହିଛି।

# ଆର୍‌ଏସ୍‌ପିର ସେବା ବିଭାଗର ମହତ୍ୱପୂର୍ଣ୍ଣ ଭିତ୍ତିଭୂମି ସହାୟତା ପ୍ରଦାନ




ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଭିଲ୍ ଇଞ୍ଜିନିୟରିଂ (ସେବା) ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ଲାଣ୍ଟର ପ୍ରମୁଖ ୟୁନିଟ୍‌ଗୁଡ଼ିକରେ କାର୍ଯ୍ୟକ୍ଷମ ଦକ୍ଷତାରେ ବୃଦ୍ଧି ଏବଂ ଉନ୍ନତତର କର୍ମକ୍ଷେତ୍ର ପରିବେଶ ଉପଲବ୍ଧ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ନିରନ୍ତର ଉନ୍ନତି ଏବଂ ଭିତ୍ତିଭୂମି ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତା ଅନୁଯାୟୀ, ସିଇଏସ ବିଭାଗ ଉତ୍ପାଦକତାରେ ଉନ୍ନତି ଆଣିବା କକ୍ଷେ ଏବଂ କାରଖାନାରେ କର୍ମଚାରୀଙ୍କ ପାଇଁ ଅଧିକ ଅନୁକୂଳ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ନବୀକରଣ, ଅପଗ୍ରେଡିଂ ଏବଂ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପଗୁଡ଼ିକର ଶୃଙ୍ଖଳ ସଫଳତାର ସହିତ ସମ୍ପନ୍ନ କରିଥିଲା। ବିଭାଗ କେନ୍ଦ୍ରୀୟ କାର୍ମିକ-ଟିଏମଏମ କାର୍ଯ୍ୟାଳୟ କୋଠା, ପ୍ରଶାସନ କୋଠାର ବିଭିନ୍ନ ବ୍ଲକ, ମାର୍କେଟିଂ ବିଭାଗ, ବ୍ଲାଷ୍ଟ ଫର୍ଣ୍ଣେସ୍ ପ୍ରଶାସନ କୋଠା, ଜଳ ପରିଚାଳନା ବିଭାଗ, ଏସଏମଏସ-୨ ର ଏମଇଆର କୋଠା, ଅଭ୍ୟର୍ଥନା କୋଠା, ଆଧୁନିକୀକରଣ ଷ୍ଟୋର ଇତ୍ୟାଦି ସମେତ ଅନେକ ପ୍ରମୁଖ ପ୍ରଶାସନିକ ଏବଂ କାର୍ଯ୍ୟକ୍ଷମ କୋଠାଗୁଡ଼ିକରେ ବ୍ୟାପକ ନବୀକରଣ କାର୍ଯ୍ୟ ସମ୍ପାଦନ କରିଥିଲା। ୟୁନିଟର ପ୍ରମୁଖ ପଦକ୍ଷେପ ମଧ୍ୟରୁ ଇଡ଼ି ୱାର୍କ୍ସ କୋଠା ସାମ୍ନାରେ ଏକ ପୂର୍ବ ବିଦ୍ୟମାନ ଆବର୍ଜନା ଡମ୍ପ ସାଇଟ୍ କୁ ଏକ ନୂତନ ଉଦ୍ୟାନ ସ୍ଥାନରେ ରୂପାନ୍ତରଣ କାର୍ଯ୍ୟ ଅନ୍ୟତମ ଥିଲା। ଏହି ପ୍ରକଳ୍ପ ନା କେବଳ ପରିସରରେ ସୌନ୍ଦର୍ଯ୍ୟ ମୂଲ୍ୟ ଯୋଗ କରିଛି ବରଂ ପରିବେଶଗତ ସ୍ଥାୟିତ୍ୱ ଏବଂ ସବୁଜ ପଦକ୍ଷେପ ପ୍ରତି ବିଭାଗର ଉତ୍ସର୍ଗତାକୁ ମଧ୍ୟ ପ୍ରଦର୍ଶନ କରିଛି। ସମ୍ପାଦିତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କାର୍ଯ୍ୟ ମଧ୍ୟରେ ସିସିଡ଼ିରେ ଆମୋନିୟମ୍ ସଲଫେଟ୍ କୋଠା, ବ୍ଲାଷ୍ଟ ଫର୍ନେସ-୫ ରେ ଫ୍ଲାସ୍ ମିକ୍ସର କଲମ୍, ଆଧୁନିକୀକରଣ ଷ୍ଟୋର ଏବଂ ଟିପ୍ଲର-୧ ରେ ଏମଡ଼ି ଟ୍ରାକ୍ ଭଳି ଗୁରୁତ୍ୱପୂର୍ଣ୍ଣ ସଂରଚନା ଗଠନର ମରାମତି ଏବଂ ସୁଦୃଢ଼ୀକରଣ ଅନ୍ତର୍ଭୁକ୍ତ ଥିଲା। ସିଇଏସ ଦ୍ୱାରା ଏହି ପଦକ୍ଷେପଗୁଡ଼ିକ ଆରଏସପିର ଉତ୍ପାଦନ ୟୁନିଟ୍ ଏବଂ ରଣନୈତିକ କାର୍ଯ୍ୟକୁ ସହଯୋଗ କରିବା ପାଇଁ ଏହାର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ଯାହା କାରଖାନାର ସାମଗ୍ରିକ ଉତ୍ପାଦକତା, ସୁରକ୍ଷା ଏବଂ କର୍ମଚାରୀ କଲ୍ୟାଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ।



ବାରିପଦା (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ସମ୍ମେଳନ କକ୍ଷ ପରିସରରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ବାଳିକା ବର୍ଗର ଯୋଗ ଅଲମ୍ପିୟାଡ଼ ପ୍ରତିଯୋଗିତା -୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ଲକ୍ଷ୍ମୀଧର ମହାନ୍ତି। ମେ ମାସ ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଥିବା ଓଡିଶା ରାଜ୍ୟସ୍ତରୀୟ ଯୋଗ ଅଲମ୍ପିୟାଡ଼ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୧୬ ଜଣ ଛାତ୍ର ଛାତ୍ରୀ ଯୋଗ ଦେବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ପ୍ରକାଶ କରିଛନ୍ତି। ବାଳକ ଟିମ ମ୍ୟାନେଜର ଭାବେ ଆଦିତ୍ୟ କାନୁନଗୋ ସରକାରୀ ଉଚ୍ଚ ବିଦ୍ୟାଳୟ, ହାତୀମରାର ପିଇଟି ପ୍ରଦୀପ ଚୌଧୁରୀ ଓ ବାଳିକା ଟିମ ମ୍ୟାନେଜର ଭାବେ ଆରପଟା ଉଚ୍ଚ ବିଦ୍ୟାଳୟର ପିଇଟି କ୍ଷୀଣପ୍ରଭା ବାରିକଙ୍କ ନେତୃତ୍ୱରେ ପ୍ରତିଯୋଗୀମାନେ ଯୋଗ ଦେବେ।

**୬୧ତମ ମ୍ୟାଚ୍ | ଲକ୍ଷ୍ନୌ ସୁପରଜାଏଣ୍ଟସ ବନାମ ସନରାଇଜର୍ସ ହାଇଦ୍ରାବାଦ**

# ସନରାଇଜର୍ସ ହାଇଦ୍ରାବାଦ ୬ଉଇକେଟ୍‌ରେ ବିଜୟୀ



ଲକ୍ଷ୍ନୌ : ଲକ୍ଷ୍ନୌଠାରେ ଖେଳାଯାଉଥିବା ଆଇପିଏଲ ୨୦୨୫ର ୬୧ତମ ମ୍ୟାଚ ସନରାଇଜର୍ସ ହାଇଦ୍ରାବାଦ ଓ ଲକ୍ଷ୍ନୌ ସୁପରଜାୟାଣ୍ଟସ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ହାଇଦ୍ରାବାଦ ୬ଉଇକେଟ୍‌ରେ ଜିତି ନେଇଛି। ହାଇଦ୍ରାବାଦ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଲକ୍ଷ୍ନୌ ପକ୍ଷରୁ ବ୍ୟାଟିଂ ଓପନ କରିଥିବା ମିଚେଲ୍ ମାର୍ସ ଓ ଆଇଡେନ ମାର୍କରାମ୍ ଆରମ୍ଭରୁ ଲଢୁଆ ବ୍ୟାଟିଂ କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ । ଉଭୟ ପ୍ରଥମ ଉଇକେଟ ଯୋଡ଼ିରେ ୧୧୫ ରନ କରିଥିଲେ । ମାର୍ସ ୬୫ ରନ କରି ହର୍ଷ ଦୁବେଙ୍କ ବଲ ଇଶାନ ମଲିଙ୍ଗାଙ୍କ ହାତରେ ଧରା ପଡ଼ିଥିଲେ । ସେହିପରି ମାର୍କରାମ ୬୧ ରନ କରିଥିଲେ ଓ ହର୍ଷଲ ପଟେଲଙ୍କ ବଲରେ ଆଉଟ ହୋଇଥିଲେ। ନିକୋଲାସ ପୁରନ ନିଜର ଭଲ ଫର୍ମ ବଜାୟ ରଖି ୨୬ ବଲରେ ୪୫ ରନ କରିଥିଲେ । ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୦୫ ରନ କରିଥିଲା। ହାଇଦ୍ରାବାଦ ପକ୍ଷରୁ ଇଶାନ ମାଲିଙ୍ଗା ୨ଟି ଉଇକେଟ ନେଇଥିବାବେଳେ ହର୍ଷ ଦୁବେ, ନୀତୀଶ ରେଡ୍ଡି ଓ ହର୍ଷେଲ ପଟେଲ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ୨୦୬ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା ସନରାଇଜର୍ସ ହାଇଦ୍ରାବାଦ। ହାଇଦ୍ରାବଦା ୧୮.୩ଓଭରରେ ୪ ଉଇକେଟ୍ ହରାଇ ୨୦୬ରନ୍ କରି ମ୍ୟାଚ୍ ଜିତି ନେଇଛି। ଦଳ ପକ୍ଷରୁ ଅଥର୍ବ ଟାଇଡ୍ ୧୩, ଅଭିଷେକ ବର୍ମା ୬ଛକା ଓ ୪ଚୌକା ସହାୟତାରେ ଧୂଆଁଧାର ୫୯ ରନ୍ କରିଥିବା ବେଳେ ଇଷାନ କିଷାନ ୨ଛକା, ୩ଚୌକା ସହାୟତାରେ ୩୫ ରନ୍ କରିଥିଲେ। ସେହିପରି ହେନ୍‌ରିଚ୍ କଲସନ ୨୮ବଲରୁ ୪୭ ଓ କାମିନ୍ଦୁ ମେଣ୍ଡିସ୍ ୩୨, ଅଙ୍କିତ୍ ବର୍ମା ୫, ନିତିଶ ରେଡ୍ଡି ୫ରନ୍ କରିଥିଲେ। ଲକ୍ଷ୍ନୌ ସୁପରଜିଆଣ୍ଟସ ପକ୍ଷରୁ ଉଇଲିୟମ ଅର୍କୋର ୧ଉଇକେଟ୍, ଦିଗ୍‌ଭେଷ ସିଂ ରାଠି ୨ଉଇକେଟ ଓ ଶାର୍ଦ୍ଦୁଳ ଠାକୁର ୧ ଉଇକେଟ ଅକ୍ତିଆର କରିଥିଲେ।

# ଏସିଆ କପ୍‌ରୁ ଓହରିବ ନାହିଁ ଭାରତ : ବିସିସିଆଇ

ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ଖରାପ ସଂପର୍କ ଦୃଷ୍ଟିରୁ ଭାରତ ଚଳିତ ବର୍ଷ ଏସିଆ କପ୍ ଖେଳିବନି ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବରକୁ ବିସିସିଆଇ ଦୃଢ଼ ଖଣ୍ଡନ କରିଛି। ଏପରି ଖବରରେ କୌଣସି ସତ୍ୟତା ନାହିଁ ତଥା ଏ ନେଇ କୌଣସି ନିଷ୍ପତ୍ତି ନିଆଯାଇନାହିଁ ବୋଲି ବୋର୍ଡ କହିଛି। ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି ଯେ, କିଛି ଦିନ ତଳର ଦୁଇ ପଡ଼ୋଶୀ ରାଷ୍ଟ୍ରରେ ସାମରିକ ବିବାଦକୁ ନେଇ ବିସିସିଆଇ ଭାରତୀୟ ଦଳକୁ ଏସିଆନ କ୍ରିକେଟ କାଉନ୍‌ସିଲ(ଏସିସି)ର ଦୁଇଟି ଇଭେଣ୍ଟରେ ଅଂଶଗ୍ରହଣ ପାଇଁ ଅନୁମତି ଦେବ ନାହିଁ। କାରଣ ପାକିସ୍ତାନର ଆଭ୍ୟନ୍ତରିଣ ବ୍ୟାପାର ମନ୍ତ୍ରୀ ମହସିନ ନକ୍‌ଭି ଏସିସିର ସଭାପତି ଥିବା ବେଳେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଚେୟାରମ୍ୟାନ ଅଛନ୍ତି। ଗତଥରର ଚାମ୍ପିୟନ ଭାରତ ସେପ୍ଟେମ୍ବରରେ ଟି୨୦ ଫର୍ମାଟରେ ଖେଳାଯାଉଥିବା ପୁରୁଷ ଏସିଆ କପ୍‌ର ଆୟୋଜକ। ଅନ୍ୟପକ୍ଷେ ଶ୍ରୀଲଙ୍କା ମହିଳା ଏମର୍ଜିଂ ଟିମ୍ସ ଏସିଆ କପ୍‌ର ଆୟୋଜକ ହୋଇଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ସୋମବାର ସକାଳେ କିଛି ଖବର ଆମ ନଜରକୁ ଆସିଛି। ଆସନ୍ତା ଏସିଆ କପ୍ ଓ ମହିଳା ଏମର୍ଜିଂ ଟିମ୍ସ ଏସିଆ କପ୍‌ରେ ଭାରତ ଅଂଶଗ୍ରହଣ ନ କରିବା ଲାଗି ବିସିସିଆଇ ନିଷ୍ପତ୍ତି ନେଇଥିବା ଏଥିରେ ପ୍ରକାଶ ପାଇଛି। ଏଭଳି ଖବରର କୌଣସି ସତ୍ୟତା ନାହିଁ। ବିସିସିଆଇରେ ଏହି ପ୍ରସଙ୍ଗରେ ଏପରିକି କୌଣସି ଆଲୋଚନା ହୋଇ ନାହିଁ। ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି, ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) କିପରି ସୂଚାରୁ ପରିଚାଳିତ ହେବ ଏବଂ ଆସନ୍ତାମାସରେ ଇଂଲଣ୍ଡ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଉପରେ ବିସିସିଆଇର ନଜର ରହିଛି। ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଏ ତେବେ ତାହା ଗଣମାଧ୍ୟମ ଜରିଆରେ ଘୋଷଣା କରାଯିବ ବୋଲି ସେ କହିଛନ୍ତି।


## कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, देवघर।

**श्रावणी मेला, 2025**

**अति अल्पकालीन ई–प्रोक्योरमेंट सूचना (1st Call)**

अति अल्पकालीन ई–निविदा प्रसंग संख्या - RCD/DEOGHAR/784/2025-26 (1st Call)
दिनांक –19.05.2025

| | | |
|---|---|---|
| 1. | कार्य का नाम | सत्संगनगर–भिरखीबाद पथ के कि0मी0 8.00 से कि0मी0 21.00 तक के विभिन्न पथांशों में साधारण मरम्मति एवं अन्य कार्य |
| 2. | प्राक्कलित राशि (रुपये में) | रुपये 1,50,00,000/– (एक करोड़ पचास लाख रुपये) |
| 3. | कार्य समाप्ति की अवधि | 01 माह |
| 4. | निविदा प्राप्ति की अंतिम तिथि एवं समय | 02.06.2025 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 26.05.2025 (10:30 बजे पूर्वाह्न) |
| 6. | निविदा आमंत्रित करने वाले पदाधिकारी का पदनाम | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7. | प्रोक्युरमेंट अधिकारी का सम्पर्क नम्बर | 06432-299919 |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2446007 |

नोट – अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें। प्राक्कलित राशि घट–बढ़ सकती है।

कार्यपालक अभियंता, पथ निर्माण विभाग, पथ प्रमण्डल, देवघर।
PR 352941 (Road) 25-26 (D)

## कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, देवघर

**श्रावणी मेला, 2025**

**अति अल्पकालीन ई–प्रोक्योरमेंट सूचना (1st Call)**

अति अल्पकालीन ई–निविदा प्रसंग संख्या - RCD/DEOGHAR/794/2025-26 (1st Call)
दिनांक –19.05.2025

| | | |
|---|---|---|
| 1. | कार्य का नाम | सीता होटल (शीतल मल्लिक रोड) से NH-114A भाया बिलासी पथ का विशेष मरम्मति एवं अन्य कार्य। |
| 2. | प्राक्कलित राशि (रुपये में) | रुपये 2,00,00,000/– (दो करोड़ रुपये) |
| 3. | कार्य समाप्ति की अवधि | 01 माह |
| 4. | निविदा प्राप्ति की अंतिम तिथि एवं समय | 02.06.2025 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 26.05.2025 (10:30 बजे पूर्वाह्न) |
| 6. | निविदा आमंत्रित करने वाले पदाधिकारी का पदनाम | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7. | प्रोक्युरमेंट अधिकारी का सम्पर्क नम्बर | 06432-299919 |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2446007 |

नोट – अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें। प्राक्कलित राशि घट–बढ़ सकती है।

कार्यपालक अभियंता, पथ निर्माण विभाग,पथ प्रमण्डल, देवघर
PR 352947 (Road)25-26*D


# ଆନ୍ତଃ ସ୍କୁଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଜାଭିଆର ବିଜୟୀ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଓଡିଶା କ୍ରିକେଟ ଆସୋସିଏସନ ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଷ୍ଟାଡିୟମ ଠାରେ ଆଜି ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଆଜିର ଏହି ଉଦଘାଟନୀ ଖେଳରେ ରବୀନ୍ଦ୍ର ବିଦ୍ୟା ନିକେତନ ବିପକ୍ଷରେ ସେଣ୍ଟ ଜାଭିଆର ହାଇସ୍କୁଲ ୮ ଉଇକେଟରେ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଏହି ଖେଳରେ ଆଜି ରବୀନ୍ଦ୍ର ବିଦ୍ୟା ନିକେତନ ପ୍ରଥମେ ବ୍ୟାଟିଂ କରି ୨୯ ଓଭରରେ ସମସ୍ତ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ବିବେକ ମୁଖୀ ୩୧ଟି ବଲର ସମ୍ମୁଖୀନ ହୋଇ ୫ଟି ଚୌକା ସହାୟତାରେ ସର୍ବାଧିକ ୩୨ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ଅଭିଷେକ ନାୟକ ୨୬ ରନ ଦେଇ ୨ଟି ଏବଂ ଆଦିଦେବ ସାହୁ ୨୮ ରନ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ଜାଭିଆର ହାଇସ୍କୁଲ ମାତ୍ର ୧୫ ଓଭର ବ୍ୟାଟିଂ କରି ଦୁଇଟି ଉଇକେଟ ହରାଇ ଅତି ସହଜରେ ବିଜୟକୁ ହାତେଇ ନେଇଥିଲେ। ଦଳ ପକ୍ଷରୁ ସୂର୍ଯ୍ୟାଦିତ ମିଶ୍ର ୩୬ଟି ବଲର ସମ୍ମୁଖୀନ ହୋଇ ୧୦ଟି ଚୌକା ସହାୟତାରେ ସର୍ବାଧିକ ୫୧ ରନ ସଂଗ୍ରହ କରି ପ୍ରତିଯୋଗିତାର ପ୍ରଥମ ଅର୍ଦ୍ଧ ଶତକ ହାସଲ କରିଥିବା ବେଳେ ଦେବାଂଶୁ ରଞ୍ଜନ କର ୧୮ଟି ବଲର ସମ୍ମୁଖୀନ ହୋଇ ୪ଟି ଚୌକା ଏବଂ ୨ଟି ଛକା ସହାୟତାରେ ଦ୍ରୁତ ୩୨ ରନ ସଂଗ୍ରହ କରି ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲେ।


## GOVT. OF JHARKHAND CABINET SECRETARIAT & VIGILANCE DEPARTMENT (CIVIL AVIATION DIVISION)

STATE HANGAR, AIRPORT ROAD, HINOO, RANCHI- 834002.
email:- civilaviation.jhr@gmail.com; govtflyops@gmail.com
Telefax:- 0651-2250319, 2251090

Ref. No.-326, Date:-16.05.2025

**Re-Tender Notice**

Re-tenders under **TWO BID SYSTEM** are hereby invited by Govt. of Jharkhand for hiring one **Air Ambulance (convertible to normal seating configuration when required)** on Wet lease, to be used by Govt. of Jharkhand primarily for medical emergency purpose as per the following schedule of events :-

| | |
|---|---|
| Tender reference number :- | CADsec1/01-PLAN-18/2022/Cabinet/325, Dated-16/05/2025 |
| Name of Work :- | Hiring of one air ambulance on wet Lease for Government of Jharkhand. |
| Earnest Money Deposit(EMD) (in INR) :- | Rs.7,00,000/- (Seven Lakh Only) |
| Tender fee (in INR) :- | Rs. 5,000/- (Rupees Five Thousand Only) |
| Publish of Tender on website | 20/05/2025; 10:00 AM |
| Start of Downloading Tender Documents | 21/05/2025; 10:00 AM |
| Start of Submission of e-bids | 22/05/2025; 10:00 AM |
| Closing of Submission of e-bids | 14/06/2025; 11:30 AM |
| Opening of Technical Bids | 16/06/2025; 03:30 PM |
| Opening of Financial Bid :- | To be notified later |
| Submission of EMD and Tender Fee:- | Online Mode through jharkhandtenders.gov.in |
| Address for Communication:- | Capt. S. P. Sinha, Director (Ops.), Civil Aviation Division, State Hangar, Airport Road, Hinoo, Ranchi, Jharkhand. Pin :- 834002 |

For further details and application please visit www.jharkhandtenders.gov.in

Sd/-
(Capt. S. P. Sinha)
Director (Ops.)
Civil Aviation Division

PR 352854 (Civil Aviation) 25-26 (D)

## OFFICE OF THE EXECUTIVE ENGINEER. MINOR IRRIGATION DIVISION, MEDININAGAR

**e-Procurement Tender Notice**
**Two Envelope System**

Tender Reference No:- WRD/MID/MEDININAGAR/B.D./S.L.I.-02/2025-26
Letter no:- 189 Date:-17/05/2025

| | | |
|---|---|---|
| 1 | Name of Work: | Construction of Bakhari Solar Lift Irrigation Scheme |
| 2 | Estimated Cost (Rs.) | 1,09,43,400=00 |
| 3 | Cost of tender document (Rs) | **Rs. 10,000=00** only (non-refundable). |
| 4 | Earnest Money Deposit(Rs.) | **Rs. 1,09,500=00** only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http://jharkhandtenders.gov.in) | Date:- 29.05.2025, Time- 04.00 PM |
| 8 | Last Date/Time for downloading of bidding documents and Submission of Tender on Website | Date:- 13.06.2025, Time:- 03.00 PM |
| 9 | Submission of Tender Fee and EMD | Start Date:- 29.05.2025, Time- 4.00 PM Last Date:- 13.06.2025, Time:- 3.00 PM |
| 10 | Technical Bid Opening Date | Date:- 14.06.2025, Time:-04.00 PM |
| 11 | Officer Inviting Bids | Executive Engineer Minor Irrigation Division, Medininagar |
| 12 | Contact No. of Procurement Officer e-mail of Procurement Officer | 06562-240100 eemidmed-cemr-jhr@gmail.com |
| 13 | Help line No. of Procurement Cell | 0651-2214784 |

**Note:-** ➢ Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps **(DC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.

➢ **Only e-Tender will be accepted.**

Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division,
Medininagar.

PR 352961 (Minor Irrigation) 25-26 (D)


# ଇଫ୍‌କୋ ଡିଏଭି ବିଦ୍ୟାଳୟରେ ଗ୍ରୀଷ୍ମ କାଳୀନ କ୍ରୀଡା ଶିବିର



ପାରାଦୀପ (ଭାସ୍କର ନ୍ୟୁଜ୍): ଇଫକୋ ଡିଏଭି ବିଦ୍ୟାଳୟରେ କ୍ରୀଡା ବିଭାଗ ତରଫରୁ ୬ ଦିନ ବ୍ୟାପି ଚାଲିଥିବା ଗ୍ରୀଷ୍ମ କାଳୀନ କ୍ରିଡା ଶିବିର ରବିବାର ଦିନ ଉଦଯାପିତ ହୋଇଯାଇଛି। ଏଥିରେ ଖୋ-ଖୋ, ନେଟ୍ ବଲ୍, ଦୌଡକୁଦ ଓ ଫୁଟବଲ୍ କ୍ରୀଡା କୁ ନେଇ ଶିବିର ଆୟୋଜନ ହୋଇଥିଲା। ପ୍ରଶିକ୍ଷଣ ଶିବିରକୁ ସୁନାକର ରାଉତ (ଖୋ-ଖୋ), ବିଶ୍ୱବିଜୟ ବିବେକାନନ୍ଦ ବେହେରା (ନେଟ୍ ବଲ), ବିକାଶ କୁମାର ସ୍ୱାଇଁ (ଦୌଡ଼କୁଦ) ଓ ପ୍ରଦୀପ୍ତ କୁମାର ମହାନ୍ତି (ଫୁଟବଲ୍) ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର ଅଧକ୍ଷ ସମ୍ବିତ୍ ସୁକୁମାର ଚିନାରା ତାଙ୍କ ଅଭିଭାଷଣରେ କ୍ରୀଡାର ଉପକାରିତା ଓ ନିତିଦିନ ଜୀବନରେ କ୍ରୀଡାର ଆବଶ୍ୟକତା ବିଷୟରେ ପିଲାମାନଙ୍କୁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟ ଜୟନ୍ତ କୁମାର ଜେନା ଉଦଯାପନ ଉତ୍ସବରେ ଅତିଥି ରୂପେ ଯୋଗଦାନ କରିଥିଲେ । ସେ ତାଙ୍କ ଅଭିଭାଷଣରେ କୌରବ ଓ ଦ୍ରୋଣ ଗୁରୁଶିଷ୍ୟ ବିଷୟରେ ପିଲାମାନଙ୍କୁ ଆଲୋକପାତ କରାଇଥିଲେ। ସଭାକୁ ଦ୍ୱାଦଶ ଶ୍ରେଣୀର ଛାତ୍ର ଦିନେଶ ପ୍ରଧାନ ସଭାକୁ ପରିଚାଳନା କରିଥିଲେ ଓ ବିଦ୍ୟାଳୟର ଛାତ୍ର କ୍ୟାବିନେଟ କ୍ରୀଡା ବିଭାଗର ସମ୍ପାଦକ ନିହାର ରଞ୍ଜନ ଦାସ ପ୍ରଶିକ୍ଷଣ ଶିବିର ବିଷୟରେ ନିଜ ଭାଷଣ ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୌର ମୋହନ ସାମଲଙ୍କ ତତ୍ତ୍ୱାବଧାନରେ ଏହି ଗ୍ରୀଷ୍ମ କାଳୀନ ଶିବିର ଅନୁଷ୍ଠିତ ହୋଇଥିଲା। ଶେଷରେ ଦଶମ ଶ୍ରେଣୀ ଛାତ୍ର କୁମାର କୃତ୍ତିବାସ ମୋହନ ଧନ୍ୟବାଦ ଅର୍ପଣ କରିଥିଲେ।


## कार्यपालक अभियंता का कार्यालय ग्रामीण कार्य विभाग, कार्य प्रमंडल,जमशेदपुर

**शुद्धि पत्र**

एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, जमशेदपुर के ई–निविदा संख्या – **06/2024-25/RIII/STPKG/RWD/EE/JSR** दिनांक **16.05.2025** का PR 352700 REO (25-26).D, दिनांक 17.05.2025 को प्रकाशित निविदा में आंशिक रूप से निम्न प्रकार संशोधित किया जाता है :–

| क. सं. | पूर्व में दैनिक समाचार पत्र में प्रकाशित | संशोधित तिथि |
|---|---|---|
| 1. | वेबसाईट में निविदा प्रकाशन की तिथि :– **19.05.2025** । | वेबसाईट में निविदा प्रकाशन की तिथि :– **19.05.2025** । |
| 2. | निविदा प्राप्ति की अंतिम तिथि एवं समय :– **25.05.2025** अपराह्न 5.00 बजे तक। | निविदा प्राप्ति की अंतिम तिथि एवं समय :– **26.05.2025** अपराह्न 5.00 बजे तक। |
| 3. | निविदा खोलने की तिथि एवं समय :– **26.05.2025** अपराह्न 5.00 बजे। | निविदा खोलने की तिथि एवं समय :– **27.05.2025** अपराह्न 5.00 बजे। |

निविदा की शेष कंडिकाऐं एवं शर्तें यथावत रहेंगी।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, जमशेदपुर
PR 352837 (REO)25-26*D


# ଗ୍ରୀଷ୍ମ କାଳୀନ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଭୁବନ (ଭାସ୍କର ନ୍ୟୁଜ): ଭୁବନ ବିଜୁ ପଟ୍ଟନାୟକ ଖେଳ ଭବନ ଠାରେ ଗ୍ରୀଷ୍ମ କାଳୀନ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ଏପ୍ରିଲ ୨୫ ରୁ ମେ ୧୧ ଯାଏ ପନ୍ଦର ଦିନ ଧରି ଚାଲିଥିଲା । ଯେଉଁଥିରେ ଭୁବନ ଅଞ୍ଚଳ ର ମୋଟ ୪୦ ଜଣ କ୍ରୀଡା ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥଲେ । ରାଜ୍ୟ କ୍ରୀଡ଼ା ବିଭାଗ ଦ୍ୱାରା ଆୟୋଜିତ ଏହି କ୍ରୀଡା ଶିବିର ର ଲକ୍ଷ୍ୟ ହେଉଛି ବ୍ୟାଡମିଣ୍ଟନ କ୍ରୀଡା ପ୍ରତି ଛାତ୍ର ଛାତ୍ରୀ ମାନଙ୍କୁ ଆକୃଷ୍ଟ କରିବା ଏବଂ କ୍ରୀଡା କ୍ଷେତ୍ରରେ ରାଜ୍ୟ ପାଇଁ ସଫଳତା ହାସଲ କରି ଗୌରବ ଅର୍ଜନ କରିବା । ଇଣ୍ଡୋର୍ ଷ୍ଟାଡିୟମ୍ ଭାରପ୍ରାପ୍ତ ଅଧିକାରୀ ବିଶ୍ୱଜିତ୍ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ , ସୁସ୍ଥ ଶରୀର ପାଇଁ କ୍ରୀଡା ଅପରିହାର୍ଯ୍ୟ । ସୁସ୍ଥ ଜୀବନ ସହିତ ରାଜ୍ୟ ଓ ଦେଶର ପ୍ରଗତି ରେ କ୍ରୀଡାର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଭୁବନ ଆର୍ଯ୍ୟ ସମାଜ ଆବାହକ ମଳୟ ତ୍ରିପାଠୀ ଯୋଗ ଦେଇଥିଲେ । ଏହି ଅବସରରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ବଣ୍ଟନ କରାଯାଇଥିଲା।ବ୍ୟାଡମିଣ୍ଟନ ପ୍ରଶିକ୍ଷକ ହଳଧର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


## कार्यपालक अभिंयता का कार्यालय, लघु सिंचाई प्रमंडल, कोडरमा।

**शुद्धि-पत्र**

लघु सिंचाई प्रमंडल, कोडरमा अन्तर्गत प्रकाशित ई–निविदा सूचना संख्या– WRD/MID/KODERMA/**B.D.M.M.S. L.I** दिनांक –15.05.2025 जिसका PR.No.352542 (Minor Irrigation) 25-26*D है, में अंकित Tender Reference No. WRD/MID/KODERMA/**B.D.M.M.S.L.I** के स्थान पर Tender Reference No. WRD/MID/KODERMA/**B.D. /M.M.S. L.I** पढा जाय।

क्रमांक–04 पर अंकित EMD की राशि जो प्राक्कलित राशि का 2 प्रतिशत 235300.00 (दो लाख पैंतीस हजार तीन सौ) के स्थान पर 1 प्रतिशत राशि 117700.00 (एक लाख सत्राह हजार सात सौ) रूपये पढा जाय।

| | | |
|---|---|---|
| क्रमांक 13 | Helpline Number of e-Procurement Cell | 0651-2491232 |

शेष सभी शर्ते पूर्ववत रहेंगी।

कार्यपालक अभियंता, लघु सिंचाई प्रमंडल, कोडरमा।
PR.NO.352834 Minor Irrigation(25-26):D

## झारखण्ड राज्य बिवरेजेज कॉरपोरेशन लिमिटेड, राँची

(झारखण्ड सरकार का उपक्रम)
कॉर्पोरेट पहचान सं० - U51228JH2010SGC014519, TIN No - 20520108277
उत्पाद भवन, भूतल, नवीन पुलिस केद्र के समीप, काँके रोड, राँची- 834008
E-mail :- jsbcl.jharkhand@gmail.com

ई–आमंत्रण पत्रांक सं०– JSBCL/02 दिनांक :– 19/05/2025

**इच्छा की अभिव्यक्ति हेतू अति अल्पकालिन ई-आमंत्रण सूचना**

झारखण्ड राज्य बिवरेजेज कॉरपोरेशन लिमिटेड, राँची
गोदाम हेतू इच्छा की अभिव्यक्ति हेतू अति अल्पकालि नई–आमंत्रण सूचना

| क्र0सं0 | विवरणी | अभ्युक्ति |
|---|---|---|
| 1 | इच्छा की अभिव्यक्ति के प्रपत्र को वेवसाईट https://jharkhandtenders.gov.in एवं http://jsbcl.in पर अपलोड करने की तिथि | दिनांक–19.05.2025 |
| 2 | इच्छा की अभिव्यक्ति को ऑनलाईन https://jharkhandtenders.gov.in के माध्यम से जमा करने की प्रारंभिक तिथि | दिनांक–19.05.2025 |
| 3 | इच्छा की अभिव्यक्ति को Online रूप से जमा करने की अंतिम तिथि | दिनांक– 27.05.2025 के अपराह्न 4:00 बजे तक |
| 4 | इच्छा की अभिव्यक्ति के कागजात को भौतिक रूप से निगम मुख्यालय में जमा करने की अंतिम तिथि | दिनांक– 28.05.2025 के अपराह्न 4:00 बजे तक |
| 5 | इच्छा की अभिव्यक्ति को ऑनलाईन/ऑफलाईन माध्यम से तकनीकि बिड खोलने की तिथि | दिनांक– 29.05.2025 के अपराह्न 03:00 बजे |
| 6 | इच्छा की अभिव्यक्ति को ऑनलाईन/ऑफलाईन माध्यम से वित्त बिड खोलने की तिथि | दिनांक– 06.06.2025 के अपराह्न 03:00 बजे |

नोटः– (1) इच्छा की अभिव्यक्ति की विस्तृत जानकारी प्राप्त करने हेतु https://jharkhandtenders.gov.in एवं http://jsbcl.in से डाउनलोड किया जा सकता है।
(2) इच्छा की अभिव्यक्ति हेतू आवेदन ऑनलाईन https://jharkhandtenders.gov.in माध्यम से ही स्वीकार की जायेगी एवं इसकी भौतिक प्रति राँची स्थित झारखण्डराज्य बिवरेजेज कॉरपोरेशन लिमिटेड मुख्यालय में जमा की जानी है।

ह0/– महाप्रबंधक (संचालन)
झारखण्ड राज्य बिवरेजेज कॉरपोरेशन लिमिटेड, राँची
PR 352923 Excise (25-26)_D

## OFFICE OF THE EXECUTIVE ENGINEER. MINOR IRRIGATION DIVISION, MEDININAGAR

**e-Procurement Tender Notice, Two Envelope System**

Tender Reference No:- WRD/MID/MEDININAGAR/B.D./S.L.I.-01/2025-26
Letter no:- 188Date:- 17/05/2025

| | | |
|---|---|---|
| 1 | Name of Work: | Construction of Jhari Solar Lift Irrigation Scheme |
| 2 | Estimated Cost (Rs.) | 1,09,99,500=00 |
| 3 | Cost of tender document (Rs) | **Rs. 10,000=00** only (non-refundable). |
| 4 | Earnest Money Deposit (Rs.) | **Rs. 1,10,000=00** only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http://jharkhandtenders.gov.in) | Date:- 29.05.2025, Time- 04.00 PM |
| 8 | Last Date/Time for downloading of bidding documents and Submission of Tender on Website | Date:- 13.06.2025, Time:- 03.00 PM |
| 9 | Submission of Tender Fee and EMD | Start Date:- 29.05.2025, Time- 4.00 PM Last Date:- 13.06.2025, Time:- 3.00 PM |
| 10 | Technical Bid Opening Date | Date:- 14.06.2025, Time:-04.00 PM |
| 11 | Officer Inviting Bids | Executive Engineer Minor Irrigation Division Medininagar |
| 12 | (a) Contact No. of e-Procurement Officer ( (b) E-mail of e-Procurement Officer | 06562-240100 eemidmed-cemr-jhr@gmail.com |
| 13 | Help line No. of e-Procurement Cell | 0651-2214784 |

Note:-
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps **(DC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- **Only e-Tender will be accepted.** Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division, Medininagar.
PR 352964 Minor Irrigation(25-26)#D



ଆମେ କାନ୍ଦିବା ବେଳେ ଆମ ଆଖିରୁ ଲୁହ ବୋହିବା ସଙ୍ଗେ ସଙ୍ଗେ ଆମ ନାକରୁ ମଧ୍ୟ ପାଣି ବୋହିବା ଆମେ ସମସ୍ତେ ଲକ୍ଷ୍ୟ କରିଛେ । ହେଲେ କ'ଣ ଆପଣ ଜାଣନ୍ତି, ଆମେ କାନ୍ଦିବା ବେଳେ କାହିଁକି ନାକରୁ ପାଣି ବାହାରେ... ଆମେ ଜାଣିଛେ ଆମର ସମସ୍ତ ନାଡି ଓ କୋଷ ଗ୍ରନ୍ଥିକା ପରସ୍ପର ସହ ଜଡିତ। ଆମେ ଯେତେବେଳେ କାନ୍ଦୁ ସେତେବେଳେ ଅଶ୍ରୁ ଗ୍ରନ୍ଥିକାରୁ ବାହାରି ନଳିକାରେ ପ୍ରବେଶ କରିଥାଏ । ଯାହା ଆମ ନାକ ମଧ୍ୟକୁ ପ୍ରବେଶ କରେ । ସେଠାରେ ଲୁହ ବଲଗମ ତଥା ମ୍ୟୁକସ ସହ ମିଶି ନାକବାଟେ ବାହାରକୁ ବାହାରିଥାଏ । ତେବେ ମଣିଷ ଶରୀର ଭିତରେ ଥିବା ଇମୋସନ ଦ୍ୱାରା ତାର ଆଖିର ଆଇଲିଡ ପ୍ରଭାବିତ ହୋଇଥାଏ । ଆଇଲିଡ୍ ତଳେ ଥିବା ଗ୍ଲାଣ୍ଡ ବା କୋଷ ଗ୍ରନ୍ଥିକାରୁ ଲୁହ ବାହାରେ। ଯାହା ଆମ ଆଖିକୁ ସଫା ରଖେ ଏବଂ ଆଖିକୁ ଏକ ପ୍ରାକୃତିକ ତେଲ ପ୍ରଦାନ କରେ। ଯେତେବେଳେ ଆମେ କାନ୍ଦୁ ସେତେବେଳେ ଉପର ଏବଂ ତଳ ଆଖିର ଭିତର କୋଣରେ ଲୁହ ଜମାଟ ବାନ୍ଧେ ଏବଂ ନାକ ପାର୍ଶ୍ୱରେ ଚାଲିଥିବା ନାସୋଲାକ୍ରିମାଲ୍ ନଳୀରେ ଏହି ଲୁହ ଭରିଯାଏ । ତାପରେ ଏହା ନାକ ଭିତରେ ଥିବା ମ୍ୟୁକସ, ସଂକ୍ରମଣାତ୍ମକ କଣିକା ଏବଂ ରକ୍ତ ସହିତ ମିଶିଥାଏ । ଯାହା ଧିରେ ଧିରେ ଏକ ତରଳ ପଦାର୍ଥରେ ପରିଣତ ହୋଇ ନାକରନ୍ଧ୍ର ଦେଇ ବାହାରି ଥାଏ । ଫଳରେ ଆମ କାନ୍ଦିବା ବେଳେ ନାକବାଟେ ମଧ୍ୟ ଲୁହ ପ୍ରବାହିତ ହୋଇଥାଏ ।

# ଡାଳିମ୍ବ ଚୋପାରେ ରହିଛି ଔଷଧୀୟ ଗୁଣ



*ଖାଇବା ପାଇଁ ଡାଳିମ୍ବ ଯେତେ ସୁଆଦିଆ ଶରୀର ପାଇଁ ମଧ୍ୟ ସେତିକି ସ୍ୱାସ୍ଥ୍ୟକର । ଶରୀର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ କିଛି ବ୍ୟକ୍ତି ନିୟମିତ ଭାବେ ଡାଳିମ୍ବ ମଞ୍ଜି ଖାଇଥାନ୍ତି । କିନ୍ତୁ ଆପଣ ଜାଣିଛନ୍ତି କି ଡାଳିମ୍ବ ମଞ୍ଜି ଭଳି ତାହାର ଚୋପାରେ ମଧ୍ୟ ଅନେକ ଉପକାରୀ ଗୁଣ ରହିଛି। ଏହାର ଚୋପାରେ ଥିବା ଆଣ୍ଟିଏକ୍ସିଡ଼େଣ୍ଟ ପାଚନ ପକ୍ରିୟା ସକ୍ରିୟ କରିଥାଏ । ଏହା ସହ କର୍କଟ ସହ ଶରୀରର ବିଭିନ୍ନ ରୋଗ ସମସ୍ୟା ଦୂର କରିଥାଏ । ଆସନ୍ତୁ ଜାଣିବା ଡାଳିମ୍ବ ଚୋପାର ଉପକାରିତା*

ଶରୀରକୁ ସୁସ୍ଥ ରଖିବା ପାଇଁ ଡାଳିମ୍ବ ଚୋପା ପ୍ରସ୍ତୁତ ଚା'କୁ ଦୈନିକ ସେବନ କରିବା ଦ୍ୱାରା ଶରୀର ସୁସ୍ଥ ରହିବ। ଡାଳିମ୍ବ ଚୋପାରେ ଆଣ୍ଟିଅକ୍ସିଡ଼େଣ୍ଟ ସହିତ ଭିଟାମିନ୍ ସି , ଫେନୋଲିକ୍ସ ଏବଂ ଫ୍ଲେବୋନାଇର୍ଡ୍ସ ଆଦି ପୋଷକ ରହିଥାଏ । ଏଥିରେ ଚା' ପ୍ରସ୍ତୁତ କରିବା ପାଇଁ ଡାଳିମ୍ବ ଚୋପାକୁ ସଫା କରି ତାହାକୁ ଶୁଖାଇ ଗୁଣ୍ଡ କରିଦିଅନ୍ତୁ । ଏହି ଗୁଣ୍ଡକୁ ନିତିଦିନ ସକାଳେ ସନ୍ଧ୍ୟାରେ ଉଷୁମ ପାଣିରେ ମିଶାଇ ସେବନ କରନ୍ତୁ ।

■ ପାଚନ ସମ୍ବନ୍ଧୀୟ ସମସ୍ୟା ରହିଥିଲେ ଖାଦ୍ୟ ଗ୍ରହଣର ଏକ ଘଣ୍ଟା ପୂର୍ବରୁ ଉଷୁମ ପାଣି ସହ ଏକ ଚାମଚ ଡ଼ାଲିମ୍ ଚୋପା ଗୁଣ୍ଡ ସେବନ କରନ୍ତୁ । ଏହା ଦ୍ୱାରା ପାଚନ ପ୍ରକ୍ରିୟା ସଠିକ୍ ଭାବେ ହୋଇଥାଏ । ଡ଼ାଏରିଆ ବା ପେଟ ଖରାପ ସମୟରେ ଏହାର ସେବନ ବହୁ ଲାଭକାରୀ ହୋଇଥାଏ ।

■ ଡାଳିମ୍ବ ଚୋପାରେ ଆଣ୍ଟିଅକ୍ସିଡ଼େଣ୍ଟ ସହିତ ଭିଟାମିନ୍ ସି , ଫେନୋଲିକ୍ସ ଏବଂ ଫ୍ଲେବୋନାଇର୍ଡ୍ସ ଆଦି ରହିଥାଏ ଯାହା ହୃଦଜନିତ ରୋଗରୁ ରକ୍ଷା କରିଥାଏ । ଏହା ରକ୍ତଚାପକୁ ନିୟନ୍ତ୍ରିତ ରଖିବା ସହ ଶରୀରରେ କୋଲେଷ୍ଟ୍ରଲର ମାତ୍ରା ଠିକ୍ ରଖିଥାଏ ।

■ ପ୍ରତି ଦିନ ଏହାର ସେବନ ଦ୍ୱାରା ତ୍ୱଚାରେ ଉଜ୍ଜ୍ୱଳତା ରହିବା ସହ ଚର୍ମ ସମ୍ବନ୍ଧୀୟ ସଂକ୍ରମଣ ଆଦି ହୋଇନଥାଏ । ଏଥି ସହ ଗଣ୍ଠି ଜନିତ ଯନ୍ତ୍ରଣାରୁ ମୁକ୍ତି ମିଳିବା ସହ ହାଡ଼ ଶକ୍ତ ହୋଇଥାଏ ।

■ ସକାଳେ ସନ୍ଧ୍ୟା ସମୟରେ ଦୈନିକ ଉଷୁମ ପାଣି ସହ ଡ଼ାଲିମ୍ବ ଚୋପା ଗୁଣ୍ଡ ସେବନ କଲେ ଶରୀରରେ ଇମ୍ୟୁନିଟି ବଢ଼ାଇବା ସହ ଆଖି ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିଥାଏ । ଯଦି ଆପଣଙ୍କର ଗଳା ସମସ୍ୟା ରହିଛି ତେବେ ଏହାର ସେବନ ବହୁ ଲାଭକାରୀ ହୋଇଥାଏ ।

# ପ୍ରୋଫାଇଲ୍ ଫଟୋ ବଦଳାଇ ଅମୀର ଟ୍ରୋଲ୍



ବଲିଉଡ ସୁପରଷ୍ଟାର ଅମୀର ଖାନ ଏବେ ଚର୍ଚ୍ଚାରେ ରହିଛନ୍ତି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ଯୋଗୁଁ ଅମୀର ଖାନଙ୍କୁ ବହୁତ ଟ୍ରୋଲ କରାଯାଉଛି । ବଲିଉଡର ତିନି ଖାନ ଶାହରୁଖ, ସଲମାନ ଏବଂ ଅମୀର ଖାନ ଭାରତ-ପାକିସ୍ତାନ ବିବାଦକୁ ନେଇ କୌଣସି ପ୍ରତିକ୍ରିୟା ଦେଇନଥିଲେ। ଯାହା ପରେ ଏମାନଙ୍କୁ ଟ୍ରୋଲର କରାଯାଇଛି । ଯାହା ପରେ ଅମୀରଙ୍କ ଆଗାମୀ ଚଳଚ୍ଚିତ୍ର 'ସୀତାରେ ଜମିନ୍ ପର'କୁ ବୟକଟ କରିବା ପାଇଁ ଦାବି ହେଉଛି । ଏପରି ପରିସ୍ଥିତିରେ, ଅମୀର ଖାନ ଏକ ବଡ଼ ପଦକ୍ଷେପ ନେଇ ପୁଣି ଥରେ ଟ୍ରୋଲ ହୋଇଛନ୍ତି। ଅମୀର ଖାନଙ୍କ ପ୍ରଡକ୍ସନ ହାଉସ 'ଅମୀର ଖାନ ପ୍ରଡକ୍ସନ'ର ଏକ ଇନଷ୍ଟାଗ୍ରାମ ପେଜ୍ ଅଛି ଯାହାର ଡିପି (ଡିସପ୍ଲେ ଫିକ୍ଚର)ରେ ତ୍ରିରଙ୍ଗା ପତାକାରେ ପରିବର୍ତ୍ତନ କରାଯାଇଛି। ଏହା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। କିନ୍ତୁ ଅଭିନେତାଙ୍କୁ ଏବେ ବି ଟ୍ରୋଲ୍ କରାଯାଉଛି । ଇନଷ୍ଟାଗ୍ରାମ ବ୍ୟତୀତ, ଅମୀର ଖାନ ଫେସବୁକ ଏବଂ ଏକ୍ସ ହ୍ୟାଣ୍ଡେଲରେ ତାଙ୍କର ଡିପି ମଧ୍ୟ ପରିବର୍ତ୍ତନ କରିଛନ୍ତି। ଏବେ ଏହାକୁ ନେଇ ଅଭିନେତାଙ୍କୁ ମଧ୍ୟ ଏଥିରେ ବହୁତ ଟ୍ରୋଲ୍ କରାଯାଉଛି। ଲୋକମାନେ ଫିଲ୍ମ 'ସୀତାରେ ଜମିନ୍ ପର'କୁ ବୟକଟ ପାଇଁ ଦାବି କରୁଛନ୍ତି। କହିବାକୁ ଗଲେ 'ସୀତାରେ ଜମିନ୍ ପର'କୁ 'ଆର.ଏସ୍ ପ୍ରସନ୍ନ ନିର୍ଦ୍ଦେଶନା ଦେଇଛନ୍ତି । ଅମୀର ଖାନ ଏବଂ ଅପର୍ଣ୍ଣା ପୁରୋହିତ ଏହାକୁ ପ୍ରଯୋଜନା କରିଛନ୍ତି । ଏଥିରେ ଅମୀର ଖାନ ବାସ୍କେଟବଲ୍ ଟିମ୍ ସହିତ ନଜର ଆସିବେ । ଜେନେଲିଆ ଡିସୁଜା ମଧ୍ୟ ଏହି ଫିଲ୍ମରେ ନଜର ଆସିବେ । ଏହି ଫିଲ୍ମଟି ୨୦ ଜୁନ୍ ୨୦୨୫ରେ ସିନେମା ହଲରେ ମୁକ୍ତିଲାଭ କରିବାକୁ ଯାଉଛି ।

## ଖାଲି ପେଟରେ କଫି ପିଉଥିଲେ ଭୋଗିବେ ବଡ଼ ସମସ୍ୟା



ଖାଲି ପେଟରେ କଫି ପିଉଛନ୍ତି କି ତାହାଲେ ହୋଇଯାଆନ୍ତୁ ସାବଧାନ । ନହେଲେ ଆପଣ ବି ଏହି ଭୟଙ୍କର ରୋଗର ଶିକାର ହେବେ। ପ୍ରାୟ ସମସ୍ତେ ସକାଳ ହେଉ ବା ସନ୍ଧ୍ୟା ରେ କଫି ପିଇଥାଆନ୍ତି । କିନ୍ତୁ ଖାଲି ପେଟରେ କଫି ପିଇଲେ ଆମକୁ ଅନେକ ରୋଗ ହେବାର ସମ୍ଭାବନା ଥାଏ । ଖାଲି ପେଟରେ କଫି ପିଇବା ଦ୍ୱାରା ଶରୀରରେ ଏସିଡିଟି ଭଳି ସମସ୍ୟା ଦେଖା ଦେଇଥାଏ । ଏବଂ ଶରୀରରେ ଥିବା କୋର୍ଟିସୋଲ ହରମୋନ୍ ଲେବୁଲ୍ ବଢିଯାଇଥାଏ ଯାହା ଓଜନ, ହରମୋନ୍, ଓଭ୍ୟୁଲୋସନ ଉପରେ ଖରାପ ପ୍ରଭାବ ପକାଇଥାଏ । ସକାଳୁ ଷ୍ଟ୍ରେସ୍ ହରମୋନ୍ ଲେବୁଲ୍ ଅଧିକ ରହିଥାଏ । କଫି ସେବନ ଦ୍ୱାରା କୋର୍ଟିସୋଲ ହରମୋନ୍ କମିବା ଦ୍ୱାରା ବଢିଯାଏ । ଯଦି ଆପଣ ପ୍ରତିଦିନ ସକାଳୁ ଖାଲି ପେଟରେ କଫି ପିଉଛନ୍ତି । ତେବେ ଆପଣଙ୍କୁ ଭୋକ ଲାଗିବା ମଧ୍ୟ କମ୍ ହୋଇଯାଏ । ବିଶେଷଜ୍ଞମାନଙ୍କ ଅନୁଯାୟୀ ଖାଲି ପେଟରେ କଫି ପିଇଲେ ହାଡ କମଜୋର ହେବା ସହିତ ଦାନ୍ତ ମଧ୍ୟ ନଷ୍ଟ ହୋଇଥାଏ । ତେଣୁ ସକାଳୁ ଖାଲି ପେଟରେ କଫି ପିଇବା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇଥାଏ ।

## ଶିଳ୍ପା ଶିରୋଡକରଙ୍କୁ କରୋନା



ବିଗ୍ ବସ୍ ୧୮ ସିଜିନରେ ଆସିଥିବା ଅଭିନେତ୍ରୀ ଶିଳ୍ପା ଶିରୋଡକରଙ୍କୁ କୋଭିଡ ପଜେଟିଭ ଚିହ୍ନଟ । ଅଭିନେତ୍ରୀ ଜଣକ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ଫ୍ୟାନ୍ସଙ୍କୁ ଅପଡେଟ୍ ଦେଇଛନ୍ତି । ଅଭିନେତ୍ରୀ ଶିଳ୍ପା ସୋମବାର ଦିନ ସୋସିଆଲ ମିଡିଆରେ ସେ ତାଙ୍କ କୋଭିଡ ପଜିଟିଭକୁ ନେଇ ଖୁଲାସା କରିଛନ୍ତି । ସେୟାର କରିଥିବା ତାଙ୍କର ସେହି ଭିଡିଓ ବର୍ତ୍ତମାନ ଖୁବ୍ ଜୋରରେ ଭାଇରଲ ହେବାରେ ଲାଗିଛି । ଏହି ଭିଡିଓ ଦେଖିବା ପରେ ଫ୍ୟାନ୍ସ ଏବଂ ସାଙ୍ଗମାନେ ତାଙ୍କ ପାଇଁ ମଙ୍ଗଳ କାମନା କରିଛନ୍ତି । ଏହା ବ୍ୟତୀତ ଫିଲ୍ମ ଇଣ୍ଡଷ୍ଟିରିର କିଛି ଆକ୍ଟ୍ରେସ ମଧ୍ୟ ତାଙ୍କ ଆରୋଗ୍ୟ କାମନା କରିଛନ୍ତି ।ଏପଟେ ସେ ଭିଡିଓ ସେୟାର କରି ଲେଖିଛନ୍ତି ଯେ, ସେ କୋଭିଡର ଶିକାର ହୋଇଛନ୍ତି। ତାଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି। ତେଣୁ ଆପଣ ସୁରକ୍ଷିତ ରୁହନ୍ତୁ, ମାସ୍କ ପିନ୍ଧନ୍ତୁ କହି ଏକ ହାର୍ଟ ସେପର ଏକ ଇମୋଜି ସେୟାର କରିଛନ୍ତି । ଅନ୍ୟପଟେ ସୋନାକ୍ଷୀ ସିନ୍ହା ତାଙ୍କ ପାଇଁ ଚିନ୍ତିତ ହୋଇପଡିଛନ୍ତି। ଶିଳ୍ପାଙ୍କ ଲେଖାର ପ୍ରତିକ୍ରିୟା ଦେବାକୁ ଯାଇ ସେ କହିଛନ୍ତି ଯେ, ନିଜର ଯତ୍ନ ନିଅ ଏବଂ ଶୀଘ୍ର ସୁସ୍ଥ ହୋଇଯାଅ । ଏହା ସହିତ ସୋନାକ୍ଷୀ ମଧ୍ୟ ଏକ ହାର୍ଟ ଇମୋଜି ସେୟାର କରିଛନ୍ତି । ସୋନାକ୍ଷୀଙ୍କ ସମେତ ଶିଳ୍ପାଙ୍କ ଭଉଣୀ, ଫ୍ୟାନ୍ସ ଏବଂ ଅନ୍ୟ ସେଲିବ୍ରିଟିମାନେ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି । ସୂଚନାଯୋଗ୍ୟ, ଶିଳ୍ପା ଶିରୋଦକର ୧୯୮୯ ମସିହାରେ ମିଥୁନ ଚକ୍ରବର୍ତ୍ତୀଙ୍କ ଫିଲ୍ମ 'ଭ୍ରଷ୍ଟାଚାର' ସହିତ ବଲିଉଡରେ ଡେବ୍ୟୁ କରିଥିଲେ। ସେ ତେଲୁଗୁ ଏବଂ ତାମିଲ ଫିଲ୍ମରେ ମଧ୍ୟ ଅଭିନୟ ଯାଦୁ ଦେଖାଇଛନ୍ତି । ସେ ଟେଲିଭିଜନ ଜଗତରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିଛନ୍ତି । ଏଥି ସହିତ ୫୧ ବର୍ଷୀୟ ଶିଳ୍ପା ଶିରୋଡକର ବିଗ୍ ବସ୍ ୧୮ ସିଜିନରେ ନଜର ଆସିଥିଲେ। ସେ ୬ଜଣ ୱିନରଙ୍କ ମଧ୍ୟରେ ଥିଲେ । କିନ୍ତୁ ଫାଇନାଲରେ ବିଜୟ ଟ୍ରଫିକୁ ହାସଲ କରି ପାରିନଥିଲେ ।

## ଫୋର୍ବସ ତାଲିକାରେ ଅନନ୍ୟା



ପ୍ରତି ବର୍ଷ ଭଳି ଫୋର୍ବସ ପତ୍ରିକା ଏବର୍ଷ ମଧ୍ୟ ନିଜର '୩୦ ଅଣ୍ଡର ୩୦ ଏସିଆ' ତାଲିକା ଜାରି କରିଛି । ଏହି ତାଲିକାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୩୦ ବର୍ଷରୁ କମ୍ ବୟସର ୩୦ଜଣଙ୍କୁ ସାମିଲ କରାଯାଇଥାଏ । ଫିଲ୍ମ ଓ ମନୋରଞ୍ଜନ କ୍ଷେତ୍ରରୁ ଏବର୍ଷ ଏଥିରେ ୪ ଜଣ ସ୍ଥାନ ପାଇଛନ୍ତି । ସେମାନଙ୍କ ମଧ୍ୟରେ ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ସାମିଲ । ବର୍ତ୍ତମାନ ସମୟର ଦୁଇ ଲୋକପ୍ରିୟ ଅଭିନେତ୍ରୀ ଜାହ୍ନବୀ କପୁର ଓ ସାରା ଅଲ୍ଲୀ ଖାନ୍‌ଙ୍କୁ ପଛରେ ପକାଇ ସେ ଏହି ସଫଳତା ହାସଲ କରିଛନ୍ତି । ୨୦୧୯ରେ ଆସିଥିବା 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨' ଫିଲ୍ମ ମାଧ୍ୟମରେ ବଲିଉଡ୍ ଡେବ୍ୟୁ କରିଥିଲେ ଅନନ୍ୟା । ଏହାପରେ ତାଙ୍କୁ 'ପତି ପତ୍ନୀ ଔର ୱୋ', 'ଲାଇଗର', 'ଖୋ ଗୟେ ହମ୍ କହାଁ', 'କେସରୀ-୨' ଭଳି ଫିଲ୍ମରେ ଦେଖିବାକୁ ମିଳିଥିଲା । ଅଭିନୟ ବ୍ୟତୀତ ଅନନ୍ୟା ସୋସିଆଲ୍ ମିଡିଆରେ ବି ବେଶ୍ ସକ୍ରିୟ । ତାଙ୍କର ଇନ୍‌ଷ୍ଟାଗ୍ରାମରେ ପ୍ରାୟ ୨୫.୯ ନିୟୁତ ଫଲୋଅର୍ସ ଅଛନ୍ତି । ଫୋର୍ବସ ତାଲିକାରେ ଅନନ୍ୟା ପାଣ୍ଡେଙ୍କ ସହ ଅଭିନେତା ଇଶାନ୍ ଖଟ୍ଟର, ଫିଲ୍ମ ନିର୍ମାତା ସୁଲଗ୍ନା ଚାଟାର୍ଜୀ, ଗାୟକ ଓ ଗୀତିକାର ଅନୁଭ ଜୈନ୍ ମଧ୍ୟ ସ୍ଥାନ ପାଇଛନ୍ତି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ନଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ସୋମବାର ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଓ ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡାଙ୍କ ଅଧକ୍ଷତାରେ ଶିବିରଟି ଆୟୋଜିତ ହୋଇଥିଲା। ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ବିଡ଼ିଓ କ୍ଷୀରୋଦ ଚନ୍ଦ୍ର ସାହୁ, ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର ଓ ଦିବ୍ୟଦାନ ସୁନା ଉପସ୍ଥିତ ରହିଥିଲେ। ଏତଦ୍ ବ୍ୟତୀତ ବିଭିନ୍ନ ବିଭାଗ ଯଥା କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ , ସମନ୍ୱିତ ଆଦିବାସୀ ଉନ୍ନୟନ, ଗ୍ରାମ୍ୟ ସଡ଼କ ବିଭାଜନ, ପାନୀୟ ଜଳ, ଅବକାରୀ, ଜଙ୍ଗଲ ଏବଂ କୃଷି ଉଦ୍ୟାନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଛଅ ଗୋଟି ସାମୂହିକ ସମସ୍ୟା ଆଧାରିତ ଓ ଉଣେଇଶି ଗୋଟି ବ୍ୟକ୍ତିଗତ ଅଭିଯୋଗ ଆସିଥିଲା। ମୋଟ ପଚିଶ ଗୋଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା। ଅଭିଯୋଗ ଦରଖାସ୍ତ ଗ୍ରହଣ ପରେ ସଂପୃକ୍ତ ବିଭାଗ ଗୁଡ଼ିକୁ ସମାଧାନ ପାଇଁ ପ୍ରେରଣ କରାଯିବ ବୋଲି ସୂଚନା ମିଳିଥିଲା। ପାନୀୟ ଜଳ ଓ ରାସ୍ତା ଘାଟ ଆଧାରିତ ସମସ୍ୟା ସାମୂହିକ ଅଭିଯୋଗର ମୁଖ୍ୟ ପ୍ରସଙ୍ଗ ରହିଥିଲା। ଜିଲ୍ଲାପାଳଙ୍କ ଉପସ୍ଥିତିରେ ତିନି ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ମଧ୍ୟ ବଣ୍ଟନ କରାଯାଇଥିଲା।

# ଅସ୍ତରଙ୍ଗରେ ଅନେକ ଅଜଣା ବାଂଲାଦେଶୀ

- ଚୋରି, ଡ୍ରଗ୍ସ କାରବାରରେ ସମ୍ପୃକ୍ତି ସୂଚନା
- ଗୁଇନ୍ଦା ନିକଟରେ ତଥ୍ୟ ଯଦିଓ ଥିବ ଧରା ହେଉନାହାନ୍ତି
- ଚିହ୍ନଟ ପାଇଁ ପ୍ରଶାସନ ସଜବାଜ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବନ୍ଧା ହେବେ ବାଂଲାଦେଶୀ। ବାଂଲାଦେଶୀ ଅନୁପ୍ରବେଶ କାରୀଙ୍କ ଉପରେ ଚଢ଼ାଉ ହେବ ବୋଲି ଏସଟିଏଫ ଡିଆଇଜି ପିନାକ ମିଶ୍ରଙ୍କ ସୂଚନା ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଥିବା ବାଂଲାଦେଶୀ ଅନୁପ୍ରବେଶକାରୀ ମାନେ ଛାନିଆ ହୋଇପଡିଛନ୍ତି। ଏମାନେ ବିନା ଭିଶା ଓ ପାସପୋର୍ଟରେ ଏଠାରେ ରହୁଥିବା କୁହାଯାଇଛି। ସୂଚନା ଅନୁସାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକଣ୍ଠରେ ଥିବା ଗ୍ରାମାଞ୍ଚଳରେ ରହି କାମ କରୁଥିବା ସହ ବସତିସ୍ଥାପନ କରି ଅନୁପ୍ରବେଶକାରୀ ରହୁଥିବା ଜଣାପଡିଛି। ଏମାନେ କେଉଁ ଅଞ୍ଚଳରୁ ଆସିଛନ୍ତି, ଏଠାରେ ରହି କ'ଣ କରୁଛନ୍ତି ତାହା ଉପରେ କାହାର ନଜର ରହୁନାହିଁ। ଅସ୍ତରଙ୍ଗ ହେଉ ଅବା ବିଭିନ୍ନ ଗ୍ରାମାଞ୍ଚଳରେ ରହି କେତେକ ଠିକାସଂସ୍ଥା ଦ୍ୱାରା ନିର୍ମିତ ଘର କାମ ମଧ୍ୟ କାମ କରୁଛନ୍ତି କିନ୍ତୁ ତାଙ୍କର ସମ୍ପୂର୍ଣ୍ଣ ଠିକଣା ବିବରଣୀ ସ୍ଥାନୀୟ ପୋଲିସ ନିକଟରେ ନାହିଁ ବୋଲି ସୂଚନା ମିଳିଛି। ଏହାର ସୁଯୋଗରେ ସେମାନେ ସ୍ଥାନୀୟ ଗ୍ରାମାଞ୍ଚଳରେ ବସତି ସ୍ଥାପନ କରି ରହିଯାଉଛନ୍ତି। ବିଭିନ୍ନ ସମୟରେ ଏହି ଅନୁପ୍ରବେଶକାରୀ ମାନେ ଛୋଟ ଚୋରି ଠାରୁ ଆରମ୍ଭ କରି ଧଳା ଜହର କାରବାର ସମ୍ପୃକ୍ତ ରହୁଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଅଞ୍ଚଳରେ ଘରୋଇ ଲୋକଙ୍କ କୋଠା ନିର୍ମାଣ ହେଉ ଅବା ସରକାରୀ କୋଠା ନିର୍ମାଣ କାର୍ଯ୍ୟ କରୁଥିବା ଚର୍ଚ୍ଚା ହେଉଥିବା ବେଳେ ଏମାନଙ୍କ ମଧ୍ୟରୁ ଅଧିକାଂଶ ବାଂଲାଦେଶୀ ବୋଲି ଚର୍ଚ୍ଚା ହେଉଥିଲେ ମଧ୍ୟ ସେମାନଙ୍କ ପଶ୍ଚିମବଙ୍ଗ ଅଂଚଳ ବୋଲି କହୁଛନ୍ତି। ନିଜର ପ୍ରକୃତ ପରିଚୟ ଲୁଚାଇବା ପାଇଁ ଏମାନେ ମାର୍ବଲ ମିସ୍ତ୍ରୀ, ଫେରିବାଲା, ରଙ୍ଗୱାଲା, ରାଜମିସ୍ତ୍ରୀ ଭାବେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଛନ୍ତି। ଏପରି କାର୍ଯ୍ୟ ନିମନ୍ତେ କୌଣସି ପରିଚୟପତ୍ରର ଆବଶ୍ୟକତା ନଥିବାରୁ ଏପରି ପେଶା ସେମାନଙ୍କୁ ସୁହାଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗକୁ ପ୍ରତ୍ୟେକ ସପ୍ତାହରେ ଆଳୁ ବୋଝେଇ ଟ୍ରକ ଆସିଥାଏ। ଏଥିରେ ମଧ୍ୟ ଯାତାୟାତ କରିଥାନ୍ତି। କୋଭିଡ ସମୟରେ ଏପରି ଯାତାୟାତ କରୁଥିବା ଅନୁପ୍ରବେଶକାରୀଙ୍କୁ ପୁଲିସ ଅଟକାଇଥିବାର ନଜିର ରହିଛି। କାକଟପୁରରୁ କଲିକତା ଯାତ୍ରୀବସ ଯାତାୟାତ ପାଇଁ ସୁବିଧା ରହିଛି। ଏମାନେ ଅସ୍ତରଙ୍ଗରେ କିଛିଦିନ ରହିବା ପରେ ସ୍ଥାନୀୟ ବାସିନ୍ଦା ହୋଇଯାଉଛନ୍ତି। ଏହି ଅଞ୍ଚଳର ଝିଅମାନଙ୍କୁ ବିବାହ ପରେ ସ୍ଥାନୀୟ ପରିଚୟ ପତ୍ର ହାତେଇବାରେ ସେମାନଙ୍କୁ ସୁବିଧା ହେଉଛି। ସ୍ଥାନୀୟ ବାସିନ୍ଦା ହୋଇଯିବା ପରେ ସେମାନେ ଫେରିବାଲା ନଚେତ ଗୁପଚୁପ ବେପାର କରିବା ଆଳରେ କିଛି ଲୋକଙ୍କୁ ଆଣି ନିୟୋଜିତ କରାଉଛନ୍ତି। ସେମାନଙ୍କୁ ପଶ୍ଚିମବଙ୍ଗର ବୋଲି ପରିଚିତ କରାଯାଉଛି। ସ୍ଥାନୀୟ ଅଞ୍ଚଳରେ କିଛି ଲୋକ ସେମାନଙ୍କୁ ସହଯୋଗ କରୁଥିବାରୁ ଅନୁପ୍ରବେଶକାରୀ ସଂଖ୍ୟା ବଢୁଛି ବୋଲି ଅନୁମାନ କରାଯାଉଛି। ସାଧାରଣରେ ସେମାନେ ଘର ଭଡା ନେଇ ରହୁଛନ୍ତି କିଛିଦିନ ପରେ ଘର ମାଲିକଙ୍କୁ ଟଙ୍କା ମଧ୍ୟ ଦେଉଛନ୍ତି। ଫେରିବାଲା ଏତେ ଟଙ୍କା କିପରି ଦେଉଛନ୍ତି ଏକ ଆଶ୍ଚର୍ଯ୍ୟ ଘଟଣା। ଏହା ସହ ଅସ୍ତରଙ୍ଗ ଅଞ୍ଚଳରେ କିଛି ପେଟି କଣ୍ଟ୍ରାକ୍ଟର ସହ କୁଜି ରାଜନେତା ସହଯୋଗ କରୁଥିବାର ଚର୍ଚ୍ଚା ହେଉଛି। ଏମାନଙ୍କ ଦ୍ୱାରା ଅସ୍ତରଙ୍ଗ ଅଞ୍ଚଳ ହେଉ ଅବା ଜଗତସିଂହପୁର ଜିଲ୍ଲାକୁ ଯାତାୟାତ ରାସ୍ତା ତାଳଦା ସେତୁ ନିକଟରେ ଡ୍ରଗ୍ସ କାରବାର ବ୍ୟାପକ ହେଉଥିବା ଶୁଣିବାକୁ ମିଳୁଛି। ରାଜ୍ୟ ବାହାରେ ବିଭିନ୍ନ ଅପରାଧିକ ଘଟଣା ଘଟାଇ ଅସ୍ତରଙ୍ଗ ଅଞ୍ଚଳରେ ବିଭିନ୍ନ ବେଶ ପରିବର୍ତ୍ତନ କରି ରହୁଛନ୍ତି। ଦିନରେ ଫେରିବାଲା ଭାବେ ବୁଲି ନକ୍ସା କରିବା ପରେ ରାତିରେ ଛୋଟ ମୋଟ ଚୋରି କରୁଛନ୍ତି। ସବୁ ଚୋରି ଘଟଣା ସମ୍ପର୍କରେ ପୁଲିସ ନିକଟରେ ଅଭିଯୋଗ ହେଉନଥିବାରୁ ଏମାନଙ୍କର ଗତିବିଧି ଉପରେ ପୁଲିସ ବିଶେଷଭାବେ ଗୁରୁତ୍ୱ ଦେଉନାହିଁ ବୋଲି ଆଲୋଚନା ହେଉଛି। ସବୁଠାରୁ ସଙ୍ଗିନ ପ୍ରସଙ୍ଗ ଏମାନଙ୍କ ମଧ୍ୟରୁ ଏକାଧିକ ଯୁବତୀ ଲୁଚାଛପାରେ ଦେହ ବ୍ୟବସାୟ କରୁଛନ୍ତି। କିନ୍ତୁ ସ୍ୱତନ୍ତ୍ର ଯାଞ୍ଚ ନ ହେବାରୁ ପୁଲିସ ଟେର ପାଉନି।

# କିଟ୍ ଓ କିସ୍ ପକ୍ଷରୁ ଆର୍ଟ ଅଫ୍ ଗିଭିଂ ସମାରୋହ




ଭଦ୍ରକ, (ଭାସ୍କର ନ୍ୟୁଜ୍): ଭଦ୍ରକରେ ଜିଲ୍ଲା ସ୍ତରୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳନ ସମାରୋହ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ସେଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି ଜିଲ୍ଲା ସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ଜିଲ୍ଲାସ୍ତରୀୟ ଆର୍ଟ ଅଫ୍ ଗିଭିଂ ସମାରୋହକୁ ଉଦଘାଟନ କରିବା ସହିତ ଆର୍ଟ ଅଫ୍ ଗିଭିଂ ହେଉଛି ସାମ୍ପ୍ରତିକ ସମାଜ ପାଇଁ ଏକ ସମୟ ଉପଯୋଗୀ ଆଦର୍ଶ ଚିନ୍ତନ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପ୍ରଫେସର ରାମଚନ୍ଦ୍ର ପଣ୍ଡା, ଭଦ୍ରକ ବିଧାୟକଙ୍କ ପ୍ରତିନିଧି ତଥା ସମାଜସେବୀ ଶେଖର ମହାପାତ୍ର, ଅଧାପକ ଶୁଭେନ୍ଦୁ କୁମାର ବରାଳ, କିଟ୍ ବିଶ୍ୱ ବିଦ୍ୟାଳୟର ନିର୍ଦ୍ଦେଶକ ସ୍ନେହାଶିଷ ରାଉତ ପ୍ରମୁଖ ଯୋଗଦେଇ ଆର୍ଟ ଅଫ୍ ଗିଭିଂ ଦିବସ ପାଳନର ପରିକଳ୍ପନା କରିଥିବା ଡ. ଅଚ୍ୟୁତ ସାମନ୍ତଙ୍କ ଆଦର୍ଶ କାର୍ଯ୍ୟ ଓ ତାଙ୍କ ମାନବିକ ମୂଲ୍ୟବୋଧ ଉପରେ ଆଲୋଚନା କରିବା ସହିତ ସମସ୍ତେ ତାଙ୍କ ଭଳି ସମର୍ପିତ ମନୋଭାବ ନେଇ କାର୍ଯ୍ୟ କଲେ ଆର୍ଟ ଅଫ୍ ଗିଭିଂର ଯଥାର୍ଥତା ପ୍ରତିପାଦନ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାରେ ସମର୍ପିତ ମନୋଭାବ ନେଇ ସମାଜ ସେବାରେ ବ୍ରତୀ ଥିବା ପୂର୍ବତନ ସରପଞ୍ଚ ଗୋଲକ ଚନ୍ଦ୍ର ସାମଲ, ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ବେହେରା, ଆଦର୍ଶ ପ୍ରଧାନଶିକ୍ଷକ ନିରଞ୍ଜନ ସେଠୀ, ଆଦର୍ଶ ଶିକ୍ଷୟିତ୍ରୀ ଜୟନ୍ତୀ କର ଶର୍ମା, ଆଦର୍ଶ ଅଧାପକ ଶୁଭେନ୍ଦୁ କୁମାର ବରାଳ, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଓଡିଶା ଟପର ହୋଇଥିବା ଛାତ୍ର କାବ୍ୟ ରଞ୍ଜନ ମାଝୀ, ଆଦର୍ଶ ସଂଗଠନ ଭାବେ ଜିଲ୍ଲା ଏକତା ରକ୍ତଦାନ ସଂଗଠନ ଆଦିଙ୍କୁ ଆର୍ଟ ଅଫ୍ ଗିଭିଂ ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଭଦ୍ରକର ବିଭିନ୍ନ ଅଞ୍ଚଳରୁ ପ୍ରାୟ ଦୁଇଶହରୁ ଅଧିକ ବୁଦ୍ଧିଜୀବୀ ଓ ଯୁବକ ଏବଂ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସାମ୍ବାଦିକ ନରେନ୍ଦ୍ର କୁମାର ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କିସ୍ ଜିଲ୍ଲା ସଂଯୋଜକ ବିରେନ ମହାଳିକ ସୂଚନା ଦେଇଥିଲେ ଏବଂ ଶେଷରେ କିଟ୍‌ର କ୍ଷେତ୍ରୀୟ ଅଧିକାରୀ ଦୀପକ ବେହେରା ଧନ୍ୟବାଦ ଦେଇଥିଲେ।

# ମାନସିକ ବିକାରଗ୍ରସ୍ତ ନବାଳିକା ଗର୍ଭବତୀ ଅଭିଯୋଗରେ ଜେଲ ଗଲେ ଯୁବକ



ବାଲିମେଳା, (ଭାସ୍କର ନ୍ୟୁଜ୍): ଜଣେ ୧୭ ବର୍ଷୀୟ ପ୍ରାୟ ୫୦ ପ୍ରତିଶତ ମାନସିକ ରୋଗରେ ପୀଡିତ ଥିବା ନାବାଳିକାର ସରଳତାର ସୁଯୋଗ ନେଇ ଗର୍ଭବତୀ କରିବା ଅଭିଯୋଗରେ ଗିରଫ ହୋଇ ଜେଲ ଗଲେ ଜଣେ ଯୁବକ। ସେ ହେଉଛନ୍ତି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଅଧିନସ୍ଥ ଏମଭି-୩୬ ଗ୍ରାମରେ ରହୁଥିବା ହରବିଳାସ ମିସ୍ତ୍ରୀଙ୍କ ପୁଅ ସତ୍ୟମ ମିସ୍ତ୍ରୀ। ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗତ ୧୭ ତାରିଖ ଶନିବାର ଦିନ ନାବାଳିକାଙ୍କ ପରିବାରଲୋକେ ଓର୍କେଲ ଥାନାରେ ଦ୍ୱାରସ୍ଥ ହୋଇ ଏନେଇ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ପକ୍ଷରୁ ଥାନାରେ ମାମଲା ରୁଜୁ କରିବା ସହିତ ଘଟଣାରେ ସମ୍ପୃକ୍ତ ଥିବା ସତ୍ୟମକୁ ଏସଆଇ ହରପ୍ରିୟା ଶବରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ରବିବାର ଦିନ ତାଙ୍କ ଗ୍ରାମରେ ଥିବା ଘରୁ ଗିରଫ କରିଥିଲେ। ପୋଲିସ ପକ୍ଷରୁ ସୋମବାର ତାର ଡାକ୍ତରୀ ମାଇନା କରାଯିବା ପରେ ଘଟଣାରେ ସମ୍ପୃକ୍ତ ଥିବା ସତ୍ୟମକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଦାୟିତ୍ୱରେ ଥିବା ଏସଆଇ ଅଜିତ ସିଂ ବରିହା ସୂଚନା ଦେଇଛନ୍ତି। ତେବେ ମିଳିଥିବା ସୂଚନା ମୁତାବକ ଗତ ୩/୪ ଦିନ ପୂର୍ବେ ନାବାଳିକା ଜଣକ ପ୍ରବଳ ପେଟ କାଟିବା ସହିତ ବାନ୍ତି କରବା ଯୋଗୁଁ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ପରିବାର ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ପୁନର୍ବାର ଗତ ୧୬ ତାରିଖ ଦିନ ପେଟ କାଟିବା ସହ ସେ ବାନ୍ତି କରିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ମାଲକାନଗିରି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନାବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେ ଦୁଇମାସ ଗର୍ଭବତୀ ଥିବା ନେଇ ଡାକ୍ତର ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ବର୍ତ୍ତମାନ ନବାଳିକାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ନଥିବାରୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇପାରି ନାହିଁ। ସ୍ୱାସ୍ଥ୍ୟ ଠିକ ହେବା ପରେ ବୟାନ ରେକର୍ଡ କରାଯିବ ବୋଲି ଥାନା ଅଧିକାରୀଙ୍କ ଦାୟିତ୍ୱରେ ଥିବା ଏସଆଇ ବରିହା ସୂଚନା ଦେଇଛନ୍ତି।

## ବିଜେପି କାନ୍ତକବି ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧିନ କାନ୍ତକବି ମଣ୍ଡଳ ପକ୍ଷରୁ ରବିବାର ସନ୍ଧ୍ୟାରେ ଅପରେସନ ସିନ୍ଦୂର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଅଚକ ପେଟ୍ରୋଲ ପମ୍ପ ନିକଟରୁ ବାହାରି ଅଚକ ଓ ନନ୍ଦପୁର ଗ୍ରାମ ପରିକ୍ରମା କରିଥିଲା। ମଣ୍ଡଳ ସଭାପତି ସରୋଜ ନାୟକ, ଯୁବନେତା ସୂର୍ଯ୍ୟନାରାୟଣ ଭୋଇ, ତପନ ପାଢ଼ୀ, ଭରତ ସାହୁ, ଯଜ୍ଞଦତ୍ତ ପତି, ସନ୍ତୋଷ ମିଶ୍ର, ନାରାୟଣ ସେଠୀ, ପ୍ରଭାତ ବେହେରା, ଏସ୍.କେ ୱାଲିଦ, ଜୁଲୁ ଶାହା, ରଂଜିତ ଭୋଇ, ଶଶିକାନ୍ତ ନାୟକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥଲେ।

# ଜିଲ୍ଲାପାଳ ଓ ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆରେ ମାସର ତୃତୀୟ ସମବାର ଦିନ ମୟୁରଭଞ୍ଜ ଜିଲାପାଳ ଓ ଏସପିଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଛି। ସେହି ଅନୁଯାଇ ଚଳିତ ମାସ ତୃତୀୟ ସୋମବାର ସର୍ବସାଧାରଣଙ୍କ ଅଭିଯୋଗର ଶୁଣାଣି ପାଇଁ ଜିଲ୍ଲାପାଳ ହେମକାନ୍ତ କୁମାର ସୟ ଓ ଜିଲ୍ଲାର ଏସପି ବରୁଣ ଘୁଣ୍ଟୁପାଳି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି। ଏଥିରେ ୮୪ ଗୋଟି ମୋଟ ଅଭିଯୋଗ ଆଗତ ହୋଇଥଲା, ସେଥିରୁ ୬୮ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୧୬ଟି ଗୋଷ୍ଠୀଗତ ଥିଲା। ମୋଟ ଅଭିଯୋଗକାରୀଙ୍କ ମଧ୍ୟରୁ ୫ ଗୋଟି ଅଭିଯୋଗର ତତ୍କାଳ ଶୁଣାଣୀ ହୋଇଥଲା। ମୋଟ ଅଭିଯୋଗକରୀଙ୍କ ମଧ୍ୟରୁ ୫ ଜଣଙ୍କୁ ୨୫ ହଜାରଟଙ୍କ ସହାୟତା ପ୍ରଦାନ କରଯାଇଥିଲା। ସେଥିରୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୨ ଜଣ ଠାକୁରମୁଣ୍ଡା ବ୍ଲକ, ଜଡିବେଡା ଗ୍ରାମର ସୁରେନ୍ଦ୍ର ମହାନ୍ତ ଓ ଶୁକ୍ଳୁଲି ବ୍ଲକ ପାଣ୍ଡରସିଲ ଗ୍ରାମର କୁନି ସାହୁଙ୍କୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯାଇ ଥିଲା। ସେହିପରି ରେଡକ୍ରସ ଫଣ୍ଡରୁ ୩ଜଣ ଶୁକ୍ଳୁଲି ବ୍ଲକ ଜାମୁଡି ଗ୍ରାମର ଅଜିତ୍ କୁମାର ବେହେରା, ଠାକୁରମୁଣ୍ଡା ବ୍ଲକ ଟିକରପଡ଼ା ଗ୍ରାମର କରୁଣା ମହାରଣା ଓ ସାଲେଇବେଡ଼ା ଗ୍ରାମର ଚନ୍ଦନ ଦେହୁରୀଙ୍କୁ ୫ ହଜାର ଲେଖାଏଁ ସହାୟତା ପ୍ରଦାନ କରଯାଇଥିଲା। ଏହି ଶିବିରରେ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସଙ୍କ ସହିତ ପିଏଆଇଟିଡିଏ ଚିତ୍ତରଂଜନ ମହାନ୍ତ ଉପଖଣ୍ଡ ପୋଲିସ ଅଧିକାରୀ ନବ କ୍ରିଷ୍ଣ ନାଏକ, ଡିଏଫ୍ଓ ସାଇ କିରଣ ଡିଏନ୍, ଏସିଏଫ୍ ପ୍ରଭାତ କୁମାର କୁଆଁର ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତ, ଶୁକ୍ଳୁଲି ତହସିଲଦାର ଯତୀନ୍ଦ୍ର ନାଥ ସେଠି, ଆରଡବ୍ଲୁଏସଏସର ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଦେଓବନ୍ଧ ଯୋଜନାର ଅଧିକ୍ଷଣ ଯନ୍ତ୍ରୀ ସୁରଜ କୁମାର ପାତ୍ର, କେନାଲ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଭଗବାନ ନାଏକ, ବିଦ୍ୟୁତ୍ ବିଭାଗ ଏସଡିଓ ଏ ରଓ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ନିହାର ରଂଜନ ସେଠୀ, ସହକାରୀ ଜିଲ୍ଲାପାଳ ରଶ୍ମିତା ଜେନା ପାଞ୍ଚ ବ୍ଲକର ବିଡିଓ ତଥା ସମସ୍ତ ବ୍ଲକ ଲାଇନ ବିଭାଗର ଅଧିକାରିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର ଧିରେନ କୁମାର ଭୋଇ, ସମେଶ ମହନ୍ତ, ଦିଲ୍ଲିପ କୁମାର ପଲେଇ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ପରିଚାଳନା କରିଥିଲେ।

## ପଲସର୍ ଆତଙ୍କ, ଦମ୍ପତିଙ୍କ ଠାରୁ ଛଡ଼ାଇ ନେଲେ ଭ୍ୟାନିଟି

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବେଗୁନିଆ ଥାନା ଅନ୍ତର୍ଗତ ଗଡ଼ମାଣତ୍ରୀ ଗ୍ରାମ ସ୍ଥିତ ମା ରାମଚଣ୍ଡୀଙ୍କ ପୀଠ ନିକଟରେ ଥିବା ଆମ୍ବ ତୋଟା ମଧ୍ୟରେ ନିଛାଟିଆର ସୁଯୋଗ ନେଇ ଦମ୍ପତିଙ୍କ ଠାରୁ ଭ୍ୟାନିଟି ବ୍ୟାଗ ଛଡାଇ ନେଇ ଆଖି ପିଛୁଳାକେ ଫେରାର ହୋଇ ଯାଇଥିଲେ। ସେଥିରେ ୩ ଟା ସୁନା ମୁଦି, କାନ ଝରା ଓ ୩ ହଜାର ଟଙ୍କା ଥିବାର ପୁଲିସ ନିକଟରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଥାଉକି ବେଗୁନିଆ ଥାନା ଅନ୍ତର୍ଗତ ତାଳତୁମ୍ବ ଗ୍ରାମ ସଉରୀ ସେନାପତିଙ୍କ ସାନପୁଅ ଦୁର୍ଯ୍ୟୋଧନ ଶନିବାର ଦିନ ଅପରାହ୍ଣରେ ସ୍କୁଟି ଯୋଗେ ପତ୍ନୀ ପପିନାକୁ ଧରି ଭୁବନେଶ୍ୱର ଅଭିମୁଖେ ଯାଉଥିବା ସମୟରେ ମୁଗମଣ୍ଡା ଆଶ୍ରମ ଛକ ଠାରୁ ତିନି ଜଣ ଯୁବକ ପଲସର ଯୋଗେ ପିଛା କରିଥିଲେ। ପରେ ନିଛାଟିଆ ଆମ୍ବ ତୋଟାର ସୁଯୋଗ ନେଇ ଦୁର୍ବୃତ୍ତ ଭ୍ୟାନିଟି ବ୍ୟାଗ ଛଡାଇ ଆଖି ପିଛୁଳାକେ ପଳାଇ ଯାଇଥିଲେ। ଏଥିରେ ପୁଲିସ ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାଲ ବିଛାଇଛି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି।

## ଆଦିବାସୀ ପିଲାମାନଙ୍କ ଗହଣରେ ଜନ୍ମଦିନ ପାଳିଲେ ଅଦ୍ୱିତୀୟ ଶତପଥୀ



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ପାଶ୍ଚାତ୍ୟ ଶିକ୍ଷା ସଂସ୍କୃତି ଓ ଅତ୍ୟାଧୁନିକ ଜୀବନଶୈଳୀ ଭିତରେ ନିଜର ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ କିଏ କେତେ ପଇସା ଖର୍ଚ୍ଚ କରୁଛି। ମାତ୍ର ଟିମ ବଡଚଣାର ଅଧକ୍ଷ ଅଦ୍ୱିତୀୟ ଶତପଥୀ ଆଦିବାସୀ ପିଲାମାନଙ୍କ ଗହଣରେ ନିଜର ଜନ୍ମଦିନ ପାଳନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଏହି ଜନ୍ମଦିନରେ ନା ଥିଲା ଭୋଜି ଭାତର ଆସର, ନା ଥିଲା ପଞ୍ଚତାରକା ହୋଟେଲରେ ମଦ, ମାଂସ ଓ ଡିଜେ ଗୀତରେ ମତୁଆଲା ନୃତ୍ୟ, ନା ଥିଲା କେକ୍ କଟାର ସମ୍ଭ୍ରାନ୍ତ ଜୀବନଶୈଳୀ। ଏ ସବୁଠାରୁ ଦୂରରେ ରହି ନିଆରା ଢଙ୍ଗରେ ନିଜର ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ଆଧୁନିକତାର ଚାକଚକ୍ୟ ଓ ସହରୀ ସଭ୍ୟତାଠାରୁ ଦୂରରେ ଥିବା ନିରୀହ ଆଦିବାସୀ ପିଲାମାନଙ୍କ ଗହଣରେ ନିଜର ଜନ୍ମଦିନ ପାଳନ କରିଥିଲେ। ଶତପଥୀ ବଡଚଣା ବ୍ଲକ୍ ଅନ୍ତର୍ଗତ ବଡଚଣା ଗ୍ରାମ ପଞ୍ଚାୟତ ଅଧୀନ ଶାସନ ପୁରୁଷୋତ୍ତମ ପୁର ସ୍ଥିତ ଜନଜାତି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶିକ୍ଷା ସଚେତନତା ସୃଷ୍ଟି କରିବା ସହିତ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶତପଥୀ କହିଥିଲେ ଯେ, ଅନ୍ଧାର ରୂପକ ଅଜ୍ଞାନରୁ ଜ୍ଞାନ ରୂପକ ଆଲୋକ ଶିକ୍ଷା ହିଁ ପ୍ରଦାନ କରିଥାଏ। ଦେଶ, ଜାତି ଓ ସମାଜର ଉନ୍ନତି ପାଇଁ ଶିକ୍ଷା ହିଁ ଏକମାତ୍ର ବିକଳ୍ପ ବୋଲି କହିବା ସହିତ ଉପସ୍ଥିତ ଜନଜାତି ପିତାମାତା ଓ ଅଭିଭାବକଙ୍କୁ ନିଜ ପିଲାମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ମଧୁସୂଦନ ବଳ, ପୂର୍ବତନ ସମିତି ସଭ୍ୟ କିଶୋର ସାମଲ, ଚିନ୍ମୟ ମହାନ୍ତି, ରଶ୍ମି ରଞ୍ଜନ ଦାସ, ମହେଶ୍ୱର ପୃଷ୍ଟି, ଅମିନ ନାୟକ, ସୁଜିତ ସୌରଭ ସାମଲ, ପଙ୍କଜ ନାୟକ, ସରୋଜ୍ ପଣ୍ଡା, ବିମଳ ଟୁଡୁ,ବୁଦ୍ଧି ରାମ ବିଶ୍ୱାଳ ସମେତ ଟିମ୍ ବଡଚଣା ର ଶତାଧିକ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ପରେ ଶତାଧିକ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରଯାଇଥିଲା। ଏହି ଅବସରରେ ଚଣ୍ଡିଖୋଲ ଛକ ଠାରେ ଜଳଛତ୍ର କେନ୍ଦ୍ର ଖୋଲା ଯିବା ସହିତ, ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରଯାଇଥିଲା। ଏହିପରି ଅଭିନବ ଜନ୍ମୋତ୍ସବ ପାଳନକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲର ଅବ୍ୟବସ୍ଥା ବିରୋଧରେ ଧାରଣା




ବାରିପଦା, (ଭାସ୍କର ନ୍ୟୁଜ୍): ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ବିଭିନ୍ନ ଅବ୍ୟବସ୍ଥା ବିରୋଧରେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ଧାରଣା ଦିଆଯାଇଛି। ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି। ମେଡିକାଲ ହସପିଟାଲ କେବଳ ମୟୂରଭଞ୍ଜ ନୁହେଁ, ବରଂ ଝାରଖଣ୍ଡ ଓ ପଶ୍ଚିମବଙ୍ଗ ରୋଗୀମାନେ ମଧ୍ୟ ନିର୍ଭର କରୁଥିବା ବଡ ଚିକିତ୍ସା କେନ୍ଦ୍ର ଅଟେ। ତଥାପି, ବାରମ୍ବାର ଅବ୍ୟବସ୍ଥା ଯୋଗୁଁ ରୋଗୀମାନେ ହୋଇରାଣ ହେଉଛନ୍ତି। ଏହି ପରିସ୍ଥିତିର ନିରାକରଣ ପାଇଁ ମାସାଆର୍ମୀ ପକ୍ଷରୁ ଆନ୍ଦୋଳନ ଗଠନ କରାଯାଇଛି। ଆନ୍ଦୋଳନକାରୀ ମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନାମରେ ଏକ ୧୦ଦଫା ଦାବିପତ୍ର ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ମୁଖ୍ୟ ଦାବିଗୁଡ଼ିକ ହେଉଛି -୧. ସମସ୍ତ ବିଭାଗ ବାହାରେ ଡାକ୍ତରଙ୍କ ନାମ, ଡ୍ୟୁଟି ଚାର୍ଟ ଓ ଫୋନ୍ ନମ୍ବର ଲାଗିବା।୨. ସିଟି ସ୍କାନ ମେସିନ୍ ଗଣନା ବୃଦ୍ଧି କରି ୪ଟି ମେସିନ୍ ରଖାଯିବା। ୩. ବ୍ୟାଟେରୀ ଚାଳିତ ଗାଡି ଦୁଇରୁ ବୃଦ୍ଧି କରି ୧୦ଟି କରାଯିବା। ୪. ଗ୍ରୁପ୍ ସିଆଇଡି ଆଉଟସୋର୍ସିଂ ନିଯୁକ୍ତି ବନ୍ଦ କରି ସରକାରୀ ମାଧ୍ୟମରେ ନିଯୁକ୍ତି। ୫. ଖାଦ୍ୟ ଗୁଣବତ୍ତା ବୃଦ୍ଧି କରି ନିମ୍ନମାନର ଖାଦ୍ୟ ବନ୍ଦ କରାଯିବା। ୬. ବନ୍ଦ ପଡିଥିବା ଓଟି ଚାଲୁ କରିବା। ୭. ସମସ୍ତ ବିଭାଗରେ ବିଶେଷଜ୍ଞ ଡାକ୍ତର ଓ ଖାଲି ପୋଷ୍ଟ ପୂରଣ। ୮.ମୁଖ୍ୟ ଫାଟକରେ ସାନ୍ତାଳୀ ଭାଷାରେ ଫଳକ ଲେଖା ଓ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ। ୯. ଅନାବଶ୍ୟକ କଟକ ରେଫର ବନ୍ଦ। ୧୦. ରୋଗୀ ଓ ତାଙ୍କ ସହଯୋଗୀଙ୍କ ସହ ଦୁର୍ବ୍ୟବହାର ବନ୍ଦ କରିବା। ଏଥି ସହିତ ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟ ନାରାୟଣ ମୁର୍ମୁ, ପଦ୍ମଲୋଚନ ମୁର୍ମୁ, ଲକ୍ଷ୍ମୀକାନ୍ତ ବାସ୍କେ, ଅବିନାଶ ମାରାଣ୍ଡି, କୃଷ୍ଣ ଟୁଡୁ, ସିମାଲ ମାଝୀ, ଦୀପକ ହେମ୍ବ୍ରମ, ସଞ୍ଜୟ ମାରାଣ୍ଡି, ରବିନ୍ଦ୍ର ହେମ୍ବ୍ରମ ଓ ଅନ୍ୟାନ୍ୟ ନେତାମାନେ ଉପସ୍ଥିତ ଥିଲେ। ଯଦି ନିକଟ ଭବିଷ୍ୟତରେ ମେଡିକାଲ ହସ୍ପିଟାଲରେ ଅବ୍ୟବସ୍ଥା ଚାଲିଥାଏ, ତେବେ ଆନ୍ଦୋଳନକୁ ଆଉ ଅଧିକ ତୀବ୍ର କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।

## କାଠ ଚୋରା ଚାଲାଣ ବେଳେ ଦୁଇ ଗିରଫ, ଟ୍ରାକ୍ଟର ଜବତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ପାଲକୋଣ୍ଡା ନିକଟ ଜଙ୍ଗଲରୁ ଦୁଇ ଟ୍ରାକ୍ଟର କାଠ ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ମାଲକାନଗିରି ବନ ବିଭାଗ। ଗତ ଶନିବାର ରାତିରେ ବିଶେଷ ସୂତ୍ରରୁ ଖବର ପାଇ ମାଲକାନଗିରି ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ବନପାଳ ମନ୍ତୋସ ଦେ, ବନରକ୍ଷୀ ସରୋଜ ସ୍ୱାଇଁ, କୈଳାଶ ମହାରଣା, ଓ ସ୍କ୍ୱାର୍ଡ ପିଲାଙ୍କୁ ନେଇ ପାଲକୋଣ୍ଡା ଗ୍ରାମ ନିକଟ ଜଙ୍ଗଲରେ ବୁଲୁଥିବା ସମୟରେ ଦୁଇଟି କାଠଗଣ୍ଡି ବୋଝେଇ ଟ୍ରାକ୍ଟର ଦେଖିଥିଲେ। ଟ୍ରାକ୍ଟର ସହ ଚାଳକ କୁ ଅଟକାଇ ପଚରାଉଚରା କରିବା ପରେ ଏହି କାଠ ନେବା ବାବଦରେ କୌଣସି ବୈଧ କାଗଜ ପତ୍ର ନଥିବାରୁ ସେହି ଟ୍ରାକ୍ଟର କୁ ଜବତ କରିବା ସହ ଟ୍ରାକ୍ଟର ଚାଳକ ଏମଭି ୪୧ଗ୍ରାମର ଧନୁର୍ଜୟ ଢ଼ାଲି (୧୯) ଓ ପାଲକୋଣ୍ଡା ଗ୍ରାମର ଗଙ୍ଗା ମାଡ଼ି(୨୮)କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ବନାଞ୍ଚଳ ଅଧିକାରୀ ରାଉତ ସୂଚନା ଦେଇଛନ୍ତି।

## ବେଙ୍ଗାଲୁରରେ ମୃତ ଯୁବକଙ୍କ ଶବ ଫେରିଲା ଗାଁ'କୁ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଟେସିଙ୍ଗା ପଞ୍ଚାୟତ ବିଶୋଳ ଗ୍ରାମ ଦଳତ ସାହିର ଯୁବକ ପ୍ରକାଶ ଯେନା(୨୪)ଙ୍କ ମୃତଦେହ ଘରକୁ ଫେରିଛି। ସୁଦୂର ବେଙ୍ଗାଲୁର ସହରର ଏକ ଘରୋଇ କମ୍ପାନୀର ଠିକାଦାରଙ୍କ ଅଧିନରେ ଦୀନ ମଜୁରିଆ ଭାବେ ପ୍ରକାଶ କାର୍ଯ୍ୟ କରୁଥିଲେ। ରୋଗାକ୍ରାନ୍ତ ପିତାମାତାଙ୍କ ସହ ୨ ଅବିବାହିତ ଭଉଣୀର ପ୍ରତିପୋଷଣ ଦାୟିତ୍ୱ ପ୍ରକାଶଙ୍କ ଉପରେ ଥିଲା। ୧୭ ତାରିଖରେ ପରିବାରକୁ ଫୋନ ଆସିଲା। ପୁଅ ମୁମୂର୍ଷୁ ଅବସ୍ଥାରେ ବୋଲି। ଗରିବ ପରିବାର ଅସହାୟ ହୋଇ ପଡିଥିଲେ। ବେଙ୍ଗାଲୁର ଯିବା ପାଇଁ ଅର୍ଥାଭାବ ଥିଲା। ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ନେୟାଁଶୋଚ ଜିଲ୍ଲାପାଳ, ଜିଲ୍ଲା ଶ୍ରମ ଅଧିକାରୀଙ୍କ ସମେତ ବେଙ୍ଗାଲୁର ପ୍ରବାସୀ ଓଡିଆ ସଙ୍ଗଠନ ସହ ଯୋଗଯୋଗ କରିଥିଲା। ଉଦ୍ୟମ ସଫଳ ହୋଇଥିଲା। ପ୍ରକାଶର ଶବ ଗ୍ରାମକୁ ରବିବାର ଫେରିଥିଲା। ଗ୍ରାମରେ ଶୋକାକୂଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ବେଆଇନ ଭାବେ ନିର୍ମାଣ ମସଜିଦକୁ ଉଚ୍ଛେଦ କଲା ପ୍ରଶାସନ



ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ସ୍ଥିତ ଇନ୍ଦିରାନଗର ଠାରେ ଦେବୋତ୍ତର ବିଭାଗ ନିରୀକ୍ଷଣରେ ଥିବା ଶ୍ରୀ ଶ୍ରୀ ହରିବଳଦେବଜୀଉଙ୍କ ସମ୍ପତ୍ତି ଉପରେ ବିନା ଅନୁମତିରେ ବେଆଇନ ଭାବରେ ମସଜିଦ ନିର୍ମାଣ ବିରୋଧରେ ଜୟ ଶ୍ରୀରାମ ସେନା ପକ୍ଷରୁ ଅଭିଯୋଗ ପରେ ସୋମବାର ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ପୁଲିସ ପ୍ରଶାସନ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦେବୋତ୍ତର ସମ୍ପତ୍ତି ଉପରେ ବୁଲଡଜର ଲଗାଇ ଜବରଦଖଲ ଉଚ୍ଛେଦ କରାଯାଉଛି। ମାଜିଷ୍ଟ୍ରେଟ ଭାବରେ ବେତନଟୀ ତହସିଲଦାରଙ୍କ ଅତିରିକ୍ତ ଦାୟିତ୍ୱରେ ଥିବା ବିଡ଼ିଓ ସୁଶାନ୍ତ କୁମାର ସୁତାର, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା, ରେଭିନ୍ୟୁ ସୁପରଭାଇଜର ଜଗନ୍ନାଥ ସିଂ, ରାଜସ୍ୱ ନିରୀକ୍ଷକ ରତନ କୁମାର ହେମ୍ବ୍ରମଙ୍କ ସମେତ ତହସିଲ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ। ସେହିଭଳି ଆଇନ ଶୃଙ୍ଖଳା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବେତନଟୀ ଏସଡ଼ିପିଓ ମିନତୀ ବିଶ୍ୱାଳ, ବେତନଟୀ ଆଇଆଇସି ସସ୍ମିତା ମହାନ୍ତ, ବଡ଼ସାହି ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜି ପ୍ରମୁଖଙ୍କ ସମେତ ସଶସ୍ତ୍ର ପୁଲିସଫୋର୍ସ ମୁତୟନ ହୋଇଥିଲେ। ଘଟଣାରୁ ପ୍ରକାଶ ଶୁଖିଲାହାର ସାମିଲ ମହୁଲିଆ ମୌଜାର ଖାତା ନଂ.୧୫ ଏବଂ ପ୍ଲଟନଂ ୧୩୪୭ରେ ଦେବୋତ୍ତର ବିଭାଗ ଜମି ଉପରେ ବିନା ଅନୁମତିରେ ବିନା ଅନୁମତିରେ ନିର୍ମାଣକାର୍ଯ୍ୟ ବିରୋଧରେ ବେତନଟୀର ଜୟଶ୍ରୀରାମ ସେନା ପକ୍ଷରୁ ମାନ୍ୟବର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ମାନ୍ୟବର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଜମିରୁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ବେତନଟୀ ଜୟ ଶ୍ରୀରାମ ସେନାର କର୍ମକର୍ତ୍ତା, ଭାରତୀୟ ଜନତା ପାର୍ଟି ର କର୍ମକର୍ତ୍ତା, ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା, ଧର୍ମ ଯାଗରଣ କର୍ମକର୍ତ୍ତାର ସଦସ୍ୟମାନେ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଅଫିସ ଘେରିଲେ ବିକାଶ ମଞ୍ଚ ମୁରିବାହାଲର କର୍ମକର୍ତ୍ତା



ମୁରିବାହାଲ,(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସଦର ମହକୁମାରେ ଥିବା ୩୩କେଭି ଗ୍ରୀଡ଼ର ବିଦ୍ୟୁତ ଅଫିସକୁ ବିକାଶ ମଞ୍ଚ ମୁରିବାହାଲର ସଭାପତି ଫାଲ୍ଗୁନୀ ହାତୀଙ୍କ ନେତୃତ୍ୱରେ ବାରମ୍ବାର ବିଦ୍ୟୁତ କାଟ୍ ଓ ବିଭିନ୍ନ ସମସ୍ୟାକୁ ନେଇ ବିଦ୍ୟୁତ ଅଫିସ ଘେରାଉ କରାଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡିଶା ସରକାରଙ୍କ ଉଦ୍ଦେଶ୍ୟରେ ମୁରିବାହାଲ ବିଦ୍ୟୁତ ବିଭାଗ ଅଫିସର ଯୁବେଦ ଖାନଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୁରିବାହାଲ ଗ୍ରୀଡ଼ ଅଂଚଳରେ ଦୀର୍ଘଦିନ ଧରି ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବିଦ୍ୟୁତ ଉପଭୋକ୍ତା। ବିଦ୍ୟୁତ ବିଭାଗ ଅଧିକାରୀମାନଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏହାର ସମାଧାନ ହେଉନାହିଁ। ଅଞ୍ଚଳରେ ପ୍ରତ୍ୟେକ ଦିନ ଘଣ୍ଟାଘଣ୍ଟା ଧରି ଅଘୋଷିତ ବିଦ୍ୟୁତ କାଟ ହେବା ସହିତ ନୂତନ ବିଦ୍ୟୁତ ଉପଭୋକ୍ତାମାନେ ମାସ ମାସ ଧରି ଟଙ୍କା ଦେଲେ ମଧ୍ୟ ନୂତନ କନେକ୍ସନ ଦିଆଯାଉନାହିଁ। ଅତ୍ୟଧିକ ଖରା ଯୋଗୁଁ ଚାଷୀମାନେ ନାହିଁ ନ ଥିବା ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ କର୍ମଚାରୀ ମାନେ ବିଦ୍ୟୁତ ବିଲ ଜୋରଜବରଦସ୍ତ ଆଦାୟ କରୁଥିବା ଓ ଘରେ ଥିବା ମହିଳାମାନଙ୍କୁ ଦୁର୍ବ୍ୟବହାର, ହଇରାଣ, ବିଦ୍ୟୁତ କଟାଯିବ ବୋଲି ଧମକ ଦେବା ଭଳି ଅନେକ ଗ୍ରାମରୁ ଅଭିଯୋଗ ହୋଇଛି। ବିଦ୍ୟୁତ ଅଧିକାରୀ ଓ କର୍ମଚାରୀମାନେ କୌଣସି ଅସୁବିଧା ହେଲେ ଫୋନ ରିସିଭ ନକରୁଥିବା କିମ୍ବା ଯଦି ଫୋନ ଉଠାନ୍ତି ତାହେଲେ ତାଙ୍କ ଦବଙ୍ଗ ଗିରି ଆରମ୍ଭ କରି ଅନେକ ଅଶ୍ଳୀଳ ଭାଷାରେ ଗାଳି ଦେବା ଭଳି ଅଭିଯୋଗ ହେଉଛି। ବିଦ୍ୟୁତ ବିଲ ବ୍ୟବହାରରୁ ଅଧିକ ଆସୁଥିବା ମଧ୍ୟ ଅଭିଯୋଗ ହେଉଥିବା ନେଇ ବିଦ୍ୟୁତ ଅଫିସ ଘେରାଉ କରାଯାଇଛି। ବିଦ୍ୟୁତ ଅଧିକାରୀ ଯୁବେଦ ଖାନ ଦାବୀ ପତ୍ର ଗ୍ରହଣ କରି ଆଗାମୀ ଦିନରେ ଏହିଭଳି ଅଭିଯୋଗ ହେବାକୁ ଦେବୁ ନାହିଁ ବୋଲି ପ୍ରତିଶୃତି ଦେଇଥିଲେ। ଯଦି ଏହିଭଳି ଅଭିଯୋଗ ଆଗାମୀ ଦିନରେ ଆସିଲେ ଭୟଙ୍କର ହେବବୋଲି ବିକାଶ ମଞ୍ଚ ମୁରିବାହାଲ ବ୍ଲକର କର୍ମକର୍ତ୍ତା ଓ ଅଞ୍ଚଳବାସୀ ଚେତାବନୀ ଦେଇଥିବା ବେଳେ ଉକ୍ତ ରାଲିରେ ବିକାଶ ମଞ୍ଚର ସଭାପତି ଫାଲ୍ଗୁନୀ ହାତୀ, ସମ୍ପାଦକ ଅମରେଶ ମାଝୀ, କୋଷାଧକ୍ଷ ହରିଦାସ ତାଣ୍ଡି, ମଦନ, ପିଙ୍କୁ ବାଗ, ସୁରେଶ ସାହୁ,ଜୟନ୍ତ ସାହୁ ସମସ୍ତ କର୍ମ କର୍ତ୍ତା ଓ ଅଞ୍ଚଳ ବାସୀ ସହଯୋଗ କରିଥିଲେ।



ବାରିପଦା, (ଭାସ୍କର ନ୍ୟୁଜ୍): ବେଆଇନ ଚୋରା ଦେଶୀମଦ ପ୍ରସ୍ତୁତ କାରଖାନା ଉପରେ ଅତର୍କିତ ଚଢ଼ାଉ କଲା ଅବକାରୀ ବିଭାଗ। ପାଞ୍ଚହଜାର ଲିଟର ପୋଚ ନଷ୍ଟ କରିବା ସହିତ ୨୭୦ ଲିଟର ଦେଶୀମଦ ଏବଂ ଗୋଟିଏ ବାଇକ ଜବତ କରିଛି ଅବକାରୀ ବିଭାଗ। ତେବେ ମୟୂରଭଞ୍ଜ ଜିଲ୍ଲା ଅବକାରୀ ସୁପରିଟେଣ୍ଡେଟ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜ ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମୋରଡ଼ା ଅବକାରୀ ଥାନା ଅଧିକାରୀ ଦୀପକ କୁମାର ରାଉତଙ୍କ ନେତୃତ୍ୱରେ ବାରିପଦା ମୋବାଇଲ ସ୍କ୍ୱାର୍ଡ,ବାରିପଦା ଅବକାରୀ ରେଞ୍ଜ, ମୋରଡ଼ା, ବେତନଟି ଏବଂ ଦେଉଳି ଅବକାରୀ ବିଭାଗ ମିଳିତ ଭାବେ ଚଢ଼ାଉ କରିଥିଲେ। ଯୋଜନାବଦ୍ଧ ଭାବେ ମୋରଡା ବ୍ଲକ ଏବଂ ବେତନଟି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅତର୍କିତ ଚଢ଼ାଉ କରିଛି ବିଭାଗ। ମୋରଡା ଅବକାରୀ ଥାନା ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ମୁତାବକ, ଆଜି ସକାଳ ସମୟରେ ଭାଲୁକଟୁଆ ଗ୍ରାମର ଏକ ବେଆଇନ ଚୋରା ଦେଶୀମଦ ପ୍ରସ୍ତୁତ କାରଖାନା ଉପରେ ଚଢ଼ାଉ କରି ୩୪୦୦ ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୧୫୦ ଲିଟର ଦେଶୀମଦ ଏବଂ ମଦ ତିଆରି ପାଇଁ ବ୍ୟବହୃତ ୭୧ଟି ଡ୍ରମ ଜବତ କରିଛି ଅବକାରୀ ବିଭାଗ। ସେହିପରି ବନ୍ଧସାହି ଗ୍ରାମରେ ଚଢ଼ାଉ କରି ୧୬୦୦ ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୧୨୦ ଲିଟର ଦେଶୀମଦ ଏବଂ ୧୮ଟି ଡ୍ରମ ଜବତ କରିଛି ବିଭାଗ। ଚଢ଼ାଉ ସମୟରେ ଏକ ବାଇକରେ ଦେଶୀମଦ ବୋଝେଇ ହୋଇଥିବା ବେଳେ ବାଇକକୁ ମଧ୍ୟ ଜବତ କରିଛି ବିଭାଗ।

# ଗ୍ରାମର ସ୍ୱପ୍ନେଶ୍ୱର ମହାଦେବଙ୍କ ସମ୍ପତ୍ତି ବିକ୍ରି ପାଇଁ ମସୁଧା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ତହସିଲ ଭାଟପଡ଼ା ପଞ୍ଚାୟତ ଅଧୀନ ତିହିଡ଼ି ଗ୍ରାମର ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ମିର୍ଜାପୁର ମୌଜାରେ ଥିବା ସମ୍ପତ୍ତିକୁ ଗ୍ରାମର ଜଣେ ବ୍ୟକ୍ତି ବେଆଇନ ଭାବେ ବିକ୍ରି ପାଇଁ ମସୁଧା କରୁଥିବା ସମ୍ପର୍କରେ ସ୍ୱପ୍ନେଶ୍ୱର ମହାଦେବଙ୍କ ମାର୍ଫତଦାର ଓ ଗ୍ରାମବାସୀ ଜାଣିବା ପରେ ସେମାନେ ତହସିଲଦାରଙ୍କୁ ଏନେଇ ଦୃଷ୍ଟି ଆକର୍ଷଣ କରି ଏହାର ତଦନ୍ତ କରି ଠାକୁରଙ୍କ ସମ୍ପତ୍ତିକୁ ମୂଳ ଖତିଆନ ଅନୁଯାୟୀ ମାର୍ଫତଦାରଙ୍କ ନାମରେ ରେକର୍ଡ ସଂଶୋଧନ ସହିତ ଠାକୁର ସମ୍ପତ୍ତି ବିକ୍ରୟ ପ୍ରକ୍ରିୟାକୁ ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ମାର୍ଫତଦାର ଶରତ କର, ଅଶୋକ କୁମାର କର, ନିରଂଜନ କର, କମଳାକାନ୍ତ କର, ଲକ୍ଷ୍ମୀଧର କରଙ୍କ ସମେତ ଗ୍ରାମର ପାର୍ଥସାରଥି ନାୟକ, ପ୍ରଭାତ କୁମାର ରାଉଳ, ବିଷ୍ଣୁଚନ୍ଦ୍ର ଦାଶ, ମନୋରଂଜନ ବେହେରା, ହୃଷିକେଶ ପଣ୍ଡା, ରମେଶ ଚନ୍ଦ୍ର ପଣ୍ଡା, କୈଳାସ ପାତ୍ର, ପୀତବାସ ପଣ୍ଡା, ରମାକାନ୍ତ ନାଥ, ତାରାକାନ୍ତ ଜେନା, ଚିତ୍ତରଞ୍ଜନ ବାରିକ, ତପନ କୁମାର ନାୟକ ପ୍ରମୁଖ ଦର୍ଶାଇଛନ୍ତି ଯେ ମିର୍ଜାପୁର ମୌଜାରେ ଶାବକ ଖାତା ନଂ ୮୩୩, ପ୍ଲଟ ନଂ ୧୬୭୧ରେ ଥିବା ୪ଡେସିମିଲ ସ୍ୱପ୍ନେଶ୍ୱର ମହାଦେବଙ୍କ ସମ୍ପତ୍ତି ହାଲ ଖାତା ନଂ ୧୮୭, ପ୍ଲଟ ନଂ ୧୫୧୧ରେ ୫ ଡେସିମିଲ ହୋଇ ଥିଲା। ଏହି ସମ୍ପତ୍ତିରୁ ହେଉଥିବା ଆୟ ମହାଦେବଙ୍କ ବିଭିନ୍ନ ପୂଜାପାର୍ବଣ, ଉତ୍ସବ ସମୟରେ କାର୍ଯ୍ୟରେ ଲାଗୁଥିଲା। ମାତ୍ର ଗ୍ରାମର ୨ଜଣ ବ୍ୟକ୍ତି ଚକବନ୍ଦୀ ସମୟରେ ଚଞ୍ଚକତା ପୂର୍ବକ ସେହି ସମ୍ପତ୍ତିକୁ ନିଜ ନାମରେ କରାଇ ନେଇଥିଲେ। ଯାହା ଏବେ ଚକବନ୍ଦୀ ରେକର୍ଡରେ ଖାତା ନଂ ୪୯୧, ପ୍ଲଟ ନଂ ୧୩୨୫ରେ ୫ଡେସିମିଲ ହୋଇଛି। ଏହି ଚକବନ୍ଦୀ ଖତିଆନ ମୂଳେ ସେମାନେ ସେହି ଠାକୁର ସମ୍ପତ୍ତିକୁ ଏବେ ବିକ୍ରି ପାଇଁ ଯୋଜନା କରୁଥିବା ଜଣାପଡ଼ିବା ସମ୍ପର୍କରେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଛି।

# କେନ୍ଦୁଝର ଜିଲ୍ଲାରେ ମାଳମାଳ ଟ୍ରକ୍/ଟ୍ରେଲର, ରାସ୍ତାଘାଟ ବିପଦପୂର୍ଣ୍ଣ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଦେଇ ପଶ୍ଚିମବଙ୍ଗ, ଛତିଶଗଡ, ଝାଡ଼ଖଣ୍ଡ, ବିହାର ଆଦି ରାଜ୍ୟକୁ ଶହ ଶହ ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ/ଟ୍ରଲର ଚଳାଚଳ କରୁଛି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ରାସ୍ତାଘାଟ ଭାଙ୍ଗି ବିପଦପୂର୍ଣ୍ଣ ହୋଇ ପଡିଛି। ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ଘଟୁଛି। ତେବେ ଆଇନକୁ ଫୁ କରି ଅଧିକ ଲାଭ ଆଶାରେ ୧୪ ଚକିଆ, ୧୬ ଚକିଆ ଟ୍ରକ/ଟ୍ରଲର ଆଦିରେ ଲୁହାପଥର ପରିବହନ ହେଉଛି। ତେବେ ବହୁ ଟ୍ରକ/ଟ୍ରଲର ବେଆଇନ ଭାବରେ ସମସ୍ତ ଏକ୍ସେଲଗୁଡିକ ବ୍ୟବହାର ନକରି ଚଳାଚଳ କରୁଥିବାରୁ ଏହାର ଓଜନ ରାସ୍ତା ଉପରେ ପଡୁଛି ଏବଂ ରାସ୍ତା ଭାଙ୍ଗୁଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ ଟ୍ରକ/ଟ୍ରଲର ଗୁଡିକର ଲୋଡିଂ କ୍ଷମତା ସେମାନଙ୍କ ଏକ୍ସେଲ (ଲାଗିଥିବା ଚକ)କୁ ନେଇ ନିର୍ଦ୍ଧାରଣ ହୋଇଥାଏ। ଯାହା ଫଳରେ ଗାଡିଟି ମାଲ ପରିବହନ ବେଳେ ରାସ୍ତାଉପରେ ଠିକ ଭାବରେ ଯାତାୟତ କରିପାରିବ ଏବଂ ରାସ୍ତା ଉପରେ ସଠିକ ଲୋଡ ପଡିବ। ତେବେ ଅନେକ ଗାଡି ସମସ୍ତ (ଏକ୍ସେଲ) ଚକ ବ୍ୟବହାର ନ କରି ଚଳାଚଳ କରୁଥିବା ଦେଖିବାକୁ ମିଳୁଛି। ଫଳରେ ରାସ୍ତା ଉପରେ ଗାଡିର ଓଜନ ଠିକ ଭାବରେ ପଡୁ ନଥିବାରୁ ରାସ୍ତା ଭାଙ୍ଗିବା ସହ ଦୁର୍ଘଟଣାର କାରଣ ହେଉଛି। ଗାଡି ଚାଳକମାନେ ଅଧିକ ଟାୟାର କ୍ଷତି ଗ୍ରସ୍ତ ହେବା ଆଶଙ୍କାରେ ଏଭଳି ଏକ୍ସେଲ ଉପରକୁ ଟେକି ଚଳାଚଳ କରୁଥିବା ଅଭିଯୋଗ ହେଉଛି। କିନ୍ତୁ ଏହା ଦ୍ୱାରା ରାସ୍ତା ଭଳି ଜାତୀୟ ସମ୍ପତ୍ତି ନଷ୍ଟ ହେବା ସହ ଦୁର୍ଘଟଣା ଘଟୁଥିବାରୁ ଏନେଇ ଧରପଗଡ କରିବାକୁ ଦାବି ହେଉଛି। ଗୋଟିଏ ଏକ୍ସେଲ ଉପରେ ପାଖାପାଖି ୧୦ଟନ ଓଜନ ନିର୍ଦ୍ଧାରଣ ହୋଇଥାଏ। ଏଣୁ ଗୋଟିଏ ଏକ୍ସେଲ ବ୍ୟବହାର ନ କଲେ ରାସ୍ତା ଖରାପ ହେଉଛି। ସେହିପରି ଅନେକ ଗାଡି ବିନା ଘୋଡଣୀରେ ଲୁହାପଥର ପରିବହନ କରୁଥିବାରୁ ରାସ୍ତାଘାଟ ତଥା ବାୟୁମଣ୍ଡଳ ଆଦି ବହୁ ମାତ୍ରାରେ ପ୍ରଦୂଷିତ ହେଉଛି। ଏ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର ଲିଜଧାରୀ ମାନଙ୍କୁ ତାଗିଦ୍‌କରିଛନ୍ତି। ଭଳ ଘୋଡଣୀ ଦେଇ ଖଣିଜପଥର ପରିବହନ କରିବାକୁ ନିଦ୍ରେଦଶ ଦିଆଯାଇଛି। ଏହା ଛଡା ବିନା ଡବଲ ଡ୍ରାଇଭର ବା ହେଲପରରେ ଏସବୁ ଗାଡି ଚଳାଚଳ କରୁଥିବାରୁ ଦୁର୍ଘଟଣାର କାରଣ ହେଉଥିଲେ ହେଁ ଧରପଗଡ ହେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଗାଡିମାଲିକ ମାନେ ଅଧିକ ଲାଭ ଆଶାରେ ବିନା ଘଡୋଣୀରେ ଏବଂ ବିନା ହେଲପର ବା ଦ୍ୱିତୀୟ ଡ୍ରାଇଭରରେ ଗାଡି ଚଳାଚଳ କରୁଥିବାରୁ ସାଧାରଣ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଥିବାରୁ ଏନେଇ ଧରପଗଡ କରିବାକୁ ଦାବୀ ହେଉଛି। ଏନେଇ ଆଞ୍ଚଳିକ ପରିବହନ ଅଧିକାରୀ ଇଂ ଗୋପାଳ କୃଷ୍ଣ ଦାସ କହିଛନ୍ତି ଯେ ସମସ୍ତ ଚକ ବ୍ୟବହାର ନକରି ଟ୍ରଲର ମାଲ ପରିବହନକୁ ନେଇ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ପେଣ୍ଡିଂ ଥିବାରୁ ଆମେ ଫାଇନ ଆଦାୟ କରି ପାରୁନାହୁଁ। କେବଳ ଓଭରଲୋଡ ହୋଇ ପରିବହନ ହେଉଥିଲେ ଜୋରିମାନା ଆଦାୟ କରାଯାଇପାରିବ।

## ସିର୍ଲୋରେ ଭାରତୀୟ ଜନତା ପାର୍ଟିର ଚିନ୍ତନ ବୈଠକ

ରଘୁନାଥପୁର,(ଭାସ୍କର ନ୍ୟୁଜ୍): ରଘୁନାଥପୁର ନିଟସ୍ଥ ସିର୍ଲୋବ୍ରାହ୍ମଣଖଣ୍ଡ ସ୍ଥିତ ଶ୍ରୀ ଶ୍ରୀ ନିଗମାନନ୍ଦ ମନ୍ଦିର ପ୍ରାଙ୍ଗଣରେ ସିର୍ଲୋ ଭାରତୀୟ ଜନତା ପାର୍ଟିର ସୋମବାର ଏକ ଚିନ୍ତନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଂଚାୟତର ବିଭିନ୍ନ ଉନୟନ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇ ଥିଲା। ପଞ୍ଚାୟତ ସ୍ତରରେ ବିଭିନ୍ନ ଦାୟିତ୍ୱ ବହନ କରୁଥିବା ସଭ୍ୟମାନେ ଉପସ୍ଥିତ ହୋଇଥିଲେ ସଂଗଠନର ବ୍ୟାପକତା ପାଇଁ ପଞ୍ଚାୟତର ବିଭିନ୍ନ ସ୍ଥାନରେ ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଛି। ପଞ୍ଚାୟତରେ ବୁଥ କମିଟି ଗଠନ କରାଯାଇ ସଭ୍ୟ ନିଯୁକ୍ତ କରାଯିବାକୁ ସ୍ଥିର କରାଗଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ପଥଚାରୀ ମାନଙ୍କୁ ଦହିପାଣି ବଣ୍ଟନ କରାଯିବା ସହିତ ରାସ୍ତା ପାର୍ଶ୍ୱରେ ବୃକ୍ଷ ରୋପଣ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏଥିରେ ସମାଜସେବୀ ବରିଷ୍ଠ ବିଜେପି ସଭ୍ୟ ବୈଷ୍ଣବଚରଣ ଗାୟା, ଦୁଲାଲ ଭୋଇ, ଚନ୍ଦନ ସେନାପତି, ପବିତ୍ର ଦାସ, ଗୁରୁ ଚରଣ ପରିଡା, ଗୋବର୍ଦ୍ଧନ ଖୁଣ୍ଟିଆ, କାଳିପ୍ରଦ ମୁଖାର୍ଜୀ, ଆଲୋକ ଭୋଇ, ପ୍ରମୁଖ ଯୋଗଦାନ କରିଥିଲେ।

## ଗୋବିନ୍ଦପାଲିରେ ଦଳମତ ନିର୍ବିଶେଷରେ ମିଳିତ ତ୍ରିରଙ୍ଗା ରାଲି



ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଗୋବିନ୍ଦପାଲି ଠାରେ ଓପରେସନ ସିନ୍ଦୂରର ସଫଳତା ଓ ସେନାବାହିନୀର ମନବଳ ବଢ଼ାଇବା ପାଇଁ ସ୍ଥାନୀୟ ସରପଞ୍ଚ ସୁମନ ମୁଦୁଲିଙ୍କ ନେତୃତ୍ୱରେ ଦଳମତ ନିର୍ବିଶେଷରେ ସମବାର ଅପରାହ୍ନରେ ତ୍ରିରଙ୍ଗା ରାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଆରମ୍ଭ ତଥା ଷ୍ଟାଡିୟମ୍ ନିକଟରୁ ରଥ ଘାଟି ପର୍ଯ୍ୟନ୍ତ ବିଭିନ୍ନ ସ୍ଲୋଗାନ ସହିତ କରାଯାଇଥିବା ଏହି ରାଲିରେ ସରପଞ୍ଚ, ସାଂସଦ ପ୍ରତିନିଧି ସିଦ୍ଧାର୍ଥ ରଥ, ଯନ୍ତ୍ରୀ ଭୀଷ୍ମ ମଲିକ, କିଛି ଲୋକ ପ୍ରତିନିଧି, ସମାଜସେବୀ, ସ୍ୱାସ୍ଥ୍ୟ ବିଭାଗର ମହିଳା ଓ ପୁରୁଷ କର୍ମଚାରୀ ମାନେ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ, ସ୍ଥାନୀୟ ଯୁବକ ପପୁ ସାହୁ, ମଣ୍ଟୁ ଜେନା, ଲକ୍ଷ୍ମୀ ରଥ, ରିତୁ ପରିଛା ଯୋଗ ଦେଇଥିବାବେଳେ ସ୍ଥାନୀୟ ଫାଣ୍ଡି ଅଧିକାରୀ ପଦ୍ମନାଭ ପୂଜାରୀ ପୋଲିସ ବଳ ସହିତ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କ ହାତରେ ଟିରଙ୍ଗା ପତାକା ଶୋଭାପାଉଥିଲା। ସେନାବାହିନୀଙ୍କ କାର୍ଯ୍ୟ, ତ୍ୟାଗ ଓ ମନବଳକୁ ନେଇ ଲୋକେ ଉତ୍ସାହିତ ଥିବା ସହିତ ସେନାର ତ୍ୟାଗ ପାଇଁ ଜୟ ଜୟ ଗାନ କରିଥିଲେ। ଶେଷରେ ଗ୍ରାମର ବସଷ୍ଟାଣ୍ଡ ନିକଟରେ ଥିବା ସହିଦ ସ୍ତମ୍ଭ ନିକଟରେ ଏକତ୍ରିତ ହୋଇ ସ୍ଲୋଗାନ ଦିଆଯାଇଥିଲା ଓ ରାଲିକୁ ସମାପ୍ତ କରାଯାଇଥିଲା। ପାଗ ଅନୁକୂଳ ଥିବାରୁ କାର୍ଯ୍ୟକ୍ରମଟି ଅଧିକ ସଫଳ ଓ ଆନନ୍ଦ ଦାୟକ ହୋଇଥିବା ଦେଖାଯାଇଥିଲା। ପାକିସ୍ଥାନ ମୁର୍ଦ୍ଦାବାଦ୍, ଆତଙ୍କବାଦ ମୁର୍ଦ୍ଦାବାଦ, ହିନ୍ଦୁସ୍ଥାନ ଜିନ୍ଦାବାଦ୍, ଭାରତୀୟ ସେନା ବାହିନୀ ଜିନ୍ଦାବାଦ ଆଦି ସ୍ଲୋଗାନ ଲୋକଙ୍କ ମନବଳ କୁ ଉତ୍ସାହ ଦେବା ସହିତ ଦେଶପ୍ରେମ ଭାବ ଜାଗ୍ରତ କରିଥିଲା।

# ହୋ'ଭାଷା ଓ ଜାତିକୁ ଜାତିଭିତ୍ତିକ ଜନଗଣନାରେ ସାମିଲ କରିବାକୁ ଦାବି




କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଜାତିଭିତ୍ତିକ ଜନଗଣନାରେ ହୋ' ଭାଷା ଓ ହୋ' ଜାତିକୁ ସାମିଲ୍ କରିବାକୁ ସର୍ବଭାରତୀୟ ହୋ ସଂଗଠନ ପକ୍ଷରୁ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ହୋ ସମାଜ ସାଂସ୍କୃତିକ ଭବନ ବଣସାହି ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତର ବିଭିନ୍ନ ରାଜ୍ୟର ହୋ ସଂଗଠନର ପ୍ରମୁଖ ନେତାମାନେ ଉପସ୍ଥିତ ରହି ଜାତିଭିତ୍ତିକ ହେବାକୁ ଥିବା ଜନଗଣନାରେ ହୋ ଭାଷା ଓ ହୋ ଜାତିକୁ ସାମିଲ କରିବାକୁ ଦୃଢ଼ ଦାବି କରିଥିଲେ। ସର୍ବଭାରତୀୟ ସଂଗଠନ ମଧ୍ୟରେ ସିଦାହାର ସୁତାର ଆକାଳ, ଭୁବନେଶ୍ୱରର ସଭାପତି ମଧୁସୂଦନ ଜାରିକା, ସର୍ବ ଭାରତୀୟ ହୋ ସମାଜ ଆସୋସିଏସନ୍‌ର ସମ୍ପାଦକ ପ୍ରଫୁଲ ଚନ୍ଦ୍ର ତିଉ, ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ସଭାପତି ବସନ୍ତ କୁମାର ବୁଲିଉଲି, ହୋ ମହାସଭା ଚାଇଁବାସାର ସଚିବ ସମା କଳା, ଆଦିବାସୀ ହୋ ଯୁବ ମହାସଭା ଚାଇଁବସାର ସମ୍ପାଦକ, ଗୋବର ସିଂ ହେମ୍ବ୍ରମ୍, ଅଖିଳ ଭାରତୀୟ ହୋ ସମାଜ କମିଟି, ପଶ୍ଚିମ ବଙ୍ଗାଳର ସମ୍ପାଦକ ଜଗନ୍ନାଥ୍ କେରାଇ, ବିରବିର୍ସା ମୁଣ୍ଡା ହୋ ସମାଜ ଆକାଲର ସମ୍ପାଦକ ନାରାୟଣ ପୂର୍ତ୍ତି, ବିରବିର୍ସା ଛାତ୍ର ସଂଗଠନ ଭୁବନେଶ୍ୱର ର ଆଇନଜୀବୀ ଗଣେଶ ଗାଗରାୟ ଓ କ୍ଷୀରୋଦ ହେମ୍ବ୍ରମ୍। ମୟୂରଭଂଜ ଆଦିବାସୀ ସମାଜ କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ଏହି ଜନଗଣନାରେ ହୋ ଭାଷା ଓ ଜାତିକୁ ସାମିଲ କରାଇବାକୁ ଦାବି କରିଥିଲେ। ଏହି ମହାସଭାର ଆୟୋଜକ ଥିଲେ ମୟୂରଭଂଜ ହୋ ସମାଜ କମିଟି, ବନସହି କରଞ୍ଜିଆ। ଏହି କାର୍ଯ୍ୟକ୍ରମରେ ମୋଟକ। ବିରୁଆ, ବିରେନ୍ଦ୍ର ସୟ, ଯୁଆଲ ମୁଣ୍ଡା, ବିଜୟ ବେଙ୍ଗରେ, କଟି ବାଦରା, ପାର୍ବତୀ ବିରୂଆ, ରାମ ସିଂ ଶିଦୁ, କୃଷ୍ଣଚନ୍ଦ୍ର ସିଙ୍କୁ, ଘନଶ୍ୟାମ ପୂର୍ତ୍ତି ପ୍ରମୁଖ ଉପସ୍ଥିତ ରହି ଦାବି କରିଥିଲେ। ଉକ୍ତ ସଭାର ସଭାପତି ବାଦଲ ଜାରାୟ ଥିବାବେଳେ ବାଗୁନ ସୁନଢି ଧନ୍ୟବାଦ୍ ଦେଇଥିଲେ।

## ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ବ୍ଲକର କମ୍ପୁଗଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ନ ଥିବାରୁ ଏକ ପଡିଆରେ ଟେଣ୍ଟ ଭିତରେ ବସି ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଇରାମା କାଡ୍ରାକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନଡ଼ାଲ ଅଫିସର ଏଇ ସୌରବ ନାୟକଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ସ୍ଥାନୀୟ ଡକ୍ଟର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ କୁମାର ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେଉରିଆ, ଅଙ୍ଗନୱାଡ଼ି ସୁପର ଭାଇଜର ଏମ ପଦ୍ମାଅମା, ଅଙ୍ଗନୱାଡ଼ି କର୍ମୀ ଓ କିଛି ୱାର୍ଡ ମେମ୍ବର ପ୍ରମୁଖ ଉପସ୍ଥିତ ରହିଥିଲେ। ଉପସ୍ଥିତ ଥିବା ସମସ୍ତ ସରକାରୀ ବିଭାଗର ଅଧିକାରୀ ନିଜସ୍ୱ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଅଭିଯୋଗ ଶୁଣାଣିରେ ବ୍ୟକ୍ତିଗତ ଭାବେ ପ୍ରାୟ ୬ଜଣଙ୍କ ପ୍ରଧାନମନ୍ତ୍ରୀ ଆବାସ ଗୃହନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଶେଷ କିସ୍ତିର ଟଙ୍କା ଜମା ହୋଇ ପାରି ନାହିଁ। ସାମୁହିକ ଭାବରେ କମ୍ପୁଗଣ୍ଡା ରୁ ଯାଡୱା ଗାଁ କୁ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ପାଇଁ ଅନେକ ଥର ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କୁ ଅବଗତ କରିଥିବ ବେଳେ ଆଜି ପର୍ଯ୍ୟନ୍ତ ହୋଇପାରୁନାହିଁ। ଏହି ସବୁକୁ ନେଇ ବହୁ ସମୟ ଧରି ଆଲୋଚନା ହୋଇଥିଲା। ସ୍ଥାନୀୟ ପିଇଓ ଆଲୋକ ରାହୁଳ ସଭା ପରିଚାଳନା କରିଥିଲେ।

# ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ସମାରୋହ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଅଲଚିକି ଭାଷାର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜନ୍ମ ଜୟନ୍ତୀ ଅବସରରେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପୋଶି ପଞ୍ଚାୟତ ସିଲିସୁଆଁ ଗ୍ରାମରେ ୨୫ତମ ବାର୍ଷିକ ସମାରୋହ ପାଳିତ ହୋଇଛି। ଏହି ଅବସରରେ ଏକାଙ୍କିକା ପ୍ରତିଯୋଗୀତା ଉଦଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ଚରଣ ନାୟକ ଯୋଗଦେଇ ସାନ୍ତାଳୀ ସମ୍ପ୍ରଦାୟଙ୍କ ଦେଶ ଗଠନରେ ଭୂମିକା, ଦେଶର ସ୍ୱାଧିନତାର ପ୍ରଥମ ସହୀଦ ସାନ୍ତାଳୀ ସମ୍ପ୍ରଦାୟ ହୋଇଥିବା ବେଳେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦାହରଣ ଦେଇ ସେମାନଙ୍କ ଇଚ୍ଛାଶକ୍ତି ବଳରେ କିପରି ସଫଳତାର ଶୀର୍ଷ ସ୍ଥାନ ବଜାଇ ରଖିପାରିଛନ୍ତି ତାହା ବର୍ଣ୍ଣନା କରିଥିଲେ। ବର୍ତ୍ତମାନର ଯୁବସମାଜ ବିକଶିତ ଭାରତର ଅଗ୍ରଦୁତ ସାଜିବାକୁ ଆହ୍ୱାନ ଦେଇ ଏକ ଦେଶ ଏକ ନିର୍ବାଚନକୁ ସମସ୍ତ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ସ୍ୱେଚ୍ଛାସେବୀ ସଂଗଠନ ତଦାଶାର ସମ୍ପାଦକ ଅକ୍ଷୟ କୁମାର ଚକ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ କଣ୍ଡରାପୋଶି ସରପଞ୍ଚ ସାବିତ୍ରୀ ନାୟକ, ସମ୍ୱରା ଟୁଡୁ, ସମାଜସେବୀ ଦୀକୁ ସୋରେନ, ମୁଖିଆ ହଳଧର ମୁର୍ମୁ, ଟୁବୁ ରାୟ ମାଝୀ, ଜଗନ୍ନାଥ ସୋରେନ, ପଞ୍ଚାନନ ସାହୁ, କେନ୍ଦୁଝର ବିକାଶ ଫୋରମର ପର୍ଶୁରାମ ସାହୁ, ସୁଶିଲ ପରିଡା ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ହାସଲ କରି ଚମ୍ପିଆନ ହୋଇଥିବା ଢେଙ୍କାନାଳ, ଦ୍ୱିତୀୟ ରେଙ୍ଗାଳବେଡା, ତୃତୀୟ ଢେଙ୍କାନାଳକୁ ଅର୍ଥରାଶି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଫଳଅଭିନେତ୍ରୀ, ଅଭିନେତା, ହାସ୍ୟ ଅଭିନେତା, ଲେଖକ, ନିର୍ଦ୍ଦେଶକ ଏହି ଅବସରରେ ଆର୍ଥିକ ଅନୁଦାନ ଦେଇଥିବା ବ୍ୟକ୍ତିବିଶେଷ ତଥା ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିଥିବା ତଦାଶା ସମ୍ପାଦକ ଅକ୍ଷୟ କୁମାର ଚକ୍ରଙ୍କୁ ମୁଖ୍ୟ ଅତିଥି ନାୟକ ଉତ୍ତରିୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ କମିଟିର ଧନେଶ୍ୱର ଟୁଡୁ, ପୂର୍ଣ୍ଣଚନ୍ଦ୍ର ଟୁଡୁ, ଧନେଶ୍ୱର ହେମ୍ବ୍ରମ, ରାଜେଶ ଟୁଡୁ, ଦୈତାରୀ ଟୁଡୁ, ଗୋଲକ ଟୁଡୁ, ଭାଗିରଥି ଟୁଡୁ, ରଘୁନାଥ ଟୁଡୁ, ବ୍ରଜମୋହନ ସୋରେନ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଗ୍ରାମବାସୀମାନଙ୍କର ଦାବିଗୁଡିକୁ ପର୍ଯ୍ୟାୟ କ୍ରମେ ପୂରଣ କରାଯିବ ବୋଲି ସାଂସଦ ନାୟକ ପ୍ରତିଶୃତି ଦେଇଥିଲେ। ଆସନ୍ତା ବର୍ଷ କାର୍ଯ୍ୟକ୍ରମର ରୌପ୍ୟଜୟନ୍ତୀ ସମାରୋହ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିମନ୍ତ୍ରଣ କରାଯିବାକୁ ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମ ସକାଳ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩ହଜାର ଜନସାଧାରଣ ସାମିଲ ହୋଇଥିଲେ।

## ଶାଳପଟା ବୋଝେଇ ପିକଅପ ଜବତ

କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ବନାଞ୍ଚଳ ପକ୍ଷରୁ କୁମୁଣ୍ଡା ରାସ୍ତାରେ ଚଢାଉ କରାଯାଇ ଏକ ଶାଳ ପଟା ଓ ବିମ ବୋଝେଇ ମହିନ୍ଦ୍ରା ପିକଅପକୁ ଜବତ କରାଯାଇଛି। ଗାଡିରୁ ୭୮ ପିସ ଶାଳପଟା ସହ ବିମ ମୋଟ ୩୨ ସିଫ୍ଟ କାଠ ଜବତ କରାଯାଇଛି। ସୋମବାର ପିକଅପ ଗାଡିଟି କୋଶଳା ଆଡୁ କୁମୁଣ୍ଡା ଅଭିମୁଖେ ଯାଉଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ କଣିହାଁ ବନବିଭାଗ ପକ୍ଷରୁ ଦୀପକ କୁମାର ସେଠୀ, ବନରକ୍ଷକ ଦୀପକ କୁମାର ସାହୁ, ରଞ୍ଜନ ପ୍ରଧାନ, ଧ୍ରୁବ ସାହୁ, ସଂସାର ସାହୁ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଗାଡ଼ିକୁ ଜବତ କରି ଯାଞ୍ଚ କରିଥିଲେ।

# ପବିତ୍ରନଗରରେ ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା




କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକ୍ ପବିତ୍ରନଗର ମଣ୍ଡଳ ବିଜେପି ପକ୍ଷରୁ ରବିବାର ଅପରାହ୍ଣରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରେସନ୍ ସିନ୍ଦୁର ସଫଳତା ଓ ବୀର ଯବାନଙ୍କ ଦ୍ୱାରା ଆତଙ୍କବାଦୀ ଦମନ ନୀତି, ସୈନିକଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ତ୍ରିରଙ୍ଗାଯାତ୍ରା କରାଯାଇଥିଲା। ପବିତ୍ରନଗର ମଣ୍ଡଳ ବିଜେପି ସଭାପତି ମନୋଜ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ପୁରୁଷ/ମହିଳା କାର୍ଯ୍ୟକର୍ତ୍ତା ସ୍ଥାନୀୟ ହନୁମାନ ମନ୍ଦିରରେ ଏକାଠି ହୋଇ ପୂଜାର୍ଚ୍ଚନା କରିବା ପରେ ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ପବିତ୍ରନଗର ମାର୍କେଟ୍ ନିକଟସ୍ଥ ଉତ୍କଳମଣି ଗୋପବନ୍ଧୁ ଦାସ ଓ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଠାରେ ଶୋଭାଯାତ୍ରା ପହଁଚିଥିଲା। ସେଠାରେ ପବିତ୍ର ବାବୁ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ପାଲଲହଡା ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରୂପେ ରାଜ୍ୟ ଏସ୍‌ସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଏ.ବି. ଚନ୍ଦନ ସ୍ୱରାଜ ସାମିଲ ହୋଇଥିଲେ। ପାକିସ୍ଥାନ ଆତଙ୍କୀ ବିରୋଧରେ ଆମ ଦେଶର ସୈନିକଙ୍କ ବୀରତ୍ୱ ଓ ଭାରତ ସରକାରଙ୍କ ନୀତି ସିନ୍ଦୁର ଅପରେସନ୍ ସଫଳତାର ଶ୍ରେୟ ବୋଲି ବିଧାୟକ ମହାନ୍ତି କହିଥିଲେ। ବିଜେପି ଜିଲ୍ଲା କମିଟି ସଦସ୍ୟ ରମେଶ ଚନ୍ଦ୍ର ପ୍ରଧାନ, ସଂଗଠକ ପ୍ରହ୍ଲାଦ ସାମଲ, ବୁରୁକୁନା ସରପଂଚ ଦୁଃଖବନ୍ଧୁ ବେହେରା, କର୍ଣ୍ଣପାଳ ସରପଂଚ ହୃଷିକେଷ ସାମଲ, ବିରୁ ସରପଂଚ ଧରଣୀଧର ବେହେରା, ସମିତି ସଭ୍ୟ ଶ୍ୟାମସୁନ୍ଦର ସାହୁ, ପ୍ରଦୀପ ସାହୁ, ପୂର୍ବତନ ସରପଂଚ ମଦନ ମହୋନ ସାହୁ, ମନୋଜ ପ୍ରଧାନ, ସଂଜୟ ପ୍ରଧାନ, ସୁନୀଲ୍ ପ୍ରଧାନ, ଦୀପୁନ କୁମାର ପ୍ରଧାନ, ପ୍ରତାପଚନ୍ଦ୍ର ପ୍ରଧାନ, ସୁନୀଲ କୁମାର ଦେହୁରୀ, ଜ୍ୟୋତିରଂଜନ ବିଶ୍ୱାଳ, ରଂଜନ ସାମଲ, ଉମ୍ବରୁଧର ପ୍ରଧାନ ପ୍ରମୁଖ ସାମିଲ ଥିଲେ। ସେହିପରି ରେଙ୍ଗାଳି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ରେଙ୍ଗାଳି ଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲ। ସୋମବାର ସ୍ଥାନୀୟ ତାରିଣୀ ଛକ ଠାରୁ ଏହି ଶୋଭାଯାତ୍ରା ବାହାରି ପେଟ୍ରୋଲ୍ ପମ୍ପ୍ ପର୍ଯ୍ୟନ୍ତ ପହଁଚିଥିଲା। ବିଧାୟକ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଅପରେସନ୍ ସିନ୍ଦୁର ଏକ ନାମ ନୁହେଁ ଏହା ଭାରତୀୟ ସେନାର ସାହାସ, ପରିକ୍ରମା ଓ ନାରୀ ସମ୍ମାନର ପ୍ରତୀକ ବୋଲି ମହାନ୍ତି କହିଥିଲେ। ଏହି ଶୋଭାଯାତ୍ରାରେ ବଣିକ ସଂଘ, ଡ୍ରାଇଭର୍ ସଂଘ, ଓଏଚ୍‌ପିସି ସଂଗଠନ କର୍ମକର୍ତ୍ତା, ସୁରକ୍ଷା କର୍ମୀ ସଂଘ କର୍ମକର୍ତ୍ତା ସମେତ ଶତାଧିକ ଦଳିୟ କର୍ମୀ ସାମିଲ ହୋଇଥିଲେ। ବରିଷ୍ଠ ନେତା ତ୍ରିପୁରାରୀ ପ୍ରଧାନ, ବିନୟ ପ୍ରଧାନ, ସୁମନ୍ତ ପ୍ରଧାନ, ବାମଦେବ ସାମଲ, ଟିକନ ମହାନ୍ତି, ସୁଧାକର ସାମଲ, ପ୍ରକାଶ ସାମଲ, ପିତବାସ ନାଏକ, ସୁଜିତ ସାହୁ ପ୍ରମୁଖ ସାମିଲ ଥିଲେ।

## ଯନ୍ତ୍ରୀ ବୁଲୁଛନ୍ତି ବିଦେଶରେ, ଠିକାଦାର କରୁଛନ୍ତି କାମ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ପହଂଗା ଜଳ ସେଚନ ବିଭାଗ ଯନ୍ତ୍ରୀ ସଂଜୟ କୁମାର ପଣ୍ଡା ବିଦେଶ ଭ୍ରମଣ ରେ ବୁଲୁ ଥିବା ବେଳେ ଠିକାଦାର ନିଜ ମନ ମର୍ଜିରେ କାମ କରୁଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କାନପୁର ଦେବୀତ ଅଳାବ୍ରାଞ୍ଚ କେନାଲରେ ପାଣି ଅଟକ ରଖିବା ନିମନ୍ତେ ନିର୍ମାଣ ହେଉଛି ଗେଟ। ହେଲେ ଏହି କାମରେ ବ୍ୟାପକ ଅନିୟମିତ ତା କରାଯିବ ଶହ ବ୍ୟବହୃତ ରଡ଼ ନିମ୍ନ ମାନର ବୋଲି ଅଭିଯୋଗ ହୋଇଛି। ଅଞ୍ଚଳବାସୀଙ୍କ ବିରୋଧ ଯୋଗୁଁ କାମକୁ କିଛିଦିନ ବନ୍ଦ ରଖାଯାଇ ଥିଲା। ଏମିତିକି ଉକ୍ତ କେନାଲରେ ଉଭୟ ପାର୍ଶ୍ୱରେ ନିର୍ମାଣ କରାଯାଉଥିବା ଗାର୍ଡ ୱାଲ କାମକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାମ ବେଳେ ଯନ୍ତ୍ରୀ ବିଦେଶ ଭ୍ରମଣ କରୁଥିବାବେଳେ ଠିକାଦାର କାମ କରୁଛନ୍ତି। ଏହି ଯନ୍ତ୍ରୀଙ୍କ ନାମରେ ବହୁବାର ଅଭିଯୋଗ ହୋଇଥିଲେ ମଧ୍ୟ ଉପରିସ୍ଥ ଅଧିକାରୀମାନେ ଘଣ୍ଟ ଘୋଡାଉଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଉକ୍ତ କାମକୁ ପୁନର୍ବାର ତଦାରଖ କରାଯାଇ ସଠିକ ଭାବରେ କରିବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ସଂଜୟ କୁମାର ପଣ୍ଡାକୁ ଫୋନ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ।

# ସଫଳ ହେବ କି ତାଳଗଛ ରୋପଣ ଯୋଜନା ?



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ରାଜ୍ୟରେ କୋଟି କୋଟି ତାଳ ଗଛ ଲଗାଯିବ। ସେଥିରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନରେ ମଧ୍ୟ ତାଳ ଗଛ ବୃକ୍ଷରୋପଣ କରାଯାଇଛି ଏହାସହ ଆଗକୁ ମଧ୍ୟ କରାଯିବ। କିନ୍ତୁ ବୃକ୍ଷରୋପଣ ଗୋଟେ ପଟେ ହେଉଥିବା ବେଳେ ତାଳଗଛ ପାଇଁ ଗୋଟମା ଆବଶ୍ୟକ। ଏହି ତାଳ ଗୋଟମା ତାଳ ପାଚିଲେ ଅର୍ଥାତ ସେପ୍ଟେମ୍ବର ଶେଷ ବେଳକୁ ଉପଲବ୍ଧ ହେବ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ତାଳଗଛ ରୁ ତାହାରଛୋଟ ଫଳ ଯାହା ତାଳସଜ ନାମରେ ନାମିତ ତାକୁ ବ୍ୟବସାୟୀ ଲୋଭରେ କାଟି ପକାଉଛନ୍ତି। ଅବଶ୍ୟ ତାଳସଜ ଏହି ସିଜିନ ରେ ବେଶ ଆଦୃତ। କିନ୍ତୁ ଭବିଷ୍ୟତ ବଂଶ ବୃଦ୍ଧି ପାଇଁ ପ୍ରତିଗଛରେ ଅନ୍ତତଃ ଗୋଟିଏ କାନ୍ଦି ତାଳ ମଞ୍ଜି ପାଇଁ ଛାଡୁନାହାନ୍ତି। ଅନ୍ୟ ପକ୍ଷରେ ଏବେ ସମୟ ଆସିଛି ଘର ତିଆରି ପାଇଁ ତାଳ ଗଛ ନ କାଟି ଜୀବନ ରକ୍ଷା ପାଇଁ ତାଳ ଗଛ ଲଗାଇବା ଜରୁରୀ। ଅଳ୍ପଦିନ ହେବ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ବଜ୍ରପାତ ଜନିତ ମୃତ୍ୟୁ ହୋଇଛି। ଏଭଳି ପରିସ୍ଥିତିରେ ତାଳ ଗୋଟମାରୁ ସୃଷ୍ଟି ତାଳଗଛ ଗାଁରେ ଏକ ପ୍ରାକୃତିକ ସୁରକ୍ଷା ଢାଲ ଭାବେ କାମ କରୁଛି। ଏହା ଏକ ପାରମ୍ପରିକ ଲାଇଟନିଂ ଭାବେ କାମ କରେ। ଯାହା ଗାଁ ଓ ଘରଗୁଡିକର ସୁରକ୍ଷା କରେ। ତାଳଗଛର ଉଚତା ଓ ଏହାର ପ୍ରାକୃତିକ ଗୁଣ ବିଜୁଳିର ଶକ୍ତିକୁ ନିୟନ୍ତ୍ରଣ କରିବାରେ ସହାୟକ ହୁଏ। ଏହା ଦ୍ୱାରା ଆଖପାଖ ଘର ଓ ମଣିଷ, ପଶୁସମ୍ପଦ ବିଜୁଳି ଆଘାତରୁ ରକ୍ଷା ପାଇଥାନ୍ତି। ଏହି ପଦ୍ଧତି ବୈଜ୍ଞାନିକ ଭାବେ ସଠିକ ଏବଂ ଖର୍ଚ୍ଚ କମ୍ ହେବା ସହ ପରିବେଶ ଅନୁକୂଳ ମଧ୍ୟ। ଏହା ଗ୍ରାମାଞ୍ଚଳରେ ଏକ ସହଜ ଓ ସୁଲଭ ବିକଳ୍ପ ଭାବେ କାମ କରୁଛି। ତେବେ ଏହାର ରକ୍ଷଣାବେକ୍ଷଣ ଓ ନିୟମିତ ଯାଞ୍ଚ ଆବଶ୍ୟକ। ଅବଶ୍ୟ ସରକାର ତାଳଗଛ ଲଗାଇବାକୁ ପ୍ରାଥମିକତା ଦେବା ସହ ତାଳଗଛ ସଂରକ୍ଷଣ ଆଇନି ଆଣିଛନ୍ତି ଏବଂ ତାଳଗଛ କାଟିବାକୁ ନିଷେଧ କରିଛନ୍ତି।

## ସଦରରେ ଆଦର୍ଶ ଶ୍ମଶାନ ଉଦ୍‌ଘାଟିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ମହକୁମା ମାଲକାନଗିରି ବାଲିମେଳା ମୁଖ୍ୟରାସ୍ତା ଗୌଡଗୁଡା ଛକ କଡରେ ଥିବା ଆଦର୍ଶ ଶ୍ମଶାନମାଲକାନଗିରି ବିଧାୟକ ନରସିଂହ ମାଡକାମିଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷ ମନୋଜ କୁମାର ବାରିକ, ଉପାଧ୍ୟକ୍ଷା କବିତା ମହନ୍ତ, ଜିଲ୍ଲା ପରିଷଦ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ। ଦୀର୍ଘବର୍ଷ ହେଲା ପୌର ପରିଷଦ ଅଂଚଳର ଏକ ମାତ୍ର ପୁରୁଣା ସ୍ମଶାନ ଅବହେଳିତ ଅବସ୍ଥାରେ ଥିବା ଯୋଗୁଁ ଏଠାରେ ଶବଦାହ କରିବା ପାଇଁ ବିଭିନ୍ନ ସମସ୍ୟା ଉପୁଜୁ ଥିଲା। ପୂର୍ବ ଅପେକ୍ଷା ବର୍ତ୍ତମାନ ମାଲକାନଗିରି ପୌର ପରିଷଦର ଜନସଂଖ୍ୟା ବୃଦ୍ଧି ପାଇଥିବା ବେଳେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଥିବାରୁ ସେହି ସ୍ଥାନରେ ଶବଦାହ ନିମନ୍ତେ ସମସ୍ୟା ସୃଷ୍ଟି ହେଇ ଆସୁଥିଲା। ଜନସାଧାରଣ ଶ୍ମଶାନର ପୁନରୁଦ୍ଧାର ଏବଂ ସ୍ଥଳବୃଦ୍ଧି ପାଇଁ ବାରମ୍ବାର ଦାବି କରି ଆସୁଥିଲେ। ସମସ୍ୟାକୁ ହୃଦୟଙ୍ଗମ କରି ରାଜ୍ୟ ସରକାର ମାଲକାନଗିରି ଶ୍ମଶାନର ପୁନଃରୁଦ୍ଧାର ପାଇଁ ୧କୋଟି ୩ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଶବଦାହ କରିବାକୁ ଆସୁଥିବା ଜନସାଧାରଣ ନିମନ୍ତେ ପାନୀୟ ଜଳ, ବିଶ୍ରାମାଗାର, ସ୍ନାନାଗାର ଇତ୍ୟାଦି ନିର୍ମାଣ କରାଯାଇଛି। ପୌର ପରିଷଦ ତରଫରୁ ଶବଦାହ ପାଇଁ ଏକ କାଠ ଗୋଦାମ ନିର୍ମାଣ କରାଯାଇଛି। ଯାହାକି ଶବଦାହ ପାଇଁ ଅତି ସୁବିଧାରେ ଲୋକମାନେ କାଠ ପାଇଁ ପାରିବେ। ଏହି କାର୍ଯ୍ୟକ୍ରମରେ ପୌର ପରିଷଦର ସମସ୍ତ କର୍ମଚାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବି ମାନେ ଉପସ୍ଥିତ ଥିଲେ।

# ମୁକ୍ତ ଆକାଶ ବ୍ୟାୟମଶାଳାର ଶୁଭ ଉଦ୍‌ଘାଟନ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଞ୍ଚାୟତର ଗୋବର୍ଦ୍ଧନପୁର ଗ୍ରାମ ସ୍ଥିତ ମହାଦେବ ମନ୍ଦିର ସଂଲଗ୍ନ ପଡ଼ିଆରେ କୋଟସାହି ଗ୍ରାମ ପଞ୍ଚାୟତ ତରଫରୁ ଏକ ମୁକ୍ତ ଆକାଶ ବ୍ୟାୟମଶାଳାର ଶୁଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ ଓ କୋଟସାହି ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ମଞ୍ଜୁବାଳା ପ୍ରଧାନ ଉପସ୍ଥିତ ହୋଇ ମିଳିତ ଭାବେ ନଡ଼ିଆ ଫଟାଇ ଓ ଫିତା କାଟି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ, ଜଳେଶ୍ୱରର ବରିଷ୍ଠ ବିଜେପି ନେତା ତଥା ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ ଉପସ୍ଥିତ ହୋଇ କୋଟସାହି ଗ୍ରାମ ପଞ୍ଚାୟତ ତରଫରୁ ନିର୍ମିତ ହୋଇଥିବା ମୁକ୍ତ ଆକାଶ ବ୍ୟାୟମଶାଳାଟି କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାଦାଶ ଅର୍ଥ କମିଶନର ପ୍ରଥମ ପର୍ଯ୍ୟାୟରେ ୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି କହିଥିଲେ। ଆଗକୁ ଅଧିକ ଅର୍ଥ ମଞ୍ଜୁର କରାଯିବ ବୋଲି ସରପଞ୍ଚ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ମୁକ୍ତ ଆକାଶ ବ୍ୟାୟମଶାଳା ହେବା ଦ୍ୱାରା ପିଲାମାଣଙ୍କର ଶାରୀରିକ ଗଠନ ଓ ବୃଦ୍ଧ ବୃଦ୍ଧା ମାନେ ବ୍ୟାୟାମ କରି ରୋଗମୁକ୍ତ ହୋଇ ପାରିବେ ବୋଲି କହିଥିଲେ। ଲୋକେ ବ୍ୟାୟମ କରିବା ପାଇଁ ଜଳେଶ୍ୱର ସହରକୁ ଯିବା ପାଇଁ ପଡୁଥିଲା। ଗ୍ରାମାଞ୍ଚଳରେ ଏହା ପ୍ରଥମ ହେବା ସହିତ ଲୋକେ ଆଉ ସହରକୁ ବ୍ୟାମାମ କରିବାକୁ ଯିବେ ନାହିଁ। ଗାରୀମାମୟ ଅତିଥି ଭାବେ ନାଏବ ସରପଞ୍ଚ ମମତା ଦଳାଇ, ୱାର୍ଡ଼ ସଭ୍ୟା ତିଳତ୍ତମା ଜେନା, ଅଞ୍ଜଳି ନାଥ ଓ ୱାର୍ଡ଼ ସଭ୍ୟ ବରେନ ବେହେରା, ଗ୍ରାମ ପରିଚାଳନା କମିଟି ସଭାପତି ବଂଶୀଧର ବେହେରା, ସମ୍ପାଦକ ବସନ୍ତ ମହାନ୍ତି, ସମାଜସେବୀ କାଳିଚରଣ ଦାସ, ରାଧାଶ୍ୟାମ ନାଥ, ବିଶ୍ୱମ୍ଭର ନାଥ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଗୋବର୍ଦ୍ଧନପୁର ଗ୍ରାମରେ ପ୍ରବେଶ କରିବା ସମୟରେ ଶତାଧିକ ମହିଳା ଓ ଗ୍ରାମବାସୀଙ୍କ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୋଛ ଦେଇ ସମ୍ବର୍ଦ୍ଧନା କରିବା ସହିତ ବାଜା ବଜେଇ ଏକ ଶୋଭାଯାତ୍ରାରେ ପାଛୋଟି ନେଇ ଯାଇଥିଲେ। ଉକ୍ତ ଉତ୍ସବରେ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା

ଜୁନାଗଡ଼, (ଭାସ୍କର ନ୍ୟୁଜ୍ ) : ଜୁନାଗଡ଼ ଠାରେ ତ୍ରିରଙ୍ଗା କମିଟି ତରଫରୁ ଏକ ବିଶାଳ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଏହି ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା ଜୁନାଗଡ଼ ହାଇଁଲିବାହିଲି ଛକ ଠାରୁ ହାତିନଦୀ ପର୍ଯ୍ୟନ୍ତ ଏକ ମୋଟର ସାଇକେଲ ରାଲି କରାଯାଇଥିଲା। ଏଥିରେ ଅଗ୍ନିଶମ ବିଭାଗ, ପୋଲିସ ବିଭାଗ ସମେତ ବହୁ ସଂଖ୍ୟାରେ ସବୁ ବର୍ଗର ଲୋକ ସାମିଲ ହୋଇ ହାତରେ ତ୍ରିରଙ୍ଗା ପତାକା ଧରି ବିଭିନ୍ନ ସ୍ଲୋଗାନ ଦେଇ ସହରର ମୁଖ୍ୟ ରାସ୍ତାରେ ବାଇକ୍ ରାଲି କରିଥିଲେ। ଅପରେସନ ସିନ୍ଦୁରର ସଫଳତାକୁ ନେଇ ଭାରତୀୟ ତିନି ସେନା ବାହିନୀର ବିରତ୍ୱ ଓ ପରାକ୍ରମକୁ ସମ୍ମାନ ଜଣାଇବା ନିମନ୍ତେ ଏହି ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିବାର ମୂଳ ଲକ୍ଷ୍ୟ ବୋଲି ତ୍ରିରଙ୍ଗା କମିଟିର ସଦସ୍ୟ ତଥା



ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ ମତ ପ୍ରକାଶ କରିଥିଲେ। ପରାକ୍ରମ ଶୋଭାଯାତ୍ରାର ପରିଶେଷରେ ହାତୀନଦୀ ଠାରେ ତିନି ବାହିନୀର ଯବାନ ମାନଙ୍କୁ ସମ୍ମାନ ଜଣାଇ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଶୀ ଏବଂ ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ ଅଭିଭାଷଣ ପ୍ରଦାନ କରିଥିଲେ। ଶୋଭାଯାତ୍ରାରେ ଜୁନାଗଡ଼ ତଥା ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଧର୍ମଗଡ ବିଧାୟକ ସୁଧୀର ପାଟଯୋଶୀ, ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ, ସୁଧାଂଶୁ ବରାଡ, ଦିବ୍ୟ ଦୀପ, ଗଣମାଧ୍ୟମ ପ୍ରତିନିଧି ବିଜୟ ଭୂଷଣ ଦଣ୍ଡସେନା, ନଗର ସଭାପତି ବିକ୍ରାନ୍ତ ପଟ୍ଟନାୟକ, ଶିବ ରାଉତ, ବିପୁଳ ବଣିଆ, ବଂଶୀଧର ମଶ୍ରା, ରଞ୍ଜନ ଜାଲ, କାଞ୍ଚନ ବାଗ, ଟଙ୍କଧର ନାଏକ, ହୃଦାନନ୍ଦ ପୁଝାରୀ ସମେତ ଅନେକ ଜନସାଧାରଣ ଉପସ୍ଥିତ ରହି ପରାକ୍ରମ୍ ଶୋଭାଯାତ୍ରାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପରିଶେଷରେ ଏହି ତ୍ରିରଙ୍ଗା ଶୋଭାଯାତ୍ରାକୁ ଜୁନାଗଡ଼ର ବିଶିଷ୍ଟ ଆଇନଜୀବୀ ତଥା ହିମାଂଶୁ ବରାଡ ପରିଚାଳନା କରିଥିବା ବେଳେ ଜୁନାଗଡ଼ର ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ ଧନ୍ୟବାଦ ଜଣାଇଥିଲେ ଏବଂ ଶେଷରେ ତିନି ବାହିନୀର ବୀର ଜବାନର ସଫଳତାକୁ ନେଇ ଭାରତ ମାତା କି ଜୟ ନାରା ଦେଇ କାର୍ଯ୍ୟକ୍ରମକୁ ଶେଷ କରିଥିଲେ।

## ପୌର ପରିଷଦ ପ୍ରସ୍ତାବକୁ ଗ୍ରାମବାସୀଙ୍କ ବିରୋଧ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍ଏସିକୁ ପୌର ପରିଷଦ କରିବା ପାଇଁ ଦାବି ହୋଇଆସୁଥିଲା। ଏବେ ସରକାରଙ୍କ ପକ୍ଷରୁ ଏନେଇ ଆରମ୍ଭ ହୋଇଛି ପ୍ରକ୍ରିୟା। କେସିଙ୍ଗା ଏନ୍ଏସିକୁ ପୌର ପରିଷଦ କରାଗଲେ କନ୍ତେଶିର, ସିରୋଲ ଓ ଲଇତରା ପଞ୍ଚାୟତ ଅଞ୍ଚଳକୁ ସାମିଲ କରାଯିବ। ଏନେଇ ସମ୍ପୃକ୍ତ ପଞ୍ଚାୟତ ଅଞ୍ଚଳରେ ସ୍ୱତନ୍ତ୍ର ପଲ୍ଲୀସଭା ଆୟୋଜନ କରାଯାଇ ଲୋକଙ୍କଠାରୁ ସହମତି ନିଆଯାଉଛି। ହେଲେ ସରକାରଙ୍କ ପ୍ରସ୍ତାବକୁ ସ୍ୱତନ୍ତ୍ର ପଲ୍ଲୀସଭା ବୈଠକରେ ବିରୋଧ କରାଯାଉଥିବା ଦେଖିବାକୁ ମିଳିଛି। ପ୍ରସ୍ତାବିତ କେସିଙ୍ଗା ପୌର ପରିଷଦ ପାଇଁ କନ୍ତେଶିର ପଞ୍ଚାୟତ ୱାର୍ଡ ନମ୍ବର ୧୨ ଓ ୧୩ ଅଧିନସ୍ଥ କୁର୍ଲୁପଡ଼ା ଏବଂ ନୂଆପଡ଼ା ମୌଜା ଅଞ୍ଚଳକୁ ଏଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ରହିଛି। ସରକାରଙ୍କ ଚିଠି ଅନୁଯାୟୀ, ଏକ ସ୍ୱତନ୍ତ୍ର ପଲ୍ଲୀସଭା କରିବା ପାଇଁ କନ୍ତେଶିର ପଞ୍ଚାୟତକୁ ଚିଠି ହୋଇଥିଲା। ଚିଠି ଅନୁସାରେ ସରକାରୀ ପ୍ରାଥମିକ ବିଦ୍ୟାଳୟ, କୁର୍ଲୁପଡ଼ା ପରିସରରେ ପଞ୍ଚାୟତ ପକ୍ଷରୁ ଆଜି ଏକ ସ୍ୱତନ୍ତ୍ର ପଲ୍ଲୀସଭା



ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମମତା ରାଣୀ ନାଏକଙ୍କ ଉପସ୍ଥିତିରେ କୁର୍ଲୁପଡ଼ା ଓ ନୂଆପଡ଼ା ମୌଜା ଅଞ୍ଚଳର ଜନସାଧାରଣ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ପିଙ୍କି ମାଝୀ, ନାଏବ ସରପଞ୍ଚ ଯୋଗେନ୍ଦ୍ର ସାହୁ, ସ୍ଥାନୀୟ ୱାର୍ଡ ସଭ୍ୟ ଭକ୍ତ ଚରଣ ସାହୁ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆକାଶ କୁମାର ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରସ୍ତାବିତ ପୌର ପରିଷଦରେ କୁର୍ଲୁପଡ଼ା ଓ ନୂଆପଡ଼ାକୁ ସାମିଲ କରିବା ବିଷୟ ଉପରେ ଅନୁଷ୍ଠିତ ସ୍ୱତନ୍ତ୍ର ପଲ୍ଲିସଭା ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ଉପସ୍ଥିତ ଜନସାଧାରଣ ତାହାକୁ ବିରୋଧ କରି ପ୍ରସ୍ତାବିତ କେସିଙ୍ଗା ପୌର ପରିଷଦରେ ସାମିଲ ନହେବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଆଗତ କରାଯାଇଛି। ଯଦି ସରକାରଙ୍କ ପକ୍ଷରୁ ଜୋର ଜବରଦସ୍ତ କରାଯାଏ ତେବେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଦୋକାନ ଘରୁ ଚୋରି ଉଦ୍ୟମ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ବ୍ଲକ ପର୍ଲା ଠାରେ ଅବସ୍ଥିତ ଦୋକାନ ଘରୁ ବିଳମ୍ବିତ ରାତିରେ ଚୋରି ଉଦ୍ୟମ ହୋଇଛି। ପର୍ଲା ସ୍ଥିତ ଜୟନ୍ତପୁର ତିନି ଛକ ନିକଟରେ ଥିବା ଏକ ଗାଡି ମରାମତି



ଓ କିରାଣୀ ଷ୍ଟୋର ଦୋକାନକୁ ବିଳମ୍ବିତ ରାତିରେ କେଉଁ ଏକ ଦୁର୍ବୃତ୍ତ ମାନେ ସଟର ଭାଙ୍ଗି ଥିବା ଜଣାପଡିଛି। ଅନ୍ୟଅଟେ ଛକ ନିକଟରେ ଥିବା ଏକ କିରାଣୀ ଷ୍ଟୋରର ତାଲା ଭାଙ୍ଗି ଥିବା ଦେଖିବାକୁ ମିଳିଛି। ସବୁଦିନ ଭଳି ରବିବାର ସଂଧ୍ୟାରେ ଦୋକାନୀ ମାନେ ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ହେଲେ ସୋମବାର ସକାଳ ସମୟରେ ଦୋକାନ ଖୋଲିବାକୁ ଆସି ସଟର ଭାଙ୍ଗି ତାଲା ଭାଙ୍ଗି ଦେଇଥିବା ଦେଖିବାକୁ ପାଇଥିଲେ। ହେଲେ କୌଣସି ଜିନିଷ ପତ୍ର ନେଇ ନ ଥିବା ବେଳେ କାହିଁକି, କୋଉ ଉଦେଶ୍ୟରେ ଭଙ୍ଗା ଯାଇଛି ତାହା ଏବେ ପ୍ରଶ୍ନ ଉଠିଛି।

## ଷୋହଳ ପ୍ରହର ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମପଞ୍ଚାୟତ ବାର୍କିମୁଣ୍ଡା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ରବିବାର ଶୁଭଖମ୍ଭ ସ୍ଥାପନ ହୋଇଯାଇଛି। ପ୍ରଭାତ ତିୱାରୀ ଓ ପୁଷ୍ପାଞ୍ଜଳି ତିୱାରୀ କର୍ତ୍ତା ରୂପରେ, ଏବଂ ଗୋପାଳ ଜି ଠାକୁର ପୂଜକ ଭାବେ ପୂଜନ କାର୍ଯ୍ୟ ସମ୍ପାଦନ କରିଥିଲେ। ଦେବୀ ଦନ୍ତେଶ୍ୱରୀ ପୂଜାରୀ ଉଜ୍ଜ୍ୱଳ ସିଂ ପୁଝାରୀ ମାଟି ପୂଜନ ସହ ଅଙ୍କୁରୋଦ୍ଗମ କାର୍ଯ୍ୟ କରିଥିଲେ। ଗ୍ରାମବାସୀ ଆଜି ଦିନ ଠାରୁ ନାମଯଜ୍ଞ ଦିନ ପର୍ଯ୍ୟନ୍ତ ଆମିଷ ଓ ମଦ୍ୟପାନ ସମ୍ପୂର୍ଣ୍ଣ ବର୍ଜନ ପାଇଁ ସଂକଳ୍ପ ନେଇଥିଲେ। ଆସନ୍ତା ମଇ ୨୨ ରେ କଳସ ଯାତ୍ରା ଓ ଅଧିବାସ। ୨୩ ଓ ୨୪ ସଂକୀର୍ତ୍ତନ ଦଳ ଦ୍ୱାରା ଅହରହ ନାମ ସଂକୀର୍ତ୍ତନ, ଅନ୍ନ ଛତ୍ର, ୨୫ରେ ନାମ ସମ୍ପନ, ନଗର ପରିକ୍ରମା, ଦଧିହାଣ୍ଡି ଭଗ୍ନ ଓ ପୂର୍ଣ୍ଣାହୁତି ହେବ। ନାମଯଜ୍ଞ କମିଟିର ସଭାପତି ପ୍ରେମ କାଣ୍ଡ, ଉପସଭାପତି ସର୍ଦ୍ଧାକର ମାଝୀ, ସମ୍ପାଦକ ଉଜ୍ଜ୍ୱଳ ସିଂହ ପୁଝାରୀ, ସହ ସମ୍ପାଦକ ମଙ୍ଗଲୁ ପୁଝାରୀ, ଗ୍ରାମର ଗୋଣ୍ଡିଆ ଚିତ୍ତରଞ୍ଜନ ପୁଝାରୀ, ପ୍ରଶାନ୍ତ ତିୱାରୀ ସମେତ ସଙ୍କୀର୍ତ୍ତନ ମଣ୍ଡଳୀ ଓ ଗ୍ରାମର ଶତାଧିକ ଭକ୍ତ ଉପସ୍ଥିତ ରହି ସହଯୋଗ କରିଥିଲେ। ନାମ ସଙ୍କୀର୍ତ୍ତନ ପାଇ ଓଡ଼ିଶାର ୯ଟି ପ୍ରମୁଖ ଦଳଙ୍କୁ ନାମ ଗାନ ପାଇଁ ନିମନ୍ତ୍ରିତ କରାଯାଇଛି। ଯଜ୍ଞ ଦିନ ବହୁ ସଂଖ୍ୟାରେ ଉପସ୍ଥିତ ରହି ନାମମୃତ ପାନ କରିବାକୁ ଅଞ୍ଚଳବାସୀଙ୍କୁ ନାମଯଜ୍ଞ କମିଟି ଅନୁରୋଧ କରିଛନ୍ତି।

## 'ବୁଦ୍ଧଙ୍କ ମାର୍ଗ ସତ୍ୟର ମାର୍ଗ'

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ କଳାହାଣ୍ଡି ଶାଖାର ମିଶନ ଗାଁ ଗାଁରେ ଆମ୍ବେଦକର ବିଚାର, ବୁଦ୍ଧ ବିଚାରକୁ ପହଞ୍ଚିବା ଏହି ପରିପ୍ରେକ୍ଷୀରେ ଗତକାଲି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ତମ୍ଭାଛଡା ଗାଁରେ ଆମ୍ବେଦକରବାଦୀ ମାନଙ୍କ ପ୍ରୟାସରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ମାନେ ମଞ୍ଚାସୀନ ହେଲା ପରେ ବହୁଜନ ମହାପୁରୁଷ ମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟ ବକ୍ତା ମୈତ୍ରିରତନ ତ୍ରିନାଥ ତ୍ରିଶରଣ ପଞ୍ଚଶିଳ ଗାନ କରିଥିଲେ। ଭାଗ୍ୟବାନ ସେନାପତିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍ ସମ୍ମାନିତ ଅତିଥି ଧର୍ମଗଡ଼ ବ୍ଲକ ସଭାପତି ବିରଞ୍ଚିନାରାୟଣ ଜାଲ, ସମ୍ପାଦକ ପ୍ରଭାକର ଜାଲ୍, ଉପଦେଷ୍ଟା ଚକ୍ରଧର ବେଣୁପାଣି, ଶିକ୍ଷାବିତ୍ କଳ୍ପନା ମହାନନ୍ଦ, ନାରୀନେତ୍ରୀ ରମଣୀ ଦୁରିଆ,



କଂଗ୍ରେସ ଯୁବ ନେତା ଦିଗାମ୍ବର ଦୁରିଆ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏଥିସହ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା, ମହାସଚିବ ଶତ୍ରୁଘ୍ନ ନାଏକ, ଯୋଗେଶ ତାଣ୍ଡି,ମିଥୁନ ଦୁର୍ଗା, କମଳାକାନ୍ତ, ଜଗ ମାଲିଆ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ବୁଦ୍ଧଙ୍କ ମାର୍ଗ ସତ୍ୟର ମାର୍ଗରେ ଯିବା ସହ ଅନ୍ଧ ବିଶ୍ୱାସରୁ ଦୂରେଇବା, ବାବାସାହେବ ଆମ୍ବେଦକରଙ୍କ ବାଣୀରେ ସମସ୍ତେ ଶିକ୍ଷିତ ହେବା ସହ ସମାଜକୁ ସଙ୍ଗଠିତ କରିବା ପାଇଁ ସବୁବେଳେ ସଂଘର୍ଷ କରିବା ପାଇଁ ବକ୍ତା ମାନେ ମତ ରଖିଥିଲେ। ମଞ୍ଚ ପରିଚାଳନା ସମାଜପ୍ରେମୀ ନୀଳକଣ୍ଠ ନାଏକ କରିଥିବା ବେଳେ କାହ୍ନୁ ସେନାପତି, ଉପେନ୍ଦ୍ର ସେନାପତି ସହ ଗାଁର ସମସ୍ତ ବୁଦ୍ଧିଜୀବୀ ଓ ଯୁବକ ସହଯୋଗ କରିଥିଲେ।

## ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : ଲାଞ୍ଜିଗଡ଼ ବ୍ଲକର ଦୁର୍ଗମରୁ ଅତି ଦୁର୍ଗମ ଅଞ୍ଚଳର ଲୋକେ ବିଶେଷ କରି ରୋଗୀମାନେ ଏବେ ଅତି ସୁଲଭ ମୂଲ୍ୟରେ ପାଇପାରିବେ ବିଭିନ୍ନ ମୂଲ୍ୟବାନ ଓ ଜୀବନ ରକ୍ଷାକାରୀ ଔଷଧ। ଏଥିପାଇଁ କେନ୍ଦ୍ର ସରକାରଙ୍କ ଏକ ମହତ୍ୱପୂର୍ଣ୍ଣ ଯୋଜନା ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଏକ ଭବ୍ୟ ସମାରୋହ ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନଔଷଧି କେନ୍ଦ୍ରକୁ ଉଦ୍‌ଘାଟନ କରିବା ସହିତ ଏହି କେନ୍ଦ୍ର ଲାଞ୍ଜିଗଡ ବ୍ଲକର ଲୋକଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ ବୋଲି କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ବିଜେପି ରାଜ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠ ବିଜେପି ନେତା ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ରର ପରିଚାଳକ ଫାର୍ମାସିଷ୍ଟ ମନୀଷ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରର ସତ୍ତ୍ୱାଧିକାରୀ ଦମୟନ୍ତୀ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।




## ମହିଳାଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ଥାନା ସୁନାମାଲ ଗାଁ ନିକଟସ୍ଥ ନଦୀ ପାଖରେ ଥିବା ଗଛରୁ ରବିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତ ଦେହ ପୋଲିସ ଉଦ୍ଧାର କରିଛି। ମୃତା ମହିଳା ଜଣକ ସୁନାମାଲ ଗ୍ରାମର ଶକ୍ତି ପରାଭୋଏଙ୍କ ସ୍ତ୍ରୀ ବୈଜୟନ୍ତୀ ପରାଭୋଏ (୨୦) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଶନିବାର ସନ୍ଧ୍ୟାରୁ ବୈଜୟନ୍ତୀ ନିଖୋଜ ହୋଇଥିବାବେଳେ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ଖବର ମିଳିନଥିଲା। ଅନ୍ୟପଟେ ରବିବାର ସକାଳୁ ବୈଜୟନ୍ତୀଙ୍କ ମୃତଦେହ ନିକଟସ୍ଥ ନଦୀ କୂଳର ଏକ ନିମ୍ବ ଗଛରୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏହାପରେ ପରିବାର ଲୋକେ କୋକସରା ଥାନାକୁ ଜଣାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟରେ ତଦନ୍ତ ଆରମ୍ଭ କରିଥିବାବେଳେ ପରିବାର ଲୋକଙ୍କ ଉପସ୍ଥିତରେ ଶବ ଜବତ କରାଯାଇଥିଲା। ଏବଂ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିବା ଜଣାପଡିଛି। ଅନ୍ୟପଟେ ମହିଳା ଜଣକ କେଉଁ କାରଣରୁ ଏଭଳି ନିଷ୍ପତ୍ତି ନେଇଛନ୍ତି, ନାଁ ମୃତ୍ୟୁର ଅନ୍ୟ କିଛି କାରଣ ରହିଛି ତାହା ସ୍ପଷ୍ଟ ହୋଇପାରି ନାହିଁ। ଏନେଇ କୋକସରା ଥାନାରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ସାମ୍ବାଦିକ ଭବନ ନିର୍ମାଣ ପାଇଁ ଦାବି



ଲାଞ୍ଜିଗଡ଼,(ଭାସ୍କର ନ୍ୟୁଜ୍ ) : ଲାଞ୍ଜିଗଡ ବ୍ଲକରେ ସାମ୍ବାଦିକ ଭବନଟିଏ ସ୍ଥାପନ ପାଇଁ ଦୀର୍ଘ ଦିନ ଧରି ଦାବି ହୋଇଆସୁଛି। ବ୍ଲକର ଦୁର୍ଗମାଞ୍ଚଳ ତଥା ଜିଲ୍ଲା ଓ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରକୁ ଆସୁଥିବା ସାମ୍ବାଦିକମାନେ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଆଗକୁ ଆସିଛନ୍ତି ସାମ୍ବାଦିକମାନେ। କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଗସ୍ତରେ ଆସିଥିବାବେଳେ ତାଙ୍କୁ ସାକ୍ଷାତ କରି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗଙ୍କ ନେତୃତ୍ୱରେ ବରିଷ୍ଠ ସାମ୍ବାଦିକ କୈଳାସ ସାହୁ, ସନ୍ତୋଷ ତୁଳ, ଯୁବ ସାମ୍ବାଦିକ ଦେବାଶିଷ ରଞ୍ଜନ ବିଶି ପ୍ରମୁଖ ସାଂସଦଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହିତ ସାମ୍ବାଦିକ ଭବନଟିଏ ନିର୍ମାଣ ପାଇଁ ସାଂସଦ ପାଣ୍ଠିରୁ ଅନୁଦାନ ଯୋଗାଇଦେବାକୁ ଅନୁରୋଧ କରିଛନ୍ତି। ସାଂସଦ ଦାବିପତ୍ର ଗ୍ରହଣ କରିବା ସହିତ ଅନୁଦାନ ଯୋଗାଇଦେବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ଉନ୍ନୟନ ମୂଳକ କାର୍ଯ୍ୟର ଉଦ୍‌ଘାଟନ କଲେ ବିଧାୟକ


ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ ବ୍ଲକ ଧଅରପୁର ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସରକାରୀ ଯୋଜନା ମାଧ୍ୟମରେ ନିର୍ମାଣ ହୋଇଥିବା କୋଠା ଗୁଡିକର ସୋମବାର ଦିନ ଉଦ୍‌ଘାଟନ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିଛନ୍ତି। ଏଥିରେ ନୂତନ ଭାବେ ନିର୍ମାଣ ହୋଇଥିବା ସଦଭାବ ସଭାଗୃହ ସମେତ, ଅଙ୍ଗନବାଡି କେନ୍ଦ୍ର ଓ ଦୋକାନ ଗୃହ ରହିଛି। ଉଦ୍‌ଘାଟନ ଉତ୍ସବ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଗୌରୀ ସେଠିଆ ସଭାପତିତ୍ୱ ଗ୍ରହଣ କରିଥିବା ବେଳେ ସମ୍ମାନୀୟ ଅତିଥି ଭାବେ ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ଶିଶୁ ବିକାଶ ଅଧିକାରୀ ଧରିତ୍ରୀ ପାଣିଗ୍ରାହୀ, ବରିଷ୍ଠ ଯନ୍ତ୍ରୀ କରୁଣା କର ମୁର୍ମୁ, ଅବସର ପ୍ରାପ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ ଧର୍ମାନନ୍ଦ ସେଠିଆ, ସମିତି ସଭ୍ୟା କନକ ସେଠିଆ, ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ଼,




ବିଧାୟକ ପ୍ରତିନିଧି ହିମାଂଶୁ ପଣ୍ଡା, ସରପଞ୍ଚ ପ୍ରତିନିଧି ଚିତ୍ତରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ଦୀର୍ଘଦିନ ଧରି ଏହି ଉନ୍ନୟନ ମୂଳକ କାମ ଗୁଡିକ ଅଟକି ରହିଥିବା ବେଳେ ଗୌରୀ ସେଠିଆ ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ତାଙ୍କ ପ୍ରୟାସ ଯୋଗୁଁ ଆଜି ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଥିବା କୁହାଯାଏ। ଇତି ପୂର୍ବେ ସରପଞ୍ଚ ଗୌରୀ ସେଠିଆ, ପଞ୍ଚାୟତ ସଭା ମଧ୍ୟରେ ବିଭିନ୍ନ କାର୍ଯ୍ୟ ଓ ତାର ବିବରଣୀ ତଥା ଆୟ ବ୍ୟୟ ତଥ୍ୟ ସାଧାରଣ ଲୋକଙ୍କ ସମ୍ମୁଖରେ ଦେଇ ଚର୍ଚ୍ଚା ପରିସରକୁ ଆସିଥିଲେ। ତାଙ୍କ ଉଦ୍ୟମରେ ଏବେ ପଞ୍ଚାୟତ ବିକଶିତ ପଥରେ ଆଗେଇ ଚାଲୁଥିବା ଦେଖାଯାଏ। କାର୍ଯ୍ୟକ୍ରମରେ ସରପଞ୍ଚ ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ଆବଶ୍ୟକ ଉପରେ ବିଧାୟକଙ୍କୁ ଅବଗତ କରାଇଥିଲେ। ବିଧାୟକ ନିଜ ଅଭିଭାଷଣରେ ପଞ୍ଚାୟତକୁ ବିକାଶ ପଥକୁ ଆଗେଇ ନେବାକୁ ହେଲେ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ରହିଛି। ନୂତନ ସରକାର ଆସିବା ପରେ ଓଡିଶା ପରିବର୍ତ୍ତନ ପଥରେ ଆଗେଇଛି। ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାମ ଗୁଡିକ ଲୋକଙ୍କ ପାଖକୁ ସିଧାସଳଖ ଆସି ପାରୁଛି। ଗାଁ ବିକାଶ ହେଲେ ପଞ୍ଚାୟତ, ବ୍ଲକ, ଜିଲ୍ଲା ରାଜ୍ୟ ବିକାଶ ହୋଇପାରିବ। ଏଥିପାଇଁ ସମସ୍ତଙ୍କ ଭିତରେ ସାକାରତ୍ମକ ଚିନ୍ତାଧାରା ହେବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଅବସର ପ୍ରାପ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ ଧର୍ମାନନ୍ଦ ସେଠିଆ ପରିଚାଳନା କରିଥିବା ବେଳେ ପଞ୍ଚାୟତ କାର୍ଯନିର୍ବାହୀ ଅଧିକାରୀ ଜଗନ୍ନାଥ ଦଣ୍ଡସେନା, ବିଏଫଟି ଆଶୋକ ବାଗ, ଜିଆରଏସ୍ ଅଶୋକ ବାଗ, ଯୋଗାଣ ସହାୟିକା ରିତାଞ୍ଜଳି ସେଠିଆ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଜନସାଧାରଣ ସମେତ ଅଙ୍ଗନବାଡି କର୍ମୀ ପରିଦର୍ଶକା ମହିଳା ଗୋଷ୍ଠୀ ସଦସ୍ୟ ସମସ୍ତେ ଉପସ୍ଥିତ ରହିଥିଲେ।

## ରାଶିଫଳ


**ମଙ୍ଗଳବାର, ୨୦ ମଇ ୨୦୨୫**



**ମେଷ:** ପରିବାର ସାହାଯ୍ୟ କରିବେ । ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ ସୁଖ ଆଣିପାରେ । କାର୍ଯ୍ୟ ସମାପ୍ତ ହୋଇପାରିବ । କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ ପାଇପାରିବେ।




**ବୃଷ:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ।



**ମିଥୁନ:** ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ । ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।




**କର୍କଟ:** ଆପଣ ମଧୁରବାଣୀ ଦ୍ୱାରା ଯେକୈଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ।



**ସିଂହ:** ଏହି ବ୍ୟସ୍ତତା ମଧ୍ୟରେ ଆପଣଙ୍କର ଖାଦ୍ୟର ଯତ୍ନ ନିଅ, ନଚେତ୍ ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। କୋର୍ଟ ସହ ଜଡିତ ମାମଲାଗୁଡ଼ିକରେ ସଫଳତା ପାଇବାର ସମ୍ଭାବନା ଅଛି। ପ୍ରେମ ଜୀବନରେ ଆପଣଙ୍କର ପ୍ରିୟ କିଛି ବିଷୟ ଉପରେ କ୍ରୋଧ ଦେଖାଇପାରେ, ତଥାପି ପ୍ରେମ ସଂପର୍କରେ ରହିବ।




**କନ୍ୟା:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ । ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ ପାଇପାରିବେ ।




**ତୁଳା:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ । କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି ।



**ବିଛା:** ଦୈନ୍ୟନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ । ହଠାତ୍ ଆପଣ ଅସୁବିଧା ମଧ ବଢ଼ିପାରେ ।



**ଧନୁ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ। ବସ୍ ସହିତ ସମ୍ପର୍କ ବିଷୟରେ ଆପଣ ଟିକିଏ ସଚେତନ ହେବା ଉଚିତ୍ ।



**ମକର:** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ । କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ । ଆପଣ ମଧ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ। ସାମାନ୍ୟ ଥକ୍କା ମଧ ହୋଇପାରେ।



**କୁମ୍ଭ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ।



**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଅନ୍ତୁ ନାହିଁ। ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ ମିଳିପାରେ। ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ। ଆପଣ ବ୍ୟବସାୟରେ ନୂତନ ଯୋଜନା କରିବେ ଯାହା ଭବିଷ୍ୟତରେ ଆପଣଙ୍କ ପାଇଁ ଲାଭଦାୟକ ପ୍ରମାଣିତ ହୋଇପାରେ।



ଗଣନା ଶ୍ରୀପତି


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯